ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୨/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 2/2022 ★★★★★★
୪୮ଶ ଭାଗ ୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ୱେଷ୍ଟଇଣ୍ଡିଜ ଦଳକୁ ଫେରିଲେ ପୋଲାର୍ଡ**
ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ଦଳକୁ ଅଧିନାୟକ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି କିରନ ପୋଲାର୍ଡ। **୧୨**

**୧୧** **୧୩୪ କୋଟିର ମାଲିକାଣୀ ବିଦ୍ୟା**
ନୂଆ ବର୍ଷରେ ଜନ୍ମଦିନ ପାଳିଥିବା ବଲିଉଡ୍‌ର ହଟ୍ ଅଭିନେତ୍ରୀ ବିଦ୍ୟା ବାଲାନ ୧୩୪ କୋଟିର ମାଲିକାଣୀ।





କରୋନା କଟକଣା ଯୋଗୁ ନୂଆବର୍ଷରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ଶନିବାର ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

## ରାଜ୍ୟବାସୀଙ୍କ ପାଇଁ ପ୍ରାର୍ଥନା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୧ (ବ୍ୟୁରୋ)**



ନୂଆବର୍ଷରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କରୁଣା ଭିକ୍ଷା କରିଛନ୍ତି। ନବୀନ ନିବାସରେ ବିଶ୍ୱନିୟନ୍ତାଙ୍କୁ ମୁଖ୍ୟମନ୍ତ୍ରୀ ସ୍ମରଣ କରିଛନ୍ତି। ଜଗତର ନାଥ ଜଗନ୍ନାଥଙ୍କୁ ଆଶିଷ ମାଗିଛନ୍ତି। ନୂଆବର୍ଷ ଓଡ଼ିଶାବାସୀଙ୍କ ପାଇଁ ମଙ୍ଗଳମୟ ହେଉ। ନବୀନ ନିବାସରେ ଥିବା ଶ୍ରୀଜଗନ୍ନାଥଙ୍କ ଫଟୋ ପାଖରେ ଭକ୍ତିପୂତ ପ୍ରଣାମ ଜଣାଇବା ସହ ରାଜ୍ୟ ପାଇଁ ମଙ୍ଗଳ କାମନା କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ କରୋନା ମହାମାରୀରୁ ସମସ୍ତଙ୍କୁ ଉଦ୍ଧାର କରନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି। ନବୀନ ଅତି ନିରାଡ଼ମ୍ବର ଭାବେ ନୂଆବର୍ଷ ଆରମ୍ଭ କରିଛନ୍ତି। ନୂଆବର୍ଷରେ ଓଡ଼ିଶାର ବିକାଶ ଓ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

## ନିୟମିତ ହେବେ ୮,୧୦୨ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର, ୧।୧ (ବ୍ୟୁରୋ)**

ନୂଆବର୍ଷର ପ୍ରଥମ ଦିନରେ ଶିକ୍ଷକଙ୍କୁ ଖୁସି ଖବର ଦେଇଛନ୍ତି ରାଜ୍ୟ ସରକାର। ୮,୧୦୨ ଜଣ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ନିୟମିତ ହେବେ। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୧୫ ଜାନୁୟାରୀରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ଗଣଶିକ୍ଷା ବିଭାଗ ନିୟମିତ କରିଛି। ୬ ବର୍ଷ ୧୧ ମାସ ପରେ ଏମାନଙ୍କୁ ନିୟମିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଉଦ୍ଦିଷ୍ଟ ସମୟସୀମାକୁ କୋହଳ କରିଥିବାରୁ ଏହା ଭିତରେ ୪୦,୦୫୨ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ନିୟମିତ ହେବାକୁ ଥିବା ଏହି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ପରିବାର ଲୋକଙ୍କ ଉନ୍ନତି କାମନା କରିଛନ୍ତି। ୨୦୨୨ ଲାଗି ଗଣଶିକ୍ଷା ବିଭାଗର ଯୋଜନା ସମ୍ପର୍କରେ ସୂଚନା ଦେଇ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଉଗ୍ର ଜାତୀୟତାବାଦ**

# ଖର୍ଚ୍ଚ କମାଇବ ଇ-ମୋଡ୍

- **ଛପାହେବନି ଗେଜେଟ୍ ବହି**
- **ଫେବୃୟାରୀରୁ କ୍ୟୁ-ଆର୍ କୋଡ୍**

**ଭୁବନେଶ୍ୱର, ୧।୧ (ବ୍ୟୁରୋ)**

ରାଜ୍ୟ ସରକାର ପ୍ରଶାସନିକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କାଗଜମୁକ୍ତ କରିବାକୁ ଲକ୍ଷ୍ୟ ରଖି ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପ୍ରଶାସନିକ ଚିଠିପତ୍ର ଇଲେକ୍ଟ୍ରୋନିକ ମୋଡ୍‌ରେ କରାଯାଉଥିବା ବେଳେ ମାନୁଆଲ ବଜେଟ ବଦଳରେ ଇ-ବଜେଟ କାର୍ଯ୍ୟକାରୀ କରିଛନ୍ତି। କେବଳ ସେତିକି ନୁହେଁ, ବିଧାନସଭାର ପ୍ରଶ୍ନୋତ୍ତର, ବିଭିନ୍ନ କମିଟି ରିପୋର୍ଟ, ବାର୍ଷିକ ରିପୋର୍ଟ ଇତ୍ୟାଦି ମଧ୍ୟ ଇଲେକ୍ଟ୍ରୋନିକ ଜରିଆରେ ସମ୍ପାଦନ ହେଉଛି। ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ହେଉଥିବା ବିଭିନ୍ନ ଗେଜେଟଗୁଡ଼ିକ ଆଉ ପୁସ୍ତକ ଆକାରରେ ଛପା ହବ ନାହିଁ। ପ୍ରୋସେସିଂଠାରୁ ଆରମ୍ଭକରି ଚୂଡ଼ାନ୍ତ ଗେଜେଟ କ୍ୟୁ-ଆର୍ କୋଡ୍‌ରେ ବାହାରିବ। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ କାଗଜ ଓ ଏ ବାବଦରେ ହେଉଥିବା ଅନ୍ୟାନ୍ୟ ଖର୍ଚ୍ଚ ହ୍ରାସ ପାଇବ। ବିଭାଗଗୁଡ଼ିକ ଇ-ଗେଜେଟକୁ କ୍ୟୁ-ଆର୍ କୋଡ୍ ବ୍ୟବହାର କରି ପାଇପାରିବେ ଓ ଆବଶ୍ୟକ ସ୍ଥଳେ ଛପାଇ ପାରିବେ। ଇ-ଗେଜେଟ ଡିଜିଟାଲ ପ୍ଲାଟ୍‌ଫର୍ମରେ ସହଜରେ ଉପଲବ୍ଧ ହେବ। କ୍ୟୁ-ଆର୍ କୋଡ୍ ଜରିଆରେ ଇ-ଗେଜେଟ୍‌କୁ ଡାଉନଲୋଡ୍ କରିହେବ। ଆସନ୍ତା ଫେବୃୟାରୀରୁ ସେସବୁ ଇ-ଗେଜେଟ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିବହନ ବିଭାଗ ଦ୍ୱାରା ନିଆଯାଉଥିବା ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇ-ଗେଜେଟ କାଗଜମୁକ୍ତ ହେବା ସହ ପରିବେଶ ଅନୁକୂଳ ହୋଇପାରିବ। ଏହା ଉଭୟ ଜନସାଧାରଣ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସ୍ୱଚ୍ଛତା ରକ୍ଷା କରିବାରେ ସହାୟକ ହୋଇପାରିବ। ଏଥିସହିତ ଇଲେକ୍ଟ୍ରୋନିକ ମୋଡ୍‌ର ବହୁଳ ବ୍ୟବହାର ଫଳରେ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ସରକାରଙ୍କ ୫-ଟି କାର୍ଯ୍ୟକ୍ରମର ଏହା ହେଉଛି ମୂଳ ଲକ୍ଷ୍ୟ। ଜନସାଧାରଣ ହେଉଛନ୍ତି ମାଲିକ। ସେମାନେ ପ୍ରତ୍ୟେକ ଯୋଜନାର ମୂଳ ଆଧାର ମୁଖ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଇ-ଗେଜେଟ ପ୍ରସ୍ତୁତି ଦିଗରେ କାର୍ଯ୍ୟ ଜାରି ରହିଛି। ଆସନ୍ତା ଫେବୃୟାରୀ ସୁଦ୍ଧା ଇ-ଗେଜେଟ ପ୍ରକ୍ରିୟା ଶେଷ ହେବ ବୋଲି ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି। ଏଥିସହିତ ୨୦୨୨ ଜାନୁୟାରୀ ପହିଲାରୁ ଡ୍ରାଇଭିଂ ଲାଇସେନ୍ସ(ଡିଏଲ) ଓ ଗାଡ଼ି କାଗଜପତ୍ର ସ୍ମାର୍ଟକାର୍ଡ ବଦଳରେ ଅନ୍‌ଲାଇନ ମୋଡ୍‌ରେ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଜନସାଧାରଣ ଡିଏଲ୍ ଏବଂ ଅନ୍ୟାନ୍ୟ ଯାନବାହନ ସମ୍ପର୍କିତ କାଗଜପତ୍ର ପାଇଁ ଆଉ ପରିବହନ କାର୍ଯ୍ୟାଳୟକୁ ଦୌଡ଼ିବେ ନାହିଁ କିମ୍ବା ଖର୍ଚ୍ଚାନ୍ତ ହେବେ ନାହିଁ। ସମସ୍ତ ଡକ୍ୟୁମେଣ୍ଟ ଅନ୍‌ଲାଇନ ମୋଡ୍‌ରେ ଉପଲବ୍ଧ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ୨୦୨୦-୨୧ ଆର୍ଥିକବର୍ଷର ବଜେଟକୁ କାଗଜବିହୀନ (ପେପରଲେସ୍) ଇ-ବଜେଟ ଆକାରରେ ଉପସ୍ଥାପନ କରିଥିଲେ। ଏହି ଇ-ବଜେଟ ଦ୍ୱାରା ୨ହଜାର ଗଛ କଟାରୁ ରକ୍ଷା ପାଇବା ସହ ୧.୫ କୋଟି କାଗଜ ପୃଷ୍ଠାକୁ ବଞ୍ଚାଯାଇ ପାରିଲା ବୋଲି ୨୦୨୧ ଫେବୃୟାରୀ ୨୧ରେ ବିଧାନସଭାରେ ବଜେଟ ଉପସ୍ଥାପନ କଲାବେଳେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ। ଗତ ଶୀତ ଅଧିବେଶନରେ ମଧ୍ୟ ବଜେଟ ସମେତ ସମସ୍ତ କାଗଜପତ୍ରକୁ ବାଦ୍ ଦିଆଯାଇ ଇ-ବିଧାନସଭାରେ ପରିଣତ କରାଯାଇଛି। ଇଲେକ୍ଟ୍ରୋନିକ ପ୍ଲାଟ୍‌ଫର୍ମ ବ୍ୟବହାର କାର୍ଯ୍ୟକୁ ସହଜ କରିବା ସହ ଅଯଥା ଅପଚୟକୁ ରୋକିବାରେ ସହାୟକ ହେଉଛି। ସରକାରୀ ଯୋଜନା ଓ ଜନସେବା ସମ୍ପର୍କିତ ସମସ୍ତ ତଥ୍ୟ ଇଲେକ୍ଟ୍ରୋନିକ ମୋଡ୍‌ରେ ଉପଲବ୍ଧ ହେଉଥିବାରୁ ଏହା ଜନସାଧାରଣଙ୍କୁ ଖର୍ଚ୍ଚ ଓ ସମୟ ଅପଚୟରୁ ରକ୍ଷା କରିପାରିବ। ଇଲେକ୍ଟ୍ରୋନିକ ମୋଡ୍ ସରକାରୀ କାର୍ଯ୍ୟ ସମ୍ପର୍କରେ ମତ ଦେଇ ଆଇଟି ଛାତ୍ର ପ୍ରତିମ ନାୟକ କହିଛନ୍ତି ଯେ ଏହା ଏକ ଉତ୍ତମ ବ୍ୟବସ୍ଥା। ମାତ୍ର ଏଥିପାଇଁ ସମସ୍ତ ସ୍ଥାନରେ ଇଣ୍ଟରନେଟ ବ୍ୟବସ୍ଥା ହେବା ଦରକାର। ଦୁର୍ବଳ ଭିତ୍ତିଭୂମି ଯୋଗୁ ଏହି ବ୍ୟବସ୍ଥାରେ ଲୋକମାନେ ଫାଇଦା ଉଠାଇପାରୁ ନାହାନ୍ତି। ଇଣ୍ଟରନେଟ ବ୍ୟବସ୍ଥାକୁ ନିରବଚ୍ଛିନ୍ନ ଓ ବ୍ୟାପକ କରାଗଲେ ଜନସାଧାରଣ ଏହାର ଫାଇଦା ପାଇପାରିବେ।

## ବିଦେଶୀ ଅନୁଦାନ ଲାଇସେନ୍ସ ହରାଇଲେ ୬ ହଜାର ଏନ୍‌ଜିଓ

**ନୂଆଦିଲ୍ଲୀ, ୧।୧**

ବିଦେଶୀ ଅନୁଦାନ ପାଇବାକୁ ହେଲେ ଯେକୌଣସି ସଂଗଠନ ଏବଂ ଏନ୍‌ଜିଓ ପାଇଁ ଏଫ୍‌ସିଆର୍‌ଏ ପଞ୍ଜୀକରଣ ବାଧ୍ୟତାମୂଳକ। ତେବେ ନୂଆବର୍ଷରେ ଅକ୍ସଫାମ୍ ଇଣ୍ଡିଆ, କମନ କଜ୍, ଆଇଆଇଟି ଦିଲ୍ଲୀ, ଜାମିଆ ମିଲିଆ ଇସ୍‌ଲାମିଆ, ଇଣ୍ଡିଆନ ମେଡିକାଲ ଆସୋସିଏଶନ, ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଓ ଲାଇବ୍ରେରି ସମେତ ୬,୦୦୦ରୁ ଊର୍ଦ୍ଧ୍ୱ ସଂସ୍ଥା ବିଦେଶୀ ଅନୁଦାନ ପାଇବା ଲାଇସେନ୍ସ ହରାଇଛନ୍ତି। ଶନିବାର ପଞ୍ଜୀକୃତ ଅନୁଷ୍ଠାନ ଓ ସଂସ୍ଥା ସଂଖ୍ୟା ୧୬,୮୨୯କୁ ଖସିଆସିଛି। ଏମାନେ ହୁଏତ ଏଫ୍‌ସିଆର୍‌ଏ (ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ) ଲାଇସେନ୍ସ ନବୀକରଣ ଲାଗି ଆବେଦନ କରିନାହାନ୍ତି କିମ୍ବା ଏମାନଙ୍କର ଆବେଦନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖାରଜ କରିଦେଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡ୍ୟାସ୍‌ବୋର୍ଡରେ ଦିଆଯାଇଥିବା ସୂଚନା ଅନୁଯାୟୀ ଜାନୁୟାରୀ ୧ରେ ଦେଶର ୧୬,୮୨୯ ସଂଗଠନ ଏଫ୍‌ସିଆର୍‌ଏରେ ପଞ୍ଜୀକୃତ ହୋଇଛନ୍ତି। ଦିନକ ପୂର୍ବରୁ ଏହି ତାଲିକା ୨୨,୮୩୨ ଥିଲା।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡ୍ୟାସ୍‌ବୋର୍ଡ ସୂଚନା ଅନୁଯାୟୀ ଜାନୁୟାରୀ ୧ରେ ୧୨,୫୮୦ ସଂଗଠନର ଏଫ୍‌ସିଆର୍‌ଏ ପଞ୍ଜୀକରଣ ସମୟସୀମା ଶେଷ ହୋଇଛି। ଏହା ଏକ ସଞ୍ଚୟୀ ତାଲିକା ଏବଂ ଉକ୍ତ ସଂଗଠନଗୁଡ଼ିକୁ ଏଫ୍‌ସିଆର୍‌ଏ ପଞ୍ଜୀକରଣରେ ସାମିଲ କରାଯିବ। ପୂର୍ବରୁ ଅନେକ ଥର ଅନୁରୂପ ସ୍ଥିତିରେ ସେମାନଙ୍କୁ ସାମିଲ କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ମନ୍ତ୍ରଣାଳୟ ରେକର୍ଡ ଅନୁଯାୟୀ ଯେଉଁମାନେ ଏଫ୍‌ସିଆର୍‌ଏ ପଞ୍ଜୀକରଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ କେତେକ ପ୍ରମୁଖ ଅନୁଷ୍ଠାନ ହେଲେ ହମ୍‌ଦର୍ଦ ଏଜୁକେଶନ ସୋସାଇଟି, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ହାଉଜ୍‌ଖାସ୍), ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ସେଣ୍ଟର ଫର୍ ଆର୍ଟ୍ସ (ଆଇଜିଏନ୍‌ସିଏ), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ (ଆଇଆଇପିଏ), ନ୍ୟାଶନାଲ ଫାଉଣ୍ଡେଶନ ଫର୍ କମ୍ୟୁନାଲ ହାର୍ମୋନି (ଏନ୍‌ଏଫ୍‌ସିଏଚ୍), ଦିଲ୍ଲୀ କଲେଜ ଅଫ୍ ଇଞ୍ଜିନିୟରିଂ, ଗୋଆ ଫୁଟ୍‌ବଲ ଆସୋସିଏଶନ, ପ୍ରେସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଦି ଲେପ୍ରା ଇଣ୍ଡିଆ ଟ୍ରଷ୍ଟ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (କୋଲକାତା), ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ, ଇମାନୁଏଲ୍ ହସ୍ପିଟାଲ ଆସୋସିଏଶନ, ଟ୍ୟୁବରକୁଲୋସିସ୍ ଆସୋସିଏଶନ ଅଫ୍ ଇଣ୍ଡିଆ, ବିଶ୍ୱ ଧର୍ମାୟତନ, ମହର୍ଷି ଆୟୁର୍ବେଦ ପ୍ରତିଷ୍ଠାନ, ନ୍ୟାଶନାଲ ଫେଡେରେଶନ ଅଫ୍ ଫିଶରମେନ୍ସ କୋଅପରେଟିଭ୍ ଲିଃ, ଭାରତୀୟ ସଂସ୍କୃତି ପରିଷଦ, ଡିଏଭି କଲେଜ ଟ୍ରଷ୍ଟ ଏବଂ ମ୍ୟାନେଜମେଣ୍ଟ ସୋସାଇଟି, ଗଡରେଜ୍ ମେମୋରିଆଲ ଟ୍ରଷ୍ଟ।

## ଡିସେମ୍ବରରେ ୧.୨୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ, ୧।୧**

ଦେଶରେ ୨୦୨୧ ଡିସେମ୍ବରରେ ୧ ଲକ୍ଷ ୨୯ ହଜାର ୭୮୦ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ହୋଇଛି, ଯାହାକି ୨୦୨୦ ଓ ୨୦୧୯ ଡିସେମ୍ବର ତୁଳନାରେ ଯଥାକ୍ରମେ ୧୩% ଓ ୨୬% ଅଧିକ। କିନ୍ତୁ ୨୦୨୧ ନଭେମ୍ବର ଓ ଅକ୍ଟୋବର ତୁଳନାରେ ଜିଏସ୍‌ଟି ସଂଗ୍ରହ ହ୍ରାସ ପାଇଛି। ଡିସେମ୍ବରରେ ଆଦାୟ ହୋଇଥିବା ଜିଏସ୍‌ଟି ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ପରିମାଣ ହେଉଛି ୨୨,୫୭୮ କୋଟି ଟଙ୍କା। ସେହିପରି ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୨୮,୬୫୮ କୋଟି ଏବଂ ଏକୀକୃତ ଜିଏସ୍‌ଟି (ଆଇଜିଏସ୍‌ଟି) ୬୯,୧୫୫ କୋଟି (ସାମଗ୍ରୀ ଆମଦାନୀରେ ସଂଗୃହୀତ ୩୭,୫୨୭ କୋଟି ଟଙ୍କା ସମେତ) ଏବଂ ସେସ୍ ☞ପୃଷ୍ଠା-୪

## ଛେଳି ଖାଇ ଏଏସ୍‌ଆଇ ନିଲମ୍ବିତ

**ବଲାଙ୍ଗୀର ଅଫିସ, ୧।୧**

ଥାନା ପରିସରକୁ ପଶିଯାଇଥିବା ଏକ ଛେଳିକୁ ମାରି ମାଂସ ଭୋଜି କରିବା ପୋଲିସ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ବଲାଙ୍ଗୀର ଏସ୍‌ପି ସିନ୍ଧେକେଲା ଥାନା ଏଏସ୍‌ଆଇ ସୁମନ ମଲ୍ଲିକଙ୍କୁ ଶନିବାର ଚାକିରିରୁ ନିଲମ୍ବିତ କରିଛନ୍ତି। ନୂଆବର୍ଷର ପ୍ରଥମ ଦିନରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ସିନ୍ଧେକେଲା ଥାନା ପରିସରକୁ ସ୍ଥାନୀୟ ଗାଁର ସଂକୀର୍ତ୍ତନ ଗୁରୁଙ୍କ ଛେଳି ଚରିବାକୁ ପଶିଯାଇଥିଲା। ଥାନା ପରିସରରେ ଥିବା ଏଏସ୍‌ଆଇ ମଲ୍ଲିକ ଓ ଅନ୍ୟ କେତେଜଣ କର୍ମଚାରୀ ସମ୍ପୃକ୍ତ ଛେଳିକୁ ମାରିଦେଇ ମାଂସଭେଜି ଆରମ୍ଭ କରିଥିଲେ। ଏତିକି ବେଳକୁ ସଂକୀର୍ତ୍ତନ ଥାନା ପରିସରକୁ ଆସି ଛେଳି ଖୋଜିଥିଲେ। ଥାନା ପଛପଟରେ



ନିଲମ୍ବିତ ଏଏସ୍‌ଆଇ ସୁମନ ମଲ୍ଲିକ।

ମାଂସଭୋଜି ଚାଲିଥିବା ସେ ଦେଖିଥିଲେ। ସେମାନେ ତାଙ୍କ ଛେଳି ମାରି ଭୋଜି କରୁଥିବା ନେଇ ପଚାରିବାରୁ ଏଏସ୍‌ଆଇ ମଲ୍ଲିକ ତାଙ୍କ ଶାର୍ଟ କଲର ଧରି ଧକ୍କା ଦେଇଥିଲେ। ପୋଲିସକୁ ଚୋର କହୁଛି କହି ତାଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ। ସ୍ଥାନୀୟ ଲୋକଙ୍କ ପାଖରେ ଏହି ଖବର ପହଞ୍ଚିବା ପରେ ପୋଲିସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ସହ ବହୁ ସଙ୍ଗଠନର ପ୍ରତିନିଧି ଥାନା ଘେରାଉ କରିଥିଲେ। ସଂକୀର୍ତ୍ତନଙ୍କୁ ତୁରନ୍ତ ଛାଡିବାକୁ ଦାବି କରିଥିଲେ। ଏଏସ୍‌ଆଇ ମଲ୍ଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଥାନା ଘେରାଉ ଜାରି ରହିଥିଲା। ଲୋକଙ୍କ ପ୍ରତିକ୍ରିୟା ଦେଖି ଏଏସ୍‌ଆଇ ମଲ୍ଲିକ ଥାନାରୁ ପଳାଇଯାଇଥିଲେ। ପରେ ଥାନାଧିକାରୀ ଆଲୋକ କୁମାର ବେହେରା ଥାନାକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଟକ ସଂକୀର୍ତ୍ତନଙ୍କୁ ଛାଡ଼ିଦେଇ ତାଙ୍କ ଛେଳି ବାବଦ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଲୋକେ ବିଳମ୍ବିତ ରାତିରେ ☞ପୃଷ୍ଠା-୪



# ନୂଆବର୍ଷରେ ମନ୍ତ୍ରୀ, ବିଧାୟକଙ୍କୁ ଗୁରୁମନ୍ତ୍ର

## କୋଭିଡ୍ ନିୟମ ପାଳନ କରିବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର,୧।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବବର୍ଷର ଅଭିନନ୍ଦନ ଜଣାଇବା ସହ ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ଯେମିତି କୌଣସି ଲୋକ ବଞ୍ଚିତ ନ ହେବେ, ସେ ଦିଗରେ ଜନପ୍ରତିନିଧି ଅଧିକ ଗୁରୁତ୍ୱ ଦେବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ପକ୍କାଘର ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳୁଥିବା ସହାୟତା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାର ଲାଭ ଯେପରି ସାଧାରଣ ଲୋକ ପାଇବେ, ତା' ଉପରେ ବର୍ଷର ପ୍ରଥମ ଦିନରୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଜନପ୍ରତିନିଧି ଲୋକଙ୍କ ସହ ରହି ଲୋକଙ୍କ ସୁଖଦୁଃଖରେ ସାଥୀ ହେବାକୁ ସେ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ, ବିଧାୟକ, ଏମ୍‌ପି ଏବଂ ପୋଲିସ ଅଧିକାରୀମାନେ ମଧ ମୁଖ୍ୟମନ୍ତ୍ରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ୨୦୨୨ ଓଡ଼ିଶା ପାଇଁ ସମୃଦ୍ଧିର ବର୍ଷ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଭିଡିଓ ବାର୍ତ୍ତା ମାଧ୍ୟମରେ ସେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଓମିକ୍ରନ୍ ମୁକାବିଲା ପାଇଁ ରାଜ୍ୟବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏହାସହ କୋଭିଡ୍ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି।



ନବୀନ ନିବାସରୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ମନ୍ତ୍ରୀ, ସଚିବ, ପୋଲିସ ଅଧିକାରୀ ଏବଂ ଅନ୍ୟମାନଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଉଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଦିନଦୟାଲ କେଡିଆ
ବିଶିଷ୍ଟ ସମାଜସେବୀ , ତୁଷୁରା

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ କଲ୍ୟାଣୀ ଦଲାଇ, ସରପଞ୍ଚ
ଶ୍ରୀଯୁକ୍ତ ବୀଣା ପଧାନ, ଇଓ
ଗାଇବାହାଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଅମିନ ପଧାନ
ସମ୍ପାଦକ, ବଡ଼ବନ୍ଧ ଓ ବନ୍ଧପଡ଼ା ପେକ୍ସ

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଦୟାନିଧି ଖମାରୀ(ମଣ୍ଟୁ), ସରପଞ୍ଚ, ଧଣ୍ଡାମାଲ ତଥା ସରପଞ୍ଚ ସଂଘ ସଭାପତି, ଦେଓଗାଁବ୍ଲକ
ଗୃପଧର ବାଗ, ଇଓ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ଭୋଇ
ପୂର୍ବତନ ସରପଞ୍ଚ ଓ ବିଜେଡି ଯୁବନେତା

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଜିତେନ୍ଦ୍ର ରାଉତ
ଶାଖା ପରିଚାଳକ, କେନ୍ଦ୍ର ସମବାୟବ୍ୟାଙ୍କ, ଦେଓଗାଁ ଶାଖା

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଜୟ ରଣା, ସରପଞ୍ଚ
ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ, ଇଓ, ବଡ଼ବାହାଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ବିଶ୍ୱଜିତ ପାତ୍ର (ପପୁ)
ସମ୍ପାଦକ, ଜିଲ୍ଲା କଂଗ୍ରେସ କମିଟି ( ବଲାଙ୍ଗୀର)

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ରଣା
ସମ୍ପାଦକ, ଗୌରଗୋଠ ପେକ୍ସ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ ଯାଜ୍ଞସେନୀ ରଣା
ସମିତିସଭ୍ୟା, ବଡ଼ବାହାଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଦେବୀଦତ୍ତ ନେଗୀ
ଶାଖା ପରିଚାଳକ, କେନ୍ଦ୍ର ସମବାୟ ବ୍ୟାଙ୍କ, ଜରାସିଂହା ଶାଖା

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ବାଳକ ପଧାନ, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ନାଗ, ଇଓ, ମକୁନ୍ଦପୁର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଧ୍ରୁବଲେ ରାଉତ, ସରପଞ୍ଚ
ଶ୍ରୀଯୁକ୍ତ ଅରୁଣ ନାଗ, ଇଓ
ବଡ଼ବନ୍ଧ ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ କବିତା ବିଶି, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ଛତ୍ରିଆ, ଇଓ, ସିକୁଆଁ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଚତୁର୍ଭୁଜ ସା
ସମ୍ପାଦକ, ମହଲାଇ ଓ ଉପରଝର ପେକ୍ସ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଭଗବତୀ ନାଗ, ସରପଞ୍ଚ
ବୈଜେନ୍ଦ୍ର ମାଝୀ, ଇଓ
ଅର୍ଜୁନପୁର ଗ୍ରାମପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଗୌର ଚନ୍ଦନ, ସରପଞ୍ଚ
ଶ୍ରୀଯୁକ୍ତ ସୂର୍ଯ୍ୟମଣି ମେହେର, ଇଓ
ରାମଚନ୍ଦ୍ରପୁର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ କାହ୍ନୁ ଚରଣ ମେହେର, ସରପଞ୍ଚ
ଶ୍ରୀଯୁକ୍ତ ଶରତ ମହାନନ୍ଦ, ଇଓ
ଉତାର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ବଡ଼ ପଧାନ, ସରପଞ୍ଚ
ଶ୍ରୀଯୁକ୍ତ ଗୋପାଳ ଷଡ଼ଙ୍ଗୀ, ଇଓ
କୁତୁର୍ଲା ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ବୃନ୍ଦାବନ ନାଏକ
ସମ୍ପାଦକ, ଅର୍ଜୁନପୁର ପେକ୍ସ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଜିତେନ୍ଦ୍ର ନାଗ
ସମ୍ପାଦକ, କୁତୁର୍ଲା ପେକ୍ସ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ କୁମୋଦିନୀ ବାଗ, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ଛତ୍ରିଆ, ଇଓ, ସାରସମାଲ ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଭଗବାନ ଗଡ଼ତ୍ୟା
ସମ୍ପାଦକ, ଧଣ୍ଡାମାଲ ଓ ରାମଚନ୍ଦ୍ରପୁର ପେକ୍ସ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ କୁମୁଦିନୀ ସେଠ, ସରପଞ୍ଚ
ଶ୍ରୀଯୁକ୍ତ ରମେଶ ବାଗ, ଇଓ
ବନ୍ଧପଡ଼ା ଗ୍ରାମପଞ୍ଚାୟତ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୮୯,୩୦,୬୧୩ | ୫୪,୫୫,୭୮୮ | ୨୫,୩୯,୬୬,୬୬୪ |
| ଭାରତ | ୩,୪୮,୬୧,୫୭୯ | ୪,୮୧,୪୮୬ | ୩,୪୨,୭୫,୩୧୨ |
| ଓଡ଼ିଶା | ୧୦,୫୫,୧୩୨ | ୮୪୬୨(+୫୩) | ୧୦,୪୪,୯୬୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଦୁର୍ଘଟଣାରେ ଦୁଇ ଇଞ୍ଜିନିୟରଙ୍କ ମୃତ୍ୟୁ

କେନ୍ଦୁଝର, ୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ୫୨୦ ନଂ. ଜାତୀୟ ରାଜପଥ ବାସୁଦେବପୁର ନିକଟ ବୈତରଣୀ ପୋଲ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କାରେ ୨ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସ୍ମୃତିରଞ୍ଜନ ସ୍ୱାଇଁ ଓ ଆୟୁଷ ପାଲ୍। ସେମାନେ କାନ୍ସପୁର ଡ୍ୟାମ ପ୍ରକଳ୍ପରେ ମେଗା ଇଂଜିନିୟରିଂ ନାମକ ଠିକା ସଂସ୍ଥା ଅଧୀନରେ କାମ କରୁଥିଲେ। ଜଣକ ଘର ଭୁବନେଶ୍ୱର ହୋଇଥିବା ବେଳେ ଅନ୍ୟ ଜଣଙ୍କ ଯାଜପୁରରେ ବୋଲି ଜଣାପଡିଛି। ଏନେଇ ଚମ୍ପୁଆ ଥାନାରେ ଏକ ମାମଲା(ନଂ.୧/୨୨) ରୁଜୁ ହୋଇଛି।

ସନ୍ଧ୍ୟାରେ ଦୁଇ ଇଞ୍ଜିନିୟର ବାଇକ୍ ନେଇ ପ୍ରକଳ୍ପ ସ୍ଥାନରୁ ବାହାରିଥିଲେ। ଅନେକ ସମୟ ପରେ ବି ସେମାନେ ନ ଫେରିବାରୁ କମ୍ପାନୀ ଅନ୍ୟ କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୩ଟାରେ ଡ୍ୟାମ କେନାଲ ପୋଲ ଉପରେ ଉଭୟଙ୍କୁ ଠାବ କରାଯାଇଥିଲା। ସେତେବେଳକୁ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇସାରିଥିଲା। ଅନ୍ୟଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚମ୍ପୁଆ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଠିକା ସଂସ୍ଥାର ମାନବ ସମ୍ବଳ ଅଧିକାରୀ ନିଲୁ ମାଝି ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ଟ୍ରକ ସେଠାରୁ ଫେରାର୍ ହୋଇଯାଇଛି। ଦୁର୍ଘଟଣାସ୍ଥଳରେ ଏକ ନମ୍ବର ପ୍ଲେଟ(ଜେଏଚ ୦୨ ଏଏମ ୮୩୮୧) ଦେଖିବାକୁ ମିଳିଛି । ସମ୍ଭବତଃ ଏହି ନମ୍ବର ପ୍ଲେଟ ଦୁର୍ଘଟଣା ଘଟାଇଥିବା ଟ୍ରକର ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ଏନେଇ ଚମ୍ପୁଆ ପୋଲିସ ଅଧିକ ତଦନ୍ତ କରୁଛି।

### ସାହିତ୍ୟିକା ପୁଣ୍ୟପ୍ରଭା ଦେବୀଙ୍କ ପରଲୋକ



ଭୁବନେଶ୍ୱର, ୧୧(ବ୍ୟୁରୋ)- ବିଶିଷ୍ଟ ସାହିତ୍ୟିକା ପୁଣ୍ୟପ୍ରଭା ଦେବୀଙ୍କ ଶୁକ୍ରବାର ବିଶାଖାପାଟଣାସ୍ଥିତ ବାସଭବନରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଓଡ଼ିଆ ସାହିତ୍ୟର ଲେଖକ ତଥା ପାଠକଙ୍କ ମଧ୍ୟରେ ସେ ମା' ଭାବରେ ସମସ୍ତଙ୍କର ଆପଣାର ଥିଲେ। ୧୯୩୮ ମସିହାରେ କଟକର ବାଙ୍ଗଲସାହିରେ ଜନ୍ମଗ୍ରହଣ କରିଥିବା ପୁଣ୍ୟପ୍ରଭା ମାତ୍ର ୯ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ସେ ୩୦୦ରୁ ଊର୍ଦ୍ଧ୍ୱ ଗଳ୍ପ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଶିଶୁ ଗଳ୍ପ ଆଦି ରଚନା କରି ବହୁ ଜାତୀୟ ତଥା ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ୧୯୬୦ରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବାବେଳେ ୨୦୧୦ରେ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପକ୍ଷରୁ ତାଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ପ୍ରଥମ ଶିଶୁ ସାହିତ୍ୟିକ ଭାବେ ଗଳ୍ପ ସଂକଳନ 'କୁନି ଗୋଇନ୍ଦା' ପାଇଁ ଏହି ପୁରସ୍କାର ପାଇଥିଲେ। ଏଥିସହ ଓଡ଼ିଶା ସାହିତ୍ୟ ଏକାଡେମୀ, ଝୁମୁକା ସହିତ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ତାଙ୍କ ପରଲୋକରେ ସାହିତ୍ୟିକଙ୍କ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

# ୩ଶହ ମୁହାଁ ଦୈନିକ ସଂକ୍ରମଣ

- ରାଜ୍ୟରେ ସଂକ୍ରମଣ ହାର ୦.୪୮%କୁ ବୃଦ୍ଧି
- ୨୯୮ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ୧୧୯
- ଗୋଷ୍ଠୀ ସଂକ୍ରମଣ ନେଇ ତଥ୍ୟ ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୧(ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀ ପୁଣି ବ୍ୟାପିବାରେ ଲାଗିଛି। ଏଥିସହ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଫଳରେ କିଛିଦିନ ହେବ ସଂକ୍ରମଣ ଗ୍ରାଫ୍ ଲଗାତର ଉପରମୁହାଁ ରହିଥିବାବେଳେ ଏବେ ଦୈନିକ ଆକ୍ରାନ୍ତ ସଂଖ୍ୟା ୨ଶହ ଡେଇଁ ୩ଶହ ପାଖାପାଖି ହେଲାଣି। ଦୀର୍ଘଦିନ ପରେ ଶୁକ୍ରବାର ରାଜ୍ୟରୁ ୨୨୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଶନିବାର ୨୪ ଘଣ୍ଟାରେ ମୋଟ ୬୨,୨୧୪ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୧ ଜିଲାରୁ ୨୯୮ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୦.୪୮%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୧୯ଜଣ ରହିଛନ୍ତି। ଏହି ଜିଲା ମେଡିକାଲ ହବ୍ ହୋଇଥିବାରୁ ଓ ରାଜ୍ୟ ତଥା ବାହାରୁ ବହୁ ସଂଖ୍ୟାରେ ରୋଗୀ ଆସୁଥିବାରୁ ଏଠାରେ ସଂକ୍ରମଣ ଅଧିକ ରହୁଛି। ତେବେ ଗୋଷ୍ଠୀ ସଂକ୍ରମଣ ନେଇ କୌଣସି ପ୍ରାମାଣିକ ତଥ୍ୟ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେହିଭଳି କଟକରୁ ପୁଣି ୩୫, ସୁନ୍ଦରଗଡ଼ ୨୩, ସମ୍ବଲପୁର ୧୩, ପୁରୀରୁ ୧୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୧୦ ତଳକୁ ରହିଛି। ୧୮ବର୍ଷରୁ କମ୍ ବୟସର ୩୩ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୫୫ହଜାର ୧୩୨ରେ ପହଞ୍ଚିଛି। ସେହିଭଳି ରାଜ୍ୟରେ ଆଉ ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କ ଘର କଟକ ଜିଲାରେ। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୬୨କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଓମିକ୍ରନ୍ ସଂକ୍ରମଣ ଧୀରେ ଧୀରେ ବଢୁଥିବାରୁ ଚିନ୍ତା ପ୍ରକାଶ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ଏହାକୁ ନେଇ ଆମକୁ ସଜାଗ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, ଦେଶ ତୁଳନାରେ ଆମ ରାଜ୍ୟରେ ପଜିଟିଭିଟି ହାର କମ୍ ରହିଛି। ହେଲେ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ଆମକୁ ସତର୍କ ରହିବାକୁ ପଡିବ। ଥଣ୍ଡା, କାଶ ଭଳି ଲକ୍ଷଣ ଥିଲେ କରୋନା ଟେଷ୍ଟ କରାନ୍ତୁ। ଯଦି ରିପୋର୍ଟ ପଜିଟିଭ ଆସିବ ତେବେ ଜିନୋମ୍ ସିକ୍ୱେନ୍ସିଂ କରାଯିବ। ଗୋଷ୍ଠୀ ସଂକ୍ରମଣ ହେଉ ଅବା ନ ହେଉ କୋଭିଡ୍ ସଂକ୍ରମଣ ରହିଛି। ଭୂତାଣୁ ଅଛି ମାନେ କେସ୍ ଲୋଡ୍ ବଢ଼ିବ। ସବୁଠାରୁ ବଡ଼ କଥା ହେଲା, ସଂକ୍ରମଣକୁ ରୋକିବା। ଟିକା ହିଁ ସଂକ୍ରମଣ ରୋକିପାରିବ। ତେଣୁ ସମସ୍ତଙ୍କୁ ଅନୁରୋଧ କରୁଛୁ, ଟିକା ନିଅନ୍ତୁ ଓ କୋଭିଡ୍ ନିୟମ ମାନନ୍ତୁ। ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାକୁ ସେ ଅନୁରୋଧ କରିଛନ୍ତି। ସେହିଭଳି ଭାରତ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଦିଆଯାଇଛି। କେତେ ପଜିଟିଭିଟି ରେଟ୍‌ରେ କ'ଣ କରାଯିବ, ତାହା ଉପରେ ରାଜ୍ୟ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ମନିଟରିଂ ଚାଲିଛି। ସ୍ୱାସ୍ଥ୍ୟ ସଚିବ ଏହାକୁ ମନିଟରିଂ କରୁଛନ୍ତି। ପ୍ରୋଟୋକଲ ଅନୁସାରେ ଆହ୍ୱାନ ନିଆଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ଆଇନ ଭାଙ୍ଗିଲେ ବାନ୍ଧିବୁ: ଡିଜିପି

- ଅପରାଧୀ, ନିଶା ମାଫିଆଙ୍କୁ କଡା ଚେତାବନୀ
- ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଲେ



କଟକ ଅଫିସ,୧୧

ଯେଉଁ ବ୍ୟକ୍ତିମାନେ ଆଇନ ଭାଙ୍ଗୁଛନ୍ତି, ସଙ୍ଗଠିତ ଅପରାଧ କରୁଛନ୍ତି, ନିଶା କାରବାର ଚଳାଉଛନ୍ତି, ଅନ୍ୟାନ୍ୟ ଆପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଆଇନ ଅନୁଯାୟୀ ବାନ୍ଧିବୁ। ଶନିବାର ନୂଆ ଡିଜିପି ସୁନୀଲ ବଂଶଲ ଅପରାଧୀ ଓ ନିଶା ମାଫିଆଙ୍କ ଉଦ୍ଦେଶ୍ୟରେ ଏହିପରି କଡା ଚେତାବନୀ ଦେଇଛନ୍ତି। ଏଥିସହ ଡିଜିପି ପୋଲିସ ବିଭାଗ ତରଫରୁ ରାଜ୍ୟବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବପରି ଗରିବ, ଅସହାୟ, ବୃଦ୍ଧ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ପୋଲିସ ପ୍ରତିଶ୍ରୁତିବଦ୍ଧ। କେବଳ ସେତିକି ନୁହେଁ, ଦୂରବର୍ତ୍ତୀ ସ୍ଥାନରେ ରହୁଥିବା ଜନଜାତି ଲୋକଙ୍କ ନିକଟବର୍ତ୍ତୀ ହେବ ପୋଲିସ। କୋଭିଡ୍ ନିୟନ୍ତ୍ରଣ ତଥା ଟିକାଦାନ କ୍ଷେତ୍ରରେ ପୋଲିସ ପକ୍ଷରୁ ସମସ୍ତ ସହଯୋଗ ରହିବ ବୋଲି ଡିଜିପି ବଂଶଲ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ପୂର୍ବତନ ଡିଜିପି ଅଭୟଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ବଂଶଲ। ଏହି ଅବସରରେ ଲୋକଙ୍କ ସୁରକ୍ଷା ଓ ସେବାକୁ ଗୁରୁତ୍ୱ ଦେବା ସହ ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ଅର୍ଜନ କରିଥିବା ସୁନାମକୁ ବଜାୟ ରଖାଯିବ ବୋଲି କହିଥିଲେ। ଏହାବାଦ ମହିଳା ଓ ବରିଷ୍ଠ ନାଗରିକଙ୍କୁ ପୋଲିସ ବନ୍ଧୁ ଭାବେ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



୧୯୮୮ ମସିହାରେ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ସ୍ଥାପିତ ଘୋଡ଼ା ମୂର୍ତ୍ତିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ହେଲେ ଗତବର୍ଷ ଉକ୍ତ ଘୋଡ଼ା ମୂର୍ତ୍ତିର ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରି ବହୁ ଆନ୍ଦୋଳନ ପରେ ରାଜ୍ୟ ସରକାର ତାହାକୁ ସେହିସ୍ଥାନରେ ରଖି ପୁନରୁଦ୍ଧାର କରିଥିବାରୁ ପୂଜ୍ୟପୂଜା ସଂସ୍କୃତି ଅଭିଯାନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଉଛି।

## ଲୋକସେବା ଭବନରେ ନୂଆବର୍ଷ ବ୍ୟାନରରେ ସ୍ୱାଗତମ୍

ଭୁବନେଶ୍ୱର,୧୧(ବ୍ୟୁରୋ)

କରୋନା କଟକଣା ଯୋଗୁ ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ, ବିଭାଗୀୟ ମୁଖ୍ୟ ଦପ୍ତରରେ ସରକାରୀ କର୍ମଚାରୀମାନଙ୍କର ନୂଆବର୍ଷ ପାଳନ ଫିକା ପଡ଼ିଯାଇଛି। କେବଳ ହ୍ୱାଟ୍‌ସଆପ୍ ବାର୍ତ୍ତାରେ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ଭଳିକି ଭଳି ବ୍ୟାନର ଲଗାଇ ସ୍ୱାଗତ କରିବା ସହ ବିଭାଗ ଆଗରେ ଫୁଲରେ ସଜାଇ ନବବର୍ଷକୁ କର୍ମଚାରୀମାନେ ପାଳନ କରିଛନ୍ତି। କର୍ମଚାରୀମାନେ ନିଜ ବିଭାଗର ସଚିବ ଏବଂ ଅନ୍ୟ ଅଧିକାରୀଙ୍କୁ ବିନା ଫୁଲତୋଡ଼ାରେ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ଆଶାୟୀ ପ୍ରାର୍ଥୀ ଓ ଦଳୀୟ କର୍ମୀମାନେ ନୂଆବର୍ଷ ଶୁଭେଚ୍ଛା ବାହାନାରେ ବିଧାୟକ, ମନ୍ତ୍ରୀ ଓ ନେତାଙ୍କ ଘରେ ଭିଡ଼ ଜମାଇଥିଲେ। ନେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଫୁଲତୋଡ଼ା ଦେଇ ଟିକେଟ ପାଇଁ ଲବି କରିଥିବା ଶୁଣିବାକୁ ମିଳୁଛି। ନିଜ ନିଜ ନିର୍ବାଚନମଣ୍ଡଳୀର ଆଶାୟୀ ପ୍ରାର୍ଥୀ ଭୁବନେଶ୍ୱର ଆସି ନେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ପ୍ରତାପ ଜେନା ଓ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ବାସଭବନରେ ମଧ୍ୟ ଆଶାୟୀଙ୍କ ଭିଡ଼ ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ଓ ଭାଜପା ନେତାଙ୍କ ଘରେ ମଧ୍ୟ ଦଳୀୟ କର୍ମୀଙ୍କର ଭିଡ଼ ଦେଖିବାକୁ ମିଳିଥିଲା।

## ଶ୍ରମିକଙ୍କୁ ନକଲି ଟଙ୍କା, ଠିକାଦାର ଗିରଫ

ମାଲକାନଗିରି,୧୧(ଡି.ଏନ୍.ଏ.)



ଗିରଫ ରସିକ ମଣ୍ଡଳ।

ଜଣେ ଠିକାଦାର ଶ୍ରମିକଙ୍କୁ କାମ କରାଇ ମଜୁରି ବାବଦରେ ନକଲି ଟଙ୍କା ଦେଇ ଠକିଛନ୍ତି। ଏ ସମ୍ପର୍କରେ ଶ୍ରମିକମାନେ ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଠିକାଦାରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏମ୍‌ପିଭି-୭୦ ଗ୍ରାମର ରସିକ ମଣ୍ଡଳ। ଏପରି ଘଟଣା ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଘଟିଛି।

ଖବରରୁ ଜଣାପଡ଼ିଛି, ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଗୋରଖପାଲି ଗ୍ରାମର କେତେଜଣ ଶ୍ରମିକଙ୍କୁ ଠିକାଦାର ରସିକ ଆନ୍ଧ୍ର ପ୍ରଦେଶରେ କାମ ଯୋଗାଇଦେବାକୁ ଡାକି ନେଇଥିଲେ। ସେଠାରେ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ କାମ କରାଇ ପ୍ରାପ୍ୟ ଦେଇ ନ ଥିଲେ। ଶେଷରେ ସେମାନଙ୍କୁ ଅଳ୍ପ କିଛି ଅର୍ଥ ଦେଇ ଗ୍ରାମକୁ ଗଲେ ବକେୟା ଅର୍ଥ ସମସ୍ତଙ୍କୁ ଦେବେ କହି ଗ୍ରାମକୁ ପଠାଇଦେଇଥିଲେ। ରସିକ ଗ୍ରାମକୁ ଆସିବା ପରେ ଶ୍ରମିକଙ୍କ ଟଙ୍କା ନ ଦେବାରୁ ସମ୍ପୃକ୍ତ ଶ୍ରମିକମାନେ ଗ୍ରାମରେ ଜଣାଇ ଗ୍ରାମସଭା କରି ନିଜ ବକେୟା ଅର୍ଥ ଦାବି କରିଥିଲେ। ଠିକାଦାର ସମସ୍ତ ଶ୍ରମିକଙ୍କୁ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ପରେ ସେ ରାତିରେ ଶ୍ରମିକମାନଙ୍କ ଘରକୁ ଆସି ଟଙ୍କା ଦେଇ ଚାଲିଯାଇଥିଲେ। ମାତ୍ର ତା'ପରଦିନ ଶ୍ରମିକମାନେ ଏହି ଟଙ୍କା ନେଇ ବଜାରରେ ବିଭିନ୍ନ ସାମଗ୍ରୀ ଖରିଦ କରିବା ସମୟରେ ଏହା ନକଲି ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ସେମାନେ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୨/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୋଗର ସତ୍ୟତାକୁ ଭିତ୍ତିକରି ଶେଷରେ ପୋଲିସ ଠିକାଦାର ରସିକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

## ଆତ୍ମସମର୍ପଣ କଲେ ୪୪ ମାଓବାଦୀ

ମାଲକାନଗିରି, ୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତରେ ନୂତନ ବର୍ଷର ପ୍ରଥମ ଦିନରେ ମାଓବାଦୀ ସଙ୍ଗଠନକୁ ଲାଗିଛି ଶକ୍ତ ଝଟକା। ସଙ୍ଗଠନକୁ ବିରୋଧକରି ୪୪ ଜଣ ମାଓବାଦୀ ଶନିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତକୁ ଲାଗିଥିବା ଛତିଶଗଡ଼ର ସୁକ୍‌ମାରେ ଏପରି ଦେଖିବାକୁ ମିଳିଛି। ୯ ଜଣ ମହିଳାଙ୍କ ସମେତ ୪୪ ମାଓବାଦୀ ସଙ୍ଗଠନ ଛାଡ଼ି ସୁକ୍‌ମା ଏସ୍‌ପି ସୁନୀଲ ଶର୍ମାଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୯ ମହିଳା ମାଓବାଦୀଙ୍କ ମଧ୍ୟରେ ଜଣେ ହାର୍ଡକୋର ମାଓବାଦୀ ରହିଛନ୍ତି। ତାଙ୍କ ନାମରେ ଛତିଶଗଡ଼ ସରକାର ପୂର୍ବରୁ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ର ମାଓବାଦୀ ପ୍ରଭାବିତ ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉଥିବାରୁ ମାଓବାଦୀ ସଙ୍ଗଠନଗୁଡ଼ିକ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ପୂର୍ବଭଳି ମାଓବାଦୀ ସଙ୍ଗଠନକୁ ଲୋକେ ଆଉ ସମର୍ଥନ କରୁ ନ ଥିବାରୁ ସେମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଫଳରେ ସଙ୍ଗଠନ ଛାଡ଼ି ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି।




## ୧୦୦ଦିନିଆ 'ପଢ଼େ ଭାରତ'ର ଶୁଭାରମ୍ଭ

- ଅଭିଯାନର ୫ ପୁସ୍ତକ ମଧ୍ୟରେ ରହିଛି ୨ ଓଡ଼ିଆ
- ବହି ପଢ଼ିବାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ଭୁବନେଶ୍ୱର, ୧୧(ବ୍ୟୁରୋ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଷ୍ଟ୍ରୀୟ ଶିକ୍ଷା ନୀତି -୨୦୨୦ ଅନ୍ତର୍ଗତ ୧୦୦ ଦିବସୀୟ ପଠନ ଅଭିଯାନ 'ପଢ଼େ ଭାରତ'ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଅନ୍ତର୍ଗତ ୫ଟି ପୁସ୍ତକକୁ କେନ୍ଦ୍ରମନ୍ତ୍ରୀ ପ୍ରଥମେ ପଢ଼ିବା ସହ ଦେଶର ନାଗରିକ ବିଶେଷ ଭାବରେ ଯୁବପିଢ଼ିଙ୍କୁ ବହି ପଢ଼ିବାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାରା ଜୀବନ ଶିକ୍ଷା ଗ୍ରହଣକୁ ବିକଶିତ କରିବା ଦିଗରେ ପୁସ୍ତକ ପଢ଼ିବାର ବିଶେଷତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅଳ୍ପ ବୟସରୁ ପୁସ୍ତକ ପଢ଼ିବା ଅଭ୍ୟାସ କଲେ ଏହା ଶିଶୁଙ୍କ ମାନସିକ ବିକାଶ କରିବ। ସେମାନଙ୍କ ସୃଜନଶୀଳତାକୁ ବୃଦ୍ଧି କରିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାର ଏକ ସୁସ୍ଥ ବାତାବରଣ ତିଆରି କରିବ ବୋଲି ସେ କହିଛନ୍ତି। ଉକ୍ତ ୫ ପୁସ୍ତକ ମଧ୍ୟରେ ୨ଟି ଓଡ଼ିଆ ପୁସ୍ତକ କବିବର ରାଧାନାଥ ରାୟଙ୍କ 'ଚିଲିକା' ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ପ୍ରାୟଶ୍ଚିତ' ରହିଛି। ସେହିପରି ଅନ୍ୟ ୩ ପୁସ୍ତକ ହେଉଛି, ଜେମ୍‌ସ କ୍ଲୟରଙ୍କ 'ଅଟୋମିକ୍ ହାବିଟ୍', ରସ୍କନ୍ ବଣ୍ଡଙ୍କ 'ଏ ଲିଟିଲ୍ ବୁକ୍ ଅଫ୍ ହାପିନେସ୍' ଓ ସ୍ୱାମୀ ବିବେକାନନ୍ଦଙ୍କ 'ରିଫ୍ଲେକ୍ସନ୍ସ'। ପାଠକମାନେ ନିଜେ ଏସବୁ ପୁସ୍ତକ ପଢ଼ିବା ସହ ଆଗକୁ କେଉଁ ପୁସ୍ତକ ପଢ଼ିବା ଉଚିତ୍, ସେ ନେଇ ମଧ୍ୟ ତାଙ୍କୁ ମତାମତ ଦେବାକୁ ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ, ସମସ୍ତଙ୍କ ମଧ୍ୟରେ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏହି ୧୦୦ ଦିବସୀୟ 'ପଢ଼େ ଭାରତ' ଅଭିଯାନ ହେଉଛି ଏକ ଅଭିନବ ତଥା ମହତ୍ୱପୂର୍ଣ୍ଣ ପଦକ୍ଷେପ। ଜାନୁୟାରୀ ୧ରୁ ଆରମ୍ଭ ହୋଇ ଏପ୍ରିଲ୍ ୧୦ ପର୍ଯ୍ୟନ୍ତ ୧୦୦ ଦିନ ବା ୧୪ ସପ୍ତାହ ଧରି ଆୟୋଜନ କରାଯିବ। ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ସମାଜ ସମେତ ରାଷ୍ଟ୍ରୀୟ ତଥା ରାଜ୍ୟ ସ୍ତରରେ ସମାଜର ଅଂଶୀଦାରଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ବାଲ୍ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏହି ଅଭିଯାନର ଭାଗୀଦାରୀ ହେବେ।

## ବ୍ରଜରାଜନଗର ଆସନ ଖାଲି

### ନିର୍ବାଚନ କମିଶନରଙ୍କୁ ଅବଗତ କଲା ବିଧାନସଭା

**ଭୁବନେଶ୍ୱର,୧୧(ବ୍ୟୁରୋ):** ବ୍ରଜରାଜନଗର ବିଜେଡି ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ ପରେ ଆସନ ଖାଲି ନେଇ ବିଧାନସଭା ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଭାରତର ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି। ଏଥିସହିତ ରାଜ୍ୟ ନିର୍ବାଚନ ଅଧିକାରୀ, ବିଧାନସଭାର ସମସ୍ତ ସଦସ୍ୟ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ।

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେବା ସହିତ କହିଛନ୍ତି ଯେ ମହାନ୍ତି ଜଣେ ଜନପ୍ରତିନିଧି ଭାବେ ଅନେକ ସୁନାମ ଅର୍ଜନ କରିଥିଲେ । ସେ ବିଧାନସଭାର ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇବା ସହ ରାଜ୍ୟ ସଭାର ସଦସ୍ୟ ଥିଲେ । କିଶୋର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ହୀରାକୁଦ ବିସ୍ଥାପିତଙ୍କ ହକ୍ ପାଇଁ ସେ ଲଢ଼େଇ କରି ଆସିଥିଲେ । ତାଙ୍କ ପରଲୋକରେ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଆସନ ଖାଲି ହେବା ନେଇ ଭାରତୀୟ ନିର୍ବାଚନ କମିଶନରଙ୍କୁ ଜଣାଇ ଦିଆଯାଇଛି।



**ଆଜିର ମନ୍ତବ୍ୟ**
ନୂଆବର୍ଷରେ ମହାମାରୀଜନିତ ଚ୍ୟାଲେଞ୍ଜକୁ ଦେଶର ବିକାଶରେ ବାଧକ ହେବାକୁ ଦିଆଯିବ ନାହିଁ -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଝୁମୁକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆବର୍ଷରେ ଭିତରକନିକାରେ ୨୦୫୭ ପର୍ଯ୍ୟଟକ

ରାଜନଗର,୧।୧(ଡି.ଏନ.ଏ.)-ଶନିବାର ନୂଆବର୍ଷର ପ୍ରଥମ ଦିନରେ ୨୦୫୭ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ବୁଲି ଦେଖିଛନ୍ତି। ଡାଙ୍ଗମାଳ ପ୍ରବେଶ ପଥ ଦେଇ ୧୨୦୭ ପର୍ଯ୍ୟଟକ ଭିତରକନିକା ଆସିଥିବା ବେଳେ ଗୁପ୍ତିରୁ ଜଳପଥରେ ୨୧ଟି ବୋଟରେ ୧୯୪ ପର୍ଯ୍ୟଟକ, ଖୋଳାରୁ ଜଳପଥରେ ୫୪ଟି ବୋଟରେ ୫୨୭ପର୍ଯ୍ୟଟକ, ଚାନ୍ଦବାଲିରୁ ୮ଟି ବୋଟରେ ୧୨୯ ପର୍ଯ୍ୟଟକ ଭିତରକନିକା ଆସିଥିଲେ । ଅନ୍ୟପକ୍ଷେ ବଣଭୋଜି ପାଇଁ କଟକଣା ଥିଲେ ମଧ୍ୟ ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା। ପେଣ୍ଠରେ ଅନୁଷ୍ଠିତ ହେଉଥିବା ଇକୋ ରିଟ୍ରିଟସ୍ଥଳଠାରୁ ଜଉଦିଆ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗହଳି ଲାଗିଥିଲା। ଅଧିକାଂଶ ପର୍ଯ୍ୟଟକ ବଣଭୋଜି କରୁଥିବା ଦେଖିବାକୁ ମିଳିଥିଲା। ସମୁଦ୍ରରେ ସ୍ନାନ କରିବା ସହ ବୋଟିଂର ମଜା ଉଠାଇଥିଲେ ପର୍ଯ୍ୟଟକ। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣ ଭୂମି ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ। ଜାତୀୟ ଉଦ୍ୟାନରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ସହିତ ଦେଶୀୟ ପକ୍ଷୀଙ୍କ କାକଳିରେ ପର୍ଯ୍ୟଟକ ବିମୋହିତ ହୋଇ ପଡ଼ିଥିଲେ । ଭିତରକନିକାରେ ଥିବା ବଉଳା କୁମ୍ଭୀର, ବହୁ ସଂଖ୍ୟକ ହରିଣ, ବାର୍‌ହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏଥିସହ ହେନ୍ତାଳ ବଣ, ସୁନ୍ଦରୀ, ଶିଶୁମାର, କେରୁଅାଁ, ରାଇ, ବଣି, ଗରଣି, ପାଣିଆମ୍ବ, ସିଙ୍ଗଡା, ପୀତାମ୍ବରୀ, ପୀତକୋରୁଅ ଭଳି ବିରଳ ଲୁଣା ଉଦ୍ଭିଦ ସହିତ ପ୍ରକୃତି ଓ ପରିବେଶ ପର୍ଯ୍ୟଟକଙ୍କ ମନକୁ କିଣି ନେଇଥିଲା । ଭିତରକନିକାରେ ନୌକା ଭ୍ରମଣ ସମୟରେ ପ୍ରକୃତିକୁ ନିକଟରେ ଦେଖିବାର ସୁଯୋଗ ଓ ନଈପଠାରେ ବିରଳ ବଉଳା କୁମ୍ଭୀରଙ୍କ ଖରା ପୋଇଁବା ଓ ମିଳନର ଦୃଶ୍ୟ ଭିତରକନିକାକୁ ପର୍ଯ୍ୟଟକଙ୍କୁ ଟାଣି ଆଣିଥିଲା । ଏଥିସହ ଧଳା କୁମ୍ଭୀର ଗୋରୀ, ଶଙ୍ଖୁଆ ଓ ୩ବର୍ଷର ଧଳା କୁମ୍ଭୀରକୁ ଦେଖିବାକୁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ । ଏଥିସହ ଡାଙ୍ଗମାଳରେ ଥିବା ମ୍ୟୁଜିୟମ ପର୍ଯ୍ୟଟକଙ୍କ ମନକୁ କିଣି ନେଇଥିଲା ।

# ବସ୍‌ରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ

ନରସିଂହପୁର,୧।୧(ସ୍ୱ.ପ୍ର.): କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ଦିଅଁଝର ଜଳପ୍ରପାତକୁ ବଣଭୋଜି ପାଇଁ ଆସୁଥିବା ଏକ ବସ୍‌ରୁ ଜଣେ ପର୍ଯ୍ୟଟକଙ୍କ ମୃତଦେହ କାନପୁର ପୋଲିସ ଜବତ କରିଛି। ସେ ହେଲେ ସୁରେନ୍ଦ୍ର କୁମାର। ଝାଡଖଣ୍ଡରୁ ଆସିଥିବା ଏହି ବସ୍‌ରେ ୧୬ ଜଣ ପର୍ଯ୍ୟଟକ ଥିଲେ। ସେମାନେ ଶୁକ୍ରବାର ରାତିରେ ନରସିଂହପୁରସ୍ଥିତ ଏକ ହୋଟେଲରେ ଖାଇବା ପରେ ଉକ୍ତ ଗାଡ଼ିରେ ଶୋଇଥିଲେ। ଶନିବାର ସକାଳେ ବସ୍‌ଟି ଦିଅଁଝର ଅଭିମୁଖେ ବାହାରିଥିଲା। ଚମ୍ପେଶ୍ୱର ଛକରେ ପର୍ଯ୍ୟଟକମାନେ ଚା’ ପିଇବାକୁ ରହିଥିଲେ। ଏହି ସମୟରେ ସୁରେନ୍ଦ୍ରଙ୍କୁ ଅଚେତ ଅବସ୍ଥାରେ ଦେଖି ନିକଟରେ ଥିବା କାନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।


# classifieds Everyday
0674-2580101, 2549302




**GROOM WANTED**

Private Teacher ଭାବେ କାର୍ଯ୍ୟରତ ୪୬ ବୟସ୍କା ଛାଡ଼ପତ୍ରପ୍ରାପ୍ତ ବ୍ରାହ୍ମଣ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7326057574. D-22683

38 ବୟସ, ୫’୪’’/ ଉଚ୍ଚତା, ସରକାରୀ Head Master, ଦରମା 48 ହଜାର, ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି)। ଯୋଗାଯୋଗ- 7381009738. D-22682




**SALE**

**Gharabari plots sale Kateni near Vikash residential school sqft.-650/9337766961, 9861964818.** D-22717

**Infocity-II ମଦନପୁର (1500sqft.) ପ୍ଲଟ୍‌କୁ 12,000,00/- ଟଙ୍କାରେ ବିକ୍ରିହେବ। ଯୋଗାଯୋଗ- 8093959827.** D- 22679

ଖୋର୍ଦ୍ଧା ମଳିପଡ଼ା NH ପାଖରେ ପଟ୍ଟା ଥାଇ boundary plot ମିଳୁଛି। 9692213354. D-71840

**Flat sale with Orera approval at Naharakanta Chhak, Rasulgarh, Bhubaneswar NH Facing. Contact: 6371401150.** D-22709

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71761

Duplex Immediate Sale near Vani Vihar University. 1.03Crore Fixed Price. Whatsapp: 943-731-3333(Owner) 9438874333. D-22702

3BHK flat, 2nd Floor 1800sqft., 3Toilet near Jharapada Jail Square Cuttack Puri main road side, 2011 posession, resale @90lac including all. 9439716901 (Broker Excuse). D-71925

**Flat sale at near Jharpada Durgamandap, Bhubaneswar 100’ wide road facing. Contact: 6371401150.** D-22710

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**30’ road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ମୁଣ୍ଡୁଳି ମୌଜାରେ develope plot with demarkcated sqft.- 520/-ରେ ମିଳୁଛି। 9692213354. D-71841

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ ସ୍ଥିତିବାନ୍ ଘରବାରି ପ୍ଲଟ୍ 20X71 ବିକ୍ରିହେବ। Rs.- 16,00000/-, 9437177131. D-69054

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

**3BHK Flat Sale in Sharada Bhaban Near Unit-8 Dav School, next to Passport office Covered Parking, 2nd floor. Contact: 7978849173.** D-22730

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757




Two Bedroom, Ground Floor near DAV School, Nilakantha Nagar, Unit-8, BBSR, One Bedroom Prachivihar, Palasuni, BBSR. Contact:9078706109. D-22674

**1378 Bapuji Nagar rent for house (only Family). Contact: 9556185625.** D-71766




Newly open full body massage ladies and gents. 8327740003, 8455985899. D-71838

One hour any therapy by expert therapist @800 only. 9078484455. D-71461

Newly Open Saikrupa Panchakarma Spa positively health benefits with expert. 8984068077. D-22723




ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460




Contact Astrologer, Er. S.K. Samal, Sahid Nagar, BBSR. Mob: 9078706109. D-22675

**LOST**

I Dadhibaban Dash, S/o- Karunakar Dash, Village- Kumunde, PO.- Ranisarda, Dist.- Subarnapur declare that my Father is the recorded tenant of holding No.- 17, 18, 19 of Mouza- Kumunde. On dt. 22.12.2021 while I was coming from menda to my home, the said ROR and my Aadhaar Card has been lost some where inspite of my through search I could not find the same. D-22734

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼େଇଖାଇର ଗରବ ଦେଖ !**
**ବାଡ଼ି ପନ୍ଦାରରେ ମାରିଚି ଯଖା।**

ବ୍ୟକ୍ତି ଯେତେବେଳେ ଧନୀ ହୋଇଯାଏ ସେତେବେଳେ ଆଉ ସେ ଇନ୍ଦ୍ରଚନ୍ଦ୍ର ମାନି ନ ଥାଏ। ହାସଲ କରିଥିବା ବା ପାଇଥିବା ଧନକୁ ନେଇ ତା’ ମନରେ ଅନେକ ଗର୍ବ ଓ ଅହଂକାର ଆସିଯାଇଥାଏ। ହଠାତ୍ ଗୁପ୍ତଧନ ପାଇ ଅହେତୁକ ଗର୍ବ କରିବସୁଥିବା ମହିଳା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଳ ଶୁଖୋଉଛି ପୋଖରୀ ତୁଠରେ**
**ପିନ୍ଧିଅଛି ରଙ୍ଗପାଟ**
**ଯାଆନ୍ତି ପାଖକୁ, ଚିହ୍ନନ୍ତି ତାହାକୁ**
**ସଳଖ ତ ନାହିଁ ବାଟ।**

ଦୂରରୁ ଅଜଣା ନାରୀକୁ ଦେଖିଲେ ମନରେ ସ୍ୱତଃ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଯାଏ। ପାଖକୁ ଯାଇ ଭଲମନ୍ଦ ବୁଝିବାରେ ଅନେକେ ସାହସ ଜୁଟାଇ ପାରି ନ ଥାନ୍ତି। ପରୋକ୍ଷରେ ପ୍ରେମୀ ଯୁଗଳ ପାଇଁ ଏ ସମାଜ ବା ଦୁନିଆ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା’ ଆଗରେ ପ୍ରାଚୀର ଭଳି ଦଣ୍ଡାୟମାନ ହୋଇଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇପଡିଥାଏ। ପ୍ରେମର ବାଟ ସଳଖ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସୂକ୍ଷ୍ମକଳାରେ ନୂଆବର୍ଷ ଶୁଭେଚ୍ଛା ଜଣାଇଲେ ଏଲ୍. ଈଶ୍ୱର




ଖୋର୍ଦ୍ଧା ଅଫିସ,୧।୧: ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଏଲ୍.ଈଶ୍ୱର ରାଓ। ଜଣେ ସୂକ୍ଷ୍ମ କାରିଗର ଭାବେ ପରିଚିତ। ସୂକ୍ଷ୍ମକଳା ମାଧ୍ୟମରେ ସେ ଓଡ଼ିଶାବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରିଛନ୍ତି। କରୋନା ମହାମାରୀରୁ ମୁକ୍ତି ଲାଗି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏକ ୭୫୦ ମିଲି କାଚ ବୋତଲରେ ୪.୫ଇଞ୍ଚ ଉଚ୍ଚ ଓ ୨.୫ଇଞ୍ଚ ଚଉଡା ବିଶିଷ୍ଟ ଏକ ସୂକ୍ଷ୍ମ କଳାକୃତି ତିଆରି କରିଛନ୍ତି। ଏହି ସୂକ୍ଷ୍ମ କଳାକୃତି ପାଇଁ ତାଙ୍କୁ ୩ଦିନ ସମୟ ଲାଗିଥିବା ବେଳେ ଏଥିରେ ସେ ଚକ ଖଣ୍ଡ, କାଚ, କାଗଜ, ବ୍ୟବହାର କରିଛନ୍ତି। ଏହି ସୂକ୍ଷ୍ମ କଳାକୃତି ମାଧ୍ୟମରେ ଲୋକଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ କୋରୋନା କଟକଣା ମାନି ଜୀବନ ଜୀବିକା ନିର୍ବାହ ପାଇଁ ପରାମର୍ଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଡିସେମ୍ବରରେ ୧.୨୯ ଲକ୍ଷ ...

| ମାସ | ଜିଏସ୍‌ଟି ସଂଗ୍ରହ |
|---|---|
| ୨୦୨୧ | (କୋଟି ଟଙ୍କା) |
| ଏପ୍ରିଲ | ୧,୩୯,୭୦୮ |
| ମେ | ୯୭,୮୨୧ |
| ଜୁନ | ୯୨,୮୦୦ |
| ଜୁଲାଇ | ୧,୧୬,୩୯୩ |
| ଅଗଷ୍ଟ | ୧,୧୨,୦୨୦ |
| ସେପ୍ଟେମ୍ବର | ୧,୧୭,୦୧୦ |
| ଅକ୍ଟୋବର | ୧,୩୦,୧୨୭ |
| ନଭେମ୍ବର | ୧,୩୧,୫୨୬ |
| ଡିସେମ୍ବର | ୧,୨୯,୭୮୦ |

ବାବଦରେ ୯,୩୮୯ କୋଟି (ସାମଗ୍ରୀ ଆମଦାନୀରେ ସଂଗୃହୀତ ୬୧୪ କୋଟି ଟଙ୍କା ସମେତ) ଆଦାୟ ହୋଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ହାରାହାରି ମୋଟ ମାସିକ ଜିଏସ୍‌ଟି ଆଦାୟ କ୍ଷେତ୍ରରେ ତୃତୀୟ ତ୍ରୈମାସିକ(ଅକ୍ଟୋବର-ଡିସେମ୍ବର)ରେ ୧.୩ ଲକ୍ଷ କୋଟି ସଂଗ୍ରହ ହୋଇଥିବାବେଳେ ଦ୍ୱିତୀୟ ଓ ପ୍ରଥମ ତ୍ରୈମାସିକରେ ଏହା ଯଥାକ୍ରମେ ୧.୧୫ ଲକ୍ଷ କୋଟି ଏବଂ ୧.୧ ଲକ୍ଷ କୋଟି ଟଙ୍କା ରହିଛି। ଅର୍ଥନୀତିରେ ସୁଧାର ସହିତ ଟିକସ ଫାଙ୍କିବା ବିଶେଷକରି ନକଲି ବିଲର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜିଏସ୍‌ଟି ବୃଦ୍ଧିରେ ସହାୟକ ହେଉଛି। ଗତ ତ୍ରୈମାସିକରେ ରୋଜଗାରର ସକାରାତ୍ମକ ଧାରା ଜାରି ରହିବ ବୋଲି ଆଶା କରାଯାଉଛି।

# ନିୟମିତ ହେବେ ୮,୧୦୨ ...

ରାଜ୍ୟର ୨୫୦ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲା ଯାଇଛି। ବାକି ଅନ୍ୟସବୁ ବ୍ଲକରେ ଏ ବର୍ଷ ଆଦର୍ଶ ବିଦ୍ୟାଳୟ ଖୋଲାଯିବ ଏବଂ ଚଳିତବର୍ଷ ଷଷ୍ଠ ଶ୍ରେଣୀରୁ ପାଠପଢ଼ା ଆରମ୍ଭ କରାଯିବ। ସେହିପରି ରାଜ୍ୟର ସମସ୍ତ ସ୍କୁଲ୍‌ର ରୂପାନ୍ତରୀକରଣ କରାଯିବା ସହ ୫-ଟି ଅଧୀନରେ ଅଣାଯିବ। ସ୍କୁଲ୍ ରୂପାନ୍ତରୀକରଣ ସହିତ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଜାରି ରହିଛି। ହାଇସ୍କୁଲଗୁଡ଼ିକରେ ଆହୁରି ୧୧ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ବାହାରି ସାରିଛି। ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୧,୭୦୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ଚଳିତ ବର୍ଷ ଦଶମ ଓ ଯୁକ୍ତ୨ ପରୀକ୍ଷା ଠିକ୍ ସମୟରେ ହୋଇ ପରୀକ୍ଷା ଫଳ ଶୀଘ୍ର ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଆଶା କରିଛନ୍ତି। ଯଦି କିଛି ସମସ୍ୟା ଉପୁଜେ ତା’ହେଲେ ସରକାର ସେଥିପାଇଁ ପ୍ରସ୍ତୁତ ଥିବା ମନ୍ତ୍ରୀ କହିଛନ୍ତି।

# ଛେଳି ଖାଇ ଏଏସ୍‌ଆଇ ...

ଘେରାଉରୁ ହଟିଥିଲେ। ଘଟଣା ସମ୍ପର୍କରେ ଏସ୍‌ପି ନୀତିନ କୁଶଲକର ଜାଣିବା ପରେ ଏଏସ୍‌ଆଇ ସୁମନ ମଲ୍ଲିକଙ୍କୁ ନିଲମ୍ବିତ କରିଛନ୍ତି। ଛେଳିମାରି ମାଂସ ଭୋଜି କରିବା ଘଟଣାରେ ସମ୍ପୃକ୍ତ ଅନ୍ୟ ପୋଲିସ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କେତେକ ସଙ୍ଗଠନର କର୍ମକର୍ତ୍ତା ମତ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଅଷ୍ଟମ ଚନ୍ଦ୍ର ପାପଯୁକ୍ତ ମଙ୍ଗଳ ସହ ଥିବାରୁ ଦୈହିକ ଓ ମାନସିକ ବ୍ୟସ୍ତତାକୁ ବୃଦ୍ଧି କରିବେ। ସ୍ଥଗିତ କାମରେ ଅଗ୍ରଗତି, ପାରିବାରିକ ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଲଭିବେ। ବାଧବାଧକତାରେ ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** - ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭ କରିବା ସହ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଉପଭୋଗ୍ୟ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ ସହାନୁଭୂତି ସହିତ ବୈଷୟିକ ସୁଖ, ସମୃଦ୍ଧି ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରୁ ଲାଭବାନ୍ ହେବେ। ସ୍ଥଗିତ କାମ ତ୍ୱରାନ୍ୱିତ କରି ଆନନ୍ଦ ଅନୁଭବ କରିବେ। ପିଲାଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମିଥୁନ** - ରବି ଓ ଶୁକ୍ରଙ୍କ ରାଶି ପ୍ରତି ଦୃଷ୍ଟି ପ୍ରଭାବରୁ ପ୍ରିୟଜନଙ୍କ ସାହଚର୍ଯ୍ୟ ଲାଭ କରି ଅଭିଳଷିତ କାମ ପୂର୍ଣ୍ଣାଙ୍ଗ କରିବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବା ସହ ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରିନେବେ। ନିଜେ ରହୁଥିବା ପରିବେଶରେ କୌଣସି ବୟସ୍କଙ୍କ ଅନୁଗ୍ରହ ସମସ୍ୟା ସମାଧାନରେ ସହାୟକ ହେବ।

**କର୍କଟ** - କର୍ମକ୍ଷେତ୍ରରେ ଖଟଣି ବଢ଼ିଯିବା ସହ ନିଜ ଲୋକଙ୍କ ବେଖାତିର କଥା ଓ ଅନାଦର ବ୍ୟଥିତ କରିପାରେ। ପୁଷ୍ୟା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତିର ଭରଣା କରିପାରିବେ। ସଭାସମିତିରେ ସମଧର୍ମୀଙ୍କ ଦ୍ୱାରା ସମ୍ମାନିତ ହେବାର ସୂଚନା ରହିଛି। ପ୍ରଶାସନ, କର୍ମକ୍ଷେତ୍ର ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ।

**ସିଂହ** - ମଘା ନକ୍ଷତ୍ରର ସାଧାରଣ କଥାକୁ ନେଇ ଝଗଡ଼ାର ଆଶଙ୍କା ଦେଖାଦେବ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା, ଅନାବଶ୍ୟକ ବାର୍ତ୍ତାଳାପରୁ ଦୂରେଇ ରହିବା ଭଲ। ଦୂରଯାତ୍ରା, କର୍ମାରମ୍ଭ, ଲୋକସମ୍ପର୍କ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଅଫିସିଆଲି ଫାଇଲ୍ ସମ୍ପର୍କୀୟ କାମକୁ ନେଇ ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ।

**କନ୍ୟା** - ଆଜି ଧନ ଓ ବ୍ୟୟାଧିପ ଏକତ୍ର ହେତୁ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା ଚେଷ୍ଟା କରୁଥିବା କାମ ଅଟକି ରହିବ ନାହିଁ। ଆତ୍ମୀୟଙ୍କ ବିରୋଧ ବଢ଼ିବା କାରଣରୁ ବିରକ୍ତି ଅନୁଭବ କରିପାରନ୍ତି। ପରିବାରରେ ଉତ୍ତମ ବୁଝାମଣା, ବୟସ୍କଙ୍କ ସହୃଦୟତା ଦିନଟିକୁ ଉପଭୋଗ୍ୟ କରାଇବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ପରିବହନ ସମ୍ପର୍କରେ ଅସ୍ଥିରତା ଦେଖା ଦେଇପାରେ।

**ତୁଳା** - ଆଜି ରବି ଓ ଶୁକ୍ରଙ୍କ ପ୍ରଭାବରୁ ମଜାମଉଜ, ବନ୍ଧୁମିଳନ, ନୂଆ ସ୍ଥାନ ପରିଦର୍ଶନ ମାଧ୍ୟମରେ ଅତିବାହିତ କରିବେ। ପ୍ରିୟଜନଙ୍କ ଅନୁରକ୍ତି, ବନ୍ଧୁମାନଙ୍କ ସହାନୁଭୂତି, ପାରିବାରିକ ସ୍ଥିତି ହାଲୁକା ରହିବ। ଭଲ ସମ୍ପର୍କ ରହିଥିବା ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ।

**ବିଛା** - ଶନି ଓ ମଙ୍ଗଳ ମଧ୍ୟସ୍ଥ କର୍ମାଧିପ ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିଜନିତ ମନ ଅଶାନ୍ତ ରହିବ। ଅନ୍ୟମାନଙ୍କ କାନକୁହାରେ ପ୍ରଭାବିତ ହୋଇ ସହକର୍ମୀ ଭୁଲ୍ ବୁଝିପାରନ୍ତି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ସହକର୍ମୀଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ବିଭିନ୍ନ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ।

**ଧନୁ** - ଆଜି ଯେମିତି ଓ ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ଅବଶ୍ୟ ସମ୍ପନ୍ନ ହୋଇପାରିବ। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ଓ ସହକର୍ମୀଙ୍କ ଦ୍ୱାରା କୌଣସି ସମସ୍ୟା ମନରେ ଭାବାନ୍ତର ସୃଷ୍ଟି କରିପାରେ। ଉତ୍ତରାଷାଢ଼ା ନକ୍ଷତ୍ରର ପ୍ରିୟଜନଙ୍କ ସହ ଦୀର୍ଘଦିନର ମତାନ୍ତରଜନିତ ସମସ୍ୟା ସମାଧାନ ହୋଇଯିବ।

**ମକର** - ଆଜି ସକାଳୁ ଶୁଭଖବର ସହ କୌଣସି ବନ୍ଧୁଙ୍କ ସହ ଆଳାପ ଆଲୋଚନାରୁ ଖୁସି ରହିବେ। ଏହା ସାଙ୍ଗକୁ ଧନଭାବସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥପ୍ରାପ୍ତିର ମାର୍ଗଦର୍ଶନ କରାଇବେ। ସ୍ଥଗିତ କାମକୁ ସମ୍ପନ୍ନ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ସୁସମ୍ପର୍କ ଅଭାବରୁ ଯେତେ ଭଲ କାମ କଲେ ମଧ ଅଭିଯୋଗ ପାଇବେ।

**କୁମ୍ଭ** - କର୍ମସ୍ଥ ପାପଗ୍ରହ ଯୋଗୁ ଆଜି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ର, ସଭାସମିତିରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅର୍ଥ ସଙ୍କଟ ରହିବା ହେତୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଅଟକିଯିବାର ଆଶଙ୍କା ଦେଖାଦେବ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁରେ ସଫଳତା ମିଳିବ।

**ମୀନ** - ନୂତନ ଯୋଜନାକୁ ସଫଳ କରିବା ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପରାମର୍ଶ ଓ ସାହାଯ୍ୟ ସହାୟକ ହେବ। ଅର୍ଥନୈତିକ ସମସ୍ୟା, ଶତ୍ରୁତାଜନିତ ବିବାଦ, ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ହୋଇପାରେ। ରେବତୀ ନକ୍ଷତ୍ରର ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ।



www.crimsouneclub.com
CRIMSOUNE CLUB
100STORES
FASHION WEAR: EXCLUSIVE STORES: CITY CENTRE MALL, FARM ROAD, SAMBALPUR PH.: +91 7496901053 | ANNAPURNA MARKET SQUARE, BEHRAMPUR PH.: +91 7496901052| OPP. RAILWAY STATION, RAYAGADA PH.: +91 7496901050 | DHENKANAL MAUZA, MEENA BAZAR, DHENKANAL PH.: +91 7496901064 | SR CENTRAL SHOPPING MALL, RAJANAGAR CHOWK, JEYPORE PH.: +91 7496901083 | NEAR MARWARDI DHARAMSALA, MAINROAD, BARGARH PH.: +91 7496901087 | SECTOR-9, CDA, MARKET NAGAR, CUTTACK PH.: +91 7496901085 | MANGLABAGH, INFRONT OF CALCUTTA SWEETS PH.: +91 7496901065 | B.K. ROAD, DOLMUNDAI SQUARE PH.: +91 7496901089 | LAL BAZAR, BARIPADA PH.: +91 7496901054 | MAIN ROAD, ANGUL PH.: +91 7496901062 | KACHERI ROAD, UDIT NAGAR, ROURKELA PH.: +91 7496901049 | GHODA GHAT CHOWK, BHAWANIPATNA, KALAHANDI PH.: +91 7496901055 | BHAVANI MALL, SAHID NAGAR PH.: +91 7496901056 | ESPLANADE MALL RASULGARH PH.: +91 7496901082 | FORUM MART, KHARVELA NAGAR, BHUBANESHWAR PH.: +91 7496901057 | PAL HEIGHT, JAIDEV VIHAR, BHUBANESHWAR PH.: +91 7496901058 | DN REGALIA MALL, DN SQUARE PH.: +91 7496901059 | SAHEED NAGAR PH.: +91 7496901060 | BIHAR ATITHI BHAWAN, GRAND ROAD, PURI PH.: +91 7496901061 | JAY BHARAT CHOWK, BALANGIR Ph.: +91 7496901063 | JAJPUR ROAD, JAJPUR Ph.: +91 7496901051 | ALL LEADING STORES & RELIANCE TRENDS.
TRENDS
CENTRAL
BRAND FACTORY
Myntra
AJIO
Flipkart
snapdeal
paytm
Fynd
LIMEROAD
amazon

ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ - ସଂକୀର୍ଣ୍ଣ ସୀମାର ଘେର ଭିତରୁ -ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। -ଶ୍ରୀମା

# ଉଗ୍ର ଜାତୀୟତାବାଦ



ଆକାର ପଟେଲ

ଭାରତର କଶ୍ମୀରୀକରଣକୁ ନେଇ ଶିକ୍ଷାବିତ୍ ପ୍ରତାପ ଭାନୁ ମେହେଟ୍ଟା ଆମକୁ ସତର୍କ କରିଦେଇଛନ୍ତି। ତାଙ୍କ ମତରେ କଶ୍ମୀରରେ ସୁରକ୍ଷା ବଳ ଓ ସରକାରୀ ସଂସ୍ଥାଗୁଡ଼ିକ ସିଭିଲ ସୋସାଇଟି ଓ ବ୍ୟକ୍ତି ସ୍ୱାଧୀନତାକୁ ଅତ୍ୟଧିକ ନିୟନ୍ତ୍ରଣ କରୁଛନ୍ତି ଏବଂ ତାହା ଧୀରେ ଧୀରେ ଭାରତର ଅନ୍ୟ ରାଜ୍ୟକୁ ସମ୍ପ୍ରସାରିତ ହେଉଅଛି। ଆମେ ଯଦି ନିକଟ ଅତୀତକୁ ଲକ୍ଷ୍ୟ କରିବା ତେବେ ଜାଣିପାରିବା ମେହେଟ୍ଟାଙ୍କ ସତର୍କବାଣୀର ଯଥାର୍ଥତା ରହିଛି। କଶ୍ମୀରରେ ନିୟମିତ ଇଣ୍ଟର୍‌ନେଟ ସେବା ଅଚଳ କରାଯାଉଛି। ୨୦୨୦ରେ ସମ୍ପୂର୍ଣ୍ଣ ବର୍ଷଯାକ କଶ୍ମୀରବାସୀ ଇଣ୍ଟର୍‌ନେଟରୁ ବଞ୍ଚିତ ହୋଇଥିଲେ। ଏହି କାରଣରୁ ସେଠାରେ ଅନ୍‌ଲାଇନ ଶିକ୍ଷା ଓ ଟେଲି କମ୍ୟୁନିକେଶନ ମାଧ୍ୟମରେ କରାଯାଉଥିବା ଲୋକଙ୍କ ଡାଇଗ୍ନୋସିସ୍ ଏବଂ ଚିକିତ୍ସା ବନ୍ଦ ରହିଥିଲା। ଦେଖିବାକୁ ଗଲେ ୨୦୦୧ରେ କଶ୍ମୀରରେ ମୋବାଇଲ ଇଣ୍ଟର୍‌ନେଟ ତ ଦୂରର କଥା, ମୋବାଇଲ ଟେଲିଫୋନ୍ ସେବା ବି ନ ଥିଲା। ହେଲେ ସେତେବେଳେ ହିଂସା ଶୀର୍ଷରେ ପହଞ୍ଚିଥିଲା। ଭାରତ ସରକାର ଏହି ଯୁକ୍ତିକୁ ଆଧାରକରି କଶ୍ମୀରରେ କାମ କରୁନାହାନ୍ତି। ସମାଧାନର ବାଟ ନ ଖୋଜି ଇଣ୍ଟରନେଟ ବନ୍ଦ କରିଦେଲେ ଯେ ହିଂସା କମିବ ତାହାର ନିଶ୍ଚିତତା ନାହିଁ। ସିଂଘୁ ଓ ଟିକ୍ରି ସୀମାରେ ଯେଉଁ କୃଷକମାନେ ବସି ରହିଥିଲେ, ସେମାନଙ୍କୁ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନ ଥିଲା ଓ ସେମାନଙ୍କ ଇଣ୍ଟରନେଟ ମଧ୍ୟ ବନ୍ଦ କରାଯାଇଥିଲା। କଶ୍ମୀର ପରେ ଦେଶର ଅନ୍ୟଠି ଏଭଳି କରିବାକୁ ହକ୍‌ଦାର ବୋଲି ସରକାର ଭାବୁଛନ୍ତି। ୨୦୧୪ ପରେ ସବୁଠୁ ଅଧିକ ଇଣ୍ଟର୍‌ନେଟ ସେବା ବନ୍ଦ କରି ନାଗରିକଙ୍କୁ ଏଥିରୁ ବଞ୍ଚିତ କରିବାରେ ଭାରତ ବିଶ୍ୱରେ ନିଜର ଏକ ପରିଚୟ ସାମ୍‌ନାକୁ ଆଣିଛି। ଏହା ହିଁ ହେଉଛି କଶ୍ମୀରୀକରଣ।

ସେହିଭଳି ୟୁଏପିଏ ଯାହା କେବଳ ଉଗ୍ରବାଦ ପାଇଁ କରାଯାଇଥିଲା ତାହା ଏବେ ସାଧାରଣତଃ ସରକାରଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ତଥା ଭିନ୍ନ ମତ ଦେଉଥିବା ଶିକ୍ଷାବିତ୍, କବି ଏବଂ ସାମ୍ବାଦିକଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ବ୍ୟବହାର କରାଯାଉଛି। ଉକ୍ତ ପ୍ରସଙ୍ଗରେ ଯେଭଳି କଶ୍ମୀରରେ ନ୍ୟାୟିକ ବ୍ୟବସ୍ଥା ବିଫଳ ହୋଇଛି ସେହିଭଳି ଭାରତର ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ବିଫଳ ହେବା ଲକ୍ଷ୍ୟ କରାଯାଉଛି। କଶ୍ମୀରୀକରଣ ସହ ଭାରତର ଗୁଜରାଟୀକରଣ ମଧ୍ୟ କରାଯାଉଛି। ଏହା ଅତୀତରେ କିଭଳି ପ୍ରକାଶ ପାଇଥିଲା ତାହା ଲକ୍ଷ୍ୟ କରିବା। ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ୪ ଜଣ ନେତାଙ୍କ ମଧ୍ୟରୁ ଜିନ୍ନା, ପଟେଲ ଏବଂ ଗାନ୍ଧୀ ଥିଲେ ଗୁଜରାଟୀ। ପଟେଲଙ୍କୁ ଦୃଢ଼ ଓ କଠୋରମନା ନେତା ଭାବେ ଦେଖାଯାଏ। ଅନ୍ୟପଟେ ଜିନ୍ନା ଏବଂ ଗାନ୍ଧୀ ସମାଧାନକୁ ଗୁରୁତ୍ୱ ଦେଉଥିଲେ(ଭାରତ ବିଭାଜନକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ଏହା ଆମେ ଲକ୍ଷ୍ୟ କରିପାରିବା)। ପାକିସ୍ତାନର ସାମ୍ବାଦିକ ଖଲିଦ୍ ଅହମଦ ଗୁଜରାଟୀମାନଙ୍କର ଏହି ଦୃଷ୍ଟିକୋଣ ସମ୍ପର୍କରେ ଲେଖିଛନ୍ତି। ସେମାନଙ୍କ ବ୍ୟବସାୟିକ ଉତ୍ସ ସହ ସ୍ଥିତି ଅନୁସାରେ ପରିବର୍ତ୍ତନ କରିବା ପ୍ରବୃତ୍ତି ବା କୋହଳ ମନୋଭାବର ସମ୍ପର୍କକୁ ଦର୍ଶାଇଛନ୍ତି। ମୋଗଲ ଓ ଇଂରେଜ, ରୋମାନ୍ ଓ ଗ୍ରୀକ୍ ସମୟରୁ ଗୁଜରାଟ ବିଶ୍ୱରେ ବ୍ୟବସାୟିକ କାରବାର ବଢ଼ାଇ ଲାଭବାନ୍ ହୋଇଥିଲା। ଏହା ସତ୍ତ୍ୱେ ଗୁଜରାଟ ମଧ୍ୟ ଅଧିକ ରୁଢ଼ିବାଦୀ ଓ ସଙ୍କୀର୍ଣ୍ଣମନା ବା ଅନ୍ୟମାନଙ୍କ ବିଚାରଧାର ଓ ସଂସ୍କୃତିକୁ ଗ୍ରହଣ କରିବାକୁ ଆଗ୍ରହୀ ନୁହେଁ। ଏଣୁ କେତେଜଣଙ୍କ ଏଭଳି ମନୋଭାବ ସମ୍ପନ୍ନ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ଦିଲ୍ଲୀ ରହିଛି ଏବଂ ତାଙ୍କର ମନୋଭବକୁ ଅନ୍ୟ ଉପରେ ଲଦି ଦେଉଛନ୍ତି। ଗୁଜରାଟ ସଂସ୍କୃତି ସହ ନିବିଡ଼ିତା ଥିବା ଏବଂ ଅନ୍ୟ ସଂସ୍କୃତିଠାରୁ ନିଜ ସଂସ୍କୃତିକୁ ବଡ଼ ମନେକରୁଥିବା ପ୍ରଧାନମନ୍ତ୍ରୀଙ୍କ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କ୍ଷମତା ଯୋଗୁ ଏହା ହେଉଛି। ଆଜିର ଗୁଜରାଟୀକୃତ ଭାରତରେ ଆମେ ପୁଞ୍ଜିକୁ ସମ୍ମାନ ଦେଉଛୁ ଓ ଧନକୁ ନେଇ ଉତ୍ସବ ମନାଉଛୁ। ମହାମାରୀ ସମୟରେ ୨୩ କୋଟି ଭାରତୀୟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇ ଯାଇଥିବାବେଳେ ଅତିଧନୀଙ୍କ ସଂଖ୍ୟା ଅତ୍ୟଧିକ ବୃଦ୍ଧିପାଇଛି। ନୂଆ ଧନୀଙ୍କ ପସିଦ୍ଧିକୁ ନେଇ ଉତ୍ସବ ପାଳନ କରାଯାଉଥିବାବେଳେ ଦରିଦ୍ରଙ୍କ ସଂଖ୍ୟା ପ୍ରତି ପ୍ରାୟତଃ ଧ୍ୟାନ ଦିଆଯାଉନାହିଁ।

୨୦୧୪ ପରେ ବିମୁଦ୍ରୀକରଣ କ୍ଷୁଦ୍ର ବ୍ୟବସାୟୀମାନଙ୍କ ବିପର୍ଯ୍ୟୟ ଘଟାଇଲା ଓ ସେମାନଙ୍କ ବିଜ୍‌ନେସ ଶେୟାରକୁ କର୍ପୋରେଟ ହସ୍ତୀମାନଙ୍କ ସଂଗଠିତ କ୍ଷେତ୍ରକୁ ପଠାଇ ଦିଆଗଲା। ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି)ର ଅତ୍ୟଧିକ ଜଟିଳ ଅନୁପାଳନୀୟ ପ୍ରକ୍ରିୟାର ଉଦ୍ଦେଶ୍ୟ ଥିଲା ଦ୍ରବ୍ୟ ଉତ୍ପାଦକ ଓ ବ୍ୟବସାୟୀଙ୍କ ବିଜ୍‌ନେସକୁ ବାହାରେ ରଖିବାକୁ ଏବଂ ଏଥିରେ ମଧ୍ୟ ତାହା ସଫଳ ହୋଇଛି। ୨୦୧୭ରେ ସୁରଟରେ ଓ ଅହମଦାବାଦରେ ଜିଏସ୍‌ଟି ବିରୋଧରେ ବ୍ୟବସାୟୀମାନେ କରିଥିବା ପ୍ରତିବାଦ ଓ ରାଲି ଉପରେ ମଧ୍ୟ ଆମମାନଙ୍କ ମଧ୍ୟରୁ ବାକିଲୋକ ଧ୍ୟାନ ଦେଲେ ନାହିଁ। କୃଷକମାନଙ୍କ ଭଳି ସେତେବେଳେ ବ୍ୟବସାୟୀମାନେ ଏହା ବିରୋଧରେ ଏକ ଦୀର୍ଘ ଲଢ଼େଇ କରି ଦାବି ଉପସ୍ଥାପନ କରିବା ପାଇଁ ଦୃଢ ଇଚ୍ଛାଶକ୍ତି କିମ୍ବା ସାମର୍ଥ୍ୟ ନ ଥିଲା। ଏହିଦୃଷ୍ଟିକୋଣରୁ କୃଷକମାନଙ୍କ ଆନ୍ଦୋଳନକୁ ଧନୀ ବ୍ୟବସାୟୀଙ୍କ ବିରୋଧରେ ଏକ ବଡ଼ ସଂଗ୍ରାମ ଭାବେ ଦେଖିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୃଷି ଆଇନଗୁଡ଼ିକ କୃଷକମାନଙ୍କ ପାଇଁ ଏକକାର ପ୍ରଚଳିତ ବ୍ୟବସ୍ଥାକୁ ଦୁର୍ବଳ କରି ଧନୀ କର୍ପୋରେଟଙ୍କ ସପକ୍ଷରେ ପରିବେଶ ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ ଥିଲା। ଯାହାହେଉ କୃଷକମାନେ ଏହାକୁ ଲକ୍ଷ୍ୟ କରି ଲଢେଇ କରିବାକୁ ବାହାରି ଆସିଲେ। କେନ୍ଦ୍ର ସରକାର ତାଙ୍କ ଏକଛତ୍ରବାଦୀ କ୍ଷମତା ବଳରେ ସେମାନଙ୍କୁ ଦବାଇଦେବାକୁ ଚେଷ୍ଟା କଲେ। ଏହା ସରକାରଙ୍କ କଠୋର କୃଷକ ବିରୋଧୀ ମନୋଭାବକୁ ପ୍ରକାଶ ଗଲା ଏବଂ କୃଷକମାନେ ମଧ୍ୟ ସେମାନଙ୍କ ସାହସୀ ଭାବନକୁ ଦେଖାଇଦେଲେ। ବିବିଧତା ଉପରେ ଗୁଜରାଟୀଙ୍କ ଅସହିଷ୍ଣୁତା କଶ୍ମୀର ଓ ଉତ୍ତରପୂର୍ବାଞ୍ଚଳରେ ଦେଖାଦେଇଥିବା ଉଗ୍ରଜାତୀୟତାବାଦରେ ପ୍ରକାଶ ପାଇଛି। କଶ୍ମୀରବାସୀଙ୍କ ସ୍ୱର ଦବାଇ ଦେବାଲାଗି ବଳ ପ୍ରୟୋଗ କରାଯାଉଛି,ହିଂସାର ପଥ ଆପଣାଯାଉଛି। କଶ୍ମୀରୀକରଣ ଏବଂ ଗୁଜରାଟୀକରଣ ଧାରା ଦୁଇଟି ଦୀର୍ଘମିଆଦୀ ଏବଂ ଏହାର ମୂଳୋତ୍ପାଟନ କଷ୍ଟକର ହେବ। ଏହି କାରଣରୁ ସେମାନଙ୍କ ପ୍ରଭାବ ଆମ ଅର୍ଥବ୍ୟବସ୍ଥା ଏବଂ ଗଣତନ୍ତ୍ର, ସମାଜ ଏବଂ ଏପରିକି ଆମ ଜାତୀୟତାରେ ୨୦୧୪ ପରଠାରୁ ସଂକ୍ଷିପ୍ତ ଅବଧି ମଧ୍ୟରେ ଅତି ସ୍ପଷ୍ଟ ହୋଇଛି।

Email:aakar.patel@gmail.com

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 7 | | 8 | | 4 | | |
| | | | 5 | 9 | | | | 6 |
| 9 | 8 | | 6 | 1 | | | | |
| | | 4 | | 3 | | | | |
| 3 | | | | 7 | | 9 | | |
| | | 2 | | | 8 | | 1 | |
| 2 | | 8 | | | | 1 | | |
| | | | | | | 7 | | 5 |
| | | | | 5 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 2 | 3 | 1 | 9 | 5 | 8 |
| 2 | 1 | 9 | 8 | 7 | 5 | 3 | 4 | 6 |
| 8 | 5 | 3 | 9 | 6 | 4 | 1 | 2 | 7 |
| 1 | 9 | 5 | 7 | 2 | 8 | 6 | 3 | 4 |
| 3 | 7 | 4 | 6 | 5 | 9 | 8 | 1 | 2 |
| 6 | 2 | 8 | 1 | 4 | 3 | 5 | 7 | 9 |
| 5 | 4 | 6 | 3 | 9 | 7 | 2 | 8 | 1 |
| 7 | 8 | 2 | 5 | 1 | 6 | 4 | 9 | 3 |
| 9 | 3 | 1 | 4 | 8 | 2 | 7 | 6 | 5 |

ଗତ କାଲିର ଉତ୍ତର

# ଏକ ଅଭିନବ ସଂକଳ୍ପ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରତିବର୍ଷ ପରି ଏଥର ବି ଆଉ ଥରେ ନୂଆବର୍ଷ ଆସିଛି। ମହାକାଳର ଅନନ୍ତ ଅବଧି ମଧ୍ୟରେ ତଥା ପ୍ରକୃତିର ନିରନ୍ତର ପ୍ରବାହ ଭିତରେ ଦିନ, ମାସ ବା ବର୍ଷର ଗଣନା ମୂଲ୍ୟହୀନ ହେଲେ ହେଁ ମଣିଷର ବ୍ୟାବହାରିକ ମାପଦଣ୍ଡରେ ଗଲାବର୍ଷଟି ପୁରୁଣା ହୋଇ ଦୁଇଦିନ ତଳେ ଆମ କ୍ୟାଲେଣ୍ଡରରୁ ବିଦାୟ ନେଇଛି ଓ ତାହାର ସ୍ଥାନ ନେଇଛି ସଂଖ୍ୟାର ଏକକରେ ନାମିତ ନୂଆ ଏକ ବର୍ଷ, ଯାହାକୁ କେତେକ ଆଧୁନିକ ଲୋକେ ଶ୍ରଦ୍ଧାରେ ଡାକୁଛନ୍ତି 'ଟ୍ୱେଣ୍ଟି ଟ୍ୱେଣ୍ଟି ଟୁ'। ପ୍ରତିଥର ବର୍ଷଟିଏ ନୂଆ ହୋଇ ଆସେ ଓ ଦିନ କେଇଟା ମଧ୍ୟରେ ନିଜର ନୂତନତ୍ୱର ଆବରଣଟିକୁ ଫିଙ୍ଗି ଦେଇ ପୁରୁଣା ହୋଇ ଚାଲିଯାଏ। କିଏ ଜଣେ କହିଥିଲେ ପରା 'ଜୀବନ ଆଗକୁ ବଞ୍ଚାଯାଏ ସିନା, ପଛକୁ ଫେରି ଚାହିଁଲେ ଜୀବନକୁ ଭଲ ଭାବେ ବୁଝି ହୁଏ।' ସୁତରାଂ ଚାଲିଯାଇଥିବା ବର୍ଷଟି ସମ୍ପର୍କରେ ସମୀକ୍ଷା ଭିତରୁ ଯଦି ନୂଆବର୍ଷଟିକୁ ଆବାହନ କରାଯାଉଥାଆନ୍ତା, ତେବେ ଅଧିକ ଅର୍ଥପୂର୍ଣ୍ଣ ହୁଅନ୍ତା ନବବର୍ଷର ନବୀନତ୍ୱ। ପୁରୁଣା ବର୍ଷଟିରେ ଯାହା ଥିବାରୁ ବା ନ ଥିବାରୁ ବର୍ଷଟି ସୁଖପ୍ରଦ ହୋଇପାରି ନ ଥିଲା, ସେ ସମ୍ପର୍କରେ ମଣିଷ ସଚେତନ ହୁଅନ୍ତା ଓ ତଦନୁଯାୟୀ ନୂଆବର୍ଷଟିକୁ ନୂଆ ରୂପରେ ସଜାନ୍ତା! ମାତ୍ର ଏମିତି କିଛି ହୁଏନା। 'ଗତସ୍ୟ ଶୋଚନା ନାସ୍ତି' ନ୍ୟାୟରେ ପୁରୁଣା ବର୍ଷଟିର ସ୍ମୃତି ରୋମନ୍ଥନ କରିବାକୁ ଏକ ଅର୍ଥହୀନ ବୃଥା କସରତ ବୋଲି ମନେ କରାଯାଇ ଅତୀତକୁ ଅଳିଆଗଦାରେ ଫିଙ୍ଗି ଦିଆଯାଏ ଓ ଆବାହନ କରାଯାଏ ନବକଳେବରଧାରୀ ନୂଆବର୍ଷର ଆଗମନକୁ!

ଏ ଆବାହନର ସ୍ୱରୂପ ବି ବିବିଧବର୍ଣ୍ଣା। ପୁରୁଣାବର୍ଷର ଶେଷ ସନ୍ଧ୍ୟାଟି ସଜ୍ଜିତ ହୋଇଥାଏ ବହୁବିଧ ଆଲୋକମାଳାରେ। ସେଇ ଈପ୍‌ସିତ 'ଶୂନ୍ୟ ଘଟିକା' ବା 'ଜିରୋ ଆୱାର'କୁ ପ୍ରତୀକ୍ଷା କରାଯାଏ ବିଭିନ୍ନ ବ୍ୟବସ୍ଥା ମଧ୍ୟରେ। ବଡ଼ ବଡ଼ ନଗରୀରେ ହୋଟେଲ ବା କ୍ଲବଗୁଡ଼ିକରେ ଜମିଯାଏ ନୃତ୍ୟଗୀତର ଆସର ତ ଛୋଟ ଛୋଟ ସହର ବା ଗାଁଗୁଡ଼ିକରେ ଭୋଜିଭାତର ଆଖଡ଼ା। ପୁରୁଣା ବର୍ଷଟିର ଅବଗଣନା ଆରମ୍ଭ ହୋଇଯାଏ ମିନିଟ୍ ଓ ସେକେଣ୍ଡର ଏକକରେ ଓ ସେଇ ବାଞ୍ଛିତ ଶୂନ୍ୟ ଘଟିକା ଅପସରିଯାଏ ଅତି ନୀରବରେ। ବାସ୍ ତା'ପରେ ବାଣ ରୋଶଣିରେ ନବବର୍ଷର ପ୍ରଥମ ମୁହୂର୍ତ୍ତଟି ଜନ୍ମନିଏ।

ମାତୃଗର୍ଭରୁ ଭୂମିଷ୍ଠ ହୋଇ ସଂସାରର ପ୍ରଥମ ଆଲୋକ ଦେଖୁଥିବା ନବଜାତକର ଲଲାଟରେ ଯେମିତି ଅଦୃଶ୍ୟ ଭାବେ ଅଙ୍କିତ ହୋଇଥାଏ ଷଠୀଦେବୀଙ୍କ ବରଦାନ, ସେମିତି ନବବର୍ଷଟିଏ ମହାକାଳ ଗର୍ଭରୁ ଜନ୍ମ ନେବା ପୂର୍ବରୁ ତାହା ବ୍ୟକ୍ତି ପାଇଁ, ଜାତି ପାଇଁ ବା ସମଗ୍ର ବିଶ୍ୱ ପାଇଁ କେମିତି ହେବ, ତାହାର ଏକ ରୂପରେଖ ଅନୁଚ୍ଚାରିତ ଭାବେ ତିଆରି ହୋଇ ସାରିଥାଏ ସେଇ ଅଦୃଷ୍ଟ ସ୍ରଷ୍ଟାଙ୍କ ଦ୍ୱାରା। ପୁରୁଣା ବର୍ଷର କଳୁଷ କାଳିମାକୁ କବର ଦେଇ ନୂଆବର୍ଷଟିକୁ ନୂଆ ରୂପରେ ଗଢ଼ିବା ପାଇଁ ବ୍ୟକ୍ତି ଭିତରେ ମୁଣ୍ଡ ଟେକେ ଏକ ଦୁର୍ବାର ଆତ୍ମପ୍ରତ୍ୟୟ। ସଂକଳ୍ପଚ୍ୟୁତି ହେବାର ଦୁର୍ବଳତା ବା ଶପଥ ଭଙ୍ଗକାରୀ ବିବଶତା ମଧ୍ୟରୁ ମୁକ୍ତ ହେବାକୁ ନିଜ ଭିତରେ ଏକ ପ୍ରତିବଦ୍ଧତା ସୃଷ୍ଟି କରାଯାଏ। ପୁଣି ଆଗାମୀ ବର୍ଷଟିର ପ୍ରତ୍ୟେକ ମୁହୂର୍ତ୍ତ ନିଜ ପାଇଁ ବା ଅତିବେଶିରେ ନିଜ ପରିବାର, ବନ୍ଧୁବର୍ଗ ବା ଆତ୍ମୀୟ ସ୍ୱଜନଙ୍କ ପାଇଁ ଶୁଭଙ୍କର ହେଉ ବୋଲି ନିଜ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ପେସ୍ ହୁଏ।

ମଦ, ଗଞ୍ଜା ବା ଗୁଟ୍‌ଖା ଆଦି ପ୍ରାଣଘାତକ ବଦଭ୍ୟାସରୁ ନିଜକୁ ମୁକ୍ତ କରିବାକୁ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ନିଶାଗ୍ରସ୍ତମାନେ ଶପଥ ନିଅନ୍ତି। ନିଜ ବିଶାଳ ବପୁକୁ ଚର୍ବିମୁକ୍ତ କରିବାକୁ ବାଇକ୍ ବଦଳରେ ସାଇକେଲରେ ଅଫିସ୍ ଯିବାକୁ ବା ନୈତିକତାର ଆହ୍ୱାନରେ ଅଫିସ୍ କାର୍ଯ୍ୟ କରି କେବେ କାହାଠାରୁ ଲାଞ୍ଚ ନ ନେବାକୁ ନୂଆବର୍ଷ ଆରମ୍ଭ ଦିନକୁ ଏକ ଲକ୍ଷ୍ମଣଗାର ଭାବେ ଗ୍ରହଣ କରି ବଜ୍ର ଶପଥଟିଏ ନେଇଥା'ନ୍ତି ସରକାରୀ କର୍ମଚାରୀ। ସେହିପରି ନୂଆବର୍ଷ ଆରମ୍ଭରୁ ଜୀବନର ଅବଶିଷ୍ଟ କାଳଯାଏ ମିଛ ନ କହିବାକୁ ନିଜ ପାଖରେ ପ୍ରତିଜ୍ଞାବଦ୍ଧ ହୋଇଥା'ନ୍ତି କେହି ଅଭ୍ୟାସଗତ ମିଥ୍ୟାବାଦୀ। ପୁଣି ପ୍ରତିଦିନ ପ୍ରଭାତରେ ଘଣ୍ଟାଏ ଚାଲିବା ଓ ଆଉ ଘଣ୍ଟାଏ ଯୋଗାଭ୍ୟାସ କରିବା ବା ଆମିଷ ପରିତ୍ୟାଗ କରି ନିରାମିଷ ବ୍ୟଞ୍ଜନ ସେବନ କରିବା ଭଳି ବହୁବିଧ ବ୍ୟାବହାରିକ ସଂକଳ୍ପମାନଙ୍କର ଜନ୍ମହୁଏ ଏଇ ନବବର୍ଷ ଜନ୍ମ ନେବାର କିଛିଦିନ ପୂର୍ବରୁ।

ଅଥଚ କେଡ଼େ କଥା ନ ହୁଅନ୍ତା, ଯଦି ଏଭଳି ସଂକଳ୍ପ ମଧ୍ୟରେ କେଇଟି କିଛିକାଳ ପାଇଁ ଜୀବନ୍ତ ରହନ୍ତା! ନବବର୍ଷର ସଂକଳ୍ପ ମଧ୍ୟରେ ପ୍ରତିଫଳିତ ହୁଅନ୍ତା ଆତ୍ମ ସଂଶୋଧନର ପ୍ରତିବଦ୍ଧତା। କେବଳ ଜଣେ ବ୍ୟକ୍ତିର ବ୍ୟକ୍ତିସତ୍ତା ନୁହେଁ, ବ୍ୟକ୍ତିର ସମଷ୍ଟିରୁ ଗଠିତ ସମାଜର ଚିତ୍ର ଓ ଚରିତ୍ରରୁ ଅପସରିଯାଆନ୍ତା ଆତ୍ମ ପ୍ରବଞ୍ଚନାର କଳୁଷତା। ପ୍ରତ୍ୟେକ ନୂଆବର୍ଷ ଆସନ୍ତା ବ୍ୟକ୍ତି ଚେତନାର ଶୁଦ୍ଧ ସ୍ୱରୂପ ନେଇ, ଏକ ସଂଶୋଧିତ ସଂସ୍କରଣ ହୋଇ, ଏକ ଅସୁସ୍ଥ ସମାଜର ସଞ୍ଜୀବନୀ ଶକ୍ତି ହୋଇ। ମାତ୍ର ବିଡ଼ମ୍ବନାର ବିଷୟ, ଏମିତି ହୁଏନାହିଁ। ମଦମାଂସ, ନାଚଗୀତ ବା ବାଣରୋଶଣିର ବର୍ଣ୍ଣାଢ଼୍ୟ ଉତ୍ସବ ମଧ୍ୟରେ ନବବର୍ଷର ସଂକଳ୍ପ ଅଳ୍ପାୟୁ ହୋଇ ମହାଶୂନ୍ୟରେ ମିଳାଇଯାଏ। ଏକ ଶୁଦ୍ଧ ଓ ସମୃଦ୍ଧ ଜୀବନ ପାଇଁ ନୂଆବର୍ଷର ସଂକଳ୍ପ କେବଳ ଆତ୍ମ ପ୍ରବଞ୍ଚନାର ପ୍ରହସନରେ ପରିଣତ ହୁଏ।

ତେବେ ନୂଆବର୍ଷର ଶପଥ ଓ ଶପଥଭଙ୍ଗ ମଧ୍ୟରେ ଲାଳିତ ହୋଇ ଆସୁଥିବା ନୂଆବର୍ଷ ଗତ ଦୁଇବର୍ଷ ହେଲା ଘାତକ ମହାମାରୀ କରୋନା କବଳରେ ପଡ଼ି ନିଜ ରଙ୍ଗ ହରାଇ ବସିଛି। ଚାରିଆଡ଼େ ଖାଲି ଭୟ, ଆତଙ୍କ ଓ ସତର୍କତା ପାଇଁ ସରକାରୀ ଅଙ୍କୁଶ। ମଣିଷର ସକଳ ଜ୍ଞାନବିଜ୍ଞାନକୁ ଗୋଟିଏ ଫୁତ୍କାରରେ ଉଡ଼ାଇ ଦେଇ ଗତ ଦୁଇବର୍ଷ ହେଲା ସମଗ୍ର ବିଶ୍ୱକୁ କବଳିତ କରି ରଖିଥିବା ଗୋଟିଏ ସାମାନ୍ୟ ଭୂତାଣୁ ପାଖରେ ମଣିଷ କେଡ଼େ ଅସହାୟ ସତେ! ଆନନ୍ଦ ଗୋଟାଇବାର ସ୍ୱାଧୀନତା ଆଜି ସଙ୍କୁଚିତ। ନୂଆବର୍ଷକୁ ନିଜ ଢଙ୍ଗରେ ଆବାହନ କରିବାର ସୁଯୋଗରୁ ମଣିଷ ଆଜି ବଞ୍ଚିତ।

ଏହି ଆଲେଖ୍ୟଟି ପ୍ରସ୍ତୁତ କରିବାର ଦୁଇଦିନ ପୂର୍ବରୁ ଯେତେବେଳେ ନୂଆବର୍ଷ ପାଳନ ଉପରେ ସରକାରୀ କଟକଣା ଖବରଟି ଟେଲିଭିଜନ ପରଦା ଉପରେ ପ୍ରସାରିତ ହେଉଥିଲା, ସେତେବେଳେ ଜଣେ ବନ୍ଧୁଙ୍କ ସହ ଆଳାପରତ ଥିଲା ଏ ଲେଖକ। ଟିଭିରୁ ଘୋଷଣା ଶୁଣି ବନ୍ଧୁଜଣକ ପ୍ରତିକ୍ରିୟା ପ୍ରକାଶ କଲେ, ''ଯାହା ହେଉ 'ଜିରୋ ଆୱାର ସେଲିବ୍ରେଶନ' ନାଁରେ କୋଟି କୋଟି ଟଙ୍କା ଅପବ୍ୟୟରୁ ରକ୍ଷା ପାଇଗଲା ମଣିଷ!'' ବନ୍ଧୁଙ୍କ କଥାରେ କଥା ଯୋଡ଼ି କହିଥିଲା ଏ ଲେଖକ, ''କେଉଁ ମଣିଷ ରକ୍ଷା ପାଇଗଲା ବୋଲି କହୁଛ ବନ୍ଧୁ? କିଛି ମଣିଷଙ୍କ ସହଜଲବ୍ଧ ଅର୍ଥର ଅପବ୍ୟୟକୁ ସିନା ରୋକାଯାଇପାରିଲା, ହେଲେ ଆଉ କିଛି ମଣିଷଙ୍କ ରୋଜଗାର ବୁଡ଼ିଗଲା, ଯେଉଁମାନେ ନୂଆବର୍ଷକୁ ସ୍ୱାଗତ କରିବା ଆଳରେ ଲୋକଙ୍କୁ ଖୁଆଇ, ପିଆଇ ଓ ନଚାଇ ଢେର୍ ରୋଜଗାର କରୁଥିଲେ। ସରକାରଙ୍କ ପାଣ୍ଠିକୁ ଆସୁଥିବା ଢେର ରାଜସ୍ୱ ବି ହାନି ହୋଇଗଲା।'' ଏଇ ପ୍ରସଙ୍ଗରେ ଦୁଇବନ୍ଧୁଙ୍କ ଆଲୋଚନା ଆଗକୁ ଗଡୁଥିଲାବେଳେ ତାହା ମଧ୍ୟକୁ ପଶି ଆସିଲେ ଦୁଇ ଭିନ୍ନ ଭିନ୍ନ ଚରିତ୍ର।

ପ୍ରଥମ ଚରିତ୍ର ଜଣେ ଅବସରପ୍ରାପ୍ତ ଅଧ୍ୟାପକ, ଯିଏ ଉଗ୍ର ଆଧୁନିକତା ଭିତରେ ବଞ୍ଚୁଥିବା ନିଜ ପୁଅବୋହୂଙ୍କ ଅନୁରୋଧ ଏଡ଼ାଇ ନ ପାରି ତିନିବର୍ଷ ତଳେ ସପରିବାର ଯାଇଥିଲେ ରାଜଧାନୀର ଏକ ପ୍ରସିଦ୍ଧ ହୋଟେଲକୁ। ଏମିତି ଏକ 'ଜିରୋ ଆୱାର' ଆସରରେ ଯୋଗ ଦେଇ ନୂଆବର୍ଷକୁ ସ୍ୱାଗତ କରିବାକୁ। ନାଚଗୀତ ଓ ଖିଆପିଆର ଏହି ରଙ୍ଗିନ୍ ଆସର ତାଙ୍କ ପାଇଁ ଆମୋଦଦାୟକ ହେଲା କି ନାହିଁ ବୋଲି ଜଣେ ବନ୍ଧୁଙ୍କ ପ୍ରଶ୍ନରେ ସେ ପ୍ରତିକ୍ରିୟା ପ୍ରକାଶ କରି ଯାହା କହିଥିଲେ, ତାହା ବେଶ୍ ପ୍ରଣିଧାନଯୋଗ୍ୟ। ସେ କହିଥିଲେ, ''ନିମ୍ନତମ ସଂସ୍କାରଠୁ ଦୂରେଇ ଯାଇ ଯେଉଁମାନେ ଯୌବନର ଜୟଗାନ କରିବାକୁ ଏମିତି ଆସରକୁ ବାଛନ୍ତି, ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥାଏ କିଛି ଖର୍ଚ୍ଚ ହୋଇପାରୁ ନ ଥିବା ପୁଳାଏ ଅର୍ଥକୁ ଅକାତରେ ଉଡ଼ାଇ ଦେଇ ଆସିବା। ପୁରୁଣା ବର୍ଷକୁ ବିଦାୟ ଜଣାଇ ନୂଆବର୍ଷକୁ ଆବାହନ କରିବା କେବଳ ଏକ ବାହାନା ମାତ୍ର।''

ଦ୍ୱିତୀୟ ଚରିତ୍ର ବୃତ୍ତିରୁ ଅବସର ନେଇ ଏକ ଅଗ୍ରଣୀ ସମାଜସେବା ସଙ୍ଗଠନ ସହ ନିଜକୁ ସାମିଲ କରିଥିବା ଜଣେ ଡାକ୍ତରଙ୍କ ଅନୁଭବ ବେଶ ମାର୍ମିକ। ଡାକ୍ତରବାବୁ ଗତବର୍ଷ ପୁରୁଣା ଓ ନୂଆବର୍ଷର ସନ୍ଧିକ୍ଷଣକୁ ପାଳନ କରିଥିଲେ ରେଳଷ୍ଟେଶନରେ ଆଶ୍ରୟ ନେଇଥିବା ବୁଲା ଭିକାରିଙ୍କ ମେଳରେ। ନିଜ ନିଜର ଅଭିଶପ୍ତ ଦାରିଦ୍ର୍ୟ ସହ ଲଢ଼ି ଲଢ଼ି ତଥାପି ହାଲିଆ ହୋଇ ନ ଥିବା ସେଇ ଭିକାରିମାନେ ଯେତେବେଳେ ନିଜର ଛିଣ୍ଡା କନାର ସାହାଯ୍ୟ ନେଇ ହାଡ଼ଥରା ଜାଡ଼କୁ ସାମ୍ନା କରୁଥିଲେ, ସେତେବେଳେ ସେମାନଙ୍କ ଉପରେ ନୂଆ କମ୍ବଳ ଘୋଡ଼ାଇ ସେମାନଙ୍କ ଓଠରେ ହସ ଓ ଆଖିରେ ସୁସୁପ୍ତିର ନିଦ ଭରି ଦେଇଥିବାର ସେଇ ମୁଗ୍ଧ, ମହାର୍ଘ୍ୟ ଅନୁଭବ ସେଇ ନୂଆବର୍ଷର ଆଗମନକୁ ଅବଶିଷ୍ଟ ଅନ୍ୟ ନୂଆବର୍ଷର ଅନୁଭବଠାରୁ ବେଶ୍ ଭିନ୍ନ କରି ଗଢ଼ି ତୋଳିଥିଲା। ଏମିତି ସିନା ହୁଅନ୍ତା, ନୂଆବର୍ଷର ସଂକଳ୍ପ ଉପଭୋଗର ଆସର ନ ହୋଇ ଆତ୍ମାର ଆହ୍ୱାନ ହୁଅନ୍ତା। ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ବାହାରେ ଅନ୍ୟ କାହା ପାଇଁ ସୁଖ ସାଉଁଟିବାରେ ଉଦ୍‌ବେଳନ ସୃଷ୍ଟି କରନ୍ତା ମନ ଓ ହୃଦୟର ବ୍ୟାକୁଳତା। ଏମିତି ହୁଅନ୍ତା, ନବବର୍ଷର ଅବ୍ୟବହିତ ପୂର୍ବରୁ ନିଜ ସହ ମୂଳଚାଲ କରି ଏକ ନିର୍ଦ୍ଦିଷ୍ଟ ସଂକଳ୍ପର ସ୍କେଚ୍ ତିଆରି ହୁଅନ୍ତା। ଯେମିତି କି 'ମୁଁ ଏ ବର୍ଷ ବାରମାସରେ ବାରଟି ବୃକ୍ଷରୋପଣ କରିବି ଓ ବଡ଼ ହେବା ଯାଏ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବି' କିମ୍ବା 'ମୁଁ ଏଇ ବର୍ଷଟି ମଧ୍ୟରେ ଦୁଇଥର ରକ୍ତଦାନ କରିବି' ଅବା 'ଜଣେ ଦରିଦ୍ର ଛାତ୍ରର ପଢ଼ାଖର୍ଚ୍ଚ ବହନ କରିବି'। କିଛି ନ ହେଲେ ନିଜ ଭିତରେ ମୁଣ୍ଡ ଟେକନ୍ତା ଏକ ଅଭିନବ ସଂକଳ୍ପ 'ମାସର ସବୁଦିନ ନିଜ ବା ନିଜ ପରିବାର ପାଇଁ ବଞ୍ଚି କେବଳ ଗୋଟିଏ ଦିନ କେହି ଦୁଃସ୍ଥ, ଦରିଦ୍ର ଅବା ଅସହାୟ ଲୋକର ସେବାପାଇଁ ସମର୍ପିତ ହେବି'। ଏମିତି ହେଲେ କୌଣସି ନୂଆବର୍ଷ ଆଉ କେବେ ବି ପୁରୁଣା ହୁଅନ୍ତା ନାହିଁ। ସଂକଳ୍ପର ପ୍ରତିବଦ୍ଧତା ମଧ୍ୟରେ ପ୍ରତିବିମ୍ବିତ ହୁଅନ୍ତା ଏକ ସଫଳ ଜୀବନର ପ୍ରାଣମୟ ପ୍ରତିବେଦନ। ଆତ୍ମଚେତନାର ଉତ୍ତରଣ ଭଳି ଏକ ମହତ୍ତର ଉପଲବ୍ଧି ମଧ୍ୟରେ ନିନାଦିତ ହୁଅନ୍ତା ସାର୍ଥକ ଜୀବନର ଓଁକାର ଉଚ୍ଚାରଣ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

# ସୃଜନ ସ୍ଥପତି

ବ୍ୟକ୍ତିତ୍ୱ



ନମିତା ଗୋଖଲେ

ଭାରତୀୟ ସମାଜରେ ଏକ ପୁରୁଣା ଚିନ୍ତାଧାରା ଭାବେ ମହିଳାମାନେ ପୁରୁଷଙ୍କ ଉପରେ ପ୍ରାୟତଃ ନିର୍ଭର କରିଆସିଥିବା କୁହାଯାଉଛି। ସେଥିପାଇଁ କଥାକଥାକେ 'ପୁରୁଷକୈନ୍ଦ୍ରିକ' ସମାଜ ଭଳି ଶବ୍ଦ ବ୍ୟବହାର କରାଯାଇଥାଏ। କିନ୍ତୁ ଔପନ୍ୟାସିକା ନମିତା ଗୋଖଲେ ତାଙ୍କ ଇଂଲିଶ ଉପନ୍ୟାସ 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ୍' ବା ପଛରେ ଛାଡ଼ି ଦେଇଥିବା ଜିନିଷ (ଘଟଣା) ମାଧ୍ୟମରେ ମହିଳାମାନଙ୍କୁ କିଭଳି ଏକ ଛାୟା ଆକୃତି ମଧ୍ୟରେ ରଖାଯାଇଆସିଛି ଓ ତାହା ଦ୍ୱାରା ସେମାନଙ୍କ ଶକ୍ତିକୁ ହ୍ରାସ କରିଦିଆଯାଇଛି, ତା'ର ନିଖୁଣ ବର୍ଣ୍ଣନା କରିଛନ୍ତି। ନିଜ ଆଇମା'ଙ୍କ ନିକଟରୁ ଶୁଣିଥିବା କାହାଣୀକୁ ଆଧାର କରି ନମିତା ଉତ୍ତରାଖଣ୍ଡର କୁମାଓନି ଅଞ୍ଚଳର ମହିଳାଙ୍କ ଜୀବନକୁ ଅନୁଧ୍ୟାନ କରିଥିଲେ। ଏଥିରେ ସେ ଦେଖାଇଛନ୍ତି କିଭଳି ମହିଳାମାନେ ପୁରୁଷଙ୍କ ଉପରେ ନିର୍ଭର କରିବାରୁ ନିର୍ଯାତନା ସହିବାକୁ ପଡ଼ିଛି। କିନ୍ତୁ ମହିଳାଙ୍କ ଶକ୍ତିକୁ ଯେଉଁ ପୁରୁଷ ମାପି ପାରିଛନ୍ତି ସେହିମାନଙ୍କୁ ଉଚ୍ଚ ସ୍ଥାନ ଦେଇଛନ୍ତି। ଏହିଭଳି ପଛରେ ଛାଡ଼ି ଦିଆଯାଉଥିବା ଚିନ୍ତାଧାରାରେ ପରିବର୍ତ୍ତନ ଆସିଲେ ଏକ ଭିନ୍ନତା ଲକ୍ଷ୍ୟ କରାଯାଇପାରିବ ବୋଲି ଔପନ୍ୟାସିକା କହିଛନ୍ତି। ୨୦୨୧ ବର୍ଷ ଲାଗି ତାଙ୍କ ଉପନ୍ୟାସ 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ୍' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଗି ମନୋନୀତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ନମିତା ୧୯୫୬ରେ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ଉତ୍ତରାଖଣ୍ଡର ନୈନିତାଲରେ ଆଇମା' ଶକୁନ୍ତଳା ପାଣ୍ଡେଙ୍କ ପାଖରେ ବଢ଼ିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଜେସସ୍ ଆଣ୍ଡ୍ ମେରୀ କଲେଜରୁ ଇଂଲିଶ ସାହିତ୍ୟରେ ଡିଗ୍ରୀ ଅର୍ଜନ କରିଥିଲେ। ତେବେ ମାତ୍ର ୧୮ ବର୍ଷ ବୟସରେ ରାଜୀବ ଗୋଖଲେଙ୍କୁ ବିବାହ କରିଥିଲେ। ସେ ଯେତେବେଳେ ଛାତ୍ରୀ ଥିଲେ ସେତିକିବେଳେ ତାଙ୍କର ଦୁଇ କନ୍ୟା ଜନ୍ମ ହୋଇସାରିଥିଲେ। ୪୦ ବର୍ଷ ବୟସ ହୋଇଥିବା ବେଳେ ତାଙ୍କୁ କର୍କଟ ରୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ସେଥିରୁ ଆରୋଗ୍ୟ ଲାଭ କରିଥିଲେ ହେଁ ଅଚାନକ ସ୍ୱାମୀଙ୍କୁ ହରାଇଥିଲେ। ଦୁଇ ଝିଅଙ୍କୁ ନେଇ ତାଙ୍କ ଜୀବନ ଗତିଶୀଳ ହୋଇଥିଲା। ଦୁଃଖରେ ଭାଙ୍ଗି ନ ପଡ଼ି ସେ ସାହିତ୍ୟରେ ବଞ୍ଚିବାକୁ ଚେଷ୍ଟା କରିଥିଲେ। ଲେଖାଲେଖି ମାଧ୍ୟମରେ ମଣିଷ ନୂଆ ଜୀବନକୁ ଆବିଷ୍କାର କରିପାରିବ ବୋଲି ସେ ପ୍ରମାଣ କରିବାକୁ ଚେଷ୍ଟା କରି ସେଥିରେ ସଫଳ ହୋଇଛନ୍ତି। ଅବଶ୍ୟ ତାଙ୍କ ଲେଖକୀୟ ପ୍ରତିଭା ୧୭ ବର୍ଷ ବୟସରୁ ପ୍ରସ୍ଫୁଟିତ ହୋଇଥିଲା। ସେତେବେଳେ ସେ ଗତ ଶତାବ୍ଦୀର ୭୦ ଦଶକର ଫିଲ୍ମର ସମୀକ୍ଷା ଲାଗି 'ସୁପର' ନାମକ ପତ୍ରିକାର ସମ୍ପାଦନା ଓ ପରିଚାଳନା ଦାୟିତ୍ୱ ନେଇଥିଲେ। ଏହା ୭ ବର୍ଷ ପ୍ରକାଶ ପାଇବା ପରେ ବନ୍ଦ ହୋଇଯାଇଥିଲା। ତଥାପି ତାହା ସିନେମା ସମୀକ୍ଷା କ୍ଷେତ୍ରକୁ ଏକ ନୂଆ ଦିଶା ଦେଖାଇଥିଲା। ଅନ୍ୟପକ୍ଷରେ ପତ୍ରିକା ବନ୍ଦ ହେବା ତାଙ୍କୁ ମୌଳିକ ରଚନା ଆଡ଼କୁ ଟାଣି ନେଇଥିଲା। ସେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଲେଖିବା ଆରମ୍ଭ କରିଦେଇଥିଲେ। କେବଳ ସେତିକି ନୁହେଁ, ସାହିତ୍ୟ ସଂକ୍ରାନ୍ତ ବିଷୟବସ୍ତୁକୁ ଦର୍ଶକଙ୍କ ନିକଟରେ ଉପସ୍ଥାପନା କରିବା ଲାଗି ଟେଲିଭିଜନରେ ନୂଆ ପରୀକ୍ଷଣ ଆରମ୍ଭ କରିଥିଲେ। ଦୂରଦର୍ଶନରେ 'କିତାବନାମା: ବୁକ୍ସ ଆଣ୍ଡ୍ ବିୟଣ୍ଡ୍' ନାମରେ ଏକଶହ ଏପିସୋଡ୍ ପ୍ରସ୍ତୁତ କରି ବହୁଭାଷୀ ପୁସ୍ତକ ପ୍ରଦର୍ଶନର ନିଜେ ଏକ ମଞ୍ଚ ପାଲଟିଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଭାଷାର ଲେଖକଙ୍କୁ ଏଥିରେ ବସାଇ ସାହିତ୍ୟର ବିଭିନ୍ନ ବିଭବକୁ ସମୃଦ୍ଧ କରିବାରେ ସହାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ସାହିତ୍ୟ ଉତ୍ସବ ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିବାକୁ ଯାଇ ସେ ଆୟୋଜନ କରିଥିଲେ 'ଜୟପୁର ଲିଟରେଚର ଫେଷ୍ଟିଭାଲ'। ତାହା ଦେଶ ବିଦେଶର ଲେଖକଙ୍କୁ ଆକୃଷ୍ଟ କରିଥିଲା। ତାଙ୍କ ଆୟୋଜନର କଳା ଓ ସାହିତ୍ୟ ସମୀକ୍ଷା ଭୁଟାନର ସାହିତ୍ୟ ମହୋତ୍ସବ 'ମାଉଣ୍ଟେନ୍ ଇକୋଜ୍'ର ଆୟୋଜକଙ୍କୁ ମଧ୍ୟ ପ୍ରଭାବିତ କରିଥିଲା। ଫଳରେ ନମିତାଙ୍କୁ ସମ୍ମାନର ସହିତ ଏହି ମହୋତ୍ସବରେ ଉପଦେଷ୍ଟା ଆସନ ଦେଇଥିଲା। ଏଥିସହିତ ସେ ଦେଶ ବିଦେଶର ବିଭିନ୍ନ ଇଂଲିଶ ପତ୍ରପତ୍ରିକାରେ ସାହିତ୍ୟ ସ୍ତମ୍ଭ ଲେଖି ଅନେକ ପାଠିକାପାଠକ ସୃଷ୍ଟି କରିପାରିଛନ୍ତି। କମ୍ ବୟସରେ ସ୍ୱାମୀଙ୍କୁ ହରାଇଥିବା ନମିତା ଦୁଇ ପିଲାଙ୍କୁ ବଡ଼ କରିବା ସହ ଅଧ୍ୟବସାୟ ବଳରେ ସୃଜନର ଶୀର୍ଷରେ ପହଞ୍ଚିବା ଆଜି ତାଙ୍କୁ ଅନ୍ୟମାନଙ୍କ ପାଇଁ ଉଦାହରଣୀୟ ସ୍ତରରେ ନେଇ ବସାଇ ଦେଇଛି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଗୋଟିଏ ଗାଁରେ ୩୫ ବର୍ଷ ଧରି ରହି ଖୁବ୍ କମ୍ ଫି' ରେ ରୋଗୀ ସେବା କରୁଛନ୍ତି ବିହାରର ଡା. ରାମନନ୍ଦନ ସିଂ। ଶେଖପୁର ଜିଲା ବରବିଘା ଗାଁରେ ରୁହନ୍ତି ଡା. ସିଂ। ତାଙ୍କ ବୟସ ୬୮। ଚିକିତ୍ସା ପାଇଁ ଆଖପାଖ ଜିଲାରୁ ତାଙ୍କ ପାଖକୁ ରୋଗୀ ଆସୁଛନ୍ତି। କେବଳ କମ୍ ଫି ପାଇଁ ନୁହେଁ, ବରଂ ତାଙ୍କ ଉପରେ ଲୋକମାନଙ୍କର ବିଶ୍ୱାସ ରହିଥିବାରୁ ଏହା ହୋଇପାରିଛି। ସେ ପ୍ରଥମେ ୫ ଟଙ୍କା ନେଉଥିଲେ ଓ କିଛି ବର୍ଷରେ ୫୦ ଟଙ୍କା ନେବା ଆରମ୍ଭ କରିଥିଲେ। ସେ ଯେଉଁ ଫି' ନେଉଛନ୍ତି ତାହାକୁ ନିଜ କାମରେ ନ ଲଗାଇ ରୋଗୀ ସେବାରେ ନିଯୁକ୍ତ ୧୫ ଜଣ ଷ୍ଟାଫ୍‌ଙ୍କ ପରିବାର ଚଳାଇବା ଲାଗି ସେମାନଙ୍କୁ ଦେଉଛନ୍ତି। ବଡ଼ କଥା ହେଉଛି ଡା.ସିଂ ନିଜ ପରିବାର ସହ ଚାଷ ଉପରେ ନିର୍ଭର କରୁଛନ୍ତି ଓ ସେଥିରେ ପରିବାରର ସବୁ ଖର୍ଚ୍ଚ ତୁଲାଉଛନ୍ତି। ସେ ସକାଳ ୮ରୁ ରାତି ୮ଟା ଯାଏ ରୋଗୀ ସେବା କରୁଛନ୍ତି। ୫୦ ଟଙ୍କା ଫି' ବଡ଼ କଥା ନୁହେଁ, ଲୋକମାନେ ବାହାର ଜିଲାରୁ ୩୦୦ ଟଙ୍କା ଖର୍ଚ୍ଚ କରି ତାଙ୍କ ପାଖକୁ ଆସୁଛନ୍ତି କେବଳ ବିଶ୍ୱାସ ଯୋଗୁ। ସେ ବିଭିନ୍ନ ଗାଁରେ ମଧ୍ୟ ମେଡିକାଲ କ୍ୟାମ୍ପ ଆୟୋଜନ କରୁଛନ୍ତି। ଭୟଙ୍କର କରୋନା ସମୟରେ ବି ଭୟ ନ କରି ସେ ଲୋକମାନଙ୍କ ଚିକିତ୍ସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଜାନୁୟାରୀ ୧୯୯୭

- ୱେଷ୍ଟବ୍ୟାଙ୍କର ହେବ୍ରନ ସହର ଉପରେ ନିୟନ୍ତ୍ରଣ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଓ ପାଲେଷ୍ଟାଇନ ରାଷ୍ଟ୍ରପତି ୟାସେର ଆରାଫତ୍‌ଙ୍କ ମଧ୍ୟରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- କେନ୍ଦ୍ରର ପୂର୍ବତନ ବାଣିଜ୍ୟ ସଚିବ ତେଜିନ୍ଦର ଖାନ୍ନା ଦିଲ୍ଲୀର ଉପରାଜ୍ୟପାଳ ନିଯୁକ୍ତ।

# ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୁଷ୍ଠାନ, ପାର୍କକୁ ପ୍ଲାଷ୍ଟିକ ମୁକ୍ତ କରାଯାଉ

ମହାଶୟ,

ଶିକ୍ଷାନୁଷ୍ଠାନ, ପାର୍କଗୁଡ଼ିକରେ ପ୍ଲାଷ୍ଟିକ ଓ ପଲିଥିନ୍ ସାମଗ୍ରୀ ଆଣିବାକୁ ବାରଣ କରାଯିବା ଉଚିତ୍। ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ପରିବର୍ତ୍ତେ ଷ୍ଟିଲ ଓ କାଚ ବୋତଲରେ ପାଣି ବ୍ୟବହାର କରିବା ପାଇଁ ବାଧ୍ୟ କରାଯାଉ। କିଛି ଦିନ ବାଧ୍ୟତାମୂଳକ କରାଗଲେ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କ ଅଭ୍ୟାସ ହୋଇଯିବ। କେବଳ ଆଇନ କରିଦେଲେ ଜନସାଧାରଣ ଆପେ ଆପେ ମାନିଯିବେ ନାହିଁ। ଅତୀତରେ ୨/୩ ଚକିଆ ଯାନ ଚଳାଇବାକୁ ଗାଡ଼ିଚାଳନା ପ୍ରମାଣପତ୍ର ଓ ଆନୁସଙ୍ଗିକ କାଗଜପତ୍ର ଆବଶ୍ୟକ ନିୟମ ରହିଥିଲେ ମଧ୍ୟ ଲୋକେ ଆଇନକୁ ଭ୍ରୂକ୍ଷେପ ନ କରି ଗାଡ଼ି ଚଳାଇ ଆସୁଥିଲେ। କଡ଼ାକଡ଼ି ଭାବରେ କେନ୍ଦ୍ର ଓ ରାଜ୍ୟ ଆଇନ କାର୍ଯ୍ୟକାରୀ କରାଯିବା ପରେ ଲୋକଙ୍କର ଚେତାପଶୁଛି। ପାର୍କରେ ଶହ ଶହ ବ୍ୟକ୍ତି ପ୍ଲାଷ୍ଟିକ ଓ ଜରି ବ୍ୟବହାର କରୁଛନ୍ତି। ସବୁ କ୍ଷେତ୍ରରେ ଜନସାଧାରଣ ବାଧ୍ୟବାଧ୍ୟତା ନ ଭାବି ଅଭ୍ୟାସରେ ପକାଇଲେ ସବୁ କାମ ସହଜ ହେବ।

**ନିର୍ମଳ ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର**

## ଚିରନ୍ତନୀ

ଏ ବେଳାକୁ ନାହିଁ କିଛି
ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ
ବିଲରେ ପଡିଛି ଗୁଅ।

(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦୋକାନ ସହ ବାଇକ୍ ପୋଡିଦେଲେ ଦୁର୍ବୃତ୍ତ

ସୋର, (ଡି.ଏନ.ଏ.): ସୋର ଥାନା ଅଧୀନ ଜାତୀୟ ରାଜପଥ ପାର୍ଶ୍ୱ ରେଳ ଓଭରବ୍ରିଜ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏକ ଦୋକାନ ଘର ସହ ଆଗରେ ଥିବା ଦୋକାନ ମାଲିକଙ୍କ ବାଇକ୍ ପୋଡି ଦେଇଛନ୍ତି। ସୋର କେଦାରପୁର ନାଇକାଣୀ ପାଟଣା ଗ୍ରାମର ମୁକେଶ ନାୟକ ରାତିରେ ଦୋକାନ ଘର ଭିତରେ ଶୋଇଥିବା ବେଳେ ନିଜ ବାଇକ୍ ଆଗରେ ରଖିଥିଲେ। ହଠାତ୍ ନିଆଁ ଜଳୁଥିବା ଦେଖି ବାହରକୁ ଆସିବା ପରେ ତାଙ୍କ ଘର ସହ ବାଇକ୍ ଜଳୁଥିବା ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ସୋର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

## ସଂକ୍ଷେପରେ

### ହାଇଦ୍ରାବାଦରୁ ୨ ନାବାଳିକା ଉଦ୍ଧାର, ଜଣେ ଅଟକ

ରାଜନଗର,୧।୧(ଡି.ଏନ.ଏ.): ଅପହରଣ କରି ରାଜ୍ୟ ବାହାରକୁ ନେଇଯିବା ସଂକ୍ରାନ୍ତରେ ରୁଜୁ ହୋଇଥିବା ୨ ମାମଲାରେ ପୋଲିସ ୨ ନାବାଳିକାଙ୍କୁ ହାଇଦ୍ରାବାଦରୁ ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ରାଜନଗର ପୋଲିସ ଅଟକ ରଖିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜନଗର ଅଞ୍ଚଳର ୨ ନାବାଳିକାଙ୍କୁ ଅପହରଣ କରାଯାଇଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଜଣେ ନାବାଳିକାଙ୍କୁ ୬ମାସ ତଳୁ ଅପହରଣ କରାଯାଇଥିବା ବେଳେ ଅନ୍ୟଜଣଙ୍କୁ ୨୦ଦିନ ତଳେ ଅପହରଣ କରାଯାଇଥିଲା। ସବ୍‌ଇନ୍ସପେକ୍ଟର ବିଭୁପ୍ରସାଦ ରାଉତଙ୍କ ନେତୃତ୍ୱରେ ରାଜନଗର ପୋଲିସ ହାଇଦ୍ରାବାଦରେ ପହଞ୍ଚି ଉଭୟ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ରାଜନଗର ଗାଁର ଜଣେ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ରବିବାର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ପରେ ଅଭିଭାବକମାନଙ୍କ ଜିମା ଦିଆଯିବ ବୋଲି ଆଇଆଇସି ତପନ କୁମାର ନାୟକ କହିଛନ୍ତି।

### ବାର୍‌ହା ମାଂସ ଜବତ, ୩ ଗିରଫ

ରାଜନଗର,୧।୧(ଡି.ଏନ.ଏ.): ନୂଆବର୍ଷରେ ଭିତରକନିକା ଜାତୀୟ ଉଦ୍ୟାନରୁ ବାର୍‌ହା ଶିକାର କରାଯାଇ ମାଂସ ଚାଲାଣ କରାଯାଉଥିଲା। ଖବରପାଇ ଶନିବାର ସକାଳ ପ୍ରାୟ ସାଢ଼େ ୭ଟାରେ ବନବିଭାଗ କର୍ମଚାରୀମାନେ ଖୋଲା ଚେକ୍ ଗେଟ୍‌ରେ ଜଗି ରହିଥିଲେ। ଡାଙ୍ଗମାଳ ପଟୁ ଆସୁଥିବା ବୋଲେରୋ (ନଂ. ଓଡି ୦୫ ଏପି ୩୭୯୬)କୁ ବନବିଭାଗ କର୍ମଚାରୀମାନେ ଅଟକାଇ ତନଖି କରିବା ପରେ ଜରିରେ ଗୁଡ଼ା ହୋଇ ରଖାଯାଇଥିବା ୧୧ କେଜି ବାର୍‌ହା ମାଂସ ଜବତ କରାଯାଇଥିଲା। ଏହି ଘଟଣାରେ ବୋଲେରୋ ଡ୍ରାଇଭର ବାଙ୍କୁଆଳ ଗାଁର ଦୁର୍ଗାଚରଣ ପାଢ଼ୀଙ୍କ ସହିତ ବରାଡିଆ ଗାଁର ଗୌରାଙ୍ଗ ସେଠୀ ଓ ପଟ୍ଟାମୁଣ୍ଡାଇ ଥାନା ବଡ଼ଝରିଆ ଗାଁର ସୁଶାନ୍ତ ଦାସଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଗୌରାଙ୍ଗ ଜଣେ ନିୟମିତ ଶିକାରୀ। ନୂଆ ବର୍ଷରେ ମାଂସର ଚାହିଦା ଥିବାରୁ ଭିତରକନିକା ଜାତୀୟ ଉଦ୍ୟାନରେ ପଶି ସେ ଶୁକ୍ରବାର ରାତିରେ ବାର୍‌ହା ଶିକାର କରିଥିଲେ।

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ଜୀବନ ଗଲା

କେନ୍ଦୁଝର,୧।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଦୁବୁଲାବେଡ଼ା ଗ୍ରାମରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ଷେତ୍ରବାସୀ ମହାନ୍ତ। ସୂଚନା ଅନୁଯାୟୀ, ସେ ଶୋଇଥିବା ବେଳେ ହାତୀଟି ଘର ଭାଙ୍ଗିବା ସହ ତାଙ୍କୁ ଟାଣି ଆଣି କଚାଡ଼ି ଦେଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ।

# ଶତାଧିକ ଜୀବନ ନେଇଛି ଦଳାଚକଟା



ନୂଆଦିଲ୍ଲୀ, ୧।୧

ନୂତନ ବର୍ଷର ପ୍ରଥମ ଦିନରେ ଜମ୍ମୁ-କଶ୍ମୀରସ୍ଥିତ ବୈଷ୍ଣୋଦେବୀ ପୀଠରେ ଦଳାଚକଟାରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଏଭଳି ଦୁଃଖଦ ଘଟଣା ଭାରତରେ ନୂଆ ନୁହେଁ। ଦେଶର ବିଭିନ୍ନ ମନ୍ଦିର ଏବଂ ଅନ୍ୟାନ୍ୟ ଧର୍ମସ୍ଥଳୀରେ ବଡ଼ ଧରଣର ଦଳଚକଟାରେ ଘଟିଛି। ଭିଡ଼ ଓ ଠେଲାପେଲାରେ ଶତାଧିକ ଜୀବନ ଯାଇଛି।

■ ୨୦୦୩ ଅଗଷ୍ଟ ୨୭ରେ କୁମ୍ଭମେଳା ଆୟୋଜିତ ହୋଇଥିବାବେଳେ ମହାରାଷ୍ଟ୍ରର ନାଶିକ୍ ଜିଲାରେ ବଡ଼ଧରଣର ଭିଡ଼ ଜମିଥିଲା। ପବିତ୍ର ସ୍ନାନବେଳେ ଠେଲାପେଲା ଓ ଦଳାଚକଟାରେ ୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ୧୪୦ ଜଣ ଆହତ ହୋଇଥିଲେ।

■ ୨୦୦୫ ଜାନୁୟାରୀ ୨୫ରେ ମହାରାଷ୍ଟ୍ରର ସତାରା ଜିଲାରେ ମନ୍ଧାରଦେବୀ ମନ୍ଦିର ବାର୍ଷିକ ପୂଜାରେ ଭିଡ଼ ଅଣାୟତ୍ତ ହୋଇପଡ଼ିଥିଲା। ଦଳାଚକଟାରେ ୩୪୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିଲା। ପୂଜା ପାଇଁ ଭଙ୍ଗାଯାଇଥିବା ନଡ଼ିଆର ପାଣିରେ ଗୋଡ଼ ଖସି କିଛି ଲୋକ ତଳେ ପଡ଼ିଯିବାପରେ ଏହି ଦୁର୍ଘଟଣା ଘଟିଥିଲା।

■ ୨୦୦୮ ଅଗଷ୍ଟ ୩ରେ ହିମାଚଳ ପ୍ରଦେଶର ବିଳାସପୁରସ୍ଥିତ ନୈନା ଦେବୀ ମନ୍ଦିରରେ ପଥର ଖସିବା ଗୁଜବ ସୃଷ୍ଟି ହେବା ପରେ ଲୋକେ ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ଏଥିରେ ୧୬୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୭ ଜଣ ଆହତ ହୋଇଥିଲେ।

■ ୨୦୦୮ ସେପ୍ଟେମ୍ବର ୩୦ରେ ରାଜସ୍ଥାନ ଯୋଧପୁର ସହରସ୍ଥିତ ଚାମୁଣ୍ଡା ଦେବୀ ମନ୍ଦିରରେ ବୋମା ଖଞ୍ଜାଯାଇଥିବା ଗୁଜବ ପ୍ରଚାର ହୋଇଥିଲା। ଫଳରେ ସେଠାରେ ଥିବା ଲୋକେ ଏଣେତେଣେ ଧାଇଁବା ଯୋଗୁ ଦଳାଚକଟାରେ ୨୫୦ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିଲା। ଏଥିସହ ୬୦ ଜଣ ଆହତ ହୋଇଥିଲେ।

■ ୨୦୧୦ ମାର୍ଚ୍ଚ ୪ରେ ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲା ସ୍ଥିତ କୃପାଳୁ ମହାରାଜଙ୍କ ରାମ ଜାନକୀ ମନ୍ଦିରରେ ମାଗଣା ପୋଷାକ ଏବଂ ଖାଦ୍ୟ ବଣ୍ଟାଯାଉଥିବାବେଳେ ଭିଡ଼ ଅନିୟନ୍ତ୍ରିତ ହୋଇପଡ଼ିଥିଲା। ଠେଲାପେଲାରେ ୬୩ ଜଣଙ୍କ ମୃତ୍ୟୁ ଘଟିଥିଲା।

■ ୨୦୧୧ ନଭେମ୍ବର ୮ରେ ହରିଦ୍ୱାରସ୍ଥିତ ଗଙ୍ଗାନଦୀ କୂଳରେ ଥିବା ହର-କି-ପୌରି ଘାଟରେ ଦଳାଚକଟା ଯୋଗୁ ୨୦ ଜଣ ପ୍ରାଣ ହରାଇଥିଲେ।

■ ୨୦୧୨ ନଭେମ୍ବର ୧୯ରେ ପାଟନା ଦେଇ ବହିଥିବା ଗଙ୍ଗାନଦୀର ଅଦାଲତ ଘାଟ ନିକଟରେ ଛଟପୂଜା ବେଳେ ବହୁ ସଂଖ୍ୟାରେ ଭିଡ଼ ଜମିଥିଲା। ଏହି ସମୟରେ ଏକ ଅସ୍ଥାୟୀ ପୋଲ ଭୁଶୁଡ଼ି ପଡ଼ିବାରୁ ଲୋକେ ସେଠାରୁ ଧାଁ ଦୌଡ଼ କରିଥିଲେ। ଫଳରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ।

■ ୨୦୧୩ ଅକ୍ଟୋବର ୧୩ରେ ମଧ୍ୟପ୍ରଦେଶର ଦାଟିଆ ଜିଲାସ୍ଥିତ ରତ୍ନାଗଡ଼ ମନ୍ଦିରରେ ନବରାତ୍ରୀ ପୂଜାବେଳେ ନଦୀପୋଲ ଭାଙ୍ଗିଯିବାକୁ ନେଇ ଗୁଜବ ଉଠିଥିଲା। ଫଳରେ ଦଳାଚକଟାରେ ୧୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଲୋକ ଆହତ ହୋଇଥିଲେ।

■ ୨୦୧୪ ଅକ୍ଟୋବର ୩ରେ ପାଟନାର ଗାନ୍ଧୀ ମଇଦାନଠାରେ ଦୁର୍ଗାପୂଜା ଶେଷହେବାର କିଛି ସମୟ ମଧ୍ୟରେ ଦଳାଚକଟା ଭୟଙ୍କର ରୂପ ନେଇଥିଲା। ଏଥିରେ ୩୨ ଲୋକଙ୍କ ଜୀବନ ଯିବା ସହ ୨୬ ଜଣ ଆହତ ହୋଇଥିଲେ।

■ ୨୦୧୫ ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ରାଜାହୁମାନ୍ଦ୍ରୀଠାରେ ପୁସ୍କରମ୍ ପର୍ବ ଚାଲିଥିବାବେଳେ ଗୋଦାବରୀ ନଦୀ କୂଳରେ ସ୍ନାନ ପାଇଁ ପ୍ରବଳ ଭିଡ଼ ଜମିଥିଲା। ଠେଲାପେଲାରେ ୨୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଥିଲେ।

## ନାବାଳକଙ୍କ ନାମରେ ପାସ୍ ବୁକ୍ ଖୋଲି ଟଙ୍କା ହଡ଼ପ

ବୈପାରିଗୁଡା,୧।୧(ଡି.ଏନ.ଏ.)

ବୈପାରିଗୁଡା ବ୍ଲକ କେନ୍ଦୁଗୁଡା ପଞ୍ଚାୟତ ଅନ୍ତର୍ଗତ ଭାଲୁଗୁଡା ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଗ୍ରାମବାସୀ ବିଡିଓ ଅଭିମନ୍ୟୁ କବିଶତପଥୀଙ୍କୁ ଭେଟି ଜଣାଇଛନ୍ତି। ଉକ୍ତ ଗ୍ରାମରେ ମହାତ୍ମାଗାନ୍ଧି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଖେଳ ପଡିଆ ନିର୍ମାଣ ଓ ଏକ ପୋଖରୀ ନବୀକରଣ ପାଇଁ ଟଙ୍କା ଆସଥିଲା। ତେବେ ଖେଳ ପଡିଆ ନିର୍ମାଣ କାମରେ ୩ ଲକ୍ଷ ୫୦ ହଜାର ଖର୍ଚ୍ଚ ହୋଇ ଥିବା କୁହାଯାଉଥିବା ବେଳେ ୧ ଲକ୍ଷ ୧୦ ଟଙ୍କା ନିୟୋଜିତ ଶ୍ରମିକମାନେ ପାଇଛନ୍ତି । ଦିଶାଗିଗୁଡା,ହୁଣ୍ଡିଭଟ୍ଟା, ମୁର୍ଜା, ଡୁରୁକାଗୁଡା ଆଦି ଗ୍ରାମର କେତେକ ଶ୍ରମିକଙ୍କ ନାମରେ ଜାଲ ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯାଇ ବଳକା ୨ ଲକ୍ଷ ୪୦ ହଜାର ଟଙ୍କା ହଡକ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ସେହି ଗ୍ରାମରେ ଏକ ପୋଖରୀ ଖୋଳାରେ ମଧ୍ୟ ଦୁର୍ନିତି ହୋଇଛି । କାମ ଆଦୌ କରା ନ ଯାଇଥିବା ବେଳେ କେତେକ ଶ୍ରମିକଙ୍କ ନାମରେ ପାସ୍ ବୁକ୍ ଖୋଲାଯାଇ ଟଙ୍କା ହଡପ ହୋଇଛି। ଏପରିକି କେତେ ଜଣ ନାବାଳକଙ୍କୁ ମଧ୍ୟ ଶ୍ରମିକ ଭାବେ ନିୟୋଜିତ କରାଯାଇଥିଲା । ଭାଲୁଗୁଡା ଗ୍ରାମର ବୈଦନାଥ ତନ୍ତି ଅଭିଯୋଗ କରିଛନ୍ତି ଯେ ତାଙ୍କ ଅଗୋଚରରେ ତାଙ୍କ ନାବାଳକ ଝିଅପୁଅଙ୍କ ନାମରେ ପାସ୍‌ବୁକ୍ ଖୋଲି ଟଙ୍କା ଉଠାଯାଇଛି। ଏ ସମ୍ପର୍କରେ ବିଡିଓ କବିଶତପଥୀଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି ।

# ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ରାଜ୍ୟକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ, ୧।୧

କୋଭିଡ୍ ସଂକ୍ରମଣ ବଢୁଥିବାରୁ ସେମାନଙ୍କ ଚିକିତ୍ସା ନିମନ୍ତେ ଅସ୍ଥାୟୀ ହସ୍ପିଟାଲ ସ୍ଥାପନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛି। ଏଥିସହିତ କରୋନା ରୋଗୀ ହୋମ୍ ଆଇସୋଲେଶନରେ ରହୁଥିଲେ, ସେମାନେ ଉପଯୁକ୍ତ ନିୟମ ପାଳନ କରୁଛନ୍ତି କି ନାହିଁ, ତାହା ଅନୁଧ୍ୟାନ କରିବା ନିମନ୍ତେ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ସମ୍ଭାବ୍ୟ ସଂକ୍ରମଣ ବୃଦ୍ଧିର ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ କହିଛନ୍ତି। ଜିଲା ଓ ସବ୍‌ଡିଭିଜନ ସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲିବା ସହ କୋଭିଡ୍ ହସ୍ପିଟାଲଗୁଡ଼ିକୁ ତଦାରଖ କରିବା ପାଇଁ ଭୂଷଣ କହିଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏନେଇ ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଜଣାଇଥିଲେ ଏବଂ ଏକାଧିକ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟଗୁଡ଼ିକ ସହ ଏନେଇ ଆଲୋଚନା ମଧ୍ୟ ହୋଇଥିଲା। ସଂକ୍ରମଣ ମାମଲା ହଠାତ ବଢୁଥିବାରୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ବଢ଼ାଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଇସିଆର୍‌ପି-୧ ବଜେଟ ବିନିଯୋଗ କରି ସ୍ୱାସ୍ଥ୍ୟସେବା ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଲାଗି ପରାମର୍ଶ ଦିଆଯାଇଛି। ଏହି ଅର୍ଥରେ ତୁରନ୍ତ ଅତିରିକ୍ତ ଆଇସୋଲେଶନ ବେଡ୍, ଫିଲ୍ଡ ହସ୍ପିଟାଲ, ଆଇସିୟୁ ବେଡ୍, ପେଡିଆଟ୍ରିକ୍ ଏକ୍ସେଲେନ୍ସ ସେଣ୍ଟର, ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବା ସହ ମେଡିକାଲ ଅକ୍ସିଜେନ୍, ଔଷଧ ମହଜୁଦ୍ ରଖିବାକୁ କୁହାଯାଇଛି। ଡିଆର୍‌ଡିଓ ଏବଂ ସିଏସ୍‌ଆଇଆର୍ ସହ ସମନ୍ୱୟ ରଖି ସ୍ୱାସ୍ଥ୍ୟ ଭିତ୍ତିଭୂମି ବଢ଼ାଇବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏଥିସହିତ ଘରୋଇ, କର୍ପୋରେଶନ ଏବଂ ଏନ୍‌ଜିଓଗୁଡ଼ିକର ସହାୟତା ନେବାକୁ କୁହାଯାଇଛି। ଏହାଦ୍ୱାରା ଫିଲ୍ଡ ହସ୍ପିଟାଲ ଓ ଅସ୍ଥାୟୀ ହସ୍ପିଟାଲ ସ୍ଥାପନ ଶୀଘ୍ର ହୋଇପାରିବ। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ହୋଟେଲ ରୁମ୍ ଓ ଅନ୍ୟାନ୍ୟ ଘରକୁ କୋଭିଡ୍ ଡେଡିକେଟେଡ୍ ହସ୍ପିଟାଲ ଭାବେ ବ୍ୟବହାର କରିପାରିବେ। ସେଠାରେ ସାମାନ୍ୟ ଲକ୍ଷଣ କିମ୍ବା ଆଦୌ ଲକ୍ଷଣ ନ ଥିବା ସଂକ୍ରମିତଙ୍କୁ ଆଇସୋଲେଶନରେ ରଖାଯାଇପାରିବ। ଅଧିକାଂଶ ପଜିଟିଭ୍ ମାମଲା ପାଇଁ ହୋମ୍ ଆଇସୋଲେଶନ ଆବଶ୍ୟକ। ହୋମ୍ ଆଇସୋଲେଶନରେ ରହୁଥିବା ରୋଗୀଙ୍କ ଉପରେ ନଜର ରଖିବାକୁ ହେବ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ କୁହାଯାଇଛି।



## ଗାଁ ପ୍ରବେଶ ପଥରେ ପୋଲିସ: ଲୋକେ ଉତ୍ତ୍ୟକ୍ତ



ଗାଁରେ ଲଗାଯାଇଥିବା ଫାଟକର ଉଭୟ ପାର୍ଶ୍ୱରେ ପୋଲିସ, ଗ୍ରାମବାସୀ।

କୁଜଙ୍ଗ,୧।୧ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗାଁ ମୁଣ୍ଡରେ ଶନିବାର ପୋଲିସକୁ ଦେଖି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇଛନ୍ତି। ପୋଲିସ ଗାଁ ଭିତରେ ପଶିବା ଆଶଙ୍କା କରି ବହୁ ଗ୍ରାମବାସୀ ସେମାନଙ୍କ ପରିବାର ସହ ଗାଁ ପ୍ରବେଶ ପଥରେ ଲଗାଯାଇଥିବା ଫାଟକ ସମ୍ମୁଖରେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିଥିଲେ। ପ୍ରାୟ ୧ ଘଣ୍ଟା ପରେ ପୋଲିସ ନିଜ କ୍ୟାମ୍ପକୁ ଫେରିଯାଇଥିଲା। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଗୋଟିଏ ପଟେ ଜମି ଅଧିଗ୍ରହଣ ଜାରି ରହିଥିବା ବେଳେ ଏହାକୁ ଢିଙ୍କିଆ ଗ୍ରାମର ବହୁ ଲୋକ ବିରୋଧ କରୁଛନ୍ତି। ଏନେଇ ସେମାନେ ପୋଲିସ ଓ ପ୍ରଶାସନକୁ ଗାଁ ଭିତରେ ପୂରାଇ ନ ଦେବା ପାଇଁ ପ୍ରବେଶ ପଥର ୨ ମୁଣ୍ଡରେ ଫାଟକ କରି ଜଗି ରହିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ଆସୁଥିବା ମାହଳ ଗ୍ରାମରେ ଜମି ଅଧିଗ୍ରହଣବେଳେ ବିରୋଧ ହେବାର ସୂଚନା ପାଇ ପୋଲିସ ଫୋର୍ସ ସହ ଢିଙ୍କିଆ ଗ୍ରାମ ଅଭିମୁଖେ ଯାଇଥିଲା। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରପକ୍ଷେ ମାହଳ ଗ୍ରାମରେ ଜମି ଅଧିଗ୍ରହଣ ବେଳେ କୌଣସି ଅସୁବିଧା ହୋଇ ନ ଥିବା ଜଣାପଡ଼ିଛି। ଏହି ଗ୍ରାମର ରବୀନ୍ଦ୍ର ରାଉତ ଓ ସତ୍ୟାନନ୍ଦ ଜେନାଙ୍କ ପାନବରଜ ଉଚ୍ଛେଦ କରାଯାଇ ଜମି ଅଧିଗହଣ କରାଯାଇଛି। ଏହାବ୍ୟତୀତ ପାଟଣା ଗାଁର ୧୩ ଜଣ ଚାଷୀଙ୍କ ପାନବରଜ ଉଚ୍ଛେଦ ପାଇଁ ଜମି ଚିହ୍ନଟ କରାଯାଇଛି। ଜମି ଅଧିଗ୍ରହଣ ସମୟରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଅଦିନିଆ ବର୍ଷାରେ ଭିଜିଲା ଧାନ

ଲୋଇସିଂହା,୧।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ମନ୍ଥର ଗତିରେ ଧାନକିଣା ଚାଲିଛି। ମଣ୍ଡିରେ ବିକ୍ରି ଅପେକ୍ଷାରେ ଶହଶହ ବସ୍ତା ଧାନ ପଡି ରହିଛି। ମଣ୍ଡିରେ କଟନୀ ଛଟନୀ ଏବଂ ମିଲର୍ସଙ୍କ ଅସହଯୋଗୁଁ ଧାନ ଉଠାଣରେ ବିଳମ୍ବକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ମେଘୁଆ ପାଗ ସହ ଅଦିନିଆ ବର୍ଷା ଲାଗି ରହିଛି। ମଣ୍ଡରେ ପର୍ଯ୍ୟାପ୍ତ ଛାଉଣିର ବ୍ୟବସ୍ଥା ନାହିଁ। ଏଥିଯୋଗୁ ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡିଥିବା ଧାନ ଭିଜି ନଷ୍ଟ ହେଉଛି। ଏହି ଘଟଣାରେ ଜନପ୍ରତିନିଧି ଓ ପ୍ରଶାସନର ସ୍ଥାଣୁତା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଚଳିତ ବର୍ଷ ବ୍ଲକର ୨୦ଟିପଞ୍ଚାୟତର ୪୨୮୮ ଜଣ ଚାଷୀ ଧାନ ବିକ୍ରିପାଇଁ ପଞ୍ଜୀକୃତ ହୋଇଛନ୍ତି। ୧୦ଟି ପ୍ୟାକ୍ସ ଜରିଆରେ ଧାନକ୍ରୟ କରାଯାଉଛି । ୨୦୨୧ ନଭେମ୍ବର ୨୯ରୁ ଜିଲାରେ ଧାନକ୍ରୟ ନିଷ୍ପତ୍ତି ହୋଇଥିଲା। ହେଲେ ମିଲର୍ସ ଓ ପ୍ୟାକ୍ସ ଏଗ୍ରିମେଣ୍ଟରେ ବିଳମ୍ବ ଏବଂ ଜରିବସ୍ତା ଧାନକିଣାକୁ ମିଲର୍ସ ଅରାଜିକୁ ନେଇ ଡିସେମ୍ବର ୧୫ରେ ବ୍ଲକରେ ଧାନକ୍ରୟ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୧୦ଟି ପ୍ୟାକ୍ସରେ ୧୦୫୬ଜଣ ଚାଷୀଙ୍କ ଧାନକ୍ରୟ ହୋଇଛି। ସରଗାଡ ପ୍ୟାକ୍ସରେ ୧୪୮ ଚାଷଙ୍କଠାରୁ ୬୩୧୬ କୁଇଣ୍ଟାଲ ୭୧କେଜି ଧାନ, ଯୋଗୀସର୍ଡା ପ୍ୟାକ୍ସରେ ୧୮୧ ଚାଷୀଙ୍କଠାରୁ ୭୧୪୨କୁଇଣ୍ଟାଲ, କନ୍ଦାଜୁରୀ ପ୍ୟାକ୍ସରେ ୧୧୩ ଚାଷୀଙ୍କ ୫୮୬୫ କୁଇଣ୍ଟାଲ, ଲୋଇସିଂହା ୧୦୫ ଚାଷୀଙ୍କଠାରୁ ୪୪୭୩ କୁଇଣ୍ଟାଲ, କୁଶମେଲରେ ୧୦୪ ଚାଷୀଙ୍କଠାରୁ ୫୨୦୩ କୁଇଣ୍ଟାଲ, ବୁର୍ଡାରେ ୧୧୩ ଚାଷୀଙ୍କଠାରୁ ୪୬୯୩ କୁଇଣ୍ଟାଲ ୬୧ କେଜି, ଗ.ଡୁଙ୍ଗରିପାଲିରେ ୪୪ ଚାଷୀଙ୍କଠାରୁ ୨୦୮୧ କୁଇଣ୍ଟାଲ, କୁଶଙ୍ଗରେ ୧୩୫ ଚାଷୀଙ୍କଠାରୁ ୫୮୮୨ କୁଇଣ୍ଟାଲ ୭୮ କେଜି, ରେଙ୍ଗାଲିରେ ୪୩ ଚାଷୀଙ୍କଠାରୁ ୧୯୫୫ କୁଇଣ୍ଟାଲ ୮୬ କେଜି, ବଦିମୁଣ୍ଡାରେ ୭୦ ଚାଷୀଙ୍କଠାରୁ ୩୦୩୯ କୁଇଣ୍ଟାଲ ୯୬ କିଲୋ ଧାନ ଉଠାଣ ହୋଇଛି।

# ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବେ ଛାତ୍ରୀଛାତ୍ର

ଚଣ୍ଡିଖୋଲ,୧।୧(ଡି.ଏନ.ଏ.)

୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ବ୍ୟବହୃତ ହୋଇଥିବା ଏକ ରୁଷ୍ ନିର୍ମିତ ଯୁଦ୍ଧ ଟ୍ୟାଙ୍କ ଶନିବାର ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଛି। ଛାତ୍ରୀଛାତ୍ରଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ଏହି ଟ୍ୟାଙ୍କ ପ୍ରଦର୍ଶନୀ କରାଯିବ ବୋଲି ମହାବିଦ୍ୟାଳୟ ଅଧକ୍ଷ ଡ. ବୀରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଏହି ଟ୍ୟାଙ୍କଟି ଭାରତ ସୀମାରେ ଥିଲା। ତେବେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯୁଦ୍ଧ ଟ୍ୟାଙ୍କ ବିଷୟରେ ପରିଚିତ ପାଇଁ ଏହାକୁ ମହାବିଦ୍ୟାଳୟ ପରିସରରେ ରଖିବା ଲାଗି ଜଣେ କମାଣ୍ଡାଣ୍ଟ ପ୍ରସ୍ତାବ ଦେଇଥିଲେ। ଚଣ୍ଡିଖୋଲ ମହାବିଦ୍ୟାଳୟ



ଯୁଦ୍ଧ ଟ୍ୟାଙ୍କକୁ ସ୍ୱାଗତ କରୁଛନ୍ତି ଅଧ୍ୟାପକ, ଏନ୍‌ସିସି ଛାତ୍ରୀଛାତ୍ର।

### ଚଣ୍ଡିଖୋଲ କଲେଜରେ ପହଞ୍ଚିଲା ଯୁଦ୍ଧ ଟ୍ୟାଙ୍କ

ପୁରାତନ ଛାତ୍ରୀଛାତ୍ର ଏହାକୁ ଆଣିବା ପାଇଁ ୩ଲକ୍ଷରୁ ଊର୍ଦ୍ଧ୍ୱଟଙ୍କା ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟ ତରଫରୁ ୧ଲକ୍ଷ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ, ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା, ପୁରାତନ ଛାତ୍ର ସଂସଦ ତରଫରୁ ଦେବରାଜ ବେହେରା, ଚଣ୍ଡିଖୋଲ ଓକିଲ ସଂଘ ସମ୍ପାଦକ ପ୍ରକାଶ ଦାସ, ଏନ୍‌ସିସି କମାଣ୍ଡାଣ୍ଟ ଅଧ୍ୟାପକ ଦିଲୀପ ନାୟକ ଓ ସଲୀଳରାଜନନ୍ଦନ ମହାନ୍ତିଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଏବଂ ସ୍ଥାନୀୟ ଜନସାଧାରଣ ଚଣ୍ଡିଖୋଲଛକଠାରୁ ଟ୍ୟାଙ୍କକୁ ସ୍ୱାଗତ କରି କଲେଜ ପରିସରରେ ପହଞ୍ଚାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୧।୦୧।୨୦୨୨

| ୧୫,୮୬୮ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ପବ୍ଲିଶର୍ସ ଆଣ୍ଡ ବୁକ୍ସ ସେଲର ଆସୋସିଏଶନର ବନ୍ଧୁମିଳନ ଓ କବିତା ପାଠୋତ୍ସବ, କେଦାରଗୌରୀ, ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ, ଗଡ଼ଗଡ଼ିଆ ମନ୍ଦିର ନିକଟ, ସକାଳ ୯ଟା।

# ୫ ବର୍ଷରେ ଗଲାଣି ୭ ଜୀବନ



**ରୋକାଯାଇ ପାରୁନି ବେଆଇନ ବାଣ**

- ୧୫ରୁ ଊର୍ଦ୍ଧ୍ୱ ଆହତ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ବେଗୁନିଆ,୧।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଓ ବ୍ଲକ ଅଞ୍ଚଳର ବେଆଇନ ଭାବେ ବାଣ ପ୍ରସ୍ତୁତ କରାଯାଉଛି। ପ୍ରସ୍ତୁତକାରୀ ଏବଂ ବ୍ୟବସାୟୀଙ୍କ ଉପରେ କଟକଣା ନ ଥିବାରୁ ଗତ ୫ବର୍ଷରେ ୭ଜଣଙ୍କ ଜୀବନ ଯାଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ସର୍ବାଧିକ ପିଲାମାନେ ରହିଛନ୍ତି। ଅନେକ ସମୟରେ ବାଣ ଅଘଟଣକୁ ପ୍ରଘଟ କରା ନ ଯାଇ ଚପାଇ ଦିଆଯାଇଛି। ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନାଥାଉ କି, ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ କୁମ୍ଭାରସାହିରେ ୨୦୧୭ ଅଗଷ୍ଟରେ ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ଗୋଟିଏ ପରିବାରର ମା, ୩ ଝିଅ ଓ ପଡୋଶୀ ଘରର ଜଣେ ମହିଳାଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କୁ ଜେସିବି ମାଧ୍ୟମରେ ମାଟି ତଳୁ ବାହାର କରାଯାଇଥିଲା। ଏଥିସହ ୪ଜଣ ଆହତ ହୋଇଥିଲେ। ସେହିପରି ୨୦୧୪ ଓ ୨୦୧୬ ମସିହାରେ ପୃଥକ ବାଣ ବିସ୍ଫୋରଣ ଘଟି ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକ ସମୟରେ ବିଭିନ୍ନ ସଭା ସମିତି ଓ ଶୋଭାଯାତ୍ରା ବେଳେ ଫୁଟି ନ ଥିବା ବାଣକୁ ଛାଡି ଦିଆଯାଉଛି। ଉକ୍ତ ବାଣକୁ ପିଲାମାନେ ସଂଗ୍ରହ କରି ଅଗ୍ନି ସଂଯୋଗ କରୁଛନ୍ତି। ଫଳରେ ବିସ୍ଫୋରଣ ଘଟି ପିଲାମାନେ ଆହତ ହେଉଛନ୍ତି। ୨୦୨୦ରେ ସିମୋର ଗ୍ରାମର ଜଣେ ଛାତ୍ର ବାଣ ଫୁଟାଇ ଆହତ ହୋଇଥିଲେ। ୨୦୨୧ ନଭେମ୍ବରରେ ଏହି ଥାନା ମାଣିବନ୍ଧ ଗ୍ରାମର ୩ଜଣ ଶିଶୁ ଅଫୁଟା ବାଣ ଫୁଟାଇ ଅକର୍ମଣ୍ୟ ହୋଇଥିଲେ। ୨୦୨୧ ଡିସେମ୍ବର ୩୦ରେ ଗଁପୁର ଗ୍ରାମର ୪ଜଣ ନାବାଳକ ଅଫୁଟା ବାଣ ଫୁଟାଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିପରି ବାଣ ପ୍ରସ୍ତୁତ ସମୟରେ ବିସ୍ଫୋରଣ ଘଟି ୨୦୧୩ ମସିହାରେ ୮ଜଣ, ୨୦୧୫ରେ ୪ଜଣ, ୨୦୨୧ମସିହାରେ ୩ଜଣ ଗୁରୁତର ଆହତ ହୋଇଥିଲେ। ଏ ସମ୍ପର୍କରେ ବରିଷ୍ଠ ନାଗରିକ ଅକ୍ଷୟ କୁମାର ରଥ କହିଛନ୍ତି, ଲେଖନପୁର, ପଙ୍ଗାରସିଂହ, ସିକୋ, କଣ୍ଟାବାଡ ଆଦି ଗ୍ରାମରେ ଦୀର୍ଘ ବର୍ଷ ହେବ ବିନା ଲାଇସେନ୍ସରେ ବାଣ ପ୍ରସ୍ତୁତ ହେଉଛି ବୋଲି ବାଘମାରୀ, ଜଙ୍କିଆ ଓ ବେଗୁନିଆ ଥାନା ପକ୍ଷରୁ ରେକର୍ଡ କରାଯାଇଛି। ସର୍ବସାଧାରଣ ସ୍ଥାନରେ ଏହି ବାଣ ପ୍ରସ୍ତୁତ ହେଉଥିବାବେଳେ ବାରୁଦ ନିଆଁରେ ବହୁ ଗୃହ ପୋଡି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହା ପରେ ବି ପ୍ରଶାସନ ନୀରବ ରହୁଛି। ସେହିପରି ବୁଦ୍ଧିଜୀବୀ ଶିବ କୁମାର ମୁନି କହିଛନ୍ତି, ପ୍ରସ୍ତୁତକାରୀଙ୍କ ନିକଟରେ ଲାଇସେନ୍ସ ଓ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି କି ନାହିଁ ଯାଞ୍ଚ କରାଯାଉ। ଅଘଟଣରୁ ବର୍ତ୍ତିବା ପାଇଁ ସଚେତନତାର ଆବଶ୍ୟକତା ରହିଛି।



ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ୍ ୱେଲ୍‌ଫେୟାର ଆସୋସିଏଶନର ସଦସ୍ୟମାନେ ଶନିବାର ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ୩ରୁ 'ଓଡ଼ିଶୀ ସଙ୍ଗୀତ ମହୋତ୍ସବ'

ଭୁବନେଶ୍ୱର, ୧।୧ (ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହେବ। ସୂଚନା ଭବନ ପ୍ରେକ୍ଷାଳୟରେ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀ ପ୍ରତି ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଏକକ ଗାୟନ, ଦ୍ୱିତୀୟ ସନ୍ଧ୍ୟାରେ ବୃନ୍ଦ ମର୍ଦ୍ଦଳ ବାଦନ ସହ ଏକକ ଗାୟନ ଏବଂ ତୃତୀୟ ସନ୍ଧ୍ୟାରେ ଦ୍ୱୈତ ଓଡ଼ିଶୀ ଯୁବ ସଙ୍ଗୀତ ସହ ଏକକ ଗାୟନ ପରିବେଷଣ ହେବ ବୋଲି ଫାଉଣ୍ଡେଶନ ଆବାହକ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

## ଭରତ ଚରଣ ବେହେରାଙ୍କୁ 'କବି ଭୂଷଣ ସମ୍ମାନ'

**ଭୁବନେଶ୍ୱର, ୧।୧(ବ୍ୟୁରୋ):** ମୋ' ଅନୁଷ୍ଠାନ ସାହିତ୍ୟ ସଂସଦ ଖଇରା ବାଲେଶ୍ୱରର ରାଜ୍ୟସ୍ତରୀୟ ୨ୟ ବାର୍ଷିକ ମହୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭରତ ଚରଣ ବେହେରାଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'କବି ଭୂଷଣ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ପୂର୍ବରୁ ସେ 'ସାରସ୍ୱତ ସମ୍ମାନ', 'କବିଶ୍ରୀ ସମ୍ମାନ', 'ସୁକଥାକାର ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି।

## ଇଂଲିଶ ନବବର୍ଷକୁ ବିରୋଧ

**ପୁରୀ ଅଫିସ,୧।୧:** ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ଇଂରାଜୀ ନବବର୍ଷକୁ ବିରୋଧ କରି ପୁରୀ ସିଂହଦ୍ୱାର ସମ୍ମୁଖରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ପରିଷଦର ଆବାହକ ମନୋଜ ରଥଙ୍କ କହିବା ଅନୁଯାୟୀ, ବିଗତ କିଛି ବର୍ଷ ହେବ ଇଂଲିଶ ନବବର୍ଷ ଜାନୁୟାରୀ ୧କୁ ଲୋକେ ଏକ ପରମ୍ପରା ଭାବେ ମାନି ନେଇଛନ୍ତି। ଯାହାର ଝଲକ ଶନିବାର ଶ୍ରୀମନ୍ଦିର ବନ୍ଦ ଥିଲେ ମଧ୍ୟ ମନ୍ଦିର ସମ୍ମୁଖରେ ଭିଡ଼ ପରିଲକ୍ଷିତ ହୋଇଥିଲା। ତେଣୁ ଏହି ବିଦେଶୀ ଇଂଲିଶ ନବବର୍ଷ ପାଳନକୁ ଗୁରୁତ୍ୱ ନ ଦେବା ପାଇଁ ପରିଷଦ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ ଫ୍ଲା କାର୍ଡରେ ସଚେତନତା ବାର୍ତ୍ତା ଲେଖି ବିଭିନ୍ନ ସ୍ଲୋଗାନ ସହିତ ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତିକୁ ଧୁମଧାମରେ ପାଳନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଯେପରି ଓଡ଼ିଆମାନଙ୍କ ବିବାହ, ବ୍ରତ, ପର୍ବପର୍ବାଣି ତଥା ସମସ୍ତ ମାଙ୍ଗଳିକ କାର୍ଯ୍ୟକ୍ରମ ତିଥି ନକ୍ଷତ୍ର ଅନୁଯାୟୀ କରାଯାଏ, ସେହିପରି ନବବର୍ଷକୁ ମଧ୍ୟ ପାରମ୍ପରିକ ତିଥିରେ ପାଳନ କରିବାକୁ ସାଧାରଣରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ଅଧକ୍ଷ ମନୋଜ ରଥଙ୍କ ସମେତ ସୁକାନ୍ତ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ପଣ୍ଡିତ ଦୟାନିଧି ପଣ୍ଡା, ଅଧିବକ୍ତା କୃଷ୍ଣଚନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ବିନୋଦ ସେନାପତି, ଭବାନୀ ସାମନ୍ତରାୟ, ରାଜେଶ ବେହେରା, ସନାତନ ମିଶ୍ର, ଅନିକେତ ଦାଶ ଏବଂ ବହୁ ସଂଖ୍ୟାରେ ବେଦ ବିଦ୍ୟାର୍ଥୀ ଯୋଗଦେଇଥିଲେ।

# ଜମୁଛି ଶିଶିର ସରସ ମେଳା

ଭୁବନେଶ୍ୱର,୧।୧(ବ୍ୟୁରୋ)





ବେତ ତିଆରି ସାମଗ୍ରୀ ସହ ନିଜ ଷ୍ଟଲ୍‌ରେ ଯାଜପୁରର କାରଗର ସାୟା ରାଉତ।

ଗତ ୨ ବର୍ଷ ଧରି ବନ୍ଦ ରହିଥିବା ଜାତୀୟସ୍ତରୀୟ ଶିଶିର ସରସ ମେଳା ପୁଣି ଲୋକଙ୍କ ନିକଟକୁ ଫେରିଛି। ଏଥର ଏହା ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହୋଇଛି। ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୧୧ଟାରୁ ରାତି ୯ଟା ଯାଏ ସର୍ବସାଧାରଣଙ୍କ ପାଇଁ ଖୋଲା ରହୁଥିବା ଏହି ମେଳାରେ ଦିନକୁ ଦିନ ବେପାର ବଢ଼ିବାରେ ଲାଗିଛି। ବିଶେଷକରି ମେଳାର ଷଷ୍ଠ ଦିନ ଶନିବାର ଗ୍ରାହକଙ୍କ ଅଧିକ ସମାଗମ ଦେଖିବାକୁ ମିଳିଥିଲା। ନୂଆବର୍ଷରେ ପରିବାର ସହିତ ମେଳା ବୁଲି ଭଲିକି ଭଲି ସାମଗ୍ରୀ କିଣିବା ସହ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ ସହରବାସୀ। ମେଳାରେ ମୋଟ ୩୦୦ଟି ଷ୍ଟଲ୍ ରହିଛି। ଏଥିରେ ରାଜ୍ୟର ୩୦ ଜିଲା ସମେତ ଦେଶର ପ୍ରାୟ ୨୨ ରାଜ୍ୟରୁ ଆସିଥିବା ୪୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିବାବେଳେ ୫୦୦ରୁ ଅଧିକ କାରିଗର ତଥା ବିକ୍ରେତା ଯୋଗଦେଇଛନ୍ତି। ଆନ୍ଧ୍ର ପ୍ରଦେଶ, କର୍ଣାଟକ, ଆସାମ, ବିହାର, ରାଜସ୍ଥାନ, ଗୋଆ, ଗୁଜରାଟ, ହରିୟାଣା, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଣିପୁର, ପଞ୍ଜାବ, ତେଲଙ୍ଗାନା, ଉତ୍ତରପ୍ରଦେଶ, ନାଗାଲାଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, କେରଳ ଓ ତାମିଲନାଡୁ ଆଦି ରାଜ୍ୟର କାରିଗରଙ୍କ ଗ୍ରାମୀଣ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେଉଛି। ସେହିପରି ମେଳା ପରିସରରେ ୧୦ଟି ଷ୍ଟଲ୍‌କୁ ନେଇ ଖୋଲିଛି ଫୁଡ୍ କୋର୍ଟ, ଯେଉଁଥିରେ ପାରମ୍ପରିକ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ଭିନ୍ନ ଆକର୍ଷଣ ପାଲଟିଛି। ଏଥିରେ କଟକର ପ୍ରସିଦ୍ଧ ଦହିବରା ଆଳୁଦମ୍, ବାରିପଦାର ମୁଢ଼ି ମାଂସ ସହ ଅନ୍ୟ ରାଜ୍ୟର ମଧ୍ୟ ଖାଦ୍ୟ ମଧ୍ୟ ସାମିଲ ରହିଛି। କୋରପୁଟ କଫିର ମଜା ନେବା ପାଇଁ ସ୍ୱତନ୍ତ୍ର କୋରାପୁଟ କାଫେ ଷ୍ଟଲ୍ ମଧ୍ୟ ଖୋଲାଯାଇଛି। ମେଳା ବୁଲିବାକୁ ଆସିଥିବା ସାମାଜିକ କର୍ମୀ ମୀରା ପରିଡା କହିଛନ୍ତି, ରାଜଧାନୀବାସୀ ଏହି ମେଳାକୁ ବେଶ୍ ପସନ୍ଦ କରୁଛନ୍ତି। ୨ବର୍ଷ ପରେ ଖୋଲିଥିବାରୁ ଖୁସି ଲାଗୁଛି। କିନ୍ତୁ ଓମିକ୍ରନ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ଲୋକଙ୍କ ଭିଡ଼ ଚିନ୍ତାର ବିଷୟ ପାଲଟିଛି। ବୁଲିବାକୁ ବା କିଣିବାକୁ ଆସୁଥିବା ଲୋକ ଭୟ ଭିତରେ ରହି କିଣାକିଣି କରୁଛନ୍ତି। ସଚେତନତା ଅବଲମ୍ବନ କରି ଆମେ ମଧ୍ୟ ବୁଲିବାକୁ ଆସୁଛୁ। ଜିନିଷ ପସନ୍ଦ ହେଲେ କିଣୁଛୁ। ଗୋଟିଏ ଜାଗାରେ ସବୁ ଜିନିଷ ମିଳୁଥିବାରୁ ମଜା ବି ଲାଗୁଛି। ଯାଜପୁରରୁ ଆସିଥିବା ମହିଳା ବେତ କରିଗର ସାୟା ରାଉତ କୁହନ୍ତି, ବିଭିନ୍ନ ବେତ ସାମଗ୍ରୀ, ଟେମ୍ପୁଲ ପେଡି, ରାଉଣ୍ଡ ପେଡି,ଦୀପ ପେଡି, ଚାରି ଓ ଛ' କାନିଆ ବାକ୍ସ, ମୋବାଇଲ ଷ୍ଟାଣ୍ଡ, ପେନ ଷ୍ଟାଣ୍ଡ ଆଦି ବେପାର କରୁଛି। ଗହଳି ମଧ୍ୟମ ଧରଣର ରହିଛି। ବେପାରବି ସେହିଭଳି ହେଉଥିବା ସେ କହିଛନ୍ତି।




**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ପ୍ରକାଶ



@ ସୁଶାନ୍ତ



@ ଶକ୍ତି ପ୍ରସାଦ



@ ସ୍ନେହାରୋଜି



@ ରାଜେନ



@ ରାକେଶ

## କବିତା ଆସର 'ଶେଷ ସ୍ୱର୍ଣ୍ଣ'

### ହୃଷୀକେଶ ମଲ୍ଲିକ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧।୧ (ବ୍ୟୁରୋ)

କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏକ କବିତା ଆସର 'ଶେଷ ସ୍ୱର୍ଣ୍ଣ' ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ସଭାପତି ରଘୁନାଥ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କବି ପ୍ରସନ୍ନ କୁମାର ପାଟଶାଣୀ ଉଦ୍‌ଘାଟନ କରି କହିଲେ, କବିତା ଜୀବନକୁ ଗତିଶୀଳ କରାଇ ଜୀବନର ଲକ୍ଷ୍ୟ ପଥରେ ପହଞ୍ଚାଇଥାଏ। ରାଜନୀତି ସ୍ୱଳ୍ପକାଳୀନ ସାହିତ୍ୟ ଓ ସାହିତ୍ୟ ଦୀର୍ଘକାଳୀନ ରାଜନୀତି। ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ କବିପ୍ରବୋଧ କୁମାର ରାଉତ ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସହ କବିମାନଙ୍କୁ ଆନୁଷ୍ଠାନିକ ସହଯୋଗ ପାଇଁ ସାହିତ୍ୟ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ। ଏହି ଅବସରରେ ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଚଳିତ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବାରୁ ତାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମଲ୍ଲିକ ସ୍ୱରଚିତ କବିତା ପାଠ କରି ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ କବିମାନଙ୍କର ଉଲ୍ଲେଖନୀୟ ଉତ୍ତରଣ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କବି ଅଭୟ କୁମାର ନାୟକ, କବି ସୂର୍ଯ୍ୟ ମିଶ୍ର, କମଳ କୁମାର ମହାନ୍ତି, ଜେନାମଣି ସଞ୍ଜୀବ କୁମାର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା ଓ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଇଂରାଜୀ ନବବର୍ଷକୁ ବିରୋଧ କରି ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଶନିବାର ପୁରୀ ସିଂହଦ୍ୱାର ସମ୍ମୁଖରେ ଜନସଚେତନତା କରାଯାଉଛି।



ପୁରୀ ବେଳାଭୂମିରେ ପଡ଼ିଥିବା ମେଳାରେ ଶନିବାର ପର୍ଯ୍ୟଟକମାନେ ମଜା ନେଉଛନ୍ତି।




ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଅନୁଷ୍ଠିତ କବିତା ଆସର 'ଶେଷ ସ୍ୱର୍ଣ୍ଣ' ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନିର୍ମାଣ ଶେଷ ପରେ ବି ମିଳୁନି ଟଙ୍କା

## ସିଏମ୍‌ସିରେ ପିଏମ୍‌ଏୱାଇ ଦୁର୍ନୀତି




■ ଜୀବିତଙ୍କୁ ମୃତ ଦର୍ଶାଇ ଅନ୍ୟ ନାମରେ କରାଯାଉଛି ଘର

କଟକ ଅଫିସ,୧।୧

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ୨୦୨୨ ଶେଷ ସୁଦ୍ଧା ସହରାଞ୍ଚଳରେ ସମସ୍ତ ବାସହୀନଙ୍କୁ ଘର ଯୋଗାଇବା ପାଇଁ କେନ୍ଦ୍ର ସରକାର ପରିକଳ୍ପନା କରିଥିଲେ। ଏହି ଯୋଜନା ଅନ୍ତର୍ଗତ ସିଏମ୍‌ସିର ମୋଟ ୫୯ ୱାର୍ଡରେ ୨,୭୫୪ ହିତାଧିକାରୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ମାତ୍ର ଆବାସ ବଣ୍ଟନରେ ବ୍ୟାପକ ହେରଫେର ହେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି।

ମିଳିଥିବା ତଥ୍ୟ ଅନୁଯାୟୀ ୫୭ନଂ ୱାର୍ଡ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ସାବିତ୍ରୀ ସାହୁ ରହି ଆସୁଛନ୍ତି। ପିଏମ୍‌ଏୱାଇରେ ତାଙ୍କୁ ଘର କରିବା ପାଇଁ କାର୍ଯ୍ୟାଦେଶ (ନମ୍ବର. ୨୦୯୬/୧୦।୮।୨୦୨୧) ମିଳିଥିଲା। ସେହି ଅନୁସାରେ ସେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଘର ନିର୍ମାଣ ଶେଷ ହୋଇଥିଲେ ସୁଦ୍ଧା ଏଯାବତ୍ ତାଙ୍କୁ ଟଙ୍କାଟିଏ ମିଳି ନ ଥିବା ଅଭିଯୋଗ କରିଛନ୍ତି। ନିଜ ହାତରୁ ସମସ୍ତ ଅର୍ଥ ଖର୍ଚ୍ଚ କରି ଏହି ଘର କରିଛନ୍ତି। ପ୍ରଥମେ ଆବାସ ନିୟମାନୁଯାୟୀ ଅଧା ଅଧା କରି ଘର କଲେ। ବିଭାଗୀୟ ଅଧିକାରୀ ଆସି ଦେଖିଲେ, ପରେ ପଇସା ଦେବେ ବୋଲି କହି ଆଉ ଦେଲେ ନାହିଁ। ନିୟମାନୁଯାୟୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ମୋଟ ଦୁଇ ଲକ୍ଷ ଟଙ୍କା ମିଳିଥାଏ। ଖନନ ସମୟରେ ୪୦ ହଜାର, ଭିତ୍ତିମୂଳ ସମୟରେ ୬୦ ହଜାର, ଛାତ ପକାଇବା ସମୟରେ ୬୦ହଜାର ଓ କାର୍ଯ୍ୟ ସମ୍ପନ୍ନ ପରେ ୪୦ ହଜାର ଦିଆଯାଇଥାଏ। ସେହିପରି ୫୭ନଂ ୱାର୍ଡର ଆଉ ଜଣେ ହିତାଧିକାରୀ କାଳନ୍ଦୀ ସାମଲ କହିଛନ୍ତି, ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ ତାଙ୍କୁ ଖଣ୍ଡେ ଘର ଏପର୍ଯ୍ୟନ୍ତ ମିଳିପାରି ନାହିଁ। ନିୟମ ଅନୁସାରେ ଫର୍ମ ପୂରଣ କରି ଦେଇଥିଲେ ସୁଦ୍ଧା ତାଙ୍କୁ ବାରମ୍ବାର ସିଏମ୍‌ସି ଅଫିସ ଦୌଡ଼ାଇବା ସାର ହୋଇଛି। ୫୬ନଂ ୱାର୍ଡ ଅନ୍ତର୍ଗତ କାଜିପାଟଣା ଗ୍ରାମର ମଥୁରୀ ସାମଲ ସିଏମ୍‌ସିରୁ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ମାତ୍ର ସିଏମ୍‌ସିର କେତେଜଣ ଅସାଧୁ କର୍ମଚାରୀଙ୍କ ସହାୟତାରେ ମଥୁରୀଙ୍କୁ ମୃତ ଦର୍ଶାଇ ତାଙ୍କ ଜାଗା ଉପରେ ଅନ୍ୟ ଜଣେ ବ୍ୟକ୍ତି ଆବାସ ଯୋଜନାରେ ଘର ତିଆରି କରୁଛନ୍ତି। ଏହାକୁ ନେଇ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ସିଏମ୍‌ସି ପ୍ରଶାସନିକ ଅଧିକାରୀ ଅନୀଲ କୁମାର ସାମଲଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ପତ୍ର ନଂ. ୧୨୧୬/୯।୯।୨୦୨୧ରେ ନଗର ଉନ୍ନୟନ ଉପସଚିବ ସିଏମ୍‌ସି କମିଶନରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ଲେଖିଥିଲେ। ଏପରି କି ସିଏମ୍‌ସି କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପିଆର୍ ନଂ. ୮୨୭୭/୨୨।୯।୨୦୨୧ରେ ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ୧ନଂ ୱାର୍ଡର ପୂର୍ବତନ କର୍ପୋରେଟର ଚିତ୍ତ ଦାସଙ୍କ ନେତୃତ୍ୱରେ ଏକ ଦଳ ଗତ ୨୮ତାରିଖରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଭେଟି ଆଲୋଚନା କରିଥିଲେ ଓ କମିଶନର ଏହାର ସମାଧାନ ଏକ ସପ୍ତାହ ମଧ୍ୟରେ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଚିତ୍ତ ଦାସ କହିଛନ୍ତି। ଅପରପକ୍ଷରେ ଘଟଣାର ଯଥାଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି।

## ସଂକ୍ଷେପରେ

### ମନ୍ଦିରରେ ପୂଜାର୍ଚ୍ଚନା କଲେ ଶ୍ରଦ୍ଧାଳୁ

**ବାଲିଅନ୍ତା,୧।୧(ଡି.ଏନ୍.ଏ.):** ନୂଆ ବର୍ଷର ପ୍ରଥମ ଦିନରେ ବାଲିଅନ୍ତା ବ୍ଲକ ଅଞ୍ଚଳର ଲୋକେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରି ଠାକୁରଙ୍କ ପାଖରେ ଶୁଭମନାସୀ ଥିଲେ। ଏହି ଅଞ୍ଚଳରେ ଥିବା ୨୦ରୁ ଊର୍ଦ୍ଧ୍ୱ ଥିବା ପ୍ରାଚୀନ ମନ୍ଦିରକୁ ସକାଳୁ ସକାଳୁ ଶ୍ରଦ୍ଧାଳୁମାନେ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ବିଭିନ୍ନ ମନ୍ଦିରର କୋଭିଡ୍ କଟକଣାକୁ ମାନି ଶ୍ରଦ୍ଧାଳୁମାନେ ସାମାଜିକ ଦୂରତ୍ୱ ରକ୍ଷା କରି ପୂଜାର୍ଚ୍ଚନା କରିଥିଲେ। ଭୋର ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ମନ୍ଦିରରେ ଦୀପ ଜାଳି ନିଜ ପରିବାରର ମଙ୍ଗଳକାମନା କରିବା ସହ ୨୦୨୨ ବର୍ଷ କରୋନା ପ୍ରକୋପରୁ ମୁକ୍ତ ହେବା ପାଇଁ ଭଗବାନଙ୍କ ନିକଟରେ ଗୁହାରି କରିଥିଲେ।

### ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

**କଟକ ଅଫିସ,୧।୧:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସାଲେପୁର ବ୍ଲକସ୍ଥିତ ସତ୍ୟଭାମାପୁରରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୦ତମ ବାର୍ଷିକ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ବିଭିନ୍ନ ଆଇନ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମହାନ୍ତି, ବିଧାୟକ ସୌଭିକ୍ ବିଶ୍ୱାଳ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମୁଖ୍ୟ ସମ୍ପାଦକ ଲେନିନ ମହାନ୍ତି, ସଂଘର ରାଜ୍ୟ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବରାଳ ଯୋଗଦେଇ ସମାଜରେ ମଧୁବାବୁଙ୍କ ଆଦର୍ଶର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର ୪୦ଜଣ ଆଇନଜୀବୀ ଓ ୪୫ ସାମାଜିକ କର୍ମୀ, ଡାକ୍ତର, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



**କଟକ ଅଫିସ,୧।୧:** ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବ ପ୍ରତିବାଦରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଚାଲିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ପରେ ସେମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ଡାକ୍ତରୀ ଛାତ୍ର ସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଡିଏମ୍‌ଇଟି ରମାରମଣ ମହାନ୍ତିଙ୍କୁ ସାକ୍ଷାତକରି ନିଟ୍ ପିଜି କାଉନ୍‌ସେଲିଂ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପତ୍ର ଲେଖିବା, ରାଜ୍ୟ ସରକାର ତୁରନ୍ତ କାଉନସେଲିଂ ଆରମ୍ଭ କରିବା, ଆନ୍ଦୋଳନରେ ସାମିଲ ହୋଇଥିବା ପିଜି ଡାକ୍ତରୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଦାବି କରିଥିଲେ। ଏହି ଦାବିଗୁଡିକ ଆସନ୍ତା ୧୪ ଦିନ ମଧ୍ୟରେ ପୂରଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଓ ଡିଏମ୍‌ଇଟି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହେଲା ବୋଲି ପିଜି ଡାକ୍ତରୀ ଛାତ୍ରୀଛାତ୍ରମାନେ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ବର୍ଷ ଆରମ୍ଭରୁ ନନ୍ଦନକାନନରେ ୩ ଜନ୍ତୁ ଗୁରୁତର




ବାରଙ୍ଗ,୧।୧(ଡି.ଏନ୍.ଏ.)

ନୂଆବର୍ଷ ଆରମ୍ଭରୁ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଖୁଆଡ଼ ଭିତରେ ସଂଘର୍ଷ ଘଟି ୩ ଜନ୍ତୁ ଗୁରୁତର ଆହତ ହୋଇଛନ୍ତି। ନନ୍ଦନକାନନର ୩୬ନମ୍ବର(ଖ) ଏନକ୍ଲୋଜରରେ ରହୁଥିବା ଅଣ୍ଡିରା ମଣିପୁରୀ ହରିଣ ଶନିବାର ଖାଦ୍ୟାଭାବ ଯୋଗୁ ଅନ୍ୟ ମଣିପୁରୀ ହରିଣ ସହ ମାଡ଼ଗୋଳ ହୋଇ ତା'ର ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହି ସ୍ଥାନରୁ ପ୍ରଚୁର ରକ୍ତସ୍ରାବ ହେବାରୁ ହରିଣଟି ଗୁରୁତର ହୋଇ ଅଚେତ ଭାବେ ତଳେ ପଡ଼ିଯାଇଥିଲା। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା କରୁଥିଲେ ମଧ କ୍ଷତ ସ୍ଥାନଟି ଶୁଖିନାହିଁ। ସେହିପରି ସରୀସୃପ ଉଦ୍ୟାନରେ ରହୁଥିବା ପାଣିଗୋଧି ଏନ୍‌କ୍ଲୋଜରରେ ୨ ପାଣିଗୋଧି ମଧ୍ୟରେ ସଂଘର୍ଷ ଘଟି ଅଣ୍ଡିରା ପାଣିଗୋଧିର ଦେହ ଓ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ଯୋଗୁ ଅସୁସ୍ଥ ହୋଇପଡ଼ିଛି। ସେହିଭଳି ପାଦଚଲା ବିହଙ୍ଗ ସରଣିରେ ରହୁଥିବା ଭାଉଲେଟ ଟୁରାକୋ ପକ୍ଷୀ ଖାଦ୍ୟାଭାବରୁ ଅନ୍ୟ ପକ୍ଷୀଙ୍କ ସହ ମାଡଗୋଳ ହୋଇଥିଲା। ଫଳରେ ତା'ର ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ଅସୁସ୍ଥ ହୋଇପଡିଛି। ତେବେ ଏମାନେ ଏବେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏହିସବୁ ଜନ୍ତୁ ପରିଚାଳନାରେ ବିଭ୍ରାଟ ଯୋଗୁ ଖାଦ୍ୟାଭାବରୁ ଏଭଳି ହେଉଥିବା ଅଭିଯୋଗ ହେଉଛି।

# ଓମ୍‌ଫେଡ୍‌ର ଛଟେଇ ଠିକା କର୍ମଚାରୀଙ୍କ ଧାରଣା



ବାରଙ୍ଗ,୧।୧(ଡି.ଏନ୍.ଏ.)

## ପୁନଃ ନିଯୁକ୍ତି ଦାବି

ବାରଙ୍ଗସ୍ଥିତ ଅରିଲୋ ଗ୍ରାମ ନିକଟରେ ଥିବା ରାଜ୍ୟର ସର୍ବବୃହତ ଅତ୍ୟାଧୁନିକ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଆଗରେ ମୁଖ୍ୟ ଫାଟକ ବନ୍ଦକରି ନୂଆବର୍ଷରେ ଛଟେଇ ଠିକା କର୍ମଚାରୀମାନେ ଧାରଣା ଦେଇଥିଲେ। ସେମାନଙ୍କୁ ପୁନଃନିଯୁକ୍ତି ଦାବିରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକାଠି ହୋଇ ଧାରଣାରେ ବସିଥିଲେ। ଫଳରେ ପ୍ଲାଣ୍ଟ ମଧ୍ୟକୁ କୌଣସି କର୍ମଚାରୀ ଯାଇପାରି ନ ଥିଲେ। ଖବରପାଇ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ନିଯୁକ୍ତିର ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ପ୍ରକାଶ ଯେ, ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଲୋକାର୍ପଣ ପରେ ସ୍ଥାନୀୟ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏଠାରେ କାମ କରୁଥିଲେ। କିନ୍ତୁ ସେମାନଙ୍କୁ ଛଟେଇ କରାଯାଇଥିବା ଗତ ସପ୍ତାହରେ ପ୍ଲାଣ୍ଟ ପକ୍ଷରୁ ଜଣାଇ ଦିଆଯାଇଥିଲା। ଅଚାନକ ଏଭଳି ଛଟେଇକୁ ନେଇ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ଶନିବାର ସ୍ଥାନୀୟ ଗ୍ରାମର ଛଟେଇ ହୋଇଥିବା କର୍ମଚାରୀମାନେ ଏକାଠି ହୋଇ ପ୍ଲାଣ୍ଟ ସମ୍ମୁଖରେ ପହଞ୍ଚି ଫାଟକକୁ ବନ୍ଦ କରିବା ସହ ଧାରଣା ଦେଇଥିଲେ। ପ୍ଲାଣ୍ଟର ଅଧିକାରୀମାନେ ଆସି ବୁଝାଇଥିଲେ ମଧ କେହି ଶୁଣି ନ ଥିଲେ। ପ୍ରାୟ ପୂର୍ବାହ୍ନ ୧୧ଟାରେ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ଆଲଡିଆ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛଟେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ନାମ ତାଲିକା ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇବା ସହ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ।

# ରାଜଧାନୀରୁ ମାସକରେ ଲୁଟିଲେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ

ଭୁବନେଶ୍ୱର,୧।୧(ବ୍ୟୁରୋ)

## ଡିସେମ୍ବରର ସାଇବର୍ ରିପୋର୍ଟ

ଗତ ଡିସେମ୍ବର ମାସରେ ରାଜଧାନୀରେ ସାଇବର ଠକମାନେ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିଥିବା ଶନିବାର ଭୁବନେଶ୍ୱର ଡିସିପି ଅଫିସ୍ ଆଣ୍ଟି ଫ୍ରଡ୍ ସେଲ୍ (ଏଏଫ୍‌ସି)ର ରିପୋର୍ଟରୁ ଜଣାପଡ଼ିଛି। ଡିସେମ୍ବର ମାସରେ ଏଏଫ୍‌ସି ହେଲ୍ପ ଡେସ୍କକୁ ସାରା ଓଡ଼ିଶାରୁ ୪୧୪ କଲ୍ ଆସିଛି। ସେଥିମଧ୍ୟରୁ ଭୁବନେଶ୍ୱରରୁ କେବଳ ୨୧୩ ସାଇବର ଠକେଇ ଅଭିଯୋଗ ରହିଛି। କେବଳ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଠକେଇ ସମ୍ବନ୍ଧୀୟ ୧୦୦ ଅଭିଯୋଗ, କ୍ରେଡିଟ କାର୍ଡ/ ଡେବିଟ୍ କାର୍ଡ ଦ୍ୱାରା ୬୬ ଓ ଅନ୍ୟାନ୍ୟ ଠକେଇ ବିଷୟରେ ୪୭ କଲ୍ ଆସିଥିଲା। ଭୁବନେଶ୍ୱରରୁ ସାଇବର ଠକମାନେ ୬୦ ଲକ୍ଷ ୫୯ ହଜାର ୬୪୯ ଟଙ୍କା ହଡ଼ପ କରିଥିବାବେଳେ ହେଲ୍ପ ଡେସ୍କ ୧୯ଲକ୍ଷ ୭୨ ହଜାର ୨୨୬ ଟଙ୍କା ଫେରାଇ ଆଣିପାରିଛି। ଏନେଇ ୯ଟି ମାମଲା ରୁଜୁ କରାଯିବା ସହ ୪୮ ଆକାଉଣ୍ଟକୁ ରଦ୍ଦ କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ଯେ କୌଣସି ବ୍ୟକ୍ତି ସାଇବର୍ ଠକେଇର ଶିକାର ହେଲେ ହେଲ୍ପ ଡେସ୍କ ନମ୍ବର ୭୪୪୦୦୦୬୭୦୯କୁ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧।୧(ବ୍ୟୁରୋ)

ରାଜଧାନୀ ମଞ୍ଚେଶ୍ୱର ଥାନା ପଳାଶୁଣୀ ଆଖଣ୍ଡଳମଣୀ ବସ୍ତି ନିକଟ କେନାଲରୁ ଶନିବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଉକ୍ତ କେନାଲରୁ ଏକ ସ୍କୁଟି ମଧ ମିଳିଛି। ମୃତକ ହେଲେ ସ୍ଥାନୀୟ ଥାନା ପଟିଆ ଷ୍ଟେଶନ ନିକଟରେ ରହୁଥିବା ଶଶୀକାନ୍ତ ସିଂ(୩୫)। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୨) ରୁଜୁ କରି ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ସ୍କୁଟିରେ ଯାଉଥିବାବେଳେ ଭାରସାମ୍ୟ ହରାଇ କେନାଲରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତଦନ୍ତ ଚାଲିଥିବା ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି। ଶଶୀକାନ୍ତ ରସୁଲଗଡ଼ ଅଞ୍ଚଳରେ ଏକ ଗ୍ୟାରେଜରେ କାମ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଜି କରିଥିଲେ। ସେଠାରୁ ସେ ଘରକୁ ଫେରିଥିବା ସାଙ୍ଗମାନେ କହିଛନ୍ତି। ହେଲେ ଶନିବାର ସକାଳେ ସେ କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ।



ପଳାଶୁଣି ଆଖଣ୍ଡଳମଣୀ ବସ୍ତି ନିକଟ ପୁରୀ ମେନ୍ କେନାଲରେ ଭାସୁଥିବା ମୃତଦେହ ଓ ସ୍କୁଟି।

# ଶେଖର ଘୋଷ ପାଇଲେ ଜୀବନବ୍ୟାପୀ ସାଧନା ସମ୍ମାନ

## ଡ୍ରିମ୍‌ସରେ ସ୍ୱାଗତ କାର୍ଯ୍ୟକ୍ରମ

କଟକ ଅଫିସ, ୧।୧

ଡ୍ରିମ୍‌ସ ମ୍ୟୁଜିକ୍ କ୍ଲବ ପକ୍ଷରୁ ନୂତନ ବର୍ଷ ସ୍ୱାଗତ କାର୍ଯ୍ୟକ୍ରମ ସମ୍ଭାବନା–୨୦୨୨ କ୍ୟାମ୍ପସ ପରିସରସ୍ଥିତ ଜୟଶ୍ରୀ ଅଡିଟୋରିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବବର୍ଷ ଅଭିନନ୍ଦନ ଜଣାଇବା ସହିତ ଅନୁଷ୍ଠାନର ଅଭିବୃଦ୍ଧି କାମନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡ୍ରିମ୍‌ସ ପରିବାର ପକ୍ଷରୁ ଅଧ୍ୟକ୍ଷ ରଥ ଓ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ ସମ୍ମାନିତ କରାଯିବା ସହ ନୂତନ ବର୍ଷର ଡାଏରୀ ଉନ୍ମୋଚିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. ପ୍ରଦୀପ ରଞ୍ଜନ ମହାନ୍ତି, ଅଶୋକ ମିଶ୍ର, ନବକିଶୋର ମିଶ୍ର, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଡ. ସ୍ନିଗ୍ଧମଧୁସୂଦନ ଦାସ, ପି. କଙ୍ଗନେଶ୍ୱରୀ, ଇଂ. ତପସ୍ୱିନୀ ସାହୁ, ଆଶିଷ ସ୍ୱାଇଁ, ଦିଲ୍ଲୀପ ମଲ୍ଲିକ, ଇଂ. ପ୍ରଶାନ୍ତ ନାୟକ. ଡ. ବିଶ୍ୱଜିତ୍ କାନୁନ୍‌ଗୋ, ସରୋଜ ମଲ୍ଲିକ, ଆଶୁତୋଷ ଦ୍ୱିବେଦୀ, ଅଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚକ୍ରଧରଙ୍କ ପାଇଁ କନିକାବାସୀ ରାଜା ଅତ୍ୟାଚାରରୁ ମୁକ୍ତି ପାଇଥିଲେ

ଭୁବନେଶ୍ୱର, ୧।୧ (ବ୍ୟୁରୋ)

କନିକା ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ତଥା ପୂର୍ବତନ ବିଧାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚକ୍ରଧର ବେହେରାଙ୍କ ସଂଘର୍ଷ ଓ ତ୍ୟାଗ ଯୋଗୁ କନିକାବାସୀ ରାଜା ଅତ୍ୟାଚାରରୁ ମୁକ୍ତି ପାଇଥିଲେ। ଚକ୍ରଧର ବେହେରାଙ୍କ ସମେତ ଦେଶର ସ୍ୱାଧୀନତା ସଂଗ୍ରାମ ଓ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ଅକଥନୀୟ ନିର୍ଯାତନାକୁ ଆଦରି ନେଇଥିବା ଜନନେତାଙ୍କ ଜୀବନୀ ପାଠ୍ୟପୁସ୍ତକରେ ସାମିଲ୍ ହେବା ଆବଶ୍ୟକ। ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅତିଥିମାନେ ମତ ରଖିଥିଲେ।

ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରାଜଭବନ ନିକଟ ପ୍ରତିମୂର୍ତ୍ତି ସ୍ଥଳୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିପ୍ଳବୀ ଚକ୍ରଧର ସ୍ମୃତିସଂସଦ ଭୁବନେଶ୍ୱରର ଆବାହକ ନରହରି ସେଠୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ସ୍ତମ୍ଭକାର ଡ. ଗୌରହରି ଦାସ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକ ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳୀ ତରଫରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ 'ଚକ୍ରଧର ବେହେରା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# 'ସଂସ୍କୃତ ଭାଷା ସୁରକ୍ଷା ଲାଗି ଏକଜୁଟ୍ ହୁଅ'



ପୁରୁଣା ଭୁବନେଶ୍ୱର,୧।୧(ବ୍ୟୁରୋ)

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସ୍ନେହୀ ସମାବେଶ କାର୍ଯ୍ୟକାରୀ ସଭାପତି ଡ. ଗୌତମ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ଓ ଶିକ୍ଷାର ସୁରକ୍ଷା ପାଇଁ ଏକାଠି ହୋଇ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଦୁର୍ଗାପ୍ରସାଦ ମିଶ୍ର ବେଦପାଠ, ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ କୁମାର ଚନ୍ଦ୍ର ମିଶ୍ର ସମ୍ପାଦକୀୟ ଓ ବିଷ୍ଣୁ ଚରଣ ରାଉତ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ପଣ୍ଡିତ ଅକ୍ଷୟ କୁମାର ଦାଶ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ଚକ୍ରଧର ମିଶ୍ର ମାର୍ଗଦର୍ଶନ କରିଥିଲେ। ଉତ୍ସବରେ ପୂର୍ବତନ ସାଧାରଣ ସମ୍ପାଦକ ନରସିଂହ ଜେନାଙ୍କୁ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ, ପ୍ରମୋଦ ତ୍ରିପାଠିଙ୍କୁ ରାଜ୍ୟ ସଂଯୋଜକଭାବେ ଚୟନ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଲମ୍ବୋଦର ଶତପଥୀ, ରଶ୍ମିତା ଦାଶ, ହରେକୃଷ୍ଣ ମହାନ୍ତି, ପ୍ରମୋଦ ତ୍ରିପାଠୀ ଆଲୋଚନାରେ ଭାଗ ନେଇଥିଲେ। ଗୋଦାବରୀଶ ଦାଶ ଧନ୍ୟବାଦ ଦେଇଥିଲେ।

# ସମ୍ପତ୍ତି ବିବାଦରୁ ମା'ପୁଅ ଗୃହବନ୍ଦୀ

ଭୁବନେଶ୍ୱର,୧।୧(ବ୍ୟୁରୋ)

## ୧୪୪ ଧାରା ଲାଗୁ କଲା ପୋଲିସ

ସ୍ୱାମୀଙ୍କ ମୃତ୍ୟୁ ପରେ ସମ୍ପତ୍ତି ବିବାଦକୁ ନେଇ ପ୍ରଥମ ସ୍ତ୍ରୀ ଏବଂ ତାଙ୍କ ପୁଅଙ୍କୁ ଏକ ଘରେ ବନ୍ଦୀ କରି ରଖିଛନ୍ତି ଜଣେ ମହିଳା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାପଲ୍ଲୀ ଅଞ୍ଚଳରେ। ଘର ଭିତରେ ଗତ ୭ଦିନ ହେବ ବନ୍ଦୀ ହୋଇ ରହିଥିବା ମହିଳା ହେଉଛନ୍ତି ଅନସୂୟା ମହାନ୍ତି(୭୬)ଏବଂ ପୁଅ ମୃତ୍ୟୁଞ୍ଜୟ। ଏ ସମ୍ପର୍କରେ ମୃତ୍ୟୁଞ୍ଜୟ ଗଣମାଧ୍ୟମକୁ ସୂଚନା ଦେବା ପରେ ଘଟଣା ଶନିବାର ପଦାକୁ ଆସିଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନସୂୟା ଏବଂ ମୃତ୍ୟୁଞ୍ଜୟଙ୍କୁ ଘରୁ ବାହାରିବାକୁ କହିଥିଲେ ସୁଦ୍ଧା ସେମାନେ ଏହାକୁ ଶୁଣି ନ ଥିଲେ। ଜୋନ୍ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି, ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ରହିଥିବାରୁ ପୋଲିସ କିଛି ବି କରିପାରିବନି। ଏହା ସମ୍ପତ୍ତି ସଂକ୍ରାନ୍ତୀୟ ଏବଂ ମାମଲା ବିଚାରାଧୀନ ଥିବାରୁ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ଆଶଙ୍କା କରି ସେଠାରେ ୧୪୪ ଧାରା ଲାଗୁ କରାଯାଇଥିବା ଶତପଥୀ କହିଛନ୍ତି।

ସୂଚନା ଅନୁଯାୟୀ, ସ୍ୱର୍ଗତ କୈଳାସ ମହାନ୍ତିଙ୍କ ପ୍ରଥମ ସ୍ତ୍ରୀ ଅନସୂୟା ଏକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। କୈଳାସଙ୍କ ଦେହାନ୍ତ ପରେ ସନ୍ଧ୍ୟାରାଣୀ ସାହୁ ନାମକ ଜଣେ ମହିଳା ତାଙ୍କର ଦ୍ୱିତୀୟ ସ୍ତ୍ରୀ ଭାବେ ଦାବି କରି ସମ୍ପତ୍ତିରୁ ଭାଗ ନେବାକୁ ଚାହିଁଥିଲେ। ଅନସୂୟା ଏବଂ ତାଙ୍କ ପୁଅ ଏହାକୁ ବିରୋଧ କରି ୨୦୧୦ରେ ଭୁବନେଶ୍ୱର ଫ୍ୟାମିଲି କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କୈଳାସଙ୍କ ସବୁ ସମ୍ପତ୍ତିରେ ତାଙ୍କ ଅନ୍ତେ ଅନୁସୂୟା ଏବଂ ତାଙ୍କ ପୁଅ ମୃତ୍ୟୁଞ୍ଜୟଙ୍କ ଭାଗ ରହିଛି ବୋଲି ଫ୍ୟାମିଲି କୋର୍ଟ ରାୟ ଦେଇଥିଲେ। ହେଲେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସନ୍ଧ୍ୟାରାଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ସ୍ଥିତାବସ୍ଥା ଜାରି କରିବା ସହ ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଉକ୍ତ ଘରେ କେହି ରହିପାରିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୧୦କୁ ଧାର୍ଯ୍ୟ ରହିଛି। ହେଲେ କୋର୍ଟଙ୍କ ନିର୍ଦ୍ଦେଶକୁ ଅନସୂୟା ଓ ମୃତ୍ୟୁଞ୍ଜୟ ନ ମାନି ଘର ତାଲା ଭାଙ୍ଗି ସେଠାରେ ଯାଇ ରହିଥିଲେ, ଯାହାକୁ ବିରୋଧ କରି ସନ୍ଧ୍ୟାରାଣୀ ଗତ ୭ଦିନ ହେବ ଏକ ତାଲା ଆଣି ଘରର ଗେଟରେ ପକାଇ ଦେଇଛନ୍ତି। ଫଳରେ ସେବେଠାରୁ ମା' ପୁଅ ଘର ଭିତରେ ବନ୍ଦୀ ଅବସ୍ଥାରେ ରହିଛନ୍ତି।

# ଅନ୍ନପୂର୍ଣ୍ଣା ଭଞ୍ଜଙ୍କୁ ଏକାମ୍ର ଗୌରବ ସମ୍ମାନ

ପୁରୁଣା ଭୁବନେଶ୍ୱର,୧।୧(ଡି.ଏନ୍.ଏ.)

ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବର୍ଷର ପ୍ରଥମ ଦିବସକୁ ଭାଷା ସଂସ୍କୃତି ସୁରକ୍ଷା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମାତୃଭାଷାକୁ ଭଲପାଉଥିବା ସାରସ୍ୱତ ସାଧିକା ତଥା ମେଧାବୀ ଛାତ୍ରୀ ସୁଶ୍ରୀ ଅନ୍ନପୂର୍ଣ୍ଣା ଭଞ୍ଜଙ୍କୁ 'ଏକାମ୍ର ଗୌରବ ସମ୍ମାନ–୨୦୨୨' ମଞ୍ଚର ମୁଖ୍ୟ ଉପଦେଷ୍ଟା ଜଗତ୍ ଚନ୍ଦ୍ର ଦାସ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କୁ କର୍ମୀମାନେ ତାଙ୍କ ବାସଭବନରେ ଶନିବାର ନବବର୍ଷର ଅଭିନନ୍ଦନ ଜଣାଉଛନ୍ତି।

# ଗ୍ରୀଟିଂସ କାର୍ଡ






ଦିନ ଥିଲା, ନୂଆବର୍ଷ ଆସିଲେ ପ୍ରଥମେ ଖୋଜାପଡୁଥିଲା ଗ୍ରୀଟିଂସ୍ କାର୍ଡ । ତାହା କେବଳ ନବବର୍ଷ ଅଭିନନ୍ଦନ ବାର୍ତ୍ତା ଲେଖାଥିବା ଅବା ଆଖିକୁ ସୁନ୍ଦର ଦିଶୁଥିବା ଖଣ୍ଡେ କାଗଜ ନ ଥିଲା, ବରଂ ସେଥିରେ ଭରି ରହିଥିଲା ଅମାପ ସ୍ନେହ, ଶ୍ରଦ୍ଧା। ଆଉ ପୁଣି କେତେବେଳେ ତାହା ନିଜ ବନ୍ଧୁ, ପ୍ରିୟଜନ ଆଗରେ ବଖାଣୁଥିଲା ମାନ ଅଭିମାନର କଥା। ତେବେ ଆଜିର ଡିଜିଟାଲ୍ ଯୁଗରେ ଏହାର ଚାହିଦା ଯଦିଓ ହ୍ରାସ ପାଇଛି, ହେଲେ ତା'କୁ ନେଇ ପୁରୁଣା ଦିନର ଅନୁଭୂତି ଏବେବି ଅନେକଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି...

### ହିସାବ କରି କିଣାଯାଉଥିଲା କାର୍ଡ

**ଲିପ୍‌ସା ପଟେଲ୍** (ଲେଖିକା, ଭବାନୀପାଟଣା)- ଆମେ ସ୍କୁଲ, କଲେଜରେ ପଢ଼ିଲା ବେଳେ ନୂଆବର୍ଷ ଆସିଲେ ପ୍ରଥମେ କିଣା ହେଉଥିଲା ଗ୍ରୀଟିଂସ୍ କାର୍ଡ। ସେତେବେଳେ ପଚାଶ ପଇସାରେ ମିଳୁଥିଲା ପୋଷ୍ଟକାର୍ଡ ଗ୍ରୀଟିଂସ୍। ଆଜିକାଲି ସେମିତି କାର୍ଡ ମୁଁ ଆଉ ଦେଖୁନି। ସେଥିରେ ଗୋଟିଏ ପଟେ ଠାକୁରଙ୍କ ଅବା ହିରୋ ହିରୋଇନ୍‌ଙ୍କ ଫଟୋ ରହୁଥିଲା। ଅନ୍ୟ ପଟେ ଠିକଣା ଆଉ କିଛି ବାର୍ତ୍ତା ପାଇଁ ଜାଗା ରହୁଥିଲା। ଏହି ଖର୍ଚ୍ଚ ପାଇଁ ଘରେ ବେଶି ପଇସା ଦେଉ ନ ଥିଲେ। ତେଣୁ ସାଙ୍ଗମାନଙ୍କୁ ମନେପକାଇ ପକାଇ ହିସାବ କରି କିଣାଯାଉଥିଲା କାର୍ଡ। ସାର୍ ଓ ମାଡାମ୍‌ଙ୍କୁ ଦେବାରଥିଲେ ଦୁଇଫାଳିଆ କାର୍ଡ କିଣୁଥିଲୁ, ନଚେତ୍ ପଚାଶ ପଇସାରେ ପୋଷ୍ଟକାର୍ଡ ଗ୍ରୀଟିଂସ୍ ଗଣି ଗଣି କିଣୁଥିଲୁ। ପଇସା ବଳିପଡିଲେ ଚକୋଲେଟ୍ ଖାଉଥିଲୁ।

ମୁଁ ସପ୍ତମ ଶ୍ରେଣୀରେ ପଢ଼ିଲା ବେଳର ଘଟଣା। ଆମର ଧାନକଟା ଛୁଟି ପାଇଁ ସ୍କୁଲ ବନ୍ଦ ଥିଲା। ତେଣୁ ପଡ଼ିଶାଘର ନାନୀ ସହ ପାଖ ଫ୍ୟାନ୍ସି ଷ୍ଟୋରକୁ ଯାଇ ପୋଷ୍ଟକାର୍ଡ ଗ୍ରୀଟିଂସ୍ କିଣି ଆଣିଥିଲି। ତା'କୁ ପଢ଼ା ଟେବୁଲରେ ରଖି ଦେଇ ଖେଳିବା ପାଇଁ ଚାଲିଗଲି। ଫେରି ଦେଖିଲି ସେଥିରୁ ଜୁହି ଚାୱଲାର କାର୍ଡ ନାହିଁ। ଯେହେତୁ ମୁଁ ମାମୁଘରେ ରହୁଥିଲି, ମାମୁଙ୍କ ପୁଅ ଟିକିଏ ଦୁଷ୍ଟ ବୋଲି ସେ ହିଁ ନେଇଯାଇଥିବ ଭାବି ତା'ସହ ଝଗଡ଼ା ଆରମ୍ଭ ହୋଇଗଲା। ସେ କିନ୍ତୁ ବାରମ୍ବାର କହୁଥାଏ, ମୁଁ ଦେଖିନି କି ନେଇନି। ଆଇ ମୋତେ ବୁଝାଉଥିଲା, ଆଉ ଗୋଟିଏ ସେମିତି ଫଟୋ ନେଇଆସିବୁ ହେଲେ ସେଇ ଫଟୋଥିବା ଗ୍ରୀଟିଂସ୍ ତ ଦୋକାନରେ ଗୋଟିଏ ହିଁ ଥିଲା। ସେଦିନ ରାତିରେ ମୁହଁ ଫୁଲେଇ ଅଖିଆ ଅପିଆ ଶୋଇପଡିଲି। ପରଦିନ ଥିଲା ନୂଆବର୍ଷ। ସକାଳୁ ନୂଆ ଡ୍ରେସ୍ ପିନ୍ଧି ସାଙ୍ଗମାନେ ସମସ୍ତେ ସମସ୍ତଙ୍କ ଘରକୁ ଗ୍ରୀଟିଂସ୍ ଦେବା ପାଇଁ ଯାଉଥିଲୁ। ସେଇ ଜୁହି ଚାୱଲାର ଗ୍ରୀଟିଂସ୍ ମୋ ବଉଳଙ୍କ ପାଇଁ କିଣିଥିଲି। ଯେହେତୁ ସେଇଟା ହଜିଗଲା, ତାଙ୍କୁ ଅନ୍ୟ କାର୍ଡଟିଏ ଦେଇଥିଲି। ମନ କିନ୍ତୁ ବୁଝୁନଥିଲା। ମୋ ଝାଉଁଳା ମୁହଁ ଦେଖି ଅଜା କହିଲେ, ଯା'ଦେଖିବୁ ମୋ ତକିଆ ତଳେ କ'ଣ ରଖିଦେଇଛି। ମୁଁ ଜାଣେ ସେ ତକିଆ ତଳେ ଟଫିବାର୍ ରଖନ୍ତି। ନିଜେ ବି ଖାଆନ୍ତି ଆଉ ଆମକୁ ବି ଦିଅନ୍ତି।

ମୁଁ ଥାଉ, ଥାଉ କହି ଆଡ଼େଇ ଦେଲାବେଳକୁ ସେ ଏକପ୍ରକାର ବାଧ୍ୟ କଲେ ଯାଇ ଦେଖିବା ପାଇଁ। ତକିଆ ଟେକି ଦେଖିଲା ବେଳକୁ ଆଶ୍ଚର୍ଯ୍ୟ ହୋଇଗଲି। ସେ ହାତଠାରି ପାଖକୁ ଡାକି କହିଲେ, ତୁ ଦୁଇଟାଯାକ ଟଫିବାର୍ ନେଇଯା, କିନ୍ତୁ ସେଇ ଫଟୋଟା ଥାଉ। ମୁଁ ଜୋରରେ ହସିଲି ଆଉ ମୋ ହସ ଶୁଣି ଆଇ ଆସି ପାଖରେ ଠିଆ। ଏବେ ନୂଆବର୍ଷ ଆରମ୍ଭରୁ ଅଜାଙ୍କ ଅବସ୍ଥା କ'ଣ ହେବ ମୁଁ ଜାଣିଥିଲି। ହସି ହସି ଜୋରରେ ଗାଉଥିଲି, ''ଘୁଁଘଟ୍ କି ଆଡ୍ ସେ ଦିଲ୍‌ୱର୍ କା........।'' ଆଇ ଦାନ୍ତ କଡ଼ମଡ଼ କରି ଅଜାଙ୍କୁ ଅନାଇ ରହିଥିଲା।





### ନିଜ ଫଟୋ ଦେଖି ଆଶ୍ଚର୍ଯ୍ୟ ହୋଇଗଲି

**ଏଲି ପାଢ଼ୀ** (ଅଭିନେତ୍ରୀ)- ନୂଆ ବର୍ଷ ଆସିଲେ ବେଶ୍ ଆନନ୍ଦ ଉଲ୍ଲାସ ଖେଳିଯାଏ ସବୁଆଡ଼େ। କେମିତି ଏହି ଦିନକୁ ମଜାଦାର କରିବୁ ତାକୁ ନେଇ ଆରମ୍ଭ ହୋଇଯାଏ ପ୍ଲାନିଂ। ଯଦିଓ ପ୍ରତିବର୍ଷ ପୂର୍ବାପେକ୍ଷା ଆହୁରି ନୂଆ ନୂଆ ଢଙ୍ଗରେ ସେଲିବେଟ୍ କରୁଛୁ, ହେଲେ ପୁରୁଣା ଦିନର କିଛି ଅନୁଭୂତି ଏବେବି ଭୁଲିହଉନି। ଠିକ୍ ଯେମିତି ଗ୍ରୀଟିଂସ୍ କାର୍ଡ। ପିଲାବେଳେ ଏହାକୁ ନେଇ ଏକ ପାଗଳାମି ଭରି ରହିଥିଲା ମନରେ। ଡିସେମ୍ବର ମାସ ଆରମ୍ଭରୁ ମାର୍କେଟ୍‌ରୁ କଲରଫୁଲ୍ ପେପର୍, କଲର୍, ଜିଙ୍କ୍, ଲେସ୍ ଆଦି କିଣିଆଣେ। ସାଙ୍ଗସାଥୀ, ଟିଚର୍ସଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର କାର୍ଡ ପ୍ରସ୍ତୁତି ଆରମ୍ଭ କରିଦିଏ। ପେଣ୍ଟିଂ କରିବା ସଉକ ଥିବାରୁ ମୋ ହାତ ତିଆରି କାର୍ଡକୁ ସାଙ୍ଗମାନେ ବି ବେଶ୍ ଖୁସିରେ ଅପେକ୍ଷା କରିରହିଥାନ୍ତି। ଆଉ ସେମାନେ ଯେତେବେଳେ ଏହାକୁ ପ୍ରଶଂସା କରନ୍ତି ଏବଂ ଘର କାନ୍ଥରେ ଲଗାଇଥିବା କଥା କୁହନ୍ତି ଖୁସିର ସୀମା ରହେନି। ନବମ ଶ୍ରେଣୀରେ ପଢୁଥିବା ବେଳର କଥା। ସେଦିନ ନୂଆବର୍ଷରେ ସବୁ ସାଙ୍ଗମାନଙ୍କୁ ନିଜ ହାତତିଆରି କାର୍ଡ ଦେଇ ନ୍ୟୁଇୟର ୱିଶ୍ ଜଣାଉଥାଏ ଏବଂ ସେମାନେ ମଧ୍ୟ ମୋତେ କିଣିଥିବା କିମ୍ବା ହାତ ତିଆରି କାର୍ଡ ଦେଉଥା'ନ୍ତି। ହେଲେ ଗୋଟିଏ କାର୍ଡ ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, କାରଣ ସେଥିରେ ଥିଲା ମୋ ଫଟୋ। ସେତେବେଳେ ଚାଇଲ୍ଡ ଆର୍ଟିଷ୍ଟ ଭାବେ ଏକ ସିରିଏଲ୍‌ରେ କାର୍ଯ୍ୟ କରୁଥାଏ, ଯାହାର ଫଟୋ ଥିଲା ସେ କାର୍ଡରେ । ସେ ସାଙ୍ଗଟି ତାହାକୁ ମାର୍କେଟ୍‌ରୁ କିଣିଥିଲା ଅବା ପ୍ରିଣ୍ଟ କରାଇଥିଲା ପଚାରିବାକୁ ଯଦିଓ ଭୁଲି ଯାଇଥିଲି, ହେଲେ ତା'ର ସେ କାର୍ଡଟି ମୋତେ ଯେଉଁ ଖୁସି ଦେଇଥିଲା ତାହା ଅବର୍ଣ୍ଣନୀୟ। ଏବେର ଜେନେରେଶନ୍ ସମସ୍ତେ ଫୋନ୍‌ରେ ଭର୍ଚୁଆଲି ନ୍ୟୁଇୟର ୱିଶ୍ ଜଣାଉଥିବାରୁ ଗ୍ରୀଟିଂସ୍ କାର୍ଡର ଚାହିଦା କମୁଛି।

### ଖୁସି ଦ୍ୱିଗୁଣିତ କରୁଥିଲା ସାର୍‌ଙ୍କ ପ୍ରଶଂସା

**ସ୍ୱୟଂ ପ୍ରଭାସ ପାଢ଼ୀ** (କଣ୍ଠଶିଳ୍ପୀ)- କାହା ପାଇଁ ଅବା ପ୍ରତୀକ୍ଷିତ ନୁହେଁ ନୂଆ ବର୍ଷ। ଭଲ ଭଲ ଆଇଟମ୍ ଖାଇବା, ନୂଆ ପିନ୍ଧିବାଠୁ ଆରମ୍ଭ କରି ବନ୍ଧୁ ପରିଜନ ଏବଂ ସାଙ୍ଗସାଥୀଙ୍କୁ ୱିଶ୍ ଜଣାଇବାର ମଜା ସତରେ ଆନନ୍ଦଦାୟକ। ହେଲେ ଏହି ମଜା ଆହୁରି ଅଧିକ ଥିଲା ପିଲାବେଳେ। କାରଣ ସେତେବେଳେ ମୋବାଇଲ୍ ଫୋନ୍‌ରେ ନୁହେଁ ବରଂ ନୂଆବର୍ଷର ବର୍ତ୍ତା ଦିଆଯାଉଥିଲା ଗ୍ରୀଟିଂସ୍ କାର୍ଡରେ। ଆଉ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି କାର୍ଡରେ 'ଗୋଲାପ ଗଛରେ ବହୁତ କଣ୍ଟା..
ମନେ ପକାଉଥା ଘଣ୍ଟାକୁ ଘଣ୍ଟା..'
ଭଳି ଛୋଟ ଛୋଟ ଢଗ ଲେଖି ସାଙ୍ଗମାନଙ୍କୁ ଦିଆଯାଉଥିଲା, ଯାହାକି ବେଶ୍ ଫନି ଲାଗୁଥିଲା। ତେବେ ଏ ସବୁ ଅପେକ୍ଷା ମତେ ବେଶି ଭଲ ଲାଗୁଥିଲା ହାତ ତିଆରି ଗ୍ରୀଟିଂସ୍ ଦେବାକୁ ତା' ପୁଣି ସାର୍‌ଙ୍କୁ। କେବଳ ମୁଁ ନୁହେଁ, ପ୍ରାୟ ସବୁ ପିଲା ସାର୍‌ଙ୍କ ପାଇଁ ସୁନ୍ଦର ସୁନ୍ଦର କାର୍ଡ ଆଣୁଥିଲେ। ସାର୍‌ମାନଙ୍କୁ କିଏ କେତେ ଭଲ କାର୍ଡ ଦେଇ ଇମ୍ପ୍ରେସ୍ କରିବ ସେଥିପାଇଁ ପିଲାବେଳେ ଯେମିତି ଏକ ପ୍ରତିଯୋଗିତା ହେଉଥିଲା। ଆଉ ସାର୍ ଯେତେବେଳେ ମୋ ଗ୍ରୀଟିଂସ୍‌କୁ ପ୍ରଶଂସା କରୁଥିଲେ ଖୁସି ଦ୍ୱିଗୁଣିତ ହୋଇଯାଉଥିଲା।

**- ପୌର୍ଣ୍ଣମାସୀ**


ଲିପ୍‌ସା


ଏଲି


ସ୍ୱୟଂ ପ୍ରଭାସ

## ଏ ସପ୍ତାହର ପ୍ରଶ୍ନ

୧- ଗ୍ଲୋବାଲ୍ ଅବ୍‌ଜରଭେଟୋରି ଅନ୍ ଡୋନେଶନ୍ ଆଣ୍ଡ ଟ୍ରାନ୍ସପ୍ଲାଣ୍ଟେଶନ୍ ରିପୋର୍ଟ ମୁତାବକ ଅଙ୍ଗଦାନରେ ପୃଥିବୀରେ ଭାରତ..... ତମ ସ୍ଥାନରେ ରହିଛି ?
୨- ଆମ ଦେଶର........ ରାଜ୍ୟରେ ନିକଟରେ ଚେରି ବ୍ଲୋଜମ୍ ଫେଷ୍ଟିଭାଲ୍ ପାଳିତ ହୋଇଯାଇଛି ?
୩- ହଣ୍ଡୁରାସ୍ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ......... ନିଯୁକ୍ତି ପାଇଛନ୍ତି ?
୪- ଇଣ୍ଟରନ୍ୟାଶନାଲ୍ ଡେ' ଅଫ୍ ବ୍ୟାଙ୍କ୍ସ ପ୍ରଥମ ଥର ପାଇଁ ........... ମସିହାରେ ପାଳିତ ହୋଇଥିଲା ?
୫- ଆମ ଦେଶର .......... ରାଜ୍ୟରେ ସର୍ବାଧିକ କୋଇଲା ଗଚ୍ଛିତ ହୋଇ ରହିଛି ?

## ଗତ ଥରର ଉତ୍ତର

୧ ନାସା
୨ ଦୁବାଇ
୩ କଏନ୍
୪ ହଂସ
୫ ଫର୍ମୁଲା ୧ ରେସ୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସ୍ୱସ୍ତିକ ଷଡ଼ଙ୍ଗୀ, ବାଙ୍ଗାଲୋର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ୱାଟରପାର୍କ



୧- ସିଆମ୍ ପାର୍କ.................................... ଟେନେରାଇଫ୍, ସ୍ପେନ୍
୨- ୱାଟରବମ୍ ବାଲି.................................. କୁଟା, ଇଣ୍ଡୋନେସିଆ
୩- ବିଚ୍ ପାର୍କ............................................ ଆକ୍ୱିରାଜ୍, ବ୍ରାଜିଲ୍
୪- ଥର୍ମାସ୍ ଡସ୍ ଲାରାଞ୍ଜାଇସ୍.............................. ଅଲିମ୍ପିଆ, ବ୍ରାଜିଲ୍
୫- ଡିଜ୍‌ନିସ୍ ଟାଇଫୁନ୍ ଲାଗୁନ୍ ୱାଟର ପାର୍କ..................ଅର୍ଲାଣ୍ଡୋ, ଫ୍ଲୋରିଡ଼ା
୬- ଆକ୍ୱାପାର୍କ ଇଷ୍ଟ୍ରାଲାଣ୍ଡିଆ............................ ନୋଭିଗ୍ରାଡ୍, କ୍ରୋସିଆ
୭- ୱାଇଲ୍ଡ ୱାଡି ୱାଟରପାର୍କ............................................ ଦୁବାଇ
୮- ମାକାଡି ୱାଟର ୱାର୍ଲ୍ଡ..................................... ହର୍ଘାଡା, ଇଜିପ୍ଟ
୯- ଇକୋ ପାର୍କ ଆରାଇଆଲ୍ ଡି ଆଜୁଡା......... ପୋର୍ଟୋ ସେଗୁରୋ, ବ୍ରାଜିଲ୍
୧୦- ୱେଟ୍‌ସାଇଡ୍ ୱାଟରପାର୍କ....................... ହର୍‌ଭେ ବେ, ଅଷ୍ଟ୍ରେଲିଆ

ଯୁବ ପ୍ରତିଭା

## ଶ୍ରୋତାଙ୍କୁ ମତୁଆଲା କରେ ପ୍ରୟତାତ୍ମାଙ୍କ ସଙ୍ଗୀତ



ନିଜ କଣ୍ଠର ଯାଦୁକରି ସ୍ୱର୍ଶରେ ଓଡ଼ିଶାର ଅଗଣିତ ଶ୍ରୋତାଙ୍କ ହୃଦୟରେ ଘର କରି ସଙ୍ଗୀତ ଦୁନିଆରେ ବର୍ତ୍ତମାନ ଖୁବ୍ ଚର୍ଚ୍ଚାର ପରିସରରେ ଅଛନ୍ତି ପ୍ରୟତାତ୍ମା ରଥ। ନୟାଗଡ଼ ଜିଲା ଅନ୍ତର୍ଗତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ଜନ୍ମପୀଠ ତଥା ସାଧନାସ୍ଥଳୀ ଭାବରେ ପରିଚିତ ଖଣ୍ଡପଡ଼ା ଗ୍ରାମରେ ରହୁଥିବା ଅନସୂୟା ଏବଂ ଚଣ୍ଡୀ ଚରଣ ରଥଙ୍କର ସେ ଏକମାତ୍ର ପୁଅ। ପ୍ରୟତାତ୍ମା ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ସମ୍ମାନରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କେ.ଜେ. ସୋମାୟା ମୁମ୍ବାଇ ପରିସରରେ ଶିକ୍ଷାଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ର ଭାବେ ଅଧ୍ୟୟନରତ ଅଛନ୍ତି। ପିଲାବେଳୁ ସଂସ୍କୃତ ଓ ସଙ୍ଗୀତ ପ୍ରତି ଅନୁରକ୍ତ ପ୍ରୟତାତ୍ମା ୪ର୍ଥଶ୍ରେଣୀରୁ ଗୁରୁ ଶ୍ରୀଯୁକ୍ତ ପ୍ରଭାତ କୁମାର ଦାଶଙ୍କଠାରୁ ଓଡ଼ିଶୀ ସଙ୍ଗୀତ ଶିକ୍ଷା କରି ପ୍ରାଚୀନ କଳାକେନ୍ଦ୍ର ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟରୁ ସଙ୍ଗୀତ ବିଶାରଦ ଉପାଧି ଲାଭ କରିଛନ୍ତି । ୨୦୧୦, ୨୦୧୧, ୨୦୧୪ ମସିହାରେ ସୁରଭି ସଙ୍ଗୀତ ପ୍ରତିଯୋଗିତାରେ ଜିଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରରୁ ପୁରସ୍କୃତ ହୋଇଛନ୍ତି । ୨୦୧୩ ଓ ୨୦୧୯ ମସିହାରେ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ସନ୍ଦର୍ଭରେ ଶୋଧପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱର ଜୟଦେବ ଭବନଠାରେ ପଠାଣି ସାମନ୍ତ ସ୍ମୃତି ସମ୍ମାନରେ ମଧ୍ୟ ବିଭୂଷିତ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାମନ୍ତ ଜୟନ୍ତୀ ଅବସରରେ ପଠାଣି ସାମନ୍ତ ମେମୋରିଆଲ୍ ପରିଷଦ ତରଫରୁ ୨୦୦୮-୨୦୧୨ ମସିହା ପର୍ଯ୍ୟନ୍ତ 'ଶିଶୁପଣ୍ଡିତ' ଉପାଧିରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଶ୍ଳୋକ ଗାୟନ, ବେଦ ପଠନ, ପ୍ରବନ୍ଧ ଲିଖନ ଓ ସଂସ୍କୃତ ଭାଷାରେ ଭାଷଣ ଦକ୍ଷତା ପାଇଁ ମଧ୍ୟ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଡି.ଡି. ଓଡ଼ିଆ, 'ସିନେକ୍ରିଟିକ୍ସ', 'ତାଲ୍ ମ୍ୟୁଜିକ୍', ସମ୍ବର୍ଦ୍ଧନା ମ୍ୟୁଜିକ୍, ସ୍ୱାତିଲଗ୍ନା କ୍ରିଏସନ୍, ନମସ୍ତେ ୱାର୍ଲ୍ଡ, ମୁଁ ଓଡ଼ିଆ, ଆର୍.ପି.ଏଣ୍ଟରଟେନ୍‌ମେଣ୍ଟ, ଇଭେଣ୍ଟ ଓଡ଼ିଶା, ଓଡ଼ିଶା ଇ. ନ୍ୟୁଜ୍, ମଙ୍ଗଳ ଆଳତି ଆଦିରେ କଣ୍ଠଦାନ କରୁଛନ୍ତି । ରାଜ୍ୟସ୍ତରୀୟ କଳା ସମ୍ମାନ ମଧ୍ୟ ସେ ପାଇଛନ୍ତି । ଖଣ୍ଡପଡ଼ା ରାଜପରିବାର ପକ୍ଷରୁ ସାମନ୍ତ ଜୟନ୍ତୀ ଅବସରରେ 'ବଘେଲ ସମ୍ମାନ'ରେ ମଧ୍ୟ ଭୂଷିତ ହୋଇଛନ୍ତି । ଜଣେ କଣ୍ଠଶିଳ୍ପୀ ଭାବରେ ଓଡ଼ିଶାର ବିଭିନ୍ନ ମଞ୍ଚରେ ଆଧୁନିକ ସଙ୍ଗୀତ ଗାଇ ଶ୍ରୋତା ମହଲରୁ ପ୍ରଶଂସିତ ଓ ପୁରସ୍କୃତ ହୋଇଥିବା ପ୍ରୟତାତ୍ମା ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସହ ସଂସ୍କୃତ ଅଧ୍ୟାପକ ଭାବେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**- ଅଜୟ ମହାରଣା**

ଜାଣନ୍ତୁ ଦୁନିଆ

# ନୂଆବର୍ଷ : କେଉଁଠି କେମିତି



ଭିନ୍ନ ଭିନ୍ନ ସ୍ଥାନରେ, ଭିନ୍ନ ଭିନ୍ନ ପ୍ରକାରେ ପାଳନ କରାଯାଏ ନୂଆବର୍ଷ। କେଉଁଠି କେକ୍ କାଟି ତ ଆଉ କେଉଁଠି ଗ୍ରୀଟିଂସ୍ କାର୍ଡ଼ ପଠାଇ। ହେଲେ ଏମିତି କିଛି ସ୍ଥାନ ରହିଛି, ଯେଉଁଠି ଭିନ୍ନ ଢଙ୍ଗରେ ସ୍ୱାଗତ କରାଯାଏ ନୂଆବର୍ଷକୁ। ଜାଣନ୍ତୁ ସେପରି କିଛି ସ୍ଥାନ ସମ୍ପର୍କରେ...

**ବ୍ରାଜିଲ୍ :** ଦକ୍ଷିଣ ଆମେରିକା ଦେଶ ଭାବେ ପରିଚିତ ବ୍ରାଜିଲ୍‌ରେ ନୂଆବର୍ଷକୁ ଭିନ୍ନ ଭାବେ ପାଳନ କରାଯାଏ। ଏଠାର ଲୋକମାନେ ସମୁଦ୍ରକୁ ଧଳା ଫୁଲ ଫିଙ୍ଗି ନୂଆବର୍ଷ ପାଳନ କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ, ଧଳା ଫୁଲ ଫିଙ୍ଗିବା ଦ୍ୱାରା ସମୁଦ୍ରରେ ଥିବା ଜଳ ଦେବତା (ୟେମୋଜା) ଖୁସି ହୁଅନ୍ତି ଓ ଆଶୀର୍ବାଦ କରନ୍ତି ବର୍ଷଟି ଭଲରେ କଟିବା ପାଇଁ।

**ଗ୍ରୀସ୍ :** ପିଆଜ ଉପରେ ଏଠାକାର ଅଧିବାସୀମାନେ ସମ୍ପୂର୍ଣ୍ଣ ବିଶ୍ୱାସ କରନ୍ତି। ପିଆଜର ଅର୍ଥ ପୁନର୍ଜନ୍ମ। ଘରେ ପିଆଜ ଲଗାଇଲେ ଧନସମ୍ପତ୍ତି ବଢ଼ିଥାଏ ଏବଂ ସେଥିପାଇଁ ସେମାନେ ନୂଆବର୍ଷରେ ଘର ସାମ୍ନାରେ ପିଆଜର ମାଳ ଲଗାଇ ନୂଆବର୍ଷକୁ ସ୍ୱାଗତ କରନ୍ତି।

**ଜାପାନ :** ତୋଷିକୋଷି ସୋବା ବା ସୋବା ନୁଡୁଲ୍ସ ଏକ ପ୍ରକାର ଖାଦ୍ୟ, ଯାହାକୁ ଖାଇ ଜାପାନିଜ୍‌ମାନେ ନୂଆବର୍ଷକୁ ପାଳନ କରନ୍ତି। ସୋବା ନୁଡୁଲ୍ସ ବହୁତ ଲମ୍ବା ଓ ପତଳା ହୋଇଥିବାରୁ, ଏଠାକାର ଅଧିବାସୀମାନେ ଭାବନ୍ତି କି ନୂଆବର୍ଷରେ ଏହାକୁ ଖାଇଲେ ଆମେ ସୁସ୍ଥ ରହିବା ସହ ଦୀର୍ଘଜୀବୀ ହେବୁ।

**ରୁଷିଆ :** ନୂଆବର୍ଷରେ ରୁଷିଆର ଅଧିବାସୀମାନେ ୱାଇନ୍ ବା ମଦରେ ପାଉଁଶ ପକାଇ ପିଅନ୍ତି। ଏକ ପେପରରେ ସେମାନେ ନିଜର ୱିଶ୍ ଲେଖି କ୍ୟାଣ୍ଡେଲ୍‌ରେ ଜାଳିଥା'ନ୍ତି। ପରେ ସେ ପାଉଁଶକୁ ମଦରେ ପକାଇ ପିଇ ନୂଆବର୍ଷକୁ ସ୍ୱାଗତ କରନ୍ତି। ଏପରି କରିବା ଦ୍ୱାରା ସେମାନଙ୍କର ୱିଶ୍ ପୂରା ହୋଇଥାଏ ବୋଲି ସେମାନେ ବିଶ୍ୱାସ ରଖନ୍ତି।

**ଇଣ୍ଡୋନେସିଆ :** ନୂଆ ବର୍ଷଟି ସୁଖ ଶାନ୍ତିରେ କଟିବା ଲାଗି ଏଠାକାର ବାସିନ୍ଦାମାନେ ସାତ, ନ' କିମ୍ବା ବାର ପ୍ରକାରର ଆଇଟମ୍ ନୂଆବର୍ଷରେ ଖାଇଥା'ନ୍ତି। କାରଣ ଏହି ସବୁ ନମ୍ବରକୁ ସେମାନେ ଲକି ନମ୍ବର ଭାବେ ମାନିଥାଆନ୍ତି।

**ତୁର୍କୀ :** ନୂଆବର୍ଷ ଆରମ୍ଭରୁ ଅର୍ଥାତ୍ ମଧ୍ୟରାତ୍ରରୁ ଏମାନେ ଘର ସାମ୍ନାରେ ଲୁଣ ଛିଞ୍ଚି ନୂଆବର୍ଷ ପାଳନ କରିବା ଆରମ୍ଭ କରିଦିଅନ୍ତି। ଏହା କରିବା ଦ୍ୱାରା ଘରେ ଧନସମ୍ପତ୍ତି ବଢ଼ିବା ସହ ସୁଖ, ଶାନ୍ତି, ଆନନ୍ଦରେ ବର୍ଷଟି ଅତିବାହିତ ହେବ ବୋଲି ସେମାନେ ଏପରି କରିଥା'ନ୍ତି।





# ୧୩୪ କୋଟିର ମାଲିକାଣୀ ବିଦ୍ୟା

**ମୁମ୍ବାଇ:** ନୂଆ ବର୍ଷରେ ଜନ୍ମଦିନ ପାଳିଛନ୍ତି ବଲିଉଡ୍‌ର ହଟ୍ ଅଭିନେତ୍ରୀ ବିଦ୍ୟା ବାଲାନ। ୧୯୭୮ ଜାନୁୟାରୀ ୧ରେ କେରଳରେ ତାଙ୍କର ଜନ୍ମ। ନିଜ ଅଭିନୟ ବଳରେ ସେ ଥରେ ରାଷ୍ଟ୍ରୀୟ ପୁରସ୍କାର ସହ ୫ ଥର ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଦ୍ୟାଙ୍କ ପିଲାଦିନ ବିତିଛି ବମ୍ବେରେ। ପାଠପଢ଼ା ସରିବା ପରେ ସେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ୨୦୧୧ରେ ଆସିଥିବା ଫିଲ୍ମ 'ଡାର୍ଟି ପିକ୍ଚର' ତାଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା। ଏଥିରେ ତାଙ୍କୁ ବୋଲ୍ଡ ଅବତାରରେ ଦେଖିବାକୁ ମିଳିଥିଲା। ଏହାପରଠାରୁ ସେ ଅନେକ ସଫଳ ଫିଲ୍ମ ଭେଟି ଦେଇଛନ୍ତି। ଅଭିନୟରେ ବିଦ୍ୟା ଯେତିକି ସଫଳ, ସେତିକି ସେ ପାଉଣା ମଧ୍ୟ ନେଇଥାନ୍ତି। ମୋଟ ସମ୍ପତ୍ତି ଦେଖିଲେ ବିଦ୍ୟା ୧୩୪ କୋଟିର ମାଲିକାଣୀ। ଫିଲ୍ମ ସହ ଅନେକ ବିଜ୍ଞାପନରେ ସେ କାମ କରନ୍ତି। ତାଙ୍କ ପାଖରେ ୧୪ କୋଟିର ଏକ ଆପାର୍ଟମେଣ୍ଟ ରହିଛି। ଏହାଛଡ଼ା ୮ କୋଟିର ଫ୍ଲାଟ୍ ଏବଂ ଦାମୀ କାର୍ ମଧ୍ୟ ତାଙ୍କ ପାଖରେ ରହିଛି।

## ୨୧ ବର୍ଷରେ ପାଇଲଟ୍



**ବ୍ରୁସେଲ୍ସ:** ୨୧ ବର୍ଷ ବୟସରୁ ଜଣେ ପାଇଲଟ୍ ହେବା କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ବେଲଜିୟମ୍‌ର ବାସିନ୍ଦା କିମ୍ ଡି କ୍ଲୋପ(୨୭) ମାତ୍ର ୨୧ ବର୍ଷ ବୟସରେ ବୋଇଂ ୭୩୭ ବିମାନ ଚଳାଇଥିଲେ। କିମ୍ ୧୯ ବର୍ଷର ହୋଇଥିବାବେଳେ ପାଇଲଟ୍ ହେବା ପାଇଁ ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ୨ ବର୍ଷ ଟ୍ରେନିଂ ନେଇଥିଲେ। ବର୍ଷ ୨୦୧୫ରେ ସେ ବ୍ଲୁ ଏୟାର ଫ୍ଲାଇଟ୍ ସହିତ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ।

# ଦ୍ୱିତୀୟ ଉଚ୍ଚତମ ଅଟ୍ଟାଳିକା



**କୁଆଲାଲମ୍ପୁର:** ଦୁନିଆର ସବୁଠାରୁ ଉଚ୍ଚତମ କୋଠା ବୁର୍ଜ ଖଲିଫା ପରେ ଏବେ ମାଲେସିଆର କୁଆଲାଲମ୍ପୁରରେ ହେବ ଦ୍ୱିତୀୟ ଉଚ୍ଚ ଅଟ୍ଟାଳିକା। ଏହାର ନାମ ମେରଡେକା ୧୧୮, ଯାହାର ଉଚ୍ଚତା ୨,୨୨୭ ଫୁଟ। ୨୦୨୨ର ଶେଷ ବେଳକୁ ଏହାର ନିର୍ମାଣ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯାଇଥିବ ବୋଲି କୁହାଯାଉଛି। ଏହି ଟାୱାର ମାଲେସିଆରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ାଇବ ବୋଲି ଆଶା କରାଯାଉଛି। ଟାୱାରର ପୁରା ଉଚ୍ଚରୁ ସହରକୁ ଦେଖିଲେ ସହରଟି ବହୁତ ସୁନ୍ଦର ନିଜର ଦେଖାଯିବ। ୬୮୭ ମିଟର ତଳକୁ ଯଦି ଦେଖିବା ବେଶ ରୋମାଞ୍ଚକର ମଧ୍ୟ ରହିଛି। ମେରଡେକାକୁ ଦୁନିଆର ଦ୍ୱିତୀୟ ଉଚ୍ଚ ଅଟାଳିକା ଭାବେ ଗଣନା କରାଯିବ। ଏହା ପୂର୍ବରୁ ଦ୍ୱିତୀୟ ଉଚ୍ଚ ଅଟାଳିକା ଭାବେ ୨୦୭୩ ଫୁଟର ଉଚ୍ଚ ସଂଘାଇ ଟାୱାର ମାନ୍ୟତା ହାସଲ କରିଥିଲା। କିନ୍ତୁ ଏବେ ଦ୍ୱିତୀୟ ଉଚ୍ଚ ଅଟ୍ଟାଳିକାର ମାନ୍ୟତା ଏହା ହାତରୁ ଚାଲିଯିବାକୁ ବସିଛି।


ନବବର୍ଷ ୨୦୨୨ ଅବସରରେ
ବଅଁରପାଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିଜୟ କୁମାର ନାଥ
ସଭାପତି, ବଅଁରପାଳ ବ୍ଲକ ବିଜେଡ଼ି

ନବବର୍ଷ ୨୦୨୨ ଅବସରରେ
ସମସ୍ତ ବଅଁରପାଳ ବ୍ଲକବାସୀଙ୍କୁ ଅଭିନନ୍ଦନ।
ଅଞ୍ଜଳି ଭୋଇ
ଅଧ୍ୟକ୍ଷା, ବଅଁରପାଳ ବ୍ଲକ

ନବବର୍ଷ ୨୦୨୨ ଅବସରରେ ନାଲ୍‌କୋ ସିପିପିର ଶ୍ରମିକ ଭାଇ ଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି।
NSCU
ପରେଶ ଚନ୍ଦ୍ର ଜେନା
ସାଧାରଣ ସମ୍ପାଦକ, ଏନ୍ଏସ୍‌ସିୟୁ
ଯୁଗ୍ମ ସାଧାରଣ ସମ୍ପାଦକ, ରାଜ୍ୟ ଆଇଏନ୍‌ଟିୟୁସି

ନୂତନ ବର୍ଷ ଅବସରରେ
ବଅଁରପାଳ ଅଞ୍ଚଳବାସୀଙ୍କୁ
ଶୁଭେଚ୍ଛା ଓ
ଅଭିନନ୍ଦନ।
ଦୁଷ୍ମନ୍ତ ସେନାପତି
ସରକାରୀ ଓକିଲ

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ନରସିଂହ ମିଶ୍ର
ବିଧାୟକ, ବଲାଙ୍ଗୀର

ନବବର୍ଷ ୨୦୨୨ ଅବସରରେ ନେପୁ ତରଫରୁ
ନାଲକୋର ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ
ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା କାମନା କରୁଛୁ।
ବ୍ରଜ କିଶୋର ପ୍ରଧାନ, ସଭାପତି (ନେପୁ)
ମାଗିଲାଲ ସାମଲ, କାର୍ଯ୍ୟକାରୀ ସଭାପତି (ନେପୁ)
ବୈରାଗି ସେଠ, ସାଧାରଣ ସମ୍ପାଦକ (ନେପୁ)

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ କୁଶମଣି ମେହେର, ସରପଞ୍ଚ
ବୀଣା ପଧାନ, ଇଓ
ଜରାସିଂହା ଗ୍ରାମପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ସୁଶୀଲା କୁମ୍ଭାର, ସରପଞ୍ଚ
ଶ୍ରୀଯୁକ୍ତ ଅରୁଣ କୁମାର ନାଗ, ଇଓ
ଲଣ୍ଡାପଥର ଗ୍ରାମପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ସୁଶୀଲ କୁମାର ଚାନ୍ଦ
୧୨ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ଓ
ଦେଓଗାଁ ବ୍ଲକ ବିଜେଡି ସଭାପତି

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ପିକଲ ରଣା
ସମ୍ପାଦକ, ସାରସମାଲ ପେକ୍ସ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ। କରୋନା ମହାମାରୀ ରୁ ମାଁ ପାଟଖଣ୍ଡା, ମାଁ ସମଲେଶ୍ୱରୀ ସମସ୍ତଙ୍କୁ ଉଦ୍ଧାର କରନ୍ତୁ।
ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ମେହେର
ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଦେଓଗାଁ ବ୍ଲକ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ ତନୁଜା ସାହୁ, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ନାଗ, ଇଓ, ମହଲାଇ ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ ନିନା ଛତ୍ରିଆ, ସରପଞ୍ଚ
ଶ୍ରୀଯୁକ୍ତ ହେମନ୍ତ ବିଭାର, ଇଓ, ଦେଓଗାଁ ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା
ଇଓ, ଗୁଡ଼ଖାପଲା ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ ପ୍ରମୋଦିନୀ ନାଏକ, ସରପଞ୍ଚ
ଶ୍ରୀଯୁକ୍ତ ହେମନ୍ତ ବିଭାର, ଇଓ, ଉପରଝର ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ ରୀନା ବରିହା, ସରପଞ୍ଚ
ଶ୍ରୀଯୁକ୍ତ ସୂର୍ଯ୍ୟମଣି ମେହେର, ଇଓ, ଡୁମେରପିଟା ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ନୀଳାଞ୍ଚଳ କୁଅଁର
ସରପଞ୍ଚ, ସାଲେପାଲି ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ସରୋଜ କୁମାର ତାଣ୍ଡି
ଗ୍ରାମ ରୋଜଗାର ସେବକ, ସାଲେପାଲି ଓ ଉଡ଼ାର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଶରତ କୁମାର ମହାନନ୍ଦ
କାର୍ଯ୍ୟନିର୍ବାହୀ ଅଧିକାରୀ, (ସାଲେପାଲି) ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ। କରୋନା ମହାମାରୀରୁ ମାଁ ପାଟଖଣ୍ଡା, ମାଁ ସମଲେଶ୍ୱରୀ ସମସ୍ତଙ୍କୁ ଉଦ୍ଧାର କରନ୍ତୁ।
ଶ୍ରୀମତୀ ରୀନା ମେହେର
ଅଧ୍ୟକ୍ଷା, ଦେଓଗାଁ ବ୍ଲକ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ରାମକୃଷ୍ଣ ସାହୁ
ସମ୍ପାଦକ, କୃଷି ସେବା ସମବାୟ ସମିତି, ଜରାସିଂହା ଓ ଦେଓଗାଁ

ନବବର୍ଷ ଶୁଭେଚ୍ଛା–୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ପ୍ରଭାସ ଭୋଇ, ସରପଞ୍ଚ
ଶ୍ରୀଯୁକ୍ତ ନନ୍ଦିକିଶୋର ସାହୁ, ଇଓ, ଦେଷଣ୍ଡ ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ସ୍ନେହଲତା ଶାନ୍ତ, ସରପଞ୍ଚ
ଶ୍ରୀଯୁକ୍ତ ରମେଶ ବାଗ, ଇଓ
ବ୍ରାହ୍ମଣୀଯୋର ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ। କାନ୍ଦୁଲବୁଢ଼ା, ମାଁ ପାଟଖଣ୍ଡା, ମାଁ ସମଲେଶ୍ୱରୀ ଦେଓଗାଁବାସୀଙ୍କୁ କୁଶଳରେ ରଖିଥାନ୍ତୁ।
ଶ୍ରୀଯୁକ୍ତ ରାମଜୀ ଚୌଧୁରୀ
ବ୍ଲକ କଂଗ୍ରେସ ସଭାପତି, ଦେଓଗାଁ ବ୍ଲକ, ବଲାଙ୍ଗୀର

## ସଂକ୍ଷେପରେ

### ମାରିଓ ରିଭେରା ଏସ୍‌ସି ଇଷ୍ଟ ବେଙ୍ଗଲର ମୁଖ୍ୟ କୋଚ୍

**ମାରଗାଓ, ୧୧ (ପି.ଟି.):** ସ୍ପେନର ମାରିଓ ରିଭେରା ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ସିଜନ ଅବଶିଷ୍ଟାଂଶ ପାଇଁ ଏସ୍‌ସି ଇଷ୍ଟ ବେଙ୍ଗଲର ମୁଖ୍ୟ କୋଚ ଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ଏହି ପଦବୀରେ ଥିବା ଜୋସ୍ ମାନୁଏଲ୍ ଡିଆଜ ଦଳର କ୍ରମାଗତ ୮ଟି ମ୍ୟାଚରେ ଖରାପ ପ୍ରଦର୍ଶନ ପାଇଁ ମଙ୍ଗଳବାର ବହିଷ୍କୃତ ହୋଇଥିଲେ। ତାଙ୍କ ସ୍ଥାନରେ ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରିନେଡି ସିଂ କାମଚଳା କୋଚ୍ ଦାୟିତ୍ୱ ତୁଲାଇ ଆସୁଥିଲେ। ସୂଚନାଯୋଗ୍ୟ, ଦୁଇଟି ସିଜନ ପୂର୍ବେ ରିଭେରାଙ୍କ ତତ୍ତ୍ୱାବଧାନରେ ଇଷ୍ଟବେଙ୍ଗଲ ଆଇ-ଲିଗ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ପୂର୍ବରୁ ସେ ୨୦୧୮-୧୯ରେ ୩୨ଟି ଗେମ୍ ପାଇଁ ପୂର୍ବତନ ଇଷ୍ଟ ବେଙ୍ଗଲ କୋଚ୍ ଆଲେଜାଣ୍ଡ୍ରୋ ମେନେଣ୍ଡେଜ୍‌ଙ୍କ ସହକାରୀ ଭାବେ କାର୍ଯ୍ୟ କରିଥିଲେ।

### ଗାଙ୍ଗୁଲି ଡେଲ୍‌ଟା ପ୍ଲସ୍ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ

**କୋଲକାତା, ୧୧(ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି କୋଭିଡ୍-୧୯ର ଡେଲ୍‌ଟା ପ୍ଲସ୍ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସେତେଟା ଗୁରୁତର ନୁହେଁ ବୋଲି ଅନୁଭବ ହେବାରୁ ହସ୍ପିଟାଲରେ ୪ ଦିନ ରହିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ସେ ନିଜ ବାସଭବନରେ ଆଇସୋଲେଶନରେ ରହି ଚିକିତ୍ସିତ ହୋଇପାରିବେ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍‌ର ଦୃଢ଼ବୋଧ ହୋଇଥିଲା। ଭାରତର ଏହି ପୂର୍ବତନ ଅଧିନାୟକଙ୍କଠାରୁ ଦୁଇଦିନ ପୂର୍ବେ ସାମ୍ପୁଲ ସଂଗ୍ରହ କରାଯାଇଥିଲା। କୋଭିଡ୍ ଟେଷ୍ଟରେ ସେ ଡେଲ୍‌ଟା ପ୍ଲସ ଭାରିଆଣ୍ଟ ପଜିଟିଭ ଥିବା ଜଣାପଡ଼ିଥିଲା। ଶୁକ୍ରବାର ଗାଙ୍ଗୁଲିଙ୍କର ଓମିକ୍ରନ ଭାରିଆଣ୍ଟ ପାଇଁ ହୋଇଥିବା ଟେଷ୍ଟରେ ତାଙ୍କର ନେଗେଟିଭ ଆସିଥିଲା। ବର୍ତ୍ତମାନ ସେ ନିଜ ଘରେ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ୧୫ ଦିନ ଆଇସୋଲେଶନରେ ରହିବେ। ସୂଚନାଯୋଗ୍ୟ, ୪୯ ବର୍ଷୀୟ ଗାଙ୍ଗୁଲିଙ୍କର ଆର୍‌ଟି-ପିସିଆର ଟେଷ୍ଟରେ ପଜିଟିଭ ଆସିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସୋମବାର ରାତିରେ ତାଙ୍କୁ ଉଡ୍‌ଲାଣ୍ଡ୍ସ ମଲ୍ଟିସ୍ପେସିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ପିକେଏଲ୍‌ର ୩ ମ୍ୟାଚ ଟାଇ

**ବେଙ୍ଗାଲୁରୁ, ୧୧(ପି.ଟି.):** ଚଳିତ ପ୍ରୋ-କବାଡ଼ି ଲିଗ୍(ପିକେଏଲ୍)ରେ ଶନିବାର ଖେଳାଯାଇଥିବା ତିନୋଟି ଯାକ ମ୍ୟାଚ ଟାଇ ଭାବେ ଶେଷ ହୋଇଛି। ଫଳରେ ଦଳଗୁଡ଼ିକ ମଧ୍ୟରେ ପଏଣ୍ଟ ବଣ୍ଟାଯାଇଛି। ୟୁ ମୁମ୍ବା ଓ ୟୁପି ଯୋଦ୍ଧା ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ୨୮-୨୮ ପଏଣ୍ଟରେ ଟାଇ ହୋଇଥିବା ବେଳେ ବେଙ୍ଗାଲୁରୁ ବୁଲ୍ସ ଓ ତେଲୁଗୁ ଟାଇଟାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩୪-୩୪ ଏବଂ ଦବଙ୍ଗ ଦିଲ୍ଲୀ କେସି ଓ ତାମିଲ ଥଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩୦-୩୦ରେ ଟାଇ ଭାବେ ଶେଷ ହୋଇଛି। ଶନିବାର ଖେଳ ଶେଷ ସୁଦ୍ଧା ଦବଙ୍ଗ ଦିଲ୍ଲୀ କେସି ୨୧ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଥିବା ବେଳେ ବେଙ୍ଗାଲୁରୁ ବୁଲ୍ସ (୧୮), ୟୁ ମୁମ୍ବା (୧୭) ଓ ପାଟନା ପାଇରେଟ୍ସ (୧୬) ଯଥାକ୍ରମେ ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି।

### ଉରୁଗୁଏ ସକର ଏଜେଣ୍ଟ ଜୁଆନ ଫିଗରଙ୍କ ପରଲୋକ

**ସାଓ ପାଉଲୋ, ୧୧:** ଉରୁଗୁଏର ଅଭିଜ୍ଞ ସକର ତଥା ଫୁଟବଲ ଏଜେଣ୍ଟ ଜୁଆନ ଫିଗର ୮୭ ବର୍ଷରେ ପରଲୋକ ଗମନ କରିଛନ୍ତି। ବିଶ୍ୱର ଏକାଧିକ ନାମୀଦାମୀ ଫୁଟବଲରଙ୍କ ଟ୍ରାନ୍ସଫର ପ୍ରକ୍ରିୟାକୁ ସଫଳତାର ସହ ସମ୍ପାଦନ କରି ବେଶ୍ ଚର୍ଚ୍ଚିତ ଥିଲେ। ତାଙ୍କ ନାତୁଣୀ ଷ୍ଟିଫାନି ଫିଗର ଓ ତାଙ୍କ ଏଜେନ୍ସି ଫିଗରଙ୍କ ପରଲୋକ ସମ୍ପର୍କରେ ସୂଚନା ଦେଇଛନ୍ତି। ସାଓ ପାଉଲୋରେ ତାଙ୍କ ଏଜେନ୍ସି କାର୍ଯ୍ୟ କରିଆସୁଛି। ୧୯୬୯ରେ ସେ ତାଙ୍କ ବ୍ୟବସାୟ ଆରମ୍ଭ କରିଥିଲେ। କିମ୍ବଦନ୍ତୀ ଖେଳାଳି ଡିଏଗୋ ମାରାଡୋନା, କାକା, ଜର୍ଜେନ କ୍ଲିନ୍ସମ୍ୟାନ, ଗ୍ୟାରି ଲିନେକେର, ରୁଡ୍ ଗୁଲିଟ ଓ ସକ୍ରେଟ୍ସଙ୍କ ଭଳି ଖେଳାଳିଙ୍କର ସେ ଟ୍ରାନ୍ସଫର କରାଇଥିଲେ।

# ଡେଭନ କନ୍‌ୱେଙ୍କ ଶତକ

**ମାଉଣ୍ଟ ମାଉନଗାନୁଇ, ୧୧**


ଡେଭନ୍ କନୱେ

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ନୂଆବର୍ଷର ପ୍ରଥମ ଦିନରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଟେଷ୍ଟରେ ନ୍ୟୁଜିଲାଣ୍ଡ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଡେଭନ୍ କନୱେ ୧୨୨ ରନର ଶତକୀୟ ଇନିଂସ ଖେଳି ପୂରା ଢଙ୍ଗରେ ନୂଆବର୍ଷ ଆରମ୍ଭ କରିଛନ୍ତି। କନ୍‌ୱେ ୨୦୨୨ରେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଶତକ ଅର୍ଜନ କରିଛନ୍ତି। ଟସ୍ ଜିତି ବାଂଲାଦେଶ ଅଧିନାୟକ ମୋମିନୁଲ ହକ୍ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ କନ୍‌ୱେଙ୍କ ଶତକ ସହାୟତାରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୭.୩ ଓଭରରେ ୫ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ହେନେରି ନିକୋଲ୍ସ ୩୨ ରନକରି ଅପରାଜିତ ରହିଛନ୍ତି।

ଇନିଂସ ଆରମ୍ଭରୁ ନ୍ୟୁଜିଲାଣ୍ଡକୁ ଝଟକା ଲାଗିଥିଲା। ଅଧିନାୟକ ତଥା ଓପନର ଟମ୍ ଲାଥମ ୧ ରନ କରିଥିବା ବେଳେ ସୋରିଫୁଲ ଇସ୍‌ଲାମଙ୍କ ବଲ୍‌ରେ ଉଇକେଟକିପର ଲିଟନ ଦାସଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ କନ୍‌ୱେ ଓ ୱିଲି ୟଙ୍ଗ୍ ୨୭୧ ବଲର ସାମ୍ନା କରି ୧୩୮ କରି ସ୍ଥିତି ସମ୍ଭାଳିଥିଲେ। ୱିଲ ୟଙ୍ଗ୍ ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ୩୧ ରନକରି ସୋରିଫୁଲ ଇସ୍‌ଲାମଙ୍କ ବଲ୍‌ରେ ଶଦମନ ଇସ୍‌ଲାମଙ୍କୁ ଏକ ଲୋ କ୍ୟାଚ୍ ଦେଇଥିଲେ। ଏହାପରେ କନ୍‌ୱେ ମୋମିନୁଲ ହକ୍‌ଙ୍କ ବଲ୍‌ରେ ଲିଟନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେ ୨୨୭ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୧ ଛକା ସହ ୧୨୨ ରନର ଶତକୀୟ ଇନିଂସ ଖେଳିଥିଲେ। ଶେଷରେ ଟମ୍ ବ୍ଲଣ୍ଡେଲ(୧୧ ରନ) ଇବାଦୋତ ହୋସେନଙ୍କ ଦ୍ୱାରା କ୍ଲିନବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ।

**ପ୍ରଥମ ଟେଷ୍ଟ**
**ନ୍ୟୁଜିଲାଣ୍ଡ ୨୫୮/୫**

ଦକ୍ଷିଣ ଆଫ୍ରିକା ଜନ୍ମିତ କନ୍‌ୱେ ୨୯ ବର୍ଷରେ ୨୦୨୧ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମ ଟେଷ୍ଟ ଇନିଂସରେ ସେ ଦ୍ୱିଶତକୀୟ ପାଳି ଖେଳି ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ଏ ପର୍ଯ୍ୟନ୍ତ ସେ ୪ଟି ଟେଷ୍ଟ ଖେଳି ଗୋଟିଏ ଦ୍ୱିଶତକ, ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହ ୮୩ ରନ ହାରରେ ୫୦୧ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ସେ ୭୫ ଓ ଟି୨୦ରେ ୫୦ ରନ ହାରରେ ସେ ରନ୍ ସଂଗ୍ରହ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-** ୮୭.୩ ଓଭରରେ ୨୫୮/୫। (କନ୍‌ୱେ- ୧୨୨, ୟଙ୍ଗ- ୫୨, ନିକୋଲ୍ସ- ୩୨*, ସୋରିଫୁଲ- ୨/୫୩, ଇମାଦୋତ- ୧/୫୩, ମୋମିନୁଲ- ୧/ ୫)।

# ଟି୨୦ ଦଳକୁ ଫେରିଲେ ପୋଲାର୍ଡ

**ସେଣ୍ଟ ଜୋନ୍ସ(ଆଣ୍ଟିଗୁଆ), ୧୧**


କିରନ ପୋଲାର୍ଡ

ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ଟି୨୦ ଦଳକୁ କିରନ ପୋଲାର୍ଡ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜରେ ସେ ଦଳର ନେତୃତ୍ୱ ନେବେ। ଇଂଲଣ୍ଡ ସିରିଜ ପୂର୍ବରୁ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ଆୟର୍ଲାଣ୍ଡ ବିପକ୍ଷରେ ୩ଟି ଦିନିକିଆ ଓ ଗୋଟିଏ ଟି୨୦ ମ୍ୟାଚ୍ ଖେଳିବ। ଜାମାଇକାର ସାବିନା ପାର୍କରେ ଜାନୁୟାରୀ ୮ରୁ ୧୬ ତାରିଖ ମଧ୍ୟରେ ଏହି ସିରିଜ ଆୟୋଜନ ହେବ। ଶନିବାର ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷ ଏହି ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରିଛି। ସେହିପରି ଜାନୁୟାରୀ ୨୨ରୁ ୩୦ ତାରିଖ ମଧ୍ୟରେ ବାର୍ବାଡୋସର କେନସିଂଟନ ଓଭାଲ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ।

ଏକ ସନ୍ତୁଳିତ ଦଳ ଚୟନ କରିବାକୁ ଆମେ ପ୍ରୟାସ କରିଛୁ ବୋଲି ୱେଷ୍ଟଇଣ୍ଡିଜ କୋଚ୍ ଫିଲ ସିମନ୍ସ କହିଛନ୍ତି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ପୋଲାର୍ଡ ପାକିସ୍ତାନ ଗସ୍ତରେ ଯାଇପାରି ନ ଥିଲେ। ସେ ଟି୨୦ ବିଶ୍ୱକପ୍ ଖେଳିବା ଅବସରରେ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ।

**ଘୋଷିତ ୱେଷ୍ଟଇଣ୍ଡିଜ ଟି୨୦ ଦଳ:** କିରନ ପୋଲାର୍ଡ (ଅଧିନାୟକ), ନିକୋଲାସ ପୁରନ, ଫବିଆନ ଆଲେନ (କେବଳ ଇଂଲଣ୍ଡ), ଡାରେନ ବ୍ରାଭୋ (କେବଳ ଇଂଲଣ୍ଡ), ରୋଷ୍ଟନ ଚେଜ, ଶେଲଡନ କଟ୍ରେଲ, ଡୋମିନିକ ଡ୍ରେକ୍ସ, ସାଇ ହୋପ, ଅକିଲ ହୋସେନ, ଜାସନ ହୋଲ୍ଡର, ବ୍ରାଣ୍ଡନ କିଙ୍ଗ୍, କାଏଲ ମେୟର୍ସ, ରୋଭମ୍ୟାନ ପାୱେଲ, ରୋମାରିଓ ଶେଫର୍ଡ, ଓଡିନ ସ୍ମିଥ, ହେଡେନ ୱାଲ୍ସ ଜୁନିୟର।

**ଆୟର୍ଲାଣ୍ଡ ବିପକ୍ଷ ୱେଷ୍ଟଇଣ୍ଡିଜ ଦିନିକିଆ ଦଳ:** କିରନ ପୋଲାର୍ଡ (ଅଧିନାୟକ), ସାଇ ହୋପ, ଶମରା ବ୍ରୁକ୍ସ, ରୋଷ୍ଟନ ଚେଜ, ଜଷ୍ଟିନ ଗ୍ରେଭ୍ସ, ଜାସନ ହୋଲ୍ଡର, ଅକିଲ ହୋସେନ, ଜେଡେନ ସିଲ୍ସ, ନିକୋଲାସ ପୁରନ, ରୋମାରିଓ ଶେଫର୍ଡେ, ଓଡିନ ସ୍ମିଥ୍ ଓ ଡେଭନ ଥୋମାସ।

# ହାପି ଏକାଦଶ ଚାମ୍ପିୟନ


ଟ୍ରଫି ସହ ଅତିଥିଙ୍କ ଗହଣରେ ହାପି ଏକାଦଶ।

**ଭୁବନେଶ୍ୱର, ୧୧(ସ୍ପୋର୍ଟ୍ସ ବ୍ୟୁରୋ)**

**ସନ୍ତୋଷ ମେମୋରିଆଲ କ୍ରିକେଟ**

ସ୍ଥାନୀୟ ରସୁଲଗଡ଼ସ୍ଥିତ ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ହାପି ଏକାଦଶ ୪ ଉଇକେଟରେ ୱିଣ୍ଡ ୨୦୦୦କୁ ପରାସ୍ତ କରି ଟାଇଟଲ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ୱିଣ୍ଡ ୧୫ ଓଭରରେ ୬ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁଶାନ୍ତ ପ୍ରଧାନ ୨୫ ବଲରୁ ୭୬ ରନ ସଂଗ୍ରହ କରିଥିଲେ। ହାପି ତରଫରୁ ବୋଲିଂରେ କେ. ରେଞ୍ଜୀ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ହାପି ୧୩.୪ ଓଭରରେ ୬ ଉଇକେଟ ହରାଇ ୨୧୪ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଲୋକ ସାହୁ ୨୪ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱିଣ୍ଡ ତରଫରୁ ଚିଣ୍ଟୁ ବିଶ୍ୱାଳ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

ଆଲୋକ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସୁଶାନ୍ତ ପ୍ରଧାନ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। କୈଳାସ ରାହୁଲ ଓ ରଜତ ଜଗଦେବ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ବିଧାୟକ ସୁଶାନ୍ତ ରାଉତ ଓ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଯଜ୍ଞାଶିଷ ମହାପାତ୍ର, ବୁଦ୍ଧ ପ୍ରକାଶ ମହାପାତ୍ର, ସଞ୍ଜୟ ପାଇକରାୟ, ପ୍ରତାପ ରାଉତରାୟ, ଅଶୋକ ଦାଶ, ବିଶ୍ୱଜିତ୍ ଦାଶ ଓ ରବୀନ୍ଦ୍ର ଜଗଦେବ ଯୋଗ ଦେଇଥିଲେ।

# ରାଡୁକାନୁ ସର୍ବକନିଷ୍ଠ ଏମ୍‌ବିଇ

**ମେଲବୋର୍ନ, ୧୧(ଏପି)**

ୟୁଏସ୍ ଓପନ ଚାମ୍ପିୟନ ତଥା ବିଶ୍ୱର ୧୯ ନମ୍ବର ର‌୍ୟାଙ୍କିଙ୍ଗପ୍ରାପ୍ତ ଏମା ରାଡୁକାନୁଙ୍କ ନାମ ଶୁକ୍ରବାର ପ୍ରକାଶ ପାଇଥିବା କୁଇନ୍ ଏଲିଜାବେଥ୍-୨ଙ୍କ ବ୍ରିଟିଶ ରାଜତନ୍ତ୍ରର ବାର୍ଷିକ ନୂଆବର୍ଷ ସମ୍ମାନିତ ତାଲିକାରେ ସ୍ଥାନ ପାଇଛି। ୧୯ ବର୍ଷୀୟା ରାଡୁକାନୁ ପ୍ରଥମ କ୍ୱାଲିଫାୟର ଭାବେ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫଳତଃ ସେ ସର୍ବକନିଷ୍ଠ ମହିଳା ଖେଳାଳି ଭାବେ ଜଣେ ଏମ୍‌ବିଇ (ମେମ୍ବର ଅଫ୍ ଦି ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟର) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ଟେଷ୍ଟରେ ପଜିଟିଭ ପରେ ଏହି ଟେନିସ ଖେଳାଳି ଆଇସୋଲେଶନରୁ ବାହାରିଛନ୍ତି। ଚଳିତ ସପ୍ତାହରେ ମେଲବୋର୍ନରେ ୱାର୍ମଅପ୍ ଟୁର୍ନାମେଣ୍ଟରୁ ସେ ଓହରିଯିବା ପରେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନରେ ତାଙ୍କ ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ମାତ୍ର ସମ୍ମାନଜନକ ଏମ୍‌ବିଇ ପୁରସ୍କାର ପରେ ସେ ଏହି ଟୁର୍ନାମେଣ୍ଟ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଶନିବାର ସେ ମେଲବୋର୍ନ କୋର୍ଟକୁ ଓହ୍ଲାଇଛନ୍ତି।


ଏମା ରାଡୁକାନୁ

# ଚମତ୍କାରିତା ଦେଖାଇବେ ଋତୁରାଜ

**ମୁମ୍ବାଇ, ୧୧ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ମନୋନୀତ ହୋଇଥିବା ଋତୁରାଜ ଗାଏକ୍ୱାଡ ଭାରତୀୟ ଦଳ ପାଇଁ ଚମତ୍କାରିତା ଦେଖାଇବେ ବୋଲି କହିଛନ୍ତି ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମା। ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ଅନ୍ତର୍ଜାତୀୟ ଦିନିକିଆ ଜାନୁୟାରୀ ୧୯, ୨୧ ଓ ୨୩ରେ ଯଥାକ୍ରମେ ପାର୍ଲ ଓ କେପ୍ ଟାଉନ୍‌ଠାରେ ଖେଳିବ। ଏଥିପାଇଁ ଶର୍ମାଙ୍କ ନେତୃତ୍ୱାଧୀନ ସିଲେକ୍ସନ ପ୍ୟାନେଲ ଶୁକ୍ରବାର ଦଳ ମନୋନୟନ କରିଛି। ମହାରାଷ୍ଟ୍ର ବ୍ୟାଟର ଋତୁରାଜଙ୍କୁ ଠିକଣା ସମୟରେ ସୁଯୋଗ ମିଳିଛି। ସେ ଟି୨୦ ଦଳରେ ଥିଲେ, ବର୍ତ୍ତମାନ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଜାତୀୟ ଦଳ ତରଫରୁ ସେ କମାଲ ଦେଖାଇବେ ବୋଲି ତାଙ୍କର ଦୃଢ଼ ଆଶା ରହିଛି। ୨୪ବର୍ଷୀୟ ଋତୁରାଜ ହେଉଛନ୍ତି ପୁଣେ ବାସିନ୍ଦା। ଗତ ଇଣ୍ଡିଆନ


ଋତୁରାଜ ଗାଏକ୍ୱାଡ

ପ୍ରିମିୟର ଲିଗ୍ (ଆଇପିଏଲ)ରେ ସେ ଅଗ୍ରଣୀ ସ୍କୋରର ଥିଲେ। ସେ ମୋଟ ୬୩୫ ରନ ସ୍କୋର କରିବା ସହ ଚେନ୍ନାଇ ସୁପର କିଙ୍ଗ୍ସକୁ ଟାଇଟଲ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଋତୁରାଜଙ୍କର ଏହି ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି ବୋଲି ଶର୍ମା କହିଛନ୍ତି। ଆଇପିଏଲ ପରେ ସେ ବିଜୟ ହଜାରେ ଟ୍ରଫିରେ ମଧ୍ୟ ତାଙ୍କର ଚମକ ଦେଖାଇଥିଲେ। ଏହି ଟୁର୍ନାମେଣ୍ଟରେ ମଧ୍ୟ ସେ ଅଗ୍ରଣୀ ସ୍କୋରର ଥିଲେ। ସେ ୫ଟି ମ୍ୟାଚରୁ ୬୦୩ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବୋଚ୍ଚ ସ୍କୋର ୧୬୮ ରହିଥିଲା। ଗତବର୍ଷ କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ସେ ତାଙ୍କ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ। ଋତୁରାଜ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ପୂର୍ବରୁ ସ୍ଥାନ ପାଇ ସାରିଛନ୍ତି।

# ଏସିଆ କପ୍ ବିଜୟ ଆତ୍ମବିଶ୍ୱାସ ବଢ଼ାଇଛି: ଲକ୍ଷ୍ମଣ

**ନୂଆଦିଲ୍ଲୀ, ୧୧**

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଶୁକ୍ରବାର ଶ୍ରୀଲଙ୍କାକୁ ୯ ଉଇକେଟରେ ହରାଇ ରେକର୍ଡ ଅଷ୍ଟମଥର ପାଇଁ ଟାଇଟଲ ହାସଲ କରିଛି। ଏହି ବିଜୟରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍. ଲକ୍ଷ୍ମଣ ଖୁସି ପ୍ରକାଶ କରିଛନ୍ତି। ଏହି ବିଜୟ ଦଳର ଆତ୍ମବିଶ୍ୱାସ ବଢ଼ାଇଛି ବୋଲି ସେ କହିଛନ୍ତି। ପ୍ରତିକୂଳ ପରିସ୍ଥିତି ଓ ଖରାପ ପାଗ ଯୋଗୁ ଭାରତୀୟ ଖେଳାଳିମାନେ ପ୍ରସ୍ତୁତି କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହା ସତ୍ତ୍ୱେ ଦଳ ଚାମ୍ପିୟନ ହୋଇଥିବାରୁ ପ୍ରଶଂସାର ହକ୍‌ଦାର ବୋଲି ସେ କହିଛନ୍ତି।


ଭି.ଭି.ଏସ. ଲକ୍ଷ୍ମଣ

ଜାନୁୟାରୀ ୧୪ରୁ ଫେବୃୟାରୀ ୫ ମଧ୍ୟରେ ୱେଷ୍ଟଇଣ୍ଡିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଏହି ଇଭେଣ୍ଟ ପୂର୍ବରୁ ଏସିଆ କପ୍ ବିଜୟ ଭାରତର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ପ୍ରସ୍ତୁତିରେ ସହାୟ ହେବ ବୋଲି ସେ କହିଛନ୍ତି। ୟଶ ଧୂଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ସେ ଅଭିନନ୍ଦନ ଜଣାଇଛନ୍ତି। ଖରାପ ପାଗ ପ୍ରସ୍ତୁତି ତଥା ଟ୍ରେନିଂରେ ଅନ୍ତରାୟ ସୃଷ୍ଟି କରିଥିଲା। ତେବେ ପ୍ରତି ମ୍ୟାଚ୍‌ରେ ଖେଳାଳିମାନେ ପ୍ରଦର୍ଶନରେ ଉନ୍ନତି ଆଣିଥିଲେ। ଏହା ନିଶ୍ଚିତ ଭାବେ ସନ୍ତୋଷଜନକ ବୋଲି ଲକ୍ଷ୍ମଣ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଚାମ୍ପିୟନ ଭାରତୀୟ ଦଳକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ତରନଜିତ ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୧୧**

୨୩ ବର୍ଷରୁ କମ୍ ଦ୍ରୁତତମ ଭାରତୀୟ ମହିଳା ସ୍ପ୍ରିଣ୍ଟର ତରନଜିତ କୌର ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ଦ୍ୱାରା କରାଯାଇଥିବା ଏକ ଇନ୍ କମ୍ପିଟିଶନ ଡୋପ୍ ଟେଷ୍ଟରେ ସେ ଫେଲ ମାରିଛନ୍ତି। ୨୦୨୧ରେ ଦିଲ୍ଲୀର ଏହି ୨୦ ବର୍ଷୀୟ ସ୍ପ୍ରିଣ୍ଟର ଦେଶର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଆଥଲେଟର ମାନ୍ୟତା ପାଇଥିଲେ।

ଗତ ସେପ୍ଟେମ୍ବର ୨୭ରୁ ୨୯ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜାତୀୟ ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ସେ ୧୦୦ ଓ ୨୦୦ ମିଟର ରେସ୍ ଯଥାକ୍ରମେ ୧୧.୫୪ ଓ ୨୩.୫୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହାର ଗୋଟିଏ ସପ୍ତାହ ପୂର୍ବରୁ ସେ ନ୍ୟାଶନାଲ ଓପନ୍ ଚାମ୍ପିୟନଶିପ୍‌ରେ ୧୧.୫୦ ସେକେଣ୍ଡ ସମୟ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସ୍ୱର୍ଣ୍ଣ ଜିତିଥିଲେ। ସେ ୨୩.୬୪ ସେକେଣ୍ଡ ସମୟ ନେଇ ୨୦୦ମି. ରେସ ପାର କରିଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ଏହି ଇଭେଣ୍ଟ ଆୟୋଜନ ହୋଇଥିବାରୁ ଏକାଧିକ ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରି ନ ଥିଲେ। ସେ ଡୋପ୍ ଟେଷ୍ଟରେ ଫେଲ୍ ହୋଇଛନ୍ତି ବୋଲି ନାଡା ତରଫରୁ ସ୍ପଷ୍ଟ କରାଯାଇଛି। ତେବେ ସେ କେଉଁ ନିଷିଦ୍ଧ ପଦାର୍ଥ ସେବନ କରିଥିଲେ ଓ କେଉଁ ଇଭେଣ୍ଟରେ ଏହାକୁ ସେବନ କରିଥିଲେ ସେ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇନାହିଁ। ଏହି ପରୀକ୍ଷା ଜାତୀୟ ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କିମ୍ବା ନ୍ୟାଶନାଲ ଓପନ ଚାମ୍ପିୟନଶିପ୍‌ରେ କରାଯାଇଥିବା ଅନୁମାନ କରାଯାଉଛି। ଯଦି ସେ ଏଥିରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ସେ ୪ ବର୍ଷ ବାସନ୍ଦ ହେବାର ଆଶଙ୍କା ରହିଛି। ପ୍ରଥମଥର ପାଇଁ ଡୋପ୍ ଅଫେଣ୍ଡରମାନଙ୍କୁ ଅତିବେଶିରେ ୪ ବର୍ଷ ବାସନ୍ଦ କରାଯିବାର ନିୟମ ରହିଛି।


ତରନଜିତ କୌର

# ଶୀର୍ଷ ସ୍ଥାନ ଉପରେ କେରଳ ବ୍ଲାଷ୍ଟର୍ସର ନଜର

**ଭାସ୍କୋ, ୧୧ (ପି.ଟି.)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଫର୍ମରେ ଥିବା କେରଳ ବ୍ଲାଷ୍ଟର୍ସ ଟୁର୍ନାମେଣ୍ଟରେ ସଂଘର୍ଷ ଚଳାଇଥିବା ଏଫ୍‌ସି ଗୋଆକୁ ଭେଟିବ। ରବିବାର ଏଥିରେ ବିଜୟ ସହ ଦଳ ପଏଣ୍ଟ ଟେବୁଲ ଶୀର୍ଷ ସ୍ଥାନ ଅଧିକାର କରିବା ଲକ୍ଷ୍ୟରେ ରହିଛି। ଲିଗ୍‌ରେ କେରଳ ୮ଟି ମ୍ୟାଚରୁ ୧୩ ପଏଣ୍ଟ ଅର୍ଜନ କରି ଟେବୁଲର ୫ମ ସ୍ଥାନରେ ରହିଛି। ଦଳ କିନ୍ତୁ ଏହାର ଗତ ୭ଟି ମ୍ୟାଚରେ ଅପରାଜେୟ ରହିଛି। ଚଳିତ ସିଜନରେ ଇଭାନ ଭୁକୋମାନୋଭିଚ୍‌ଙ୍କ ମିଡ୍ ଫିଲ୍ଡ ଓ ଆଟାକ୍ ଖୁବ୍ ଭଲ ରହିଛି। ରବିବାର ମ୍ୟାଚ ଜିତିଲେ ଦଳ ମୁମ୍ବାଇ ସିଟି ଏଫ୍‌ସିକୁ ହଟାଇ ଲିଗ୍ ଷ୍ଟାଣ୍ଡିଂର ଶୀର୍ଷ ସ୍ଥାନ ଅଧିକାର କରିନେବ। ଚଳିତ ସିଜନରେ କେରଳ ବ୍ଲାଷ୍ଟର୍ସର ସଫଳତା ପଛରେ ରହିଥିବା ମୁଖ୍ୟ କାରଣ ହେଲା ଏହାର ଦୁଇ ମିଡ୍ ଫିଲ୍ଡରେ ଜିକ୍‌ସନ ସିଂ ଓ ପୁଇଟିଙ୍କ ମଧ୍ୟରେ ସ୍ଥିରତା ଓ ସନ୍ତୁଳନ ବଜାୟ ରହିବା। ଅଲଭାରୋ ଭାଜକ୍ୱେଜ୍ ଭଲ ଆଟାକ୍ କରିପାରୁଛନ୍ତି। ଏହି ସବୁ ଦୃଷ୍ଟିରୁ ରବିବାର ମ୍ୟାଚରେ ଏଫ୍‌ସି ଗୋଆକୁ ପରାସ୍ତ କରିପାରିବ ବୋଲି କେରଳ ଦୃଢ଼ ଆଶାବାଦୀ ରହିଛି। ଅନ୍ୟପକ୍ଷରେ ଡେରିକ୍ ପେରିରାଙ୍କ ଅଧୀନରେ ଗୋଆ ଏହାର ଗତ ତିନୋଟି ମ୍ୟାଚରେ ବିଜୟ ଲାଭ କରିପାରିନି। ଗତ ମ୍ୟାଚରେ ଦଳ ଏଟିକେ ମୋହନବାଗାନଠାରୁ ହାରିଛି। ଜର୍ଜ ଓରିଜ ଏକ ଗୋଲ ସ୍କୋର କରିବା ସହ ଯଦିଓ ଫର୍ମକୁ ଫେରିଥିବା ଭଳି ମନେ ହେଉଛନ୍ତି ହେଲେ ଜଣେ ଖେଳାଳିଙ୍କ ଉପରେ ଭରସା କରିବା ଠିକ୍ ହେବ ନାହିଁ। ଏହି ସ୍ପାନିଶ ଖେଳାଳି ଅବଶ୍ୟ ଚଳିତ ସିଜନରେ ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିବା ସହ ତିନୋଟିରେ ସହାୟତା କରିଛନ୍ତି। କୋଚ୍ ପେରିରା କହିଛନ୍ତି, ତାଙ୍କ ଦଳର ପ୍ରଦର୍ଶନରେ କ୍ରମେ ଉନ୍ନତି ପରିଲକ୍ଷିତ ହେଉଛି। ଦଳର ଅନ୍ୟତମ ପ୍ରତିଭାସମ୍ପନ୍ନ ଖେଳାଳି ଏଡୁ ବେଡିଆ ତାଙ୍କ ଟ୍ରେନିଂ ଆରମ୍ଭ କରିଛନ୍ତି। ତେବେ ମେଡିକାଲ ଟିମ୍‌ର କ୍ଲିଅରାନ୍ସ ପାଇଲେ ସେ ରବିବାର ମ୍ୟାଚରେ ଖେଳିପାରନ୍ତି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଥିବା ଅନ୍ୟଜଣେ ଖେଳାଳି ଏରାନ କାବେରା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନାହାନ୍ତି।


ଅଭ୍ୟାସ ଅବସରରେ ଏଫ୍‌ସି ଗୋଆ ଦଳ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୨/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Sunday, January 2/2022 | ପୃଷ୍ଠା-୧



**ଏଲିଜାବେଥ୍ଙ୍କ ନାମରେ ଦ୍ୱୀପ**

ଅଷ୍ଟ୍ରେଲିଆର ଆସ୍‌ପେନ୍ ଦ୍ୱୀପକୁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାଁରେ ନାମିତ କରାଯିବ।

୦୮

୦୩

**କେନ୍ଦ୍ର ଦଖଲ ଲକ୍ଷ୍ୟରେ ମମତା**

ଟିଏମ୍‌ସିକୁ ୨୪ ବର୍ଷ ପୂରିଛି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ଦଖଲ କରିବାକୁ ମମତା ବାନାର୍ଜୀ ଲକ୍ଷ୍ୟ ରଖିଛନ୍ତି।





ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାରେ ନୂଆବର୍ଷରେ କିଣାକିଣି କରୁଛନ୍ତି ଲୋକେ।

# ବୈଷ୍ଣୋଦେବୀରେ ଦଳାଚକଟା: ୧୨ ମୃତ

**ଜମ୍ମୁ, ୧।୧**

ନୂଆବର୍ଷର ପ୍ରଥମ ଦିନରେ ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ମାତା ବୈଷ୍ଣୋଦେବୀ ପୀଠରେ ଦୁଃଖଦ ଘଟଣା ଘଟିଛି। ପ୍ରବଳ ଭିଡ଼ ଓ ଠେଲାପେଲା ଯୋଗୁ ଦଳାଚକଟାରେ ୧୨ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଶୁକ୍ରବାର ରାତି ୨ଟା ୪୫ ମିନିଟରେ ଏହି ଦୁର୍ଘଟଣା ଘଟିଛି। ମନ୍ଦିର ପ୍ରଶାସନର ପରିଚାଳନାଗତ ତ୍ରୁଟିରୁ ଦଳାଚକଟା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଓ ଉପସ୍ଥିତ ଶ୍ରଦ୍ଧାଳୁମାନେ ଅଭିଯୋଗ କରିଛନ୍ତି।

ନୂଆବର୍ଷରେ ଏଭଳି ଦୁଃଖଦ ଘଟଣା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ କେନ୍ଦ୍ରଶାସିତ ଅଞ୍ଚଳ ପକ୍ଷରୁ ୧୦ ଲକ୍ଷ ଓ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏଥିସହିତ ଆହତମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୦ ହଜାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି।



ବୈଷ୍ଣୋଦେବୀ ପୀଠ ରାସ୍ତାରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼।

ମୃତ ଶ୍ରଦ୍ଧାଳୁଙ୍କ ମଧ୍ୟରୁ ୭ ଜଣ ଉତ୍ତରପ୍ରଦେଶର ହୋଇଥିବାବେଳେ ଦିଲ୍ଲୀରୁ ୩ ଜଣ ଅଛନ୍ତି। ଅନ୍ୟ ଦୁଇଜଣ ହରିୟାଣା ଓ ଜମ୍ମୁ-କଶ୍ମୀରର। ସେମାନଙ୍କ ନାଁ ମମତା(୩୮) ଏବଂ ଧୀରଜ କୁମାର (୨୬) ବୋଲି ଜଣାପଡ଼ିଛି। ୟୁପିର ୭ ଜଣ ହେଲେ ଶ୍ୱେତ୍ୱାତ ସିଂ (୩୫), ଧରମବୀର ସିଂ(୩୫), ବିନୀତ କୁମାର (୩୮), ଅରୁଣ ପ୍ରତାବ ସିଂ(୩୦), ମୋନୁ ଶର୍ମା (୩୨), ମୋହିନ୍ଦର ଗୌର (୨୬) ଏବଂ ନରୀନ୍ଦ୍ର କାଶପ(୪୦)। ସେହିପରି ଦିଲ୍ଲୀର ୩ ତୀର୍ଥଯାତ୍ରୀ ହେଲେ ଆକାଶ କୁମାର (୨୯), ସୋନୁ ପାଣ୍ଡେ(୨୪) ଏବଂ ବିନୟ କୁମାର(୨୪)। ଆହତମାନଙ୍କୁ ଶ୍ରୀ ମାତା ବୈଷ୍ଣୋଦେବୀ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୬ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି।

# ନୂଆ ବର୍ଷରେ ରାଜଧାନୀରେ ହତ୍ୟା

## ବଡ଼ପାଟି ନ କରିବାକୁ କହିବାରୁ ମାରିଦେଲେ

**ପୁରୁଣା ଭୁବନେଶ୍ୱର/ ଭୁବନେଶ୍ୱର,୧।୧(ବ୍ୟୁରୋ)**

ନବବର୍ଷ ୨୦୨୨ ଆରମ୍ଭର କିଛି କ୍ଷଣ ମଧ୍ୟରେ ରାଜଧାନୀରେ ଘଟିଛି ହତ୍ୟାକାଣ୍ଡ। ବଡ଼ପାଟି ନ କରିବାକୁ କହୁଥିବା ଜଣେ ବ୍ୟକ୍ତିଙ୍କୁ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ହତ୍ୟା କରିଛନ୍ତି। ଏୟାରଫିଲ୍ଡ ଥାନା ସୁନ୍ଦରପଦା ନୂଆସାହି ହଜ୍ ପୋଖରୀ ନିକଟରେ ଘଟିଛି ଏହି ଘଟଣା। ମୃତକ ହେଲେ ସ୍ଥାନୀୟ କପିଳପ୍ରସାଦ ଗ୍ରାମର ଦୀପକ କୁମାର ରାଉତରାୟ (୫୫)। ଏନେଇ ପୋଲିସ ୪ଜଣ ଅଭିଯୁକ୍ତଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୧/୨୨) ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ କପିଳେଶ୍ୱର ଗ୍ରାମର ବିକି ମଲିଆ, ସୁଜିତ୍ ପଣ୍ଡା, ଗୁନୁ ମଲିଆ। ଆଉ ଜଣକ ନାମ ଜଣାପଡ଼ିନାହିଁ। ପୋଲିସ ଆଉ କେତେ ଜଣଙ୍କୁ ଧରିବାକୁ ଖୋଜାଖୋଜି କରୁଛି। ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥିବା ପୋଲିସ କହିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଜଣେ ଅତିରିକ୍ତ ଡିସିପି ଓ ସ୍ଥାନୀୟ ଏସିପିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ନୂଆସାହି ହଜ୍ ପୋଖରୀ ପାଖରେ କପିଳେଶ୍ୱର ଗ୍ରାମର ବିକି, ସୁଜିତ୍, ଗୁନୁଙ୍କ ସହ ୮ରୁ ଅଧିକ ଯୁବକ ଭୋଜି କରୁଥିଲେ। ସେଠାରେ କପିଳପ୍ରସାଦର ଆଉ କିଛି ଯୁବକ ମଧ୍ୟ ଭୋଜି କରୁଥିଲେ। ଏହି ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏପରି କି କିଛି ସମୟ ଧରି ଗଣ୍ଡଗୋଳ ମଧ୍ୟ ହୋଇଥିଲା। ରାତି ପ୍ରାୟ ୧୧ଟା ବେଳେ ପରିସ୍ଥିତି ଶାନ୍ତ ପଡ଼ିଲା ପରେ ସମସ୍ତେ ଘରକୁ ପଳାଇଯାଇଥିଲେ। ତେବେ ବିକି, ସୁଜିତ୍, ଗୁନୁ ଓ ସହଯୋଗୀମାନେ କପିଳପ୍ରସାଦର ଅନ୍ୟଗୋଷ୍ଠୀ ଉପରେ ରାଗ ରଖି ବିଳମ୍ବିତ ରାତି ପ୍ରାୟ ୧ଟାରେ ମାରଣାସ୍ତ୍ର ଧରି ଘଟଣାସ୍ଥଳକୁ ଆସି ବଡ଼ପାଟିରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ନିକଟସ୍ଥ ଷଣ୍ଢ କ୍ଲବରେ ଶୋଇଥିବା କପିଳପ୍ରସାଦ ଗ୍ରାମର ଦୀପକ କୁମାର ରାଉତରାୟ ଉଠି ସେମାନଙ୍କୁ ବଡ଼ ପାଟି ନ କରିବାକୁ କହିଥିଲେ। ନୂଆ ବର୍ଷ ହୋଇଗଲାଣି, ଯାହା ବଚସା ହୋଇଛି ସକାଳକୁ ବୁଝାଯିବ ବୋଲି ସେମାନଙ୍କୁ ବୁଝାଇଥିଲେ। ହେଲେ ଅଭିଯୁକ୍ତମାନେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୀପକଙ୍କୁ ମାରଣାସ୍ତ୍ରରେ ☞ପୃଷ୍ଠା-୬



ଦୀପକ କୁମାର ରାଉତରାୟ

### ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା

ହତ୍ୟାକାରୀଙ୍କୁ ଗିରଫ ଦାବିରେ ଶନିବାର ପୂର୍ବାହ୍ନରେ କପିଳପ୍ରସାଦର ଗ୍ରାମବାସୀ ସୁନ୍ଦରପଦା ଶଙ୍କରାବଜାର ଛକରେ ଟାୟାର ଜାଳି ଧାରଣାରେ ବସିଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ହତ୍ୟାକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ତାଙ୍କର ଦାବି ଥିଲା। ଅତିରିକ୍ତ ଡିସିପି ପି.କେ ରାଉତ, ଜୋନ-୨ ଏସିପି ବିଷ୍ଣୁପ୍ରସାଦ ପାତ୍ର, ଏୟାରଫିଲ୍ଡ ଥାନା ଅଧିକାରୀ ରାଧାକାନ୍ତ ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରିଥିଲେ।



ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା ଦେଇଥିବା କପିଳପ୍ରସାଦ ଗ୍ରାମବାସୀ।

# ପ୍ରଥମ ଦିନରେ ୪୫ ହଜାର ପଞ୍ଜୀକୃତ

**ଭୁବନେଶ୍ୱର, ୧।୧(ବ୍ୟୁରୋ)**

**ପିଲାଙ୍କୁ କୋଭିଡ୍ ଟିକା**

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ବୟସ୍କ ଓ ଯୁବବର୍ଗଙ୍କ ପରେ ଏବେ ପିଲାଙ୍କୁ ମଧ୍ୟ ଟିକା ଦିଆଯିବ। ଆସନ୍ତା ୩ ତାରିଖରୁ ପିଲାଙ୍କ ଟିକାକରଣ ଆରମ୍ଭ ହେବ। ପ୍ରାଥମିକ ପର୍ଯ୍ୟାୟରେ ୧୫ ରୁ ୧୮ ବୟସ୍କ କିଶୋରଙ୍କ ଟିକାକରଣକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଏଥିପାଇଁ ଶନିବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ ୪୫ ହଜାରରୁ ଅଧିକ ପିଲା ଟିକା ପାଇଁ ନାମ ପଞ୍ଜୀକରଣ କରିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୦୫ରୁ ୨୦୦୭ ମଧ୍ୟରେ ଜନ୍ମ ହୋଇଥିବା ପିଲାଙ୍କ ଟିକାକରଣ ପାଇଁ କୋୱିନ ପୋର୍ଟାଲରେ ଏହି ପଞ୍ଜୀକରଣ କରାଯାଉଛି। ପ୍ରଥମେ ଲଗ୍ ଇନ୍ କରିବା ପରେ ମୋବାଇଲ ନମ୍ବର ଦେବାକୁ ହେବ। ଏହାପରେ ମୋବାଇଲ୍‌କୁ ଆସୁଥିବା ଓଟିପି ନମ୍ବର ଦେଇ ଟିକାକରଣ ପାଇଁ ନାମ ପଞ୍ଜୀକରଣ କରାଯାଇପାରିବ। କୋୱିନ ପୋର୍ଟାଲରେ ଆପଏଣ୍ଟମେଣ୍ଟ ବୁକ୍ କରି ୩ ତାରିଖ ପରଠାରୁ ପିଲା ଟିକା ନେଇପାରିବେ। ରାଜ୍ୟରେ ଏବେ ୨,୬୦୦ ଟିକାକରଣ କେନ୍ଦ୍ର ଅଛି। ସେଥିରୁ କେତେକ କେନ୍ଦ୍ରରେ କେବଳ କିଶୋରଙ୍କୁ ଟିକା ଦିଆଯିବ। ବାକି କେନ୍ଦ୍ରରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କିଶୋରମାନେ ଟିକା ନେଇପାରିବେ। ଏହାଛଡ଼ା ଟିକାକରଣ କେନ୍ଦ୍ରରେ ଅନ୍‌ସାଇଟ୍ ସ୍ଲଟ୍ ବୁକିଂ ମଧ୍ୟ କରି ହେବ। ଏବେ ରାଜ୍ୟରେ ୧୫ଲକ୍ଷ ଡୋଜ୍ କୋଭାକ୍ସିନ ମହଜୁଦ ଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ସ୍ପେସ୍‌ରେ ନ୍ୟୁ ଇୟର୍

**ମସ୍କୋ, ୧।୧**

ନୂଆବର୍ଷ ପାଳନ ପାଇଁ ମହାକାଶଚାରୀଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ବର୍ଷ ସ୍ପେସ୍‌ରେ ପ୍ରଥମ କରି ୧୦ ମହାକାଶଚାରୀ ସୂର୍ଯ୍ୟ ଚାରିପାଖରେ ପୃଥିବୀର ଆଉ ଏକ ଘୂର୍ଣ୍ଣନ ଆରମ୍ଭ ଉତ୍ସବ ପାଳିଛନ୍ତି। ଏ ନେଇ ରୁଷିଆ ମହାକାଶ ଏଜେନ୍ସି ରୋସ୍କୋମୋସ୍ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍)ରେ ୭ ଏବଂ ଚାଇନା ଷ୍ଟେଶନ ତିଆଙ୍ଗଓଙ୍ଗ୍‌ରେ ୩ ଜଣ ନୂତନ ବର୍ଷ ପାଳନ କରିଛନ୍ତି। ମହାକାଶରେ ଏତେ ସଂଖ୍ୟାରେ ମହାକାଶଚାରୀ କୌଣସି ବର୍ଷକୁ ସ୍ୱାଗତ କରିବା ସ୍ପେସ୍ ଇତିହାସରେ ପ୍ରଥମ ବୋଲି ରୋସ୍କୋମୋସ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ରୁଷିଆ ସ୍ପେସ୍ ଏଜେନ୍ସି ଅନୁସାରେ, ଗତ ୨୧ ବର୍ଷ ମଧ୍ୟରେ ୮୩ ଜଣ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ନୂଆ ବର୍ଷ ଉତ୍ସବରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଏକାଧିକ ଥର ନୂତନ ବର୍ଷରେ ମହାକାଶରେ ରହିଛନ୍ତି। ୟୁରୀ ରୋମାନେଙ୍କୋ ଏବଂ ଜର୍ଜୀ ଗ୍ରେଚ୍‌କୋ ପ୍ରଥମ ରୁଷୀୟ ମହାକାଶଚାରୀଭାବେ ୧୯୭୭-୭୮ରେ ପୃଥିବୀ କକ୍ଷରେ ରହିଥିଲେ। ଏଥିସହ ରୁଷିଆର ଆଣ୍ଟୋନ୍ ସ୍କାପ୍ଲେରୋଭ୍ ୨୦୧୨, ୨୦୧୫, ୨୦୧୮ ଏବଂ ୨୦୨୨ ବର୍ଷର ପ୍ରଥମ ଦିନକୁ ପୃଥିବୀ କକ୍ଷରେ କାଟିଛନ୍ତି।



ରୁଷିଆ ସ୍ପେସ୍ ଏଜେନ୍ସି ପକ୍ଷରୁ ଶନିବାର ଜାରି କରାଯାଇଥିବା ମହାକାଶଚାରୀଙ୍କ ଫଟୋ।

# ୨୦୨୧ରେ ୩୧ ହଜାର ମାମଲା

**ନୂଆଦିଲ୍ଲୀ, ୧।୧**

**ମହିଳା ବିରୋଧୀ ଅପରାଧ**

- ଉତ୍ତରପ୍ରଦେଶରେ ସବୁଠୁ ଅଧିକ
- ୨୦୨୦ ତୁଳନାରେ ୩୦% ବଢ଼ିଛି
- ୨୦୧୪ ପରଠାରୁ ସର୍ବାଧିକ

ମହିଳାଙ୍କ ପାଇଁ ଖରାପ ଥିଲା ୨୦୨୧ ବର୍ଷ। ପୂର୍ବାପେକ୍ଷା ଅଧିକ ହିଂସା ଏବଂ ଅପରାଧର ଶିକାର ହୋଇଛନ୍ତି ସେମାନେ। ଦେଶରେ ପ୍ରାୟ ୩୧, ୦୦୦ ମହିଳା ବିରୋଧୀ ଆପରାଧିକ ମାମଲା ଗତ ବର୍ଷ ରୁଜୁ ହୋଇଛି, ଯାହା କି ୨୦୨୦ ତୁଳନାରେ ୩୦ ପ୍ରତିଶତ ଅଧିକ। ସେଥିମଧ୍ୟରେ ସବୁଠୁ ଖରାପ ସ୍ଥିତି ରହିଛି ଉତ୍ତରପ୍ରଦେଶରେ। ଯୋଗୀ ଆଦିତ୍ୟନାଥ ସରକାରଙ୍କ ଶାସନାଧୀନ ଏହି ରାଜ୍ୟରେ ସର୍ବାଧିକ ମହିଳା ବିରୋଧୀ ହିଂସା ଏବଂ ଅପରାଧ ଘଟୁଥିବା ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଜଣାଯାଇଛି।

ଏନ୍‌ସିଡବ୍ଲ୍ୟୁ ତଥ୍ୟ ଅନୁସାରେ, ୨୦୧୪ ପରଠାରୁ ଦେଶରେ ମହିଳା ବିରୋଧୀ ହିଂସା ସମ୍ପର୍କିତ ସବୁଠୁ ଅଧିକ ଅଭିଯୋଗ ୨୦୨୧ ମସିହାରେ ଆସିଛି। ୨୦୨୦ରେ ଏହି ସଂଖ୍ୟା ୨୩,୭୨୨ ରହିଥିବାବେଳେ ୨୦୨୧ରେ ତାହା ୩୦,୮୬୪କୁ ବୃଦ୍ଧି ପାଇଛି। ୨୦୧୪ରେ ଏହି ମାମଲା ସଂଖ୍ୟା ୩୩,୯୦୬ ରହିଥିଲା। ଏଥିମଧ୍ୟରୁ ୧୫,୮୨୮ ଅଭିଯୋଗ କେବଳ ଉତ୍ତରପ୍ରଦେଶରୁ ରହିଛି। ମହିଳାଙ୍କ ଭାବାବେଗକୁ ଆଘାତ ଲାଗିବା ଏବଂ ସମ୍ମାନର ସହ ବଞ୍ଚିବା ଅଧିକାରରୁ ସେମାନଙ୍କୁ ବଞ୍ଚାଇ ରଖିବାଜନିତ ମାମଲା ସଂଖ୍ୟା ୧୧,୦୧୩ ରହିଛି। ଏଥିସହିତ ଘରୋଇ ହିଂସାଜନିତ କେସ୍ ୬,୬୩୩ ଏବଂ ଯୌତୁକଜନିତ ହିଂସା ମାମଲା ୪,୫୮୯ ରହିଛି। ମହିଳାଙ୍କୁ ସମ୍ମାନର ସହ ବଞ୍ଚିବା ଅଧିକାରରୁ ବଞ୍ଚିତ ରଖାଯାଉଥିବା ସମ୍ପର୍କିତ ଅଭିଯୋଗ ମଧ୍ୟ ଉତ୍ତରପ୍ରଦେଶରୁ ସର୍ବାଧିକ। ଏହାତଳକୁ ଦିଲ୍ଲୀରୁ ୩,୩୩୬, ମହାରାଷ୍ଟ୍ରରୁ ୧୫୦୪, ହରିୟାଣାରୁ ୧୪୬୦ ଏବଂ ବିହାରରୁ ୧୪୫୬ କେସ୍ ରହିଛି।

ହିଂସା ସହ ଜଡ଼ିତ ଅପରାଧ ସମ୍ପର୍କରେ ଏତଲା ଦାୟର ପାଇଁ ଲୋକଙ୍କୁ ସଚେତନ କରାଯାଉଥିବାରୁ ମାମଲା ସଂଖ୍ୟା ବଢ଼ିଥିବା ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ରେଖା ଶର୍ମା ପୂର୍ବରୁ କହିଥିଲେ। ଗତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରତି ମାସରେ ୩,୧୦୦ରୁ ଅଧିକ ଅଭିଯୋଗ ଆସିଥିଲା। ପୂର୍ବରୁ ୨୦୧୮ ନଭେମ୍ବରରେ '#ମି ଟୁ' ଅଭିଯାନ ବେଳେ ୩,୦୦୦ ଏତଲା ଗ୍ରହଣ କରାଯାଇଥିଲା। ଗତ ବର୍ଷ ମହିଳାଙ୍କ ମର୍ଯ୍ୟାଦାହାନି ସମ୍ପର୍କିତ ଅଭିଯୋଗ ୧୮୧୯ ରହିଥିବାବେଳେ ବଳାତ୍କାର ଏବଂ ବଳାତ୍କାର ଉଦ୍ୟମ ଅଭିଯୋଗ ସଂଖ୍ୟା ୧୫୩୭ ରହିଛି। ସାଇବର ଅପରାଧର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ସଂଖ୍ୟା ୮୫୮ ଥିବା ଏନ୍‌ସିଡବ୍ଲ୍ୟୁ ତଥ୍ୟ କହୁଛି। ପୂର୍ବାପେକ୍ଷା ଏବେ ମହିଳାମାନେ ଭୟ ନ କରି ସେମାନେ ଶିକାର ହେଉଥିବା ଅପରାଧ ଓ ହିଂସା ବାବଦରେ ଅଭିଯୋଗ କରିବାକୁ ଆଗକୁ ଆସୁଛନ୍ତି, ଯାହା କି ସମାଜ ପାଇଁ ଭଲ ବୋଲି ଆକଞ୍ଚ ଶ୍ରୀବାସ୍ତବ ଫାଉଣ୍ଡେଶନର ପ୍ରତିଷ୍ଠାତା ଆକଞ୍ଚ ଶ୍ରୀବାସ୍ତବ କହିଛନ୍ତି।

# ମହିଳାଙ୍କ ପ୍ରତି ହିଂସା ଈଶ୍ୱରଙ୍କୁ ଅପମାନ: ପୋପ୍

**ଭାଟିକାନ୍ ସିଟି, ୧।୧**

ନୂଆବର୍ଷ ଉପଲକ୍ଷେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଶନିବାର ବିଶ୍ୱକୁ ମହିଳା ବିରୋଧୀ ହିଂସା ରୋକିବାକୁ ଆହ୍ୱାନ ଦେଇଛନ୍ତି। ମହିଳାଙ୍କ ପ୍ରତି ହିଂସା ଈଶ୍ୱରଙ୍କୁ ଅପମାନ ବୋଲି ୮୫ ବର୍ଷୀୟ ପୋପ୍ ସେଣ୍ଟ ପିଟର୍ସ ବାସିଲିକାର ରୋମାନ କ୍ୟାଥୋଲିକ୍ ଚର୍ଚ୍ଚରେ ଆୟୋଜିତ ଏକ ସମାରୋହରେ କହିଛନ୍ତି। ମାତୃତ୍ୱ ଏବଂ ସମାଜରେ ମହିଳାଙ୍କ ଗୁରୁତ୍ୱକୁ ପୋପ୍ ନୂଆବର୍ଷରେ ଫୋକସ୍ କରିଥିଲେ। ଜୀବନର ସୂତ୍ରଧାରୀ ତଥା ବିଶ୍ୱକୁ ଏକତ୍ର କରି ରଖିବାରେ ଗୁରୁଦାୟିତ୍ୱ ତୁଲାଉଥିବା ମହିଳାଙ୍କ ବିରୋଧରେ ହିଂସା ବନ୍ଦ କରିବାକୁ ସେ ନୂଆବର୍ଷର ପ୍ରସଙ୍ଗ କରିଥିଲେ। କୋଭିଡ୍-୧୯ ଆରମ୍ଭ ହେବା ପରଠାରୁ ମହିଳା ବିରୋଧୀ ହିଂସା ବୃଦ୍ଧିକୁ ନେଇ ପୂର୍ବରୁ ମଧ୍ୟ ପୋପ୍ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି।



# କପିଳାସ ଅଭୟାରଣ୍ୟରେ ଖୁବ୍‌ଶୀଘ୍ର ସଫାରି

ଢେଙ୍କାନାଳ ଅଫିସ, ୧।୧

- ବଦଳୁଛି କଳେବର, ଆକର୍ଷଣୀୟ ହେଉଛି ପରିବେଶ
- ତୃଣଭୋଜୀଙ୍କ ପାଇଁ ୨୦ ହେକ୍ଟରରେ ଲାଗିବ ଘାସ
- ନିର୍ମାଣ ଚାଲିଛି ୧୫ କିଲୋମିଟର ପାଦଚଲା ରାସ୍ତା

ବଦଳୁଛି କପିଳାସ ଅଭୟାରଣ୍ୟର କଳେବର। ଢେଙ୍କାନାଳ ଜିଲାର ଏହି ପ୍ରମୁଖ ସଂରକ୍ଷିତ ଜଙ୍ଗଲକୁ ପର୍ଯ୍ୟଟନ ଅନୁକୂଳ କରିବାକୁ ବନ ବିଭାଗ ପକ୍ଷରୁ ଲଗାତର ପ୍ରୟାସ ଜାରି ରହିଛି। ସଫାରି ସମେତ ଏଠାରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ ୨୦୨୨ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ ରୂପ ନେବ। ଏହା କାର୍ଯ୍ୟକ୍ଷମ ହେଲେ ଦେଶୀୟ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ତା' ସାଙ୍ଗକୁ ରାଜସ୍ୱ ମଧ୍ୟ ବଢ଼ିବ।

୧୨୫୫୯.୫୯ ହେକ୍ଟର ପରିମିତ କପିଳାସ ଜଙ୍ଗଲକୁ ୨୦୧୧ ଏପ୍ରିଲ୍ ୨ରେ ଅଭୟାରଣ୍ୟ ମାନ୍ୟତା ମିଳିଥିଲା। ଏବେ ଏହି ସଂରକ୍ଷିତ ନିଷିଦ୍ଧାଞ୍ଚଳରେ ହରିଣ, ଶମ୍ବର, କୁଟୁରା ଭଳି ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ଖାଦ୍ୟ ସମସ୍ୟା ଦୂର କରିବା ଏବଂ ବିସ୍ତୀର୍ଣ୍ଣ ଚାରଣ ଭୂମି ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦ ହେକ୍ଟର ଜାଗାରେ ଘାସ ଲଗାଯିବ। ଏଥିଲାଗି ଦୁଇଟି ନିର୍ଦ୍ଦିଷ୍ଟ ଅଞ୍ଚଳ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ୨ ସ୍ଥାନରେ ଘାସ ନ ଥିବାରୁ ଖାଦ୍ୟଶୃଙ୍ଖଳ ପ୍ରଭାବିତ ହେଉଛି। ସେହିପରି ଅଭୟାରଣ୍ୟରେ ସଫାରି କାମ ଆଗେଇ ଚାଲିଛି। ଏଥିଲାଗି ଶୋରିଷିଆପଦାଠାରୁ ବଣିଆ ଯାଏ ୧୫ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି। ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା, ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ଲାଗି ଏକ ୱାଚ୍ ଟାୱାର ମଧ୍ୟ ତିଆରି ଚାଲିଛି। ସଫାରିରେ ପର୍ଯ୍ୟଟକଙ୍କୁ ନେବାଆଣିବା ଲାଗି ୨ଟି ଗାଡ଼ି କିଣାଯିବ। ଏଥିଲାଗି ଅର୍ଥ ମଞ୍ଜୁର ହୋଇଛି। ଚଳିତବର୍ଷ ସଫାରି କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ପର୍ଯ୍ୟଟକମାନେ ଟିକେଟ କାଟି ଏହାର ମଜା ନେଇପାରିବେ।

ଏ ସଂକ୍ରାନ୍ତରେ ଡିଏଫ୍ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଶିମିଳିପାଳ, ସାତକୋଶିଆ ଭଳି କପିଳାସ ଅଭୟାରଣ୍ୟରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟ ଜାରିରହିଛି। କପିଳାସ ଅଭୟାରଣ୍ୟ ସମେତ ସପ୍ତଶଯ୍ୟା ସଂରକ୍ଷିତ ଜଙ୍ଗଲର ରକ୍ଷଣାବେକ୍ଷଣ ଲାଗି ଦେଢ଼ କୋଟି ଟଙ୍କା ମଞ୍ଜୁର ହୋଇଛି। କେଉଁ ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି। ସେହିପରି କପିଳାସ ପ୍ରାଣୀ ଉଦ୍ୟାନ ହାତୀ ରେସ୍କ୍ୟୁ ସେଣ୍ଟରକୁ ଉଦ୍ଧାର ହୋଇ ଆସୁଥିବା ଛୁଆହାତୀଙ୍କ ଚଳପ୍ରଚଳ ଲାଗି ଏକ କାଠ ଘେରାବନ୍ଦୀ ସ୍ଥାନ କରାଯିବାକୁ ଯୋଜନା ହେଉଥିବା ଡିଏଫ୍ଓ ସୂଚନା ଦେଇଛନ୍ତି।



କପିଳାସ ଅଭୟାରଣ୍ୟ ପ୍ରବେଶ ଦ୍ୱାର।

# ସୀମାନ୍ତରେ ସ୍ଥିତି ଜାହିର କଲେ ମାଓବାଦୀ

ମାଲକାନଗିରି/ଟିକିରି, ୧।୧(ଡି.ଏନ୍.ଏ.)

ବର୍ଷ ଆରମ୍ଭରୁ ମାଓବାଦୀମାନେ ନିଜ ସ୍ଥିତି ଜାହିର କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ସୁକୁମାର କୁଟ୍ରୁରଠାରୁ କାର୍ଲିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମାଓବାଦୀମାନେ ରାସ୍ତା ଖୋଳିବା ସହ ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିଛନ୍ତି। ଏଥିସହ ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଇ ନିଜର ସ୍ଥିତି ଜାହିର ସୂଚନା ଦେଇଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମାଓବାଦୀ ବିରୋଧୀ ବସ୍ତର ଫାଇଟର ନିଯୁକ୍ତିରେ ଯୋଗ ନ ଦେବାକୁ ସେମାନେ ଏହି ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ସେମାନେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟାଇଥିବା ଅନୁମାନ କରାଯାଉଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଗଛ ଓ ମାଓବାଦୀ ପୋଷ୍ଟର ହଟାଇଥିଲା।

ସେହିପରି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ କର୍ମ୍ମର ଛକରେ ଶନିବାର ସକାଳେ ଏକ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର, ୱାର୍ଡ ମେମ୍ବରଠାରୁ ଆରମ୍ଭକରି ବିଧାୟକ, ଏମ୍‌ପି ଏବଂ ସରକାରୀ କର୍ମଚାରୀ ସମସ୍ତେ ଗରିବ ଲୋକଙ୍କୁ ଠକି ଚାଲିଛନ୍ତି ବୋଲି ଏଥିରେ ଉଲ୍ଲେଖ ରହିଛି। କାଶୀପୁର ବ୍ଲକରେ ରହିଥିବା ଉତ୍କଳ ଆଲୁମିନା କମ୍ପାନୀ ଏବଂ ରାଜ୍ୟର ୪୫ କମ୍ପାନୀରୁ ୨୨ଟି ବନ୍ଦ କରାଯାଉ ବୋଲି କୁହାଯାଇଛି। ଅନ୍ୟ କିଛି ଲେଖା ସ୍ପଷ୍ଟ ଦେଖାଯାଉନାହିଁ। ସିପିଆଇ(ମାଓବାଦୀ)ଙ୍କ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି। ଖବର ପାଇ ପୋଲିସ ସନ୍ଧ୍ୟାରେ ପୋଷ୍ଟର ଜବତ କରିଛି।



କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ କର୍ମ୍ମର ଛକରେ ମରାଯାଇଥିବା ମାଓବାଦୀ ପୋଷ୍ଟର।

# ଏସ୍‌ସିଡିଆର୍‌ସି ସଚିବଙ୍କ ପଦୋନ୍ନତି

କଟକ ଅଫିସ, ୧।୧

ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ (ଏସ୍‌ସିଡିଆରସି) ସଚିବ ଅଭିଜିତ୍ ପଲେଇଙ୍କ ପଦୋନ୍ନତି ହୋଇଛି। ତାଙ୍କୁ କଟକ ଜିଲା କୋର୍ଟର ତୃତୀୟ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଆସନ୍ତା ୩ରେ ସେ କାର୍ଯ୍ୟରେ ଯୋଗଦେବେ। ସୂଚନାଯୋଗ୍ୟ, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ସଚିବ ଭାବେ ଜଷ୍ଟିସ ପଲେଇ କାର୍ଯ୍ୟ କରି ସାଧାରଣ ଲୋକଙ୍କ ବହୁ ଉନ୍ନୟନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ବହୁ ଲୋକଙ୍କ ଖାଉଟି ବିବାଦ ସମ୍ପର୍କିତ ମାମଲା ସମାଧାନ କରାଯାଉଥିଲା।








See Career Appointment on every Wednesday & Saturday



























# କେନ୍ଦ୍ର ଦଖଲ ଲକ୍ଷ୍ୟରେ ମମତା

କୋଲକାତା, ୧।୧: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶନିବାର ୨୪ ବର୍ଷ ପୂରଣ କରିଛି। ପଶ୍ଚିମବଙ୍ଗର ବାମ ସାମ୍ମୁଖ୍ୟକୁ କ୍ଷମତାଚ୍ୟୁତ କରିବା ପାଇଁ ୧୯୯୮ ଜାନୁୟାରୀ ୧ରେ ଏହି ଦଳ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ଦଳ ରାଜ୍ୟରେ ୩୪ ବର୍ଷର ବାମଦଳ ଶାସନର ଅନ୍ତ ଘଟାଇ ୨୦୧୧ରେ କ୍ଷମତାକୁ ଆସିଥିଲା। ମମତାଙ୍କ ନେତୃତ୍ୱରେ ଟିଏମ୍‌ସି କ୍ରମାଗତ ତୃତୀୟ ଥର ପାଇଁ ପଶ୍ଚିମବଙ୍ଗରେ ସରକାର ଗଢ଼ିଥିବାବେଳେ ଏବେ କେନ୍ଦ୍ରରେ କ୍ଷମତା ଦଖଲ ଲାଗି ଲକ୍ଷ୍ୟ ରଖିଛି। ଇତିମଧ୍ୟରେ ଦଳ ପଶ୍ଚିମବଙ୍ଗ ବାହାରେ ଗୋଆ, ତ୍ରିପୁରା, ମେଘାଳୟ ଓ ହରିୟାଣାରେ ସଂଗଠନ ସୃଷ୍ଟି କରିଛି ଏବଂ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଯୋଜନାରେ ରହିଛି।

କଂଗ୍ରେସ ଛାଡ଼ି ଟିଏମ୍‌ସି ଗଢ଼ିଥବା ମମତା ସର୍ବପୁରାତନ ଦଳକୁ ଚ୍ୟାଲେଞ୍ଜ କରି ମୁଖ୍ୟ ବିରୋଧୀ ଦଳ ଭୂମିକା ନେବାକୁ ଉଦ୍ୟମ ଚଳାଇଛନ୍ତି। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପରେ ଟିଏମ୍‌ସି ନିଜକୁ ପ୍ରକୃତ କଂଗ୍ରେସ ଭାବେ ଉପସ୍ଥାପିତ କରିବା ସହ

### ଟିଏମ୍‌ସିକୁ ୨୪ ବର୍ଷ



ଗୈରିକ ଦଳକୁ ମୁକାବିଲା କରିବା ପାଇଁ ଏକମାତ୍ର ଉପଯୁକ୍ତ ଦଳ ବୋଲି ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ନିଜକୁ ମୁଖ୍ୟ ବିରୋଧୀ ଦଳର ଚେହେରା ଭାବେ ଉପସ୍ଥାପନ କରିବାକୁ ବିଭିନ୍ନ ରାଜ୍ୟ ଓ ଭିନ୍ନ ଭିନ୍ନ ଦଳର ନେତାଙ୍କୁ ଟିଏମ୍‌ସିରେ ସାମିଲ କରାଉଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ପ୍ରଚାର ଚଳାଇବାକୁ ମମତା ଲକ୍ଷ୍ୟ ରଖିଛନ୍ତି।

ମେଘାଳୟରେ ଟିଏମ୍‌ସିର କୌଣସି ବିଧାୟକ ନ ଥିବାବେଳେ ଏବେ ଏହା ରାଜ୍ୟ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। କଂଗ୍ରେସର ୧୭ ବିଧାୟକଙ୍କ ମଧ୍ୟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସାଙ୍ଗମାଙ୍କ ନେତୃତ୍ୱରେ ୧୨ ଜଣ ଟିଏମ୍‌ସିରେ ଯୋଗ ଦେଇଛନ୍ତି। ସେହିପରି ତ୍ରିପୁରାରେ ଟିଏମ୍‌ସି ଶାସକ ଭାଜପାକୁ ଚ୍ୟାଲେଞ୍ଜ ଦେବା ଲକ୍ଷ୍ୟରେ ରହିଛି। ନିକଟରେ ଟିଏମ୍‌ସିରେ ବିହାରର କଂଗ୍ରେସ ନେତା ତଥା ପୂର୍ବତନ ଭାଜପା ଏମ୍‌ପି କୀର୍ତ୍ତି ଆଜାଦ, ପୂର୍ବତନ ଜେଡିୟୁଏମ୍‌ପି ପୱନ ବର୍ମା, ହରିୟାଣାର ପୂର୍ବତନ କଂଗ୍ରେସ ସଭାପତି ଅଶୋକ ତନୱର, ଦିଲ୍ଲୀ ଆର୍‌ଟିଆଇ କର୍ମୀ ସାକେତ୍ ଗୋଖଲେ, ପୂର୍ବତନ ମହିଳା କଂଗ୍ରେସ ମୁଖ୍ୟ ସୁସ୍ମିତା ଦେବ, ପୂର୍ବତନ ଗୋଆ ମୁଖ୍ୟମନ୍ତ୍ରୀ ଲଇଝିନୋ ପଲେରିଓ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ପ୍ରମୁଖ ଯୋଗ ଦେଇଛନ୍ତି। ଟିଏମ୍‌ସି ଆଞ୍ଚଳିକ ଦଳରୁ ଜାତୀୟ ଦଳର ମାନ୍ୟତା ହାସଲ ପାଇଁ ଉଦ୍ୟମ ଚଳାଇଛି।







# ଶାହାଙ୍କ ଉପରେ ବର୍ଷିଲେ ମାୟାବତୀ

ଲକ୍ଷ୍ନୌ, ୧।୧

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧକ୍ଷା ମାୟାବତୀ ଶନିବାର ଭାଜପା ନେତାମାନଙ୍କ ଉପରେ ବର୍ଷିଛନ୍ତି। ରାଜକୋଷୀୟ ଅର୍ଥ ଶାସକ ଦଳର ନେତାମାନଙ୍କୁ ଶୀତଦିନେ ଗରମ ରଖିଥିବା ସେ ଅଭିଯୋଗ କରିଛନ୍ତି। ଦୁଇଦିନ ତଳେ ଏକ ରାଲିକୁ ସମ୍ବୋଧିତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା 'ବହନଜୀ ଭୟଭୀତ, ଏପର୍ଯ୍ୟନ୍ତ ଶୀତରୁ ବାହାରୁ ନାହାନ୍ତି ବୋଲି ମାୟାବତୀଙ୍କୁ ଲକ୍ଷ୍ୟ କରି କହିଥିଲେ। ଏ ପ୍ରସଙ୍ଗରେ ମାୟାବତୀ ଖବରଦାତାଙ୍କୁ କହିଛନ୍ତି, କେନ୍ଦ୍ର କିମ୍ବା ରାଜ୍ୟରେ କଂଗ୍ରେସ ଓ ଭାଜପା କ୍ଷମତାରେ ଥିବାବେଳେ ସେମାନେ ନିର୍ବାଚନର କିଛି ମାସ ପୂର୍ବରୁ ବାରମ୍ବାର ସାଧାରଣ ସଭା କରିଥାନ୍ତି। ଏଥିପାଇଁ ସରକାରୀ ଅର୍ଥ ବା ଗରିବ ଲୋକଙ୍କ ଟିକସ ଅର୍ଥ ଖର୍ଚ୍ଚ ହୁଏ। କିନ୍ତୁ ସେ ସେଭଳି କରି ନ ଥାନ୍ତି ବୋଲି ମାୟାବତୀ କହିଛନ୍ତି।







# ଭୋଟ ପରେ ଟିକସ ବୋଝ : କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଭୁବନେଶ୍ୱର,୧।୧(ବ୍ୟୁରୋ)

ବିଗତ ୭ବର୍ଷ ଭଳି ଏ ବର୍ଷ ମଧ୍ୟ ଦେଶର ଜନତାଙ୍କୁ ମୋଦି ସରକାରଙ୍କ ତରଫରୁ ଯେଉଁ ଉପହାର ଦିଆଯାଉଛି ତାହା ହେଉଛି 'ମହଙ୍ଗାଇର ମାଡ଼' ବା 'ଦରଦାମ ବୃଦ୍ଧିର ମାଡ଼'। ବର୍ତ୍ତମାନ ତରବରିଆ ଭାବେ ବର୍ଦ୍ଧିତ ଟିକସକୁ ସ୍ଥଗିତ ରଖାଯାଇଛି, ନିର୍ବାଚନ ସରିଲେ ଏହାକୁ ଲାଗୁ କରି ବୋଝ ଲଦି ଦିଆଯିବ ବୋଲି କଂଗ୍ରେସ କହିଛି। ଶନିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିହାର ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅନିଲ ଶର୍ମା ଦରବୃଦ୍ଧିକୁ ନେଇ କେନ୍ଦ୍ରର ଭାଜପା ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମୋଦି ସରକାର ବର୍ଷସାରା ୧୦ ପ୍ରତିଶତ ବେକାରୀ ବୃଦ୍ଧି କରି ୨୦୨୧ ଭେଟି ଦେଇଥିବାବେଳେ ୨୦୨୨ ଆରମ୍ଭର ପୂର୍ବ ଦିନରେ ଟିକସ ବୃଦ୍ଧି କରି ନୂଆ ବର୍ଷର ମହଙ୍ଗା ଉପହାର ଦେଇଛନ୍ତି। କ'ଣ ଏଇଥିପାଇଁ ଆମ୍ଭେମାନେ ମୋଦୀ ମହାଶୟଙ୍କୁ ଧନ୍ୟବାଦ ଦେବା ଦରକାର ବୋଲି ସେ ଜନତାଙ୍କୁ ପ୍ରଶ୍ନ କରିବା ସହ କହିଛନ୍ତି, ୨୦୨୧ ନଭେମ୍ବରରେ ପାଇକାରୀ ଦର ସୂଚକାଙ୍କ ବିଗତ ୧୦ବର୍ଷ ମଧ୍ୟରେ ୧୪.୨୩ ପ୍ରତିଶତ ହାରରେ ସର୍ବାଧିକ ଥିଲା। ଏବେ ନୂଆବର୍ଷରେ ଟିକସ ବୃଦ୍ଧିର ପ୍ରଭାବ ଖୁବ୍‌ଶୀଘ୍ର ଅନୁଭବ ହେବ। ଏହି ଖବରଦାତା ପିସିସି ସଭାପତି ପଟ୍ଟନାୟକ, ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଆବାହକ ସତ୍ୟପ୍ରକାଶ ନାୟକ, ମୁଖପାତ୍ର ରଜନୀ ମହାନ୍ତି, ପଦ୍ମାକର ଗୁରୁ ଉପସ୍ଥିତ ଥିଲେ।







# ପଛୁଆ ବର୍ଗଙ୍କୁ ପଛକୁ ଠେଲି ଦିଆଯାଉଛି : ଭାଜପା

## ୮ ପର୍ଯ୍ୟନ୍ତ ସମସ୍ତ ଜିଲାପାଳ, ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର,୧।୧(ବ୍ୟୁରୋ)** : ରାଜ୍ୟ ସରକାର ପଛୁଆ ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି। ଉଚ୍ଚ ନ୍ୟାୟାଳୟ ଆଳ ଦେଖାଇ ଦ୍ୱନ୍ଦ୍ୱ ସୃଷ୍ଟି କରି ଏହି ବର୍ଗଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଗିଦାରୀ ହେବାରୁ ବଞ୍ଚିତ ରଖିବାର ହୀନ ପ୍ରୟାସ କରିଛନ୍ତି। ଏହା ପଛୁଆ ବର୍ଗ ବିରୋଧୀ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ଶାସକ ବିଜେଡିର ଓବିସି ବିରୋଧୀ ମନୋଭାବ ବିରୋଧରେ ଭାଜପା ପକ୍ଷରୁ ରାଜଧାନୀରୁ ପଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ। ଏନେଇ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲାପାଳ ଓ ବ୍ଲକ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ଆଗାମୀ ଦିନରେ ଏହି ଅନ୍ଦୋଳନକୁ ପଞ୍ଚାୟତ ସ୍ତରକୁ ନିଆଯିବ ଓ ରାଜ୍ୟବ୍ୟାପୀ ଦସ୍ତଖତ ସଂଗ୍ରହ କରାଯାଇ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ ବୋଲି ସୁରଥ ସୂଚନା ଦେଇଛନ୍ତି।




# ନୂଆବର୍ଷରେ ଚାଷୀଙ୍କୁ ଭେଟି ଦେଲେ ପ୍ରଧାନମନ୍ତ୍ରୀ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଂରାଜୀ ନୂତନ ବର୍ଷ ୨୦୨୨ର ପ୍ରଥମ ଦିନରେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ଦଶମ କିସ୍ତି ଭାବେ ୧୦ କୋଟିରୁ ଉର୍ଦ୍ଧ୍ୱ ଚାଷୀଙ୍କୁ



୨୦,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି। ନୂଆବର୍ଷର ଏପରି ଉପହାର ଚାଷୀମାନଙ୍କୁ ଆହୁରି ସଶକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ରଖିଛନ୍ତି। 'ଅନ୍ନଦାତା'ଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ଚାଷ ଜମିରେ ବିହନ ବୁଣିବା ଦିନଠାରୁ ବଜାର ପର୍ଯ୍ୟନ୍ତ ଦେଶର ଅନ୍ନଦାତାଙ୍କ ହାତରେ ଦେଇ ପ୍ରଧାନମନ୍ତ୍ରୀ ନିଜର ସଂକଳ୍ପବଦ୍ଧତାକୁ ବାରମ୍ବାର ଦୋହରାଇଛନ୍ତି। ପିଏମ କିଷାନ ଯୋଜନାରେ ଏହି କିସ୍ତିକୁ ମିଶାଇ ଦେଶର ୧୧ କୋଟି ୬ ଲକ୍ଷ ଚାଷୀଙ୍କ ଖାତାକୁ ୧ ଲକ୍ଷ ୮୨ ହଜାର କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ଏହା ଅନ୍ନଦାତାଙ୍କୁ ସଶକ୍ତ ଏବଂ ମୋଦି ସରକାରଙ୍କ ଚାଷୀ କଲ୍ୟାଣ ପ୍ରୟାସକୁ ଅଧିକ ଗତିଶୀଳ କରାଇବ। ଚାଷୀଙ୍କ ସମୃଦ୍ଧି ସୁନିଶ୍ଚିତ କରିବା ଦିଗରେ ଏହି ପଦକ୍ଷେପ ନିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।






# ଖୁସି, ଭକ୍ତିରେ କଟିଲା ପ୍ରଥମ ଦିନ



କୋଣାର୍କ ଚନ୍ଦ୍ରଭାଗାଠାରେ ବର୍ଷର ପହିଲି ସୂର୍ଯ୍ୟୋଦୟ

ଭୁବନେଶ୍ୱର, ୧୧ (ବ୍ୟୁରୋ)

ନୂତନ ଆଲୋକ, ନୂତନ ସ୍ୱପ୍ନ ଆଉ ସମ୍ଭାବନାକୁ ନେଇ ଆସିଛି ନୂଆବର୍ଷ ୨୦୨୨। ପ୍ରଭୁଙ୍କୁ ଭକ୍ତି ନିବେଦନ କରି ଜୀବନର ନୂଆ ଏକ ପହିଲି ସକାଳକୁ ସ୍ୱାଗତ କରିଛନ୍ତି ରାଜ୍ୟବାସୀ। କରୋନା କଟକଣା ଭିତରେ ହସଖୁସି ବି ବାଣ୍ଟିଛନ୍ତି। ଜିରୋ ନାଇଟ୍ ସେଲିବ୍ରେଶନ ଓ ବଣଭୋଜିର ନିଆରା ପରିବେଶ ଚଳିତ ବର୍ଷ ଦେଖିବାକୁ ମିଳି ନ ଥିଲା। ସେହିପରି ମନ୍ଦିର ସମେତ ବିଭିନ୍ନ ପାର୍କ, ପର୍ଯ୍ୟଟନସ୍ଥଳୀଗୁଡିକ ବନ୍ଦ ରହିଥିବାରୁ ଅଧିକାଂଶ ଲୋକ ସେମାନଙ୍କ ପରିବାର ସହିତ ନୂଆବର୍ଷ ପାଳନ କରିଥିଲେ। କେକ୍ କଟା ସାଙ୍ଗକୁ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ଗହଣରେ ଭିନ୍ନ ଢଙ୍ଗରେ ବର୍ଷର ପ୍ରଥମ ଦିନ କଟିଥିଲା।

## ମନ୍ଦିର ବାହାରେ ଦୀପ ଜାଳିଲେ, ଖଣ୍ଡଗିରି-ଉଦୟଗିରିରୁ ନିରାଶରେ ଫେରିଲେ

କରୋନା ସଂକ୍ରମଣ ଏଡ଼ାଇବା ପାଇଁ ବିଏମ୍‌ସି ପକ୍ଷରୁ ମହାନଗର ଅଞ୍ଚଳରେ ଥିବା ସମସ୍ତ ଧର୍ମାନୁଷ୍ଠାନ ବନ୍ଦ କରାଯାଇଥିଲା। ରାମ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଇସ୍କନ, ସାଇ ମନ୍ଦିର, ଚର୍ଚ୍ଚ, ମସ୍‌ଜିଦ୍ ଆଦି ଧର୍ମାନୁଷ୍ଠାନ ଗେଟ୍‌ରେ ତାଲା ପଡିଥିଲା। ଫଳରେ ନୂଆବର୍ଷରେ ରାଜଧାନୀବାସୀ ନିଜର ଆରାଧ୍ୟ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ। ତଥାପି ଶ୍ରଦ୍ଧାଳୁମାନେ ଦୀପ, ଧୂପ ନେଇ ମନ୍ଦିର ବାହାରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ନୂଆବର୍ଷ ଯେପରି କରୋନା କବଳରୁ ମୁକ୍ତ ହୋଇ ସମସ୍ତେ ସୁସ୍ଥ ଜୀବନ ଅତିବାହିତ କରିବେ ସେନେଇ ପ୍ରାର୍ଥନା କରିଥିଲେ। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଖଣ୍ଡଗିରି, ଉଦୟଗିରି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ଅନେକଙ୍କ ପାଖରେ ଏହି ସୂଚନା ନ ଥିବାରୁ କିଛି ପର୍ଯ୍ୟଟକ ଏସବୁ ପର୍ଯ୍ୟଟନସ୍ଥଳକୁ ଯାଇ ନିରାଶ ହୋଇ ଫେରିଥିଲେ।

## ଫୁଲରେ ଶୁଭେଚ୍ଛା

ସେଲିବ୍ରେଶନ କଟକଣା ଥିବାରୁ ସହରବାସୀ ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କୁ ଫୁଲରେ ଶୁଭେଚ୍ଛା ଜଣାଇଥିଲେ। ଚାହିଦାକୁ ଦୃଷ୍ଟିରେ ରଖି ରାଜଧାନୀରେ ଥିବା ଫୁଲ ବ୍ୟବସାୟୀମାନେ ସେମାନଙ୍କ ଦୋକାନରେ ଭଳିକି ଭଳି ସୁନ୍ଦର ଫୁଲତୋଡା ସଜେଇ ରଖିଥିଲେ। ଗୋଲାପ ଓ ଅର୍କିଡ ଫୁଲର ଡିମାଣ୍ଡ ସବୁଠାରୁ ଅଧିକ ଥିଲା। ଗୋଲାପ ଗୋଟା ୨୦ ଟଙ୍କା ଥିବାବେଳେ ବୁକେର ଦାମ୍ ୨୫୦ରୁ ଆରମ୍ଭ ହୋଇ ୮ହଜାର ଟଙ୍କା ପର୍ଯ୍ୟନ୍ତ ଥିଲା।

## ମଲ୍, ହଲ୍‌ରେ ଦିନ କଟିଲା

ମନୋରଞ୍ଜନର ଅନ୍ୟ ସମସ୍ତ ମାଧ୍ୟମ ବନ୍ଦ ଥିବାରୁ ଅଧିକାଂଶ ଲୋକ ଫିଲ୍ମ ଦେଖି ପ୍ରଥମ ଦିନକୁ ସେଲିବ୍ରେଟ୍ କରିଥିଲେ। ସେଥିପାଇଁ ସହରର ବିଭିନ୍ନ ହଲରେ ଭଲ ବେପାର ହୋଇଥିଲା। ଚଳଚ୍ଚିତ୍ର ପୁଷ୍ପା, ୮୩ ଓ ସ୍ପାଇଡର ମ୍ୟାନ୍‌କୁ ଭଲ ରେସ୍‌ପନ୍ସ ମିଳିଥିବା ଶ୍ରୀୟା, ସ୍ୱାତୀ, ସ୍ତୁତି କମ୍ପ୍ଲେକ୍ସ ମ୍ୟାନେଜର ରବୀନ୍ଦ୍ର କୁମାର ସାହୁ କହିଛନ୍ତି। ସେହିପରି ବିଭିନ୍ନ ମଲ୍‌ରେ ଲୋକଙ୍କ ଭିଡ ଜମିଥିଲା। ବିଗ୍‌ବଜାର, ଏସ୍‌ପ୍ଲାନେଡ୍, ଡିଏନ୍ ରେଗାଲିଆ ସମେତ ବିଭିନ୍ନ ବଡ ବଡ ମଲରେ କିଣାବିକା ସାଙ୍ଗକୁ ଖାଦ୍ୟର ପସରା ମେଲିଥିଲା।

## ନୂଆ କ୍ୟାଲେଣ୍ଡର, ଡାଏରି ପାଇଁ ଧାଡ଼ି

ଏଜି ଛକସ୍ଥିତ ସୂଚନା ଭବନରୁ ଲୋକେ ନୂଆ ବର୍ଷର ନୂଆ କ୍ୟାଲେଣ୍ଡର ଓ ଡାଏରି ପାଇଁ ଧାଡି ଲଗାଇଥିଲେ। ଚଳିତ ବର୍ଷର ସରକାରଙ୍କ ଛୁଟି ତଥା ଧାର୍ମିକ ପର୍ବପର୍ବାଣି ତାରିଖକୁ ନେଇ ଲୋକେ ତଦାରଖ ଏବଂ ଆଲୋଚନା ପର୍ଯ୍ୟାଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ତେବେ ଶୁକ୍ରବାର ପ୍ରବଳ ଭିଡ଼ ହୋଇଥିବାବେଳେ ଶନିବାର ଟିକେ କମ୍ ଥିଲା।




ଭୁବନେଶ୍ୱର ଉପକଣ୍ଠ ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ 'ମାଇଣ୍ଡ ଏମ୍ପାୱାର୍‌ମେଣ୍ଟ ଫାଉଣ୍ଡେସନ' ପକ୍ଷରୁ କୁନିକୁନି ପିଲାଙ୍କୁ ନେଇ ନୂଆବର୍ଷ ପାଳନ କରାଯାଉଛି



ଭୁବନେଶ୍ୱରସ୍ଥିତ ରାମମନ୍ଦିର ବନ୍ଦ ଥିବାବେଳେ ଶ୍ରଦ୍ଧାଳୁମାନେ ଗେଟ୍ ବାହାରେ ଦୀପ ଜଳାଇ ପ୍ରାର୍ଥନା କରୁଛନ୍ତି




କଟକଣା ମଧ୍ୟରେ ପୁରୀ ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ଭିଡ଼




କଟକ ଚଣ୍ଡୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁ ପ୍ରଣାମ କରୁଛନ୍ତି



କଟକ ମାତାମଠ ନିକଟସ୍ଥ ସିଲ୍‌ଭର ସିଟି ବୋଟ୍ କ୍ଲବଠାରେ ଲୋକମାନେ ମହାନଦୀରେ ନୌବିହାରର ମଜା ନେଉଛନ୍ତି



କଟକଣା ଯୋଗୁ ଭୁବନେଶ୍ୱର ଖଣ୍ଡଗିରି ଶନିବାର ବନ୍ଦ ରହିଥିବାରୁ ଖାଁ ଖାଁ ଲାଗୁଛି




ଧର୍ମାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାବେଳେ କଟକ ବାଲିଯାତ୍ରା ଉପର ପଡ଼ିଆଠାରେ ପଡ଼ିଥିବା ଖାଦ୍ୟ ଷ୍ଟଲଗୁଡ଼ିକରେ ଲୋକଙ୍କ ଭିଡ଼



ମନ୍ଦିର ସମ୍ମୁଖରେ ଯୁବତୀଯୁବକ ସେଲ୍‌ଫିର ମଜା ନେଉଛନ୍ତି

# ନୂଆବର୍ଷ ମଜା ଫିକା: ଦୀଘାମୁହାଁ ପର୍ଯ୍ୟଟକ


ଚନ୍ଦନେଶ୍ୱର


ତାଳସାରୀ ଖାଁ ଖାଁ ।


ଦୀଘା ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ।

**ଭୋଗରାଇ, ୧।୧ (ଡି.ଏନ.ଏ.)**

କୋଭିଡ୍ କଟକଣା ଯୋଗୁ ନୂଆବର୍ଷ ପାଳନ ଫିକା ପଡ଼ିଛି। ବାଲେଶ୍ୱର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଖାଁ ଖାଁ ପରିବେଶ ପରିଲକ୍ଷିତ ହୋଇଥିଲା। ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋ ଟୁରିଜିମ୍, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର ଓ ଚାନ୍ଦିପୁର ବେଳାଭୂମିକୁ ବହୁ ପର୍ଯ୍ୟଟକ ଆସିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଅଟକାଇବା ସହ ଭିଡ଼ ନ ଜମାଇବା, ଭୋଜିଭାତର ଆସର ଉପରେ ରୋକ୍ ଲଗାଇଛି। ଅପରପକ୍ଷରେ ଓଡ଼ିଶା ସୀମାନ୍ତକୁ ଲାଗିଥିବା ଦୀଘା ବେଳାଭୂମିରେ ପର୍ଯ୍ୟଟକମାନେ ଭିଡ ଜମାଇଛନ୍ତି। ଓଡ଼ିଶା ବେଳାଭୂମିରେ ପୋଲିସ କୋଭିଡ୍ କଟକଣା କଡ଼ାକଡ଼ି ଯୋଗୁ ବହୁ ପର୍ଯ୍ୟଟକ ଦୀଘା ବେଳାଭୂମିରେ ଭୋଜିଭାତର ଆସର ଜମାଇ ସମୁଦ୍ରରେ ଗାଧୋଇବାର ମଜା ନେବା ସହ ସାଏନ୍ସପାର୍କ, ଅମରାବତୀ ପାର୍କ, ସ୍ନେକ ପାର୍କ, ଟୟଟ୍ରେନ୍‌ରେ ଚଢ଼ିବା, ବିଶ୍ୱବାଂଲା ସି ବିଚ୍‌ରେ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ତେବେ ପଶ୍ଚିମବଙ୍ଗ ପୋଲିସ ପକ୍ଷରୁ ସମସ୍ତଙ୍କୁ ମାସ୍କ ପରିଧାନ ଓ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୂଆବର୍ଷ ଲାଗି ବିଭିନ୍ନ ହୋଟେଲ, ଲଜ୍, ରେଷ୍ଟୁରାଣ୍ଟଗୁଡ଼ିକ ପର୍ଯ୍ୟଟକଙ୍କ ନିମନ୍ତେ ରଙ୍ଗୀନ ବିଦ୍ୟୁତ୍ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ମୁଖ୍ୟ ଫାଟକରେ ସକାଳ ୭ଟାରୁ ତାଲା ପକାଯାଇ ଭକ୍ତମାନଙ୍କୁ ଛଡ଼ାଯାଇ ନ ଥିଲା। ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବେଶ ପାଇଁ ବାରଣ କରାଯାଇଥିଲା। ଚଳିତବର୍ଷ ପଞ୍ଚାୟତ ନିର୍ବାଚନ ହେଉଥିବାରୁ ଆଶାୟୀ ପ୍ରାର୍ଥୀମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

## ମଧ୍ୟରାତ୍ରରେ ଘଡ଼ିଘର ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧।୧:** ବଲାଙ୍ଗୀର ସହର ମଧ୍ୟସ୍ଥଳ ପାଟଣା ହୋଟେଲ ଛକରେ ନିର୍ମିତ ଘଡ଼ିଘରକୁ ଜିଲା ପ୍ରଶାସନ ତରଫରୁ ନବବର୍ଷ ଉପଲକ୍ଷେ ଉଦ୍‌ଘାଟନ କରାଯାଇଛି। ଠିକ୍ ମଧ୍ୟରାତ୍ରରେ ଏହାକୁ ଉଦ୍‌ଘାଟନ କରାଯାଇ ବଲାଙ୍ଗୀରବାସୀଙ୍କୁ ନବବର୍ଷର ସ୍ୱାଗତ ଜରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଏହି ଘଡିଘରକୁ ଉଦ୍‌ଘାଟନ କରିଥିଲେ। ଏହି ଘଡିଘର ଏବେ ବଲାଙ୍ଗୀରର ଅନ୍ୟତମ ଆକର୍ଷଣ ହେବ ବୋଲି କୁହାଯାଇଛି।



## ଆଖଣ୍ଡଳମଣି ପୀଠ ଖାଁ ଖାଁ

**ଆରଡ଼ି, ୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ଶନିବାର ଖାଁ ଖାଁ ଲାଗିଥିଲା। ମନ୍ଦିର ବାହାରେ ଜିଲା ପ୍ରଶାସନ ପକ୍ଷରୁ ୩ଦିନ ପାଇଁ ୧୪୪ ଧାରା ଲାଗୁ କରାଯାଇଛି। ପୀଠକୁ ଆସିଥିବା ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରି ନ ପାରିବାରୁ ଦୁଃଖ ପ୍ରକାଶ କରିଥିଲେ। ମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ତାଲା ଝୁଲୁଥିଲା। କେବଳ ସେବାୟତମାନେ କୋଭିଡ୍ ନିୟମ ମାନି ଦୈନନ୍ଦିନ ନୀତିକାନ୍ତି ସମାପନ କରିଥିଲେ। ପରେ ନୂଆବର୍ଷ ପାଇଁ ସେବାୟତଙ୍କ ପକ୍ଷରୁ କୋଭିଡ୍ ଦୂର ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ବାବା ଆଖଣ୍ଡଳମଣିଙ୍କୁ ପ୍ରଥମେ ଯୋଗୀବେଶ ଓ ପରେ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା।



## କଟକଣାରେ ମନ୍ଦିରରେ ପୂଜିଲେ

**କୋରାପୁଟ, ୧।୧ (ସ୍ୱ.ପ୍ର.)**

କୋରାପୁଟ ଜିଲାବାସୀ କୋଭିଡ କଟକଣା ମଧ୍ୟରେ ଶାବର ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ନିଜ ପରିବାରର ମଙ୍ଗଳ କାମନା କରିଛନ୍ତି। ବହୁ ଲୋକ ନିଜ ପରିବାର ସହ ଦେଓମାଳି, ରାଣୀଡୁଡୁମା, କୋଲବ, ପଞ୍ଚିସିଲ ଆଦି ପର୍ଯ୍ୟଟନସ୍ଥଳ ବୁଲିଯାଇଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ରୁ ଜାନୁଆରି ୨ ପର୍ଯ୍ୟନ୍ତ ସମସ୍ତ ଧର୍ମାନୁଷ୍ଠାନ, ପର୍ଯ୍ୟଟନ ସ୍ଥଳି ଓ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ତେବେ ଜିଲାରେ ମନ୍ଦିରଗୁଡିକ ଖୋଲା ରହିଥିଲା।


ଶାବର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ମହିଳା କେୟାର୍ ଟେକର୍ ଆବଶ୍ୟକ**

ହାଇଦ୍ରାବାଦରେ ଆମ ଘରେ ଜଣେ 95 ବର୍ଷୀୟା ମହିଳାଙ୍କ ସେବା କରିବା ପାଇଁ କେୟାର୍ ଟେକର୍/ଆୟା ଭାବେ ଦୁଇଜଣ ମହିଳା ଆବଶ୍ୟକ । ବୟସ 18ରୁ 40 ବର୍ଷ ପର୍ଯ୍ୟନ୍ତ ଓ ଉଚ୍ଚତା 5 ଫୁଟ ହେବା ଆବଶ୍ୟକ। ଅଭିଜ୍ଞତା ଆଧାରରେ ଦରମା: 15,000 - 22,000 । ରହିବା ଓ ଖାଇବା ଖର୍ଚ୍ଚ ଦିଆଯିବ । ଏଜେଣ୍ଟ ମଧ୍ୟ ଯୋଗାଯୋଗ କରିପାରନ୍ତି ।

ଆମର ଫୋନ୍ ନଂ.: 9652962583

## ଗଞ୍ଜାମ ପର୍ଯ୍ୟଟନସ୍ଥଳରେ ୫୦ ଭିୟୁ ପଏଣ୍ଟ


କଳମ୍ବ ଭିୟୁ ପଏଣ୍ଟ।

### ରିଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ

**ଛତ୍ରପୁର, ୧।୧ (ଡି.ଏନ.ଏ.)**

ଗଞ୍ଜାମ ଜିଲାର ୨୨ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳରେ ବର୍ତ୍ତମାନ ୫୦ଟି ଭିୟୁ ପଏଣ୍ଟ ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନେ ସେଲ୍ଫି ନେବା ସହ ଫଟୋ ଉଠାଇ ଭିୟୁ ପଏଣ୍ଟରୁ ମନୋରମ ଦୃଶ୍ୟରାଜିକୁ ଉପଭୋଗ କରୁଛନ୍ତି। ସେଠାରେ ଓର୍‌ମାସ ଓ ମିଶନ ଶକ୍ତି ଅନୁଦାନରେ ତାଲିମପ୍ରାପ୍ତ ମହିଳା ସଂଘ ପକ୍ଷରୁ ହାଇଜେନିକ ଖାଦ୍ୟ ପରିବେଷଣ ପାଇଁ ବ୍ୟବସ୍ଥା ହୋଇଛି। ଏ ସମ୍ପର୍କରେ ଗଞ୍ଜାମ ଡିଆରଡିଏ ପିଡି କରିଥିବା ଟୁଇଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ତାରାତାରିଣୀ ମନ୍ଦିର, ଗୋକର୍ଣ୍ଣେଶ୍ୱର ମନ୍ଦିର, ନିଜ ବାଙ୍କେଶ୍ୱରୀ, ଆନନ୍ଦ ବରିହା ପଥ, ତିତରି ସିଂହୀ, ପୋଲସରା ବ୍ଲକ କଳମ୍ବ ଭିୟୁ ପଏଣ୍ଟ, ଖଲ୍ଲିକୋଟ ବ୍ଲକ କେଶପୁର ବଡ଼ଘାଟି ଭିୟୁ ପଏଣ୍ଟ ଆଦି ରହିଛି।

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2662 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.5581 Date: 31.12.2021
Identification No. On line Building OSIC/Constn./2021-2022/006

(1)1.Name of the work
i) RFP for Construction, Design, Manufacturing, Supply and Erection of Pre-Engineered Building Steel Structure of RICE & RICE Bran cluster (200TPD) and Civil work of solvent Extraction Plant, Testing Laboratory and Training Center.
(2)Total No of works : 01 No.
(3)Class of Contractor : A or B class as per eligibility criteria online.
(4)Period of completion : 09(Nine) Calendar months.
(5)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 006 of 2021-2022 | 5.1.2022 At-5.00 P.M | 27.01.22 up to 5.00 P.M | 28.01.2022 At-11.00 A.M |

Further details can be seen from the website www.tendersodisha.gov.in . Any amendment corrigendum, cancellation or re-tender may please be referred to the website.

Sd/-
MANAGING DIRECTOR
OSIC Ltd., Cuttack.
OIPR-14073/11/0089/2122

**N.A.C. OFFICE, KOTPAD**
Ph. No. 06860-283036, Fax No. 06860-283036
E-mail: kotpadnac@gmail.com

**"e" PROCUREMENT NOTICE**
BID IDENTIFICATION NO.- KPDNAC/29/2021-22
Tender ID - 2021_ORULB_75177

No. C-1760: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. Nature of the work : Civil
2. No. of works : 06 Nos.
3. Estimated Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : From 11.00 hours of Dt.31.12.2021 to 17.00 hours of Dt.10.01.2022
6. Last date/time for receipt of bids in the portal : Dt.10.01.2022 upto 17.00 hour
7. Bids received online shall be opened on : Dt.13.01.2022 at 11.00 hour
8. Name & address of the Officer Inviting Bid : Executive Officer, N.A.C., Kotpad

Further the details can be seen from the procurement portal: www.tendersodisha.gov.in.

Sd./- Executive Officer, N.A.C., Kotpad
OIPR-13182/11/0005/2122

## ପହିଲି ସୂର୍ଯ୍ୟୋଦୟ ଦେଖିବାକୁ ଗହଳି

**ପୁରୀ ଅଫିସ, ୧।୧**

ନୂଆବର୍ଷରେ କଟକଣା ସତ୍ତ୍ୱେ ପୁରୀ ସହରରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିଲା। ନୂଆବର୍ଷର ପ୍ରଥମ ସୂର୍ଯ୍ୟୋଦୟର ଦୃଶ୍ୟକୁ ଉପଭୋଗ କରିବା ପାଇଁ ପୁରୀ ସମୁଦ୍ର ବେଳାଭୂମିରେ ଗହଳି ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ କଟକଣା ମାନି ସମୁଦ୍ର ସ୍ନାନର ମଜା ନେଇଥିଲେ। ମହାପ୍ରଭୁଙ୍କ ଦର୍ଶନ ସହ ପୁରୀ ଦର୍ଶନୀୟ ସ୍ଥାନର ମଜା ନେବା ପାଇଁ ପୂର୍ବରୁ ପର୍ଯ୍ୟଟକମାନେ ଆସିଯାଇଥିବାରୁ ହୋଟେଲ, ଲଜ୍, ଧର୍ମଶାଳା ଭିଡ଼ ହୋଇଯାଇଛି। ହେଲେ ହୋଟେଲ, କ୍ଲବ୍, ରେସ୍ତୋରାଁ ଇତ୍ୟାଦିରେ ଜିରୋ ନାଇଟ ସେଲିବ୍ରେଶନ୍ ଉପରେ କଟକଣା ରହିଥିବା ହେତୁ ପର୍ଯ୍ୟଟକଙ୍କୁ ନିରାଶ ହେବାକୁ ପଡ଼ିଛି। ଏପରି କି ମହାପ୍ରଭୁଙ୍କ ଦର୍ଶନରୁ ମଧ୍ୟ ଶ୍ରଦ୍ଧାଳୁ ବଞ୍ଚିତ ହୋଇଛନ୍ତି। ରାତ୍ରକାଳୀନ କର୍ଫ୍ୟୁ ଯୋଗୁ ପତିତପାବନ ଦର୍ଶନ ହୋଇପାରି ନ ଥିବାବେଳେ ନୂଆବର୍ଷ ବଡ଼ି ଭୋରରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ପତିତପାବନଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ସହରର ସମସ୍ତ ପ୍ରମୁଖ ଭୋଜିଭାତ ସ୍ଥାନଗୁଡ଼ିକରେ ପୋଲିସ ପଇଁତରା ମାରିଥିଲା। ଏ ନେଇ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ପର୍ଯ୍ୟଟକ ଓ ହୋଟେଲ ମାଲିକଙ୍କ ସମ୍ପୂର୍ଣ୍ଣ ସହଯୋଗ ଫଳରେ ଜିରୋ ନାଇଟ ସେଲିବ୍ରେଶନ୍‌କୁ ରୋକାଯାଇପାରିଲା। କେବଳ ଗୋଟିଏ ହୋଟେଲଠାରୁ ୨୦ ହଜାର ଟଙ୍କାର ଜରିମାନା ସହ ଅନ୍ୟ ଗୋଟିଏ ଶପିଂ ମଲ୍‌କୁ ସିଲ୍ କରାଯାଇଛି। ୩ ତାରିଖରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ।

## ସୂର୍ଯ୍ୟମନ୍ଦିର ବନ୍ଦ, ଚନ୍ଦ୍ରଭାଗା ବୁଲିଲେ

**କୋଣାର୍କ, ୧।୧ (ଡି.ଏନ୍.ଏ.)**

୧୪୪ ଧାରା ଜାରି ଯୋଗୁ ସୂର୍ଯ୍ୟମନ୍ଦିର ବନ୍ଦ ରହିଥିବାରୁ ପର୍ଯ୍ୟଟକ ନିରାଶରେ ଫେରିଥିଲେ। ସେମାନେ ଚନ୍ଦ୍ରଭାଗା ବେଳାଭୂମିରେ ନୂଆବର୍ଷର ପ୍ରଥମ ସୂର୍ଯ୍ୟ ଦର୍ଶନ କରିଥିଲେ। ଅନ୍ୟପଟେ ଚନ୍ଦ୍ରଭାଗାରୁ ରାମଚଣ୍ଡୀ ପୀଠ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଭୋଜି ଆସର ନ ଥିଲା। ପର୍ଯ୍ୟଟକମାନେ କୁଶଭଦ୍ରା ନଦୀ ବୋଟିଂ କମ୍ପ୍ଲେକ୍ସ, ଚନ୍ଦ୍ରଭାଗା ବେଳାମାର୍ଗ, ଇକୋ ରିଟ୍ରିଟ ନିକଟରେ ବୁଲାବୁଲି କରିବା ସହିତ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ସେହିଭଳି ମା' ଭଗବତୀ ପୀଠ, ସାଇ ମନ୍ଦିର, ତ୍ରିବେଣୀଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକ ପୂଜାର୍ଚ୍ଚନା କରିଥିଲେ। କିନ୍ତୁ ଅପରାହ୍ନରେ ଚନ୍ଦ୍ରଭାଗା ବେଳାମାର୍ଗରେ ଭିଡ଼ ଦେଖିବାକୁ ମିଳିଥିଲା।


ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ।

**OFFICE OF THE COLLECTOR, CUTTACK**
(ST & SC Dev. Section)
**ADVERTISEMENT**

Notification No. 3167/WEL Dated: 30.12.2021

No. V-59: Application in prescribed forms are invited from the deserving candidates from native of Odisha for engagement as **Initial Appointee through WRITTEN EXAMINATION** in the following categories of posts in ST & SC Development Department Educational Institution run in Cuttack District. Preference will be given to the candidates belonging to the same district.

| Sl. No. | Name of the Post | Catagory wise Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST (W) | SC | SC (W) | SEBC | SEBC (W) | UR | UR (W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | B.A., B.Ed. | 1 | - | 1 | - | - | - | 1 | - | 3 |
| 2 | Sanskrit | - | - | - | - | - | - | 1 | - | 1 |
| 3 | IA CT | - | - | - | - | - | - | 1 | - | 1 |

The detail advertisement and the selection criteria may be obtained from office Notice Board of District Welfare Office, Cuttack and District website i.e. **www.cuttack.nic.in**. The candidates may download the advertisement, scheme/syllabus (for written examination) and application format accordingly. **The last date of receipt of application in the office of the District Welfare Office, Cuttack is 31.01.2022 by 5.00 P.M. through Regd. Post/Speed Post only.**

By Order of the Collector, Cuttack
Sd./- District Welfare Officer, Cuttack
OIPR-24178/11/0010/2122

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦାନଗଦୀ, ଜିଲ୍ଲା: ଯାଜପୁର**
**ଲଘୁ ଖଣିଜ ଦ୍ରବ୍ୟ (ଗଚ୍ଛିତ ବାଲି) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୪୦୨୯/୨୦୨୧ ତାରିଖ: ୩୧।୧୨।୨୦୨୧

**ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ – ୨୦୧୬ ଅନୁଯାୟୀ**

No. F-284: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦାନଗଦୀ ତହସିଲ ଅଧୀନରେ ଥିବା ନିମ୍ନସୂଚୀ ପ୍ରଦତ୍ତ ଗଚ୍ଛିତ ବାଲି (ଲଘୁ ଖଣିଜ ଦ୍ରବ୍ୟ)କୁ ନିଲାମ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦାନଗଦୀରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website: **https://www.jajpur.nic.in**ର ମଧ୍ୟ ଉପଲବ୍ଧ ଅଟେ।

**ସୈରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ନଂ. | ସଇରାତ କେସ୍ ନଂ./ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୧/୨୦୨୧ | ଦିଗାମ୍ବରପୁର ବାଲିଘାଟ | ଦିଗାମ୍ବରପୁର | ୬୮ | ୪୦୭ | ୧୦.୦୦ | ନଦୀ | ୭୦୦୦ | ୩୫.୦୦ | ୪୫.୦୦ |
| ୨ | ୦୨/୨୦୨୧ | ପଙ୍କପାଳ-୧ ବାଲିଘାଟ | ପଙ୍କପାଳ | ୨୨୪ | ୧୦୮୯ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |
| ୩ | ୦୩/୨୦୨୧ | ପଙ୍କପାଳ-୨ ବାଲିଘାଟ | ପଙ୍କପାଳ | ୨୨୪ | ୧୦୭୫ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |

OIPR-24149/11/0004/2122 ସ୍ୱା./– ତହସିଲଦାର, ଦାନଗଦୀ

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR, ITDA, MALKANGIRI**
**e-Procurement Notice**
Bid Identification No. ITDAMKG-06/2021-22

1. The Project Administrator, ITDA, Malkangiri on behalf of Governor of Odisha invites **Percentage Rate Bids** through **Online Mode** in Double Cover System for the type of works given in the table, from the eligible contractors of Class (D Class/C Class) or of equivalent range registered with the State Governments and Central Government/MES/Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website www.tendersodisha.gov.in.

| | | |
|---|---|---|
| Name/Type of works | : | Repair, Maintenance of Hostels, White Washing, Colouring, Electrical & PH Works, Roof Treatment, Washing Platform Cloth Drying Yard, Const. of CC Drain, Boundary Wall, Addl. Classroom, Approach Road, etc. in different Hostels running under SSD Department. |
| No. of works | : | 69 Nos. (Sixty Nine) |
| Amount put to tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | Bid securing declaration in the prescribed format |
| Period of Completion | : | As laid down in the DTCN for each work |
| Date & time of availability of bid document in the portal | : | From 3.00 P.M. of 01.01.2022 to 15.01.2022 upto 5.30 P.M. |
| Last date/time for receipt of bid in the portal | : | From 3.00 P.M. of 01.01.2022 to 15.01.2022 upto 5.30 P.M. |
| Last date/time for submission of paper cost & documents | : | From 10.00 A.M. of 17.01.2022 to 19.01.2022 upto 5.30 P.M. (During office hours in working days) in the tender box kept at ITDA/through Registered Post |
| Date of Opening of Tender | : | 20.01.2022 (At 11.00 A.M.) |

Further deails can be seen from the e-procurement portal www.tendersodisha.gov.in.

Sd./- Project Administrator, ITDA, Malkangiri

**BERHAMPUR MUNICIPAL CORPORATION**
No. 17275 Date: 29.12.21

**QUOTATION CALL NOTICE**

No. C-1758: Sealed quotations are invited from Fabricator and Erector/Iron Manufacturing Unit/ Enterprises (Steel & Iron) to be reached by Speed Post/Registered Post for supply and Installation of Hoardings of Model and specification for "JAGA MISSION" around 150 Nos. in different slums. The detailed terms & conditions are available at our official website **www.berhampur.gov.in**. The last date of receipt of tenders in this office by 06.01.22 by 2.00 P.M. The bid will be opened on 06.01.22 at 4.30 P.M. in the office chamber of undersigned.
The authority reserves the right to accept or reject any quotation without assigning any reason thereof.

Sd./- Commissioner
Berhampur Municipal Corporation
OIPR-13035/11/0045/2122

ପ୍ରଥମ ପୃଷ୍ଠାରୁ...

## ନୂଆ ବର୍ଷରେ...

ହାଣି ଥିଲେ। ଦୀପକ ରକ୍ତ ଜୁବୁଜୁବୁ ହୋଇ ଛଟପଟ ହେଉଥିବାବେଳେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଦୀପକଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### କୋହଳ ପାଟ୍ରୋଲିଂ ପାଇଁ ଜୀବନ ଗଲା

ଜିରୋ ନାଇଟ୍ ସେଲିବ୍ରେସନ୍‌କୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଥିଲା। ପୋଲିସ ପକ୍ଷରୁ ସହରର ମୁଖ୍ୟ ରାସ୍ତାରେ କଡ଼ାକଡ଼ି ଚେକିଂ କରାଯାଉଥିବାବେଳେ ସୁନ୍ଦରପଦା ଅଞ୍ଚଳରେ ପାଟ୍ରୋଲିଂ ହେଉ ନ ଥିଲା। ଯାହା ଫଳରେ ହକ୍ ପୋଖରୀ ପାଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଗୋଷ୍ଠୀ ବଣଭୋଜି କରି ନାଚଗୀତ କରୁଥିଲେ। ଯଦି ପୋଲିସ ପକ୍ଷରୁ ପାଟ୍ରୋଲିଂ ଠିକ୍ ଭାବେ କରାଯାଇଥାନ୍ତା ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ମୃତକଙ୍କ ଭାଇ ତପୁ ରାଉତରାୟ କହିଛନ୍ତି।


# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ. ସରୋଜିନୀ ପଟ୍ଟନାୟକ**
ଭିମଟାଙ୍ଗୀ, ଭୁବନେଶ୍ୱର
ତିରୋଧାନ ତା. ୨୩.୧୨.୨୦୨୧

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।

-: ଶୋକସନ୍ତପ୍ତ :-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୯୭୬


# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧।୧(ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜ ଗାର୍ଲସ ହଷ୍ଟେଲର ରୁମରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତା ହେଲେ କୋରାପୁଟ ଗୁନାବେଡ଼ା ଅଞ୍ଚଳର ସୁଶ୍ରୀ ପ୍ରଜ୍ଞାମିତା ରାଉତ(୨୩)। ସେ ଏକ ଘରୋଇ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ। ଖବରପାଇ ପୋଲିସ ମୃତଦେହ ଉଦ୍ଧାର କରିବାପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୩୬/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

ପ୍ରଜ୍ଞାମିତାଙ୍କ ବାପା ସୁଧାକର ସେଠୀଙ୍କ ଅଭିଯୋଗ ଅନୁସାରେ ଝିଅ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ଦ୍ୱିତୀୟ ବର୍ଷରେ ପଢୁଥିଲେ। ସେ କ୍ୟାମ୍ପସ ସିଲେକ୍ସନ୍ ପାଇଥିଲେ। ଆସନ୍ତା ୩ ତାରିଖରେ ସେ କାର୍ଯ୍ୟରେ ଯୋଗ ଦେବାର ଥିଲା। ଶୁକ୍ରବାର କଲେଜ ଫିସ୍ ବାବଦ ଝିଅ ଆକାଉଣ୍ଟକୁ ୪୫ହଜାର ଟଙ୍କା ପଠାଯାଇଥିଲା। ଅପରାହ୍ନ ୪ଟାରେ ଝିଅର ଦେହ ଭଲ ନ ଥିବା କଲେଜ କର୍ତ୍ତୃପକ୍ଷ ତାଙ୍କୁ ଫୋନ କରି ଜଣାଇଥିଲେ। ଏହା ପରେ ସେ ଝିଅ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଠିକ୍ ତଥ୍ୟ ପାଇପାରି ନ ଥିଲେ। ଏହାପରେ ସେ ରାତିରେ ବସ୍‌ରେ ଆସି ଶନିବାର ସକାଳେ ପହଞ୍ଚି ଝିଅର ମୃତ୍ୟୁ ହୋଇଯାଇଥିବା ସ୍ପଷ୍ଟ ହୋଇଥିଲେ। ଅପରପକ୍ଷରେ ପ୍ରଜ୍ଞାମିତା ନିଜ ରୁମରେ ଶୁକ୍ରବାର ଓଢ଼ଣୀ ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡ଼ିବାପରେ କଲେଜ କର୍ତ୍ତୃପକ୍ଷ ସନ୍ଧ୍ୟାରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଥିଲା। ହେଲେ ରାତି ହୋଇଯାଇଥିବାରୁ ମୃତଦେହ ଉଦ୍ଧାର ହୋଇପାରି ନ ଥିଲା। ଶନିବାର ସକାଳେ ବାପା ସୁଧାକର ପହଞ୍ଚିବା ପରେ ମୃତଦେହ ଜବତ କରାଯାଇଥିବା ପୋଲିସ କହିଛି।

# ଶୀତ ଲହରି: ୫ ଜିଲ୍ଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧।୧(ବ୍ୟୁରୋ)



ରାଜ୍ୟରେ ଖସୁଛି ପାରଦ। ଗତ କିଛିଦିନ ହେବ ଶୀତ କମିଥିବାବେଳେ ଏବେ ପୁଣି ଅନୁଭୂତ ହେଲାଣି। ଆସନ୍ତା ୩ଦିନ ଭିତରେ ତାପମାତ୍ରା ଆହୁରି ୩ରୁ ୪ ଡିଗ୍ରୀ ଖସିବ। ତେଣୁ ଶୀତ ଲହରୀ ନେଇ ମଧ୍ୟ ୫ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଝାରସୁଗୁଡ଼ା, ବରଗଡ଼, ସୋନପୁର, ସମ୍ବଲପୁର ଓ ବଲାଙ୍ଗିର ଆଦି ୫ ଜିଲ୍ଲାରେ ୩ ଓ ୪ ତାରିଖରେ ଶୀତ ଲହରି ହେବ ବୋଲି ସୂଚନା ଦିଆଯାଇଛି।

ସେପଟେ ଶନିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ଥିଲା। ସେହିପରି ଟିଟିଲାଗଡ଼ ୧୦.୮, କୋରାପୁଟ ୧୧.୪, ଝାରସୁଗୁଡ଼ା ୧୧.୬, ଫୁଲବାଣୀ ୧୩, କେନ୍ଦୁଝର ୧୩, ଭବାନୀପାଟଣା ୧୩.୪, ହୀରାକୁଦ ୧୩.୬ ଓ ସୋନପୁର ୧୩.୮, କଟକ ୧୫ ଓ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୫.୪ ଡିଗ୍ରୀ ରହିଥିଲା। ରବିବାର ମଧ୍ୟ ଏହିଭଳି ଶୀତ ଜାରି ରହିବ। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଘନ କୁହୁଡ଼ି ପରିଲକ୍ଷିତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଦୁର୍ଘଟଣାରେ ଯୁବକ ମୃତ

ବାଲିକୁଦା,୧।୧(ସ୍ୱ.ପ୍ର.)

ନୂଆବର୍ଷ ମନାଇବାକୁ ଶୁକ୍ରବାର ରାତିରେ ୩ ସାଙ୍ଗ କାରରେ ଗାଁକୁ ଫେରୁଥିବାବେଳେ ବାଲିକୁଦା- ତଣ୍ଡିକୂଳ ରାସ୍ତାର ଧନିଶଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତର ବାଇଗଣି ଗ୍ରାମର ଅଶୋକ ରାଉତଙ୍କ ପୁତ୍ର ଅଭିଷେକ। ଗୁରୁତର ଜଣକ ହେଲେ ଉକ୍ତ ଗ୍ରାମର ଚିକୁନ ନାୟକ। ଅଭିଷେକ ଦୁଇ ସାଙ୍ଗଙ୍କ ସହ କାରରେ ବାଲିକୁଦା ବଜାରରୁ ଫେରୁଥିଲେ। ଧନିଶଠାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅଭିଷେକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଚିକୁନଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଗଞ୍ଜାମରେ ୮ବର୍ଷର ରେକର୍ଡ ଭାଙ୍ଗିଲା ଡେଙ୍ଗୁ

**ବିଏମ୍‌ସିରେ ୧୪୮ ଆକ୍ରାନ୍ତ**



ବ୍ରହ୍ମପୁର ଅଫିସ,୧।୧

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଅଣାୟତ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଏଥିରୁ ଶିଶୁମାନେ ମଧ ବାଦ୍ ପଡ଼ିନାହାନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ଗତ ୮ବର୍ଷର ରେକର୍ଡ ଭାଙ୍ଗିଛି। ୨୦୧୩ରୁ ୨୦୨୦ ମଧ୍ୟରେ ୨୦୧୬ ରେ ଡେଙ୍ଗୁର ସର୍ବାଧିକ ରେକର୍ଡ ଥିଲା ୩୨୯। ଜିଲାରେ ଚଳିତ ବର୍ଷ ଆକ୍ରାନ୍ତଙ୍କ ସଂଖ୍ୟା ଡିସେମ୍ବର ୩୧ ସୁଦ୍ଧା ୩୩୩, ଯାହାକି ୨୦୧୬ର ରେକର୍ଡ ଭାଙ୍ଗିଛି। ଚଳିତ ବର୍ଷ ଚିହ୍ନଟ ହୋଇଥିବା ପଜିଟିଭ ମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ସର୍ବାଧିକ ୧୪୮ ଜଣ ରହିଛନ୍ତି। ଜିଲାରେ ୨୦୧୩ରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୪୩ ଥିବା ବେଳେ ୨୦୧୪ରେ ୬୪, ୨୦୧୫ରେ ୭୪, ୨୦୧୬ରେ ୩୨୯, ୨୦୧୭ରେ ୧୪୬, ୨୦୧୮ରେ ୧୫୫, ୨୦୧୯ରେ ୩୦୭, ୨୦୨୦ରେ କେବଳ ୦୯ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।

ସୂଚନାଯୋଗ୍ୟ,୨୦୨୧ ଜୁଲାଇରେ ଜିଲାରେ ପ୍ରଥମ ଡେଙ୍ଗୁ ଚିହ୍ନଟ ହୋଇଥିଲା। ତା'ପର ଠାରୁ ଧୀରେ ଧୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଗତ ସେପ୍ଟେମ୍ବର ମାସରୁ ପର୍ଯ୍ୟାୟ କ୍ରମେ ହୋଇଥିବା ଲଘୁଚାପଜନିତ ବର୍ଷା ଯୋଗୁ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମି ରହିଥିଲା, ଯାହାକି ଡେଙ୍ଗୁ ରୋଗର କାରଣ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଶିଶୁ ସମେତ ବିଭିନ୍ନ ବର୍ଗର ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଡେଙ୍ଗୁ ପଜିଟିଭ ଚିହ୍ନଟ ହେଉଥିବା ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଯାଇ ଲୋକମାନଙ୍କୁ ସଚେତନ କରୁଛି। ମଶା ଲାର୍ଭା ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟକରି ତାହା ସଫା କରାଯାଉଛି। ବିଏମ୍‌ସି ତରଫରୁ ମଶାମରା ଧୂଆଁ ମଧ ସ୍ପ୍ରେ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି।


# ମୁଦ୍ରା ଫାଇନାନ୍ସ

PM ମୁଦ୍ରା ଯୋଜନା ଅଧୀନରେ
1ରୁ 20 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।

**Mudra Finance**
Mob. 8987604637
Whatsapp: 8902923601

# ଜନ୍ମଦିନ ଶୁଭେଚ୍ଛା



(ଝୁମୁକା)
**ଶ୍ରୀଲିପ୍ସା ପାଣି**
ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ଆଜି ତୋର ଜନ୍ମଦିନରେ ପରମପିତା ପରମେଶ୍ୱର ଶ୍ରୀଜଗନ୍ନାଥ ଓ ମା' ମଣିନାଗଦୁର୍ଗାଙ୍କ ପଦ କମଳରେ ଏତିକି ମିନତି ଆଗାମୀ ଭବିଷ୍ୟତକୁ ଉଜ୍ଜ୍ୱଳତର ଓ ଚଲାପଥକୁ କୁସୁମିତ କରନ୍ତୁ। ସ୍ୱର୍ଗପୁରରୁ ବାପା ଏବଂ ଅଜାଙ୍କର ଆଶୀର୍ବାଦ ଧାରା ବରଷୁ ଥାଉ ।

ଶୁଭେଚ୍ଛା ସହ: ଆଈ, ମମି, ଡାଡି, ମାମା, ପାପା, ବାପା, କୁଟୁଲୁ, ସୁଟୁଲୁ, ନନା, ବୋଉ, କାକା, ଖୁଡୀ ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୭୮୮୬


## OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION

AT/PO: PARALAKHEMUNDI, DIST: GAJAPATI, PIN-761200
e-mail: dfo.parlakhemundi@odisha.gov.in

**INVITATION FOR BIDS**

**e-Procurement Notice No. DFO-PKD-02/2021-22**

No. MM-332:- Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal https://tenderodisha.gov.in

| | | |
|---|---|---|
| 1. | Type of the work | :- Buildings |
| 2. | No. of works | :- 08 |
| 3. | Class of contractor | :- 'D', 'C' Class. |
| 4. | Bid Identification No. | :- e-DFO-PKD-09/2021-22 to e-DFO-PKD-16/2021-22 |
| 5. | Estimated cost | :- Rs.8.17 lakhs to Rs.14.50 lakhs |
| 6. | Period of completion | :- 75 days |
| 7. | Date & time of availability of bid documents in the portal | :- 04.01.2022 to 10.01.2022 upto 5.00 PM |
| 8. | Last date / time for receipt of bids in the portal | :- 10.01.2022 upto 5.00 PM |
| 9. | Date of opening of bid | :- 11.01.2022 at 11.30 AM, in the e-procurement cell, Office of the Divisional Forest Officer, Paralakhemundi Division, Paralakhemundi, Dist.- Gajapati |
| 10. | Name of the office inviting bid | :- Divisional Forest Officer, Paralakhemundi Division, At/Po:- Paralakhemundi, Dist:- Gajapati |

N.B.:-
1) Any addendum/ corrigendum/ cancellation of tender can be seen in the said website.
2) Further details can be seen from Government website: https://tendersodisha.gov.in.

Sd./- Divisional Forest Officer, Paralakhemundi Division
OIPR-08050/11/0002/2122

## OFFICE OF THE EXECUTIVE ENGINEER, L.I. DIVISION, JAJPUR ROAD

e-mail – eeli.jajpurroad@gmail.com

**e-Procurement Notice**

**Bid Identification No. 4180 / OLIC (JPR) / Dt. 31.12.2021**

**No. CAD-2632:-** The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited , Bhubaneswar invites percentage rate bids in online mode for Installation of Shallow Tube Well Projects in Badachana, Dharmasala, Bari, Korai, Jajpur & Rasulpur Block of Jajpur District from reputed drilling Contractors having required class of PWD ( B & A) license with own Truck Mounted Mud Rotary Rig & Machinaries with experience in similar nature of works. The proof of registration of Rig from the appropriate authority shall be enclosed along with the Bid. The defaulter contractors are not allowed to participate in this tender.

| | | |
|---|---|---|
| 1. | Numbers of Package | 02 (Two) |
| 2. | Estimated Cost | Rs. 98.599 Lakh each |
| 3. | Cost of tender paper | **Rs.10000/- (in on-line mode) +5% GST as reverse charge basis vide challan No.21AAACO5986G1ZF of OLIC** |
| 4. | Date & time of publication | Dt.15.01.2022 from 10.00 A.M. |
| 5. | Date & time of closing | Dt. 29.01.2022 at 5.00 P.M. |
| 6. | Date & time of opening of bid | Dt. 31.01.2022 at 11.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any , can be seen in the said website. Authority reserves the right to accept /reject any or all the tenders, increase or decrease the quantities of work put to bidding without assigning any reasons thereof.

OIPR-32146/11/0007/2122 — Sd./- Executive Engineer

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୩୩ — ତା:୨୦।୧୨।୨୧

**ବିଜ୍ଞାପନ**

No. CAD-2640: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଲ.ଆଇ.ଜି.–୯୩୯ (L.I.G.-939), ଡୁମୁଡୁମା, ୨ୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଶ୍ରୀମତୀ ସୁଶିଳା ସିଂ, ସ୍ୱାମୀ: ସ୍ୱ.ହୃଷୀକେଶ ସିଂ, ସା/ପୋ.: ସୋରଡ଼ା, ଥାନା: ସୋରଡ଼ା, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସୁଶିଳା ସିଂ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମନିସା ସିଂ, ସ୍ୱାମୀ: ମନୋଜ କୁମାର ସିଂ, ସା: ଏଲ୍–୯୩୯, ଡୁମୁଡୁମା, ୨ୟ ପର୍ଯ୍ୟାୟ ହାଉସିଂ ବୋର୍ଡ କଲୋନୀ, ପୋ: ଡୁମୁଡୁମା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0290/2122

## CUTTACK MUNICIPAL CORPORATION

**"e" PROCUREMENT NOTICE**

No. C-1752 **Tender ID: 2021_ORULB_75288**
**Bid Reference No. MC(CMC)CTC_Div.-I_No.15/2021-21**
**Tender Call Notice No. 7773 (PW)** — **Date: 31.12.2021**

| | |
|---|---|
| Name of Works | : Civil Works |
| No. of Works | : 06 Nos. |
| Bid Value | : Rs.12.45 lakh to Rs.17.27 lakh |
| Period of Completion | : One Calendar Month to Two Calendar Months |

Date and Time Schedule

| Start | End | Opening |
|---|---|---|
| 3.00 P.M. on Dt.01.01.2022 | 5.00 P.M. on Dt.07.01.2022 | 11.00 A.M. on Dt.12.01.2022 |

Tender details can be seen from the procurement portal: **www.tendersorissa.gov.in.**

**Executive Engineer, City Div.-I**
**OIPR-13031/11/0065/2122**

## OFFICE OF THE PARADEEP MUNICIPALITY, PARADEEP

**No. 6271** — **Date: 31.12.2021**

**EXPRESSION OF INTEREST**

No. C-1763: The Executive Officer, Paradeep Municipality on behalf of Paradeep Municipality, Dist.- Jagatsinghpur invites sealed EOI from outsourcing agencies for "Operation, Maintenance & Management of one 50 bedded Rental Housing Complex (RHC) Exclusively Rent out to Gents at Atharbanki, Paradeep". The EOI can be obtained in the Office of the Municipal Council, Paradeep on payment of each paper cost Rs.500.00 (Rupees five hundred) only (non-refundable) from Dt.01.01.2022 to Dt.15.01.2022 during office hours. The EOI will be available on office website **www.paradeepmunicipality.org**. Paper cost shall be paid as per the same method noted in EOI. EOI without payment of paper cost and EMD shall not be accepted in any case and will be rejected summarily. The EOI will be reached the undersigned on or before Dt.17.01.2022 upto 01.00 P.M. The same will be opened on the same day at 04.00 P.M. in presence of the bidders or their authorized representatives. The authority reserves the right to accept or cancel any or all quotations without assigning any reason thereof.

**Sd./- Executive Officer, Paradeep Municipality**
**OIPR-13120/11/0023/2122**

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

idco Your power to grow | ODISHA NEW OPPORTUNITIES — **No. CAD-2609**

**Tender Call Notice No. BBSR/ELECT/E-2221/P-11/13-14/3324 Dt. 27.12.2021**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Construction of 3 phase 3 wire 11KV line using 100x116mm RS jost pole and 80 sqmm AAAC and 11KV line DP with AB switch for power supply to M/S Bagchi Sri Sankar Cancer Hospital & Research Centre at Infocity, Infocity-II, Janla, Dist: Khordha.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-25/21-22 | 04.01.2022 at 16.00 Hrs. | 12.01.2022 at 17.00 Hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

**Sd./- Divisional Head (Elect)**
**IDCO, Bhubaneswar**
OIPR-14003/11/0174/2122

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II

No.B-943

AT/PO- BHASKARGANJ, BALASORE
CONTACT NO.:- 06782-263149; E Mail ID:- eepwdbls2@gmail.com

**SHORT TENDER CALL NOTICE**

**BID INVITATION NO. SE (R and B) BLS-II-44/2021-22**
**No. 9907** — **dt. 24.12.2021**

| | | |
|---|---|---|
| 1 | The Executive Engineer, Balasore (R&B) Division-II, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works. | |
| 2 | No. of Work | : **3 Nos.** |
| 3 | Nature of work | : Road & Building works of Balasore (R&B) Division-II |
| 4 | Class of Contractor | : **C, B & A Class of Contractor** |
| 5 | Approx. value of work | : **Rs.24.76 Lakhs to 46.19 Lakhs** |
| 6 | Tender Cost | : 6000.00 as per work |
| 7 | Availability of Bid Documents in the website | : From 10.00 Hours of dt.01.01.2022 to 16.00 hours of dt.06.01.2022. |
| 8 | Date of Opening of Bid | : Dt.06.01.2022 at 16.30 Hours. |
| 9 | Other details can be seen in the Bidding documents from the website: https://tendersorissa.gov.in | |

**Sd./- Superintending Engineer, Balasore (R&B) Division-II**
OIPR-34078/11/0031/2122

## BHUBANESWAR MUNICIPAL CORPORATION

**Phone: 0674-2431253, Fax: 0674-2432895**
**E-mail: info@bmc.gov.in, Web: bmc.gov.in**
**No. 94454** — **Date: 31.12.2021**

**ସର୍ବସାଧାରଣ ବିଜ୍ଞପ୍ତି**

ବିଷୟ: ଅନଧିକୃତ ନିର୍ମାଣକୁ ନିୟମିତ କରାଇବା ଯୋଜନା (SRUC) - ୨୦୧୮/୧୯ ଅଧୀନରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକର ଆବଶ୍ୟକୀୟ ଅନୁପାଳନର ଦାଖଲ ନିମନ୍ତେ।

No. C-1757: ଉପରୋକ୍ତ ଏହିକି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନଧୀକୃତ ନିର୍ମାଣକୁ ନିୟମିତ କରାଇବା ଯୋଜନା (SRUC) - ୨୦୧୮/୧୯ ଅଧୀନରେ ଆସିଥିବା ଦରଖାସ୍ତଗୁଡ଼ିକରେ ଯେଉଁସବୁ ଆବଶ୍ୟକୀୟ ନଥିର ଅଭାବ ରହିଛି ସେହି ବାବଦରେ ବହୁ ପୂର୍ବରୁ ମହାନଗର ନିଗମ ଆବେଦନକାରୀଙ୍କୁ ଅବଗତ କରିଅଛନ୍ତି। ତେବେ ଅନେକ କ୍ଷେତ୍ରରେ ଅନୁପାଳନଗୁଡ଼ିକ ପ୍ରାପ୍ତ ହୋଇନଥିବା ବେଳେ ଅନେକ ପ୍ରାପ୍ତ ହୋଇଥିବା ଅନୁପାଳନ ଅସମ୍ପୂର୍ଣ୍ଣ ଅଛି।

ଏଥିପାଇଁ ସମସ୍ତ ଦରଖାସ୍ତକୁ ୩୧ ଜାନୁୟାରୀ ୨୦୨୨ ସୁଦ୍ଧା ଏହାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି, ତେଣୁ ଯେଉଁମାନେ ସମ୍ପୂର୍ଣ୍ଣ ଅନୁପାଳନ ସହିତ ଏ ସଂକ୍ରାନ୍ତୀୟ ଦରଖାସ୍ତ ଦେଇ ନାହାନ୍ତି, ଦରଖାସ୍ତ ନାକଚରୁ ନିବୃତ ରହିବା ପାଇଁ ବିଜ୍ଞପ୍ତି ପ୍ରକାଶନର ୧୫ଦିନ ମଧ୍ୟରେ ଆବେଦନକାରୀମାନେ ନିଜର ଦରଖାସ୍ତର ଆବଶ୍ୟକତା ମୂଳକ ସମସ୍ତ ଅନୁପାଳନ ଦାଖଲ କରିବାକୁ ଅନୁରୋଧ କରାଯାଉଛି।

ସ୍ୱା./– ନଗର ଯୋଜନାକାରୀ
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0118/2122

See Career Appointment on every Wednesday & Saturday

## OFFICE OF THE SUPERINTENDING ENGINEER RWSS DIVISION, RAIRANGPUR

**INVITATION FOR BIDS**
E-mail-eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**

**IDENTIFICATION No. 63 RWSS/RRPUR- 2021-2022 / Dated 24.12.2021**

**No. O-1589:-** The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : - a) Execution of clubbed up PWS schemes to different villages of Bisoi Block under RWS&S Division Rairangpur in the District of Mayurbhanj.
2. No. of packages : - 1 (One) no.
3. Period of Completion : **11 (Eleven)** months
4. Cost of tender : **₹10000.00**
5. Estimated cost :- **₹399.35 lakhs**
6. Class of Contractor :- (As mentioned in Tender Call Notice)
7. Date and time of availability of bid documents in Portal:- From **10 hours of 06.01.2022 to 17.00 hours of 22.01.2022**
8. Receipt of bid cost, bid security, documents:- Online only
9. Date & time of opening of technical bid:- **Dt.24.01.2022 at 16.00 hours** onwards.
10. Other Documents:- (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**.
12. **Any addendum / Corrigendum / Cancellation of tender can also be seen in the said website.**

**Sd./- Superintending Engineer, RWSS Division, Rairangpur**
OIPR-25010/11/0040/2122

## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ସଂଖ୍ୟା ନଂ.2971 — ତା. 23.12.2021

**ମୋଟର ଯାନ ନିଲାମ ନିମନ୍ତେ**

No.JJ–26:– ଏତଦ୍ୱାରା ନିମ୍ନଲିଖିତ ମୋଟରଯାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସେମାନଙ୍କର ଯାନ ବିରୁଦ୍ଧରେ ବକେୟା ମୋଟରଯାନ ଟିକସ ବାକିଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରାଯାଇଥିଲା । ଯଥା ସମୟରେ ସେମାନେ ଟିକସ ଅସୁଲକାରୀ କାର୍ଯ୍ୟାଳୟରେ ବକେୟା ଟିକସ ପୈଠ ନ କରିଥିବାରୁ କିମ୍ବା କୌଣସି ଉତ୍ତର ନ ରଖିବାରୁ ସେମାନଙ୍କ ଯାନଗୁଡ଼ିକୁ ଓଡ଼ିଶା ମୋଟରଯାନ କର ଆଇନ ୧୯୭୫ ଅନୁସୂଚୀ – II ଅନୁଯାୟୀ ଜବତ କରାଯାଇଅଛି ।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକମାନଙ୍କୁ ଅବଗତ କରାଯାଉଅଛି କି, ଯଦି ସେମାନେ ତା୧୫.୦୧.୨୦୨୨ରିଖ ୦୫.୦୦ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପୈଠ ନ କରନ୍ତି ତେବେ ତା୧୯.୦୧.୨୦୨୨ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନଗୁଡ଼ିକ ନିଲାମ କରାଯିବ ।

ଅତଏବ ସମସ୍ତ ଜନସାଧାରଣଙ୍କୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସୂଚନା ଦିଆଯାଉଅଛିକି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନଲିଖିତ ଯାନଗୁଡ଼ିକର ନିଲାମୀରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ତେବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମିଳୁଥିବା ଫର୍ମ ପୂରଣ କରି ତତ୍‌ସହିତ ଟ୫୦୦୦ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ରର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (Regional Transport Officer, Subarnapur payable at Subarnapur) ସଂଲଗ୍ନ କରି ତା୧୯.୦୧.୨୦୨୨ରିଖ ଅପରାହ୍ନ ୦୨.୦୦ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନ ପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ ।

କୌଣସି କାରଣ ନ ଦର୍ଶାଇ କୌଣସି ଯାନ/ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାରୁ ରଦ୍ଦ କରିବା ନିଲାମ ଅଧିକାରୀ, ସମ୍ପୂର୍ଣ୍ଣ କ୍ଷମତା ସମ୍ପୂର୍ଣ୍ଣ ଅଟନ୍ତି ।

ସ୍ୱା./- ଟିକସ ଅସୁଲ ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ, ସୁବର୍ଣ୍ଣପୁର
OIPR-38031/11/0001/2122

## OFFICE OF THE MANAGING DIRECTOR OSCDC LTD., BHUBANESWAR, ODISHA-751029

Phone No.- (0674)-2387193, 2387195; Email ID- contact@oscdc.com

**Govt. of Odisha "e" procurement Notice**
**Bid Identification No.:- 02/OSCDC/2021-22**

No.CAD-2616:- The Managing Director, Odisha State Cashew Development Corporation Ltd. (OSCDC), Ghatikia, Bhubaneswar on behalf of Governor of Odisha, invites percentage rate bids in single cover system in ONLINE MODE only, for CONSTRUCTION OF DIFFERENT CIVIL WORKS AT JAYANTAGIRI NURSERIES-II".

1. Name of the work:- "CONSTRUCTION OF DIFFERENT CIVIL WORKS OF JAYANTGIRI NURSERY-II, DIST.-KORAPUT"
2. Estimated Cost:- **Mentioned in Column-03 against works of the list**
3. Bid Cost: **Mentioned in Column - 04 against works of the list**
4. Period of completion: **Months mentioned in Column - 07**
5. No. of work (Tender): **02 Nos.**
6. Class of Contractor: **"D" and "C" class as mentioned in Column- 06**
7. Date & Time of availability of bid document in the portal: **03.01.2022 at 10.00 A.M. to 12.01.2022 upto 5.00 P.M.**
8. Last date/time for receipt of bids in the portal: **12.01.2022 upto 5.00 PM.**
9. Date of submission of documents: **04.01.2022 at 11.00 AM to 13.01.2022 upto 4.00 PM (Working days) only.**
10. Date & time of opening of online bids: **15.01.2022 at 11.00 AM & onwards.**
11. Name and address of the officer inviting Bids: **Managing Director, OSCDC Ltd., Ghatikia, Bhubaneswar, Odisha**

Further details can be seen from the e-procurement portal http://tendersodisha.gov.in

A. All the volumes/documents shall be uploaded in the portal by the Procurement Officer, Administrator and published by Procurement Officer Publisher (Officer Inviting tender).
B. The Tender documents published by the Tender inviting Officer (Procurement Officer Publisher) in the website: "**http://tendersodisha.gov.in**" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "**http://tendersodisha.gov.in**". Any addendum/ corrigendum/ cancellation of tender can also be seen in the said website.

**Sd./- Managing Director, OSCDC Ltd., Bhubaneswar**
OIPR-01049/11/0010/2122

## ଜୋତା ଉପରେ ୧୨% ଜିଏସ୍‌ଟି

ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ନିକଟରେ ଅନୁଷ୍ଠିତ ୪୬ତମ ଜିଏସ୍‌ଟି ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଫୁଟ୍‌ୱେୟର ସାମଗ୍ରୀ (ଜୋତା ଓ ଚପଲ) ଉପରେ ଶନିବାରଠାରୁ ୧୨% ଜିଏସ୍‌ଟି ଲାଗୁ ହୋଇଛି। ଫଳରେ ଏହାର ପ୍ରଭାବ ସବୁବର୍ଗର ଉପଭୋକ୍ତାଙ୍କ ଉପରେ ପଡିଛି। ସେହିଭଳି ଫୁଡ୍ ହୋମ୍ ଡେଲିଭରି ସଂସ୍ଥା ସ୍ୱିଗି ଏବଂ ଜମାଟୋ ଭଳି ଖାଦ୍ୟ ଯୋଗାଣକାରୀମାନଙ୍କ ଠାରୁ ୫% ଟିକସ ଆଦାୟ ହେବ। ସେହିପରି ଜାନୁୟାରୀ ପହିଲାରୁ ଦୁଇ ଓ ତିନିଚକିଆ ଗାଡ଼ି ବୁକିଂ ପାଇଁ ଯାନ ଯୋଗାଣକାରୀଙ୍କୁ ମଧ୍ୟ ୫% ଜିଏସ୍‌ଟି ଦେବାକୁ ପଡ଼ିବ।

## ୫.୮୯ କୋଟି ଆଇଟିଆର୍ ଫାଇଲ

**ନୂଆଦିଲ୍ଲୀ,୧।୧:** ଭାରତର ବିକାଶ ପାଇଁ ଦେଶବାସୀ ଧୀରେ ଧୀରେ ଆଗଭର ହେଉଛନ୍ତି। ଫଳସ୍ୱରୂପ ୨୦୨୦-୨୧ ଆର୍ଥିକ (ମାର୍ଚ୍ଚ ୨୦୨୧ ଶେଷ ହୋଇଥିବା) ବର୍ଷ ପାଇଁ ମୋଟ ୫.୮୯ କୋଟିର ଆୟକର ରିଟର୍ନ (ଆଇଟିଆର୍) ଫାଇଲ କରାଯାଇଛି। ବିଭାଗର ନୂତନ ଇ-ଫାଇଲ୍ ପୋର୍ଟାଲରେ ସ୍ପଷ୍ଟ କରାଯାଇଛି ଯେ ୨୦୨୧ ଡିସେମ୍ବର ୩୧ସୁଦ୍ଧା ଏହା ଦାଖଲ କରାଯାଇଛି। ଶନିବାର ଏ ନେଇ ଆଇଟି ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଏଥିମଧ୍ୟରୁ କେବଳ ଡିସେମ୍ବର ୩୧ରେ ୪୬.୧୧ଲକ୍ଷରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି ବୋଲି ସୂଚନା ମିଳିଛି। ସେହିଭଳି କେନ୍ଦ୍ରୀୟ ଟିକସ ବୋର୍ଡ (ସିବିଡିଟି) ଏକ ବିବୃତିରେ କହିଛି, ଆୟକର ବିଭାଗର ନୂତନ ଇ-ଫାଇଲ୍ ପୋର୍ଟାଲରେ ପ୍ରାୟ ୫.୮୯ କୋଟିର ଆୟକର ରିଟର୍ନ ଫାଇଲ କରାଯାଇଛି।

## ଡିସେମ୍ବରରେ ଏମ୍‌ଏସ୍‌ଆଇର ୧,୫୩,୧୪୯ ୟୁନିଟ୍ ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୧।୧

ଦେଶର ପ୍ରମୁଖ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ପକ୍ଷରୁ ଡିସେମ୍ବର ମାସ ଗାଡ଼ି ବିକ୍ରି ସମ୍ପର୍କରେ ଏକ ରିର୍ପୋଟ ପ୍ରକାଶ କରାଯାଇଛି। ଶନିବାର ୨୦୨୧ ଡିସେମ୍ବରରେ ମୋଟ ହୋଲ୍‌ସେଲ୍‌ରେ ୧,୫୩,୧୪୯ ୟୁନିଟ ଗାଡ଼ି ବିକ୍ରି କରାଯାଇଛି। ଏହା ଗତ ବର୍ଷର ବିକ୍ରି ତୁଳନାରେ ୪% ହ୍ରାସ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୦ ଏହି ସମୟରେ କମ୍ପାନୀ ୧,୬୦,୨୨୬ ୟୁନିଟ୍ ବିକ୍ରି କରିଥିଲା। ସେହିଭଳି ୨୦୨୧ ଡିସେମ୍ବରରେ କମ୍ପାନୀର ଘରୋଇ ବିକ୍ରି ୧୩% ହ୍ରାସ ପାଇ ୧,୩୦,୮୬୯ ୟୁନିଟ୍ ରହିଛି।




୨୦୨୦ ଡିସେମ୍ବରରେ କମ୍ପାନୀ ୧,୫୦,୨୮୮ ୟୁନିଟ୍ ବିକ୍ରି କରିଥିଲା ବୋଲି ରିର୍ପୋଟରେ କୁହାଯାଇଛି।

ଅପରପକ୍ଷରେ ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକର ଅଭାବ ଯୋଗୁ ଡିସେମ୍ବରରେ ଯାନବାହନ ଉତ୍ପାଦନ ଉପରେ ସାମାନ୍ୟ ପ୍ରଭାବ ପକାଇଥିଲା। ଏହି ଅଭାବ ମୁଖ୍ୟତଃ ଘରୋଇ ବଜାରରେ ବିକ୍ରି ହେଉଥିବା ଗାଡ଼ିର ଉତ୍ପାଦନକୁ ପ୍ରଭାବିତ କରିଥିଲା ବୋଲି ଏମ୍‌ଏସ୍‌ଆଇ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବକୁ କମ୍ କରିବାକୁ କମ୍ପାନୀ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି କମ୍ପାନୀର ଅଲ୍ଟୋ ଏବଂ ଏସ୍-ପ୍ରେସୋକୁ ନେଇ ମିନି କାର୍‌ର ବିକ୍ରି ମଧ୍ୟ ୩୫% ହ୍ରାସ ପାଇ ୧୬,୩୨୦ ୟୁନିଟରେ ରହିଛି। ୨୦୨୦ର ଏହି ସମୟରେ କମ୍ପାନୀ ୨୪,୯୨୭ ୟୁନିଟ ଗାଡ଼ି ବିକ୍ରି କରିଥିଲା।

ଏହି ଅବସରରେ ସ୍ୱିଫ୍ଟ, ସେଲିରିଓ, ଇଗ୍ନିସ୍, ବାଲେନୋ ଏବଂ ଡିଜେୟାର ଭଳି ମଡେଲ ସମେତ କମ୍ପାକ୍ଟ ସେଗ୍‌ମେଣ୍ଟର ବିକ୍ରି ଡିସେମ୍ବର ୨୦୨୦ରେ ୭୭,୬୪୧ କାର୍ ତୁଳନାରେ ୧୧% ହ୍ରାସ ପାଇ ୬୯,୩୪୫ ୟୁନିଟରେ ପହଞ୍ଚିଛି। ୨୦୨୦ ଡିସେମ୍ବରରେ ୧,୨୭୦ ୟୁନିଟ୍ ତୁଳନାରେ ମଧ୍ୟମ ଆକାରର ସେଡାନ୍ ସିଆଜ୍ ବିକ୍ରି ୧,୨୦୪ ୟୁନିଟକୁ ହ୍ରାସ ପାଇଛି। ଭିଟାରା ବ୍ରେଜ୍‌ଜା, ଏସ୍-କ୍ରସ୍ ଏବଂ ଏର୍ଟିଗା ସମେତ ଅନ୍ୟ ୟୁଟିଲିଟି ଗାଡ଼ି ବିକ୍ରି ୫% ବୃଦ୍ଧି ପାଇ ୨୬,୯୮୨ ୟୁନିଟରେ ପହଞ୍ଚିଛି।

## ରେକର୍ଡ କାରବାରରେ ବର୍ଷ ଶେଷ କରିଛି ୟୁପିଆଇ

**ନୂଆଦିଲ୍ଲୀ,୧।୧:** ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ସଂସ୍ଥା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ରେକର୍ଡ ପରିମାଣର କାରବାର ସହିତ କ୍ୟାଲେଣ୍ଡର ବର୍ଷ ୨୦୨୧କୁ ଶେଷ କରିଛି। ବିଶେଷକରି ଉଭୟ ଭଲ୍ୟୁମ୍ ଏବଂ ମୂଲ୍ୟ ସର୍ତ୍ତାବଳୀରେ ପୁନଃ ସଂଯୋଗ ରହିଛି। ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୟୁପିଆଇରେ ମୋଟ ୮.୨୭ ଟ୍ରିଲିୟନ ମୂଲ୍ୟର ୪.୫୬ ବିଲିୟନ କାରବାର କରାଯାଇଛି। ନଭେମ୍ବରରେ ଏକ ମାର୍ଜିନାଲ ଡିପ୍ ରିପୋର୍ଟ ହେବା ପରେ ମଧ୍ୟ ଏହାର କାରବାର ଡିସେମ୍ବରରେ ବାଉନ୍ସ ହୋଇଗଲା। ଏହି ସମୟର କାରବାର ପରିମାଣ ମାସକୁ ମାସ ଆଧାରରେ ୯.୦୯% ଏବଂ କାରବାରର ମୂଲ୍ୟ ୭.୬୦% ବୃଦ୍ଧି ପାଇଥିଲା। ଏହାର ଏକ ବର୍ଷ ଆଧାର(ଡିସେମ୍ବର)ରେ କାରବାରର ପରିମାଣ ଦ୍ୱିଗୁଣିତ ହୋଇଥିବା ବେଳେ କାରବାରର ମୂଲ୍ୟ ୯୯% ଅଭିବୃଦ୍ଧି ହୋଇଥିବା ରିପୋର୍ଟ ପ୍ରକାଶ କରାଯାଇଛି।




## କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଉପରେ ଡିଜିଜିଆଇର ଚଢ଼ାଉ

ନୂଆଦିଲ୍ଲୀ,୧।୧

ଭାରତରେ ନିଷିଦ୍ଧ ହୋଇଥିବା କ୍ରିପ୍ଟୋ ମୁଦ୍ରାକୁ ବେଆଇନ ଭାବେ କାରବାର କରୁଥିବା ସଂସ୍ଥା ଉପରେ ଶନିବାର ଜିଏସ୍‌ଟି ଇଣ୍ଟେଲିଜେନ୍ସ ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ କରୁଥିବା ସଂସ୍ଥା ୱାଜିର ଏକ୍ସ ବିପୁଳ ପରିମାଣରେ ଟିକସ ଠକେଇ କରୁଥିବା ନେଇ ଡିଜିଜିଆଇ ଜାଣିବାକୁ ପାଇଥିଲା। ଏ ନେଇ ଡିଜିଜିଆଇ ଦେଶରେ ସଞ୍ଚାଳିତ ଏହି ଏକ୍ସଚେଞ୍ଜ ସଂସ୍ଥାଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, କ୍ରିପ୍ଟୋକରେନ୍ସି ସେବା ପ୍ରଦାନକାରୀଙ୍କ ପାଖାପାଖି ୬ଟି କାର୍ଯ୍ୟାଳୟ ଉପରେ ତଦନ୍ତକାରୀ ସଂସ୍ଥା ଚଢ଼ାଉ କରିଛି।



ଏଥିରେ ଏକ ବଡ଼ ଧରଣର ଜିଏସ୍‌ଟି ଠକେଇ ହୋଇଥିବା ଜଣାପଡ଼ିଛି। କ୍ରିପ୍ଟୋ ୱାଲେଟ୍ ଏବଂ ଏକ୍ସଚେଞ୍ଜ ପ୍ଲାଟ୍‌ଫର୍ମ ଜରିଆରେ ବ୍ୟବସାୟୀ ଏବଂ ଗ୍ରାହକ ବିଟ୍‌କଏନ୍, ଏଥିରିୟମ୍, ରିପଲ୍ ଭଳି ଡିଜିଟାଲ ମୁଦ୍ରାର ନେଣଦେଣ କରିଥାନ୍ତି। ସରକାରୀ ସୂତ୍ରରୁ ଆହୁରି ମଧ୍ୟ ଜଣାପଡ଼ିଛି, ଏହି କମ୍ପାନୀଗୁଡିକ କ୍ରିପ୍ଟୋ ମୁଦ୍ରା କିଣିବା ଏବଂ ବିକ୍ରୟ ପାଇଁ ମଧ୍ୟସ୍ଥ ସେବା ଯୋଗାଇଥାନ୍ତି। ଏହି ସେବାଗୁଡିକ ଉପରେ ୧୮% ହାରରେ ଜିଏସ୍‌ଟି ଲାଗୁ ହୋଇଥାଏ। ଏହାକୁ ଉକ୍ତ ବ୍ୟବସାୟୀମାନେ ଫାଙ୍କି ଆସୁଥିଲେ ବୋଲି କୁହାଯାଇଛି। ଏହି ସେବା ପ୍ରଦାନକାରୀମାନେ ବିଟ୍‌କଏନ୍ ଏକ୍ସଚେଞ୍ଜ ସହ ଜଡିତ ହେବା ପାଇଁ କମିଶନ ଚାର୍ଜ କରୁଥିଲେ, କିନ୍ତୁ ଜିଏସ୍‌ଟି ଦେଉ ନ ଥିଲେ। ଫଳରେ ଏହି କାରବାରକୁ ନେଇ ଡିଜିଜିଆଇ ପୂର୍ବରୁ ସଜାଗଥିଲା ଏବଂ ସମୟ ଦେଖି ସେମାନଙ୍କ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପ୍ରାୟ ୭୦ କୋଟି ଟଙ୍କାର ଟ୍ୟାକ୍ସ ଠକେଇ ହୋଇଥିବା ସୂଚନା ମିଳିଛି।

## କମିଲା କମର୍ସିଆଲ ଗ୍ୟାସ୍ ଦର

ଭୁବନେଶ୍ୱର,୧।୧

ନୂତନ ବର୍ଷ ଆରମ୍ଭରୁ ଉପଭୋକ୍ତାଙ୍କ ପାଇଁ ଭଲ ଖବର ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଦିଆଯାଇଛି। ୧୯ କିଲୋ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଉପରେ ୧୦୨.୫୦ ଟଙ୍କା ହ୍ରାସ କରାଯାଇଛି। ଫଳରେ କମ୍ପାନୀ ପକ୍ଷରୁ ହ୍ରାସ କରାଯାଇଥିବା ଦର ୨୦୨୨ ଜାନୁୟାରୀ ୧ ଠାରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ଏହି ଦର ହ୍ରାସ ଯୋଗୁ ଦିଲ୍ଲୀରେ ୧୯ କିଲୋ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୯୯୮.୫୦ ଟଙ୍କାରେ ବିକ୍ରି ହେବ ବୋଲି ଜଣାପଡ଼ିଛି। ଗତ ଡିସେମ୍ବର ୧ରେ ୧୯ କିଲୋ ସିଲିଣ୍ଡର ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି କରାଯାଇଥିଲା। ପୂର୍ବରୁ ଦିଲ୍ଲୀରେ ଏହାର ଦର ୨,୧୦୧ ଟଙ୍କା ରହିଥିଲା। ସେହିଭଳି ଭୁବନେଶ୍ୱରରେ ମଧ୍ୟ ଏହି ସିଲିଣ୍ଡର ଉପରେ ୧୦୧.୫୦ ଟଙ୍କା ହ୍ରାସ ହୋଇ ୨୧୦୧.୫୦ ଟଙ୍କାରେ ରହିଛି। ଅପରପକ୍ଷରେ ଘରୋଇ ବ୍ୟବହାର ପାଇଁ ଥିବା ୧୪.୨ କିଲୋ, ୫ କିଲୋ ଏବଂ ୧୦ କିଲୋର ସିଲିଣ୍ଡର ମୂଲ୍ୟ ପୂର୍ବପରି ସ୍ଥିର ରହିଛି।







## ୧୬ ଦିନ ବନ୍ଦ ରହିବ ବ୍ୟାଙ୍କ

**ଭୁବନେଶ୍ୱର,୧।୧:** ୨୦୨୨ ଜାନୁୟାରୀରେ ମୋଟ ୧୬ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏହି ଦିନଗୁଡ଼ିକ ମଧ୍ୟରୁ ମାସକର ସମସ୍ତ ରବିବାର ଓ ୨ୟ ଏବଂ ୪ର୍ଥ ଶନିବାର ସହ ବିଭିନ୍ନ ରାଜ୍ୟର ପର୍ବପର୍ବାଣି ଛୁଟି ତାଲିକାରେ ଅନ୍ତର୍ଭୁକ୍ତ ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି ବ୍ୟାଙ୍କିଙ୍ଗ୍ ସେବା ଦିବସ ଓ ସୂଚୀରେ ଏହା ପ୍ରକାଶ କରାଯାଇଛି। ତେବେ ଚଳିତ ମାସ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପର୍ବ ପାଇଁ ବ୍ୟାଙ୍କ ଛୁଟି ରହିବ। ସେହିଭଳି ରାଜ୍ୟ ଅନୁଯାୟୀ ଛୁଟି ଅଲଗା ହେବ ବୋଲି ଆର୍‌ବିଆଇ ପକ୍ଷରୁ ଜାରି ଛୁଟି ତାଲିକାରୁ ସୂଚନା ମିଳିଛି।










































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁୟାରୀ ୨/୨୦୨୨ Bhubaneswar, Sunday, January 2 / 2022


# ମୃତ୍ୟୁମୁହଁରେ ପଡ଼ିପାରନ୍ତି ୮୦ ହଜାର

**ମହାରାଷ୍ଟ୍ର ସରକାରଙ୍କ ଚେତାବନୀ**

- ୮୦ ଲକ୍ଷ ଆକ୍ରାନ୍ତ ହେବା ଆଶଙ୍କା
- ୧୦ ମନ୍ତ୍ରୀ, ୨୦ ବିଧାୟକଙ୍କୁ କରୋନା

ମୁମ୍ବାଇ, ୧।୧

ମହାରାଷ୍ଟ୍ରରେ କରୋନାର ତୃତୀୟ ଲହର ସ୍ପଷ୍ଟ ହୋଇସାରିଥିବାବେଳେ ସଂକ୍ରମଣ ବ୍ୟାପକ ହେବ ଏବଂ ଏହା ବେଶ୍ ଘାତକ ସାବ୍ୟସ୍ତ ବୋଲି ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର। ଏଥିରେ ୮୦ ଲକ୍ଷରୁ ଅଧିକ ଆକ୍ରାନ୍ତ ହେବେ ଏବଂ ୮୦ ହଜାରରୁ ଊର୍ଦ୍ଧ୍ୱଙ୍କ ଜୀବନ ଯାଇପାରେ ବୋଲି ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ଡ. ପ୍ରଦୀପ ବ୍ୟାସ କହିଛନ୍ତି। ଯଦି ତୃତୀୟ ଲହରରେ ୮୦ ଲକ୍ଷ କୋଭିଡ୍ ମାମଲା ଆସେ ତେବେ ୧ ପ୍ରତିଶତ ହାରରେ ମୃତ୍ୟୁସଂଖ୍ୟା ୮୦ ହଜାର ରହିପାରେ। ତେଣୁ ପ୍ରଶାସନିକ ଅଧିକାରୀମାନେ ଓମିକ୍ରନ ସଂକ୍ରମଣ କିମ୍ବା ତୃତୀୟ ଲହରକୁ ହାଲୁକା ଭାବେ ନ ନେଇ ଏଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଟିକା ନେଇ ନ ଥିବା ଏବଂ ବିଭିନ୍ନ ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଏଥିରେ ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଅଧିକରୁ ଅଧିକ ଟିକାକରଣ କରି ଜୀବନ ବଞ୍ଚାଇବାକୁ ପ୍ରାଥମିକତା ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଓମିକ୍ରନ ସହ ରାଜ୍ୟରେ ଡେଲ୍ଟାର ପ୍ରକୋପ ମଧ୍ୟ ଜାରି ରହିଛି। କରୋନା ମାମଲା ମଧ୍ୟରୁ ୭୦ ପ୍ରତିଶତ ଡେଲ୍ଟାରେ ସଂକ୍ରମିତ ହୋଇଥିବା ଜିନୋମ୍ ସିକ୍ୱେନ୍ସିଂରୁ ଜଣାପଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ରର ୧୦ରୁ ଅଧିକ ମନ୍ତ୍ରୀ ଏବଂ ପ୍ରାୟ ୨୦ ଜଣ ବିଧାୟକ କରୋନାରେ ଆକ୍ରାନ୍ତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି।


ମୁମ୍ବାଇରେ ଜଣେ ସ୍ୱାସ୍ଥ୍ୟକର୍ମୀ ଗାଡ଼ି ଭିତରେ ମହିଳାଙ୍କୁ କୋଭିଡ୍ ଟିକା ଦେଉଛନ୍ତି।

## ଉପରମୁହାଁ ଓମିକ୍ରନ୍

- ଦେଶରେ ୧୪୩୧ ସଂକ୍ରମିତ
- ଦିନକରେ କୋଭିଡ୍ ମାମଲା ୩୫% ବୃଦ୍ଧି

ନୂଆଦିଲ୍ଲୀ, ୧।୧

ଦେଶରେ ଉପରମୁହାଁ ହୋଇଚାଲିଛି ଓମିକ୍ରନ୍ ସଂକ୍ରମଣ। କରୋନାର ଏହି ନୂଆ ଭାରିଆଣ୍ଟରେ ଦିନକରେ ୧୪୩୧ ମାମଲା ଚିହ୍ନଟ ହୋଇଛି। ଏଥିଯୋଗୁ ଭାରତରେ ମୋଟ ସଂକ୍ରମଣ ଦିନକରେ ୩୫ ପ୍ରତିଶତ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ସମୁଦାୟ ୨୨,୭୭୫ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଦିନକରେ ୪୦୬ ମୃତ୍ୟୁ ରେକର୍ଡ କରାଯାଇଛି। ଏବେ ସୁଦ୍ଧା ୨୩ ରାଜ୍ୟକୁ ଓମିକ୍ରନ୍ ସଂକ୍ରମଣ ବ୍ୟାପିସାରିଛି। ମହାରାଷ୍ଟ୍ର ଏହି ଭାରିଆଣ୍ଟରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ମୋଟ ୪୫୪ ମାମଲା ମହାରାଷ୍ଟ୍ରରେ ରହିଥିବାବେଳେ ଏହା ତଳକୁ ଦିଲ୍ଲୀରେ ୩୫୧ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ତୃତୀୟ ସର୍ବାଧିକ ଆକ୍ରାନ୍ତ ଥିବା ରାଜ୍ୟ ତାମିଲନାଡୁରେ ୧୧୮ ଓମିକ୍ରନ୍ ମାମଲା ରହିଛି। ଗୁଜରାଟରେ ୧୧୫, କେରଳରେ ୧୦୯ କେସ୍ ସାମ୍ନାକୁ ଆସିଛି।

ଓମିକ୍ରନ୍ ସଙ୍କଟବେଳେ ଭାରତରେ ହଠାତ୍ ମେଡିକାଲ କେୟାରର ଆବଶ୍ୟକତା ବଢ଼ିଯିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ୍ କହିଛନ୍ତି। ଅତି ଦ୍ରୁତବେଗରେ ସଂକ୍ରମଣ ମାଡ଼ିବ ଏବଂ ବହୁ ସଂଖ୍ୟାରେ ଲୋକେ ଏଥିରେ ଆକ୍ରାନ୍ତ ହେବାକୁ ଯାଉଥିବା ସେ ଏକ ସାକ୍ଷାତକାରରେ କହିଛନ୍ତି। ଭାରତରେ ମୋଟ କୋଭିଡ୍ ମାମଲା ୩,୪୮,୬୧,୫୭୯କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସକ୍ରିୟ ମାମଲା ୧ ଲକ୍ଷ ଟପିଥିବାବେଳେ ଦୈନିକ ପଜିଟିଭ୍ ହାର ୨.୦୫ % ରହିଛି।

## ସଂକ୍ଷେପରେ

### ୧୫ରୁ ୧୮ ବର୍ଷୀୟଙ୍କ ଟିକାକରଣ ଲାଗି ପଞ୍ଜୀକରଣ ଆରମ୍ଭ

**ନୂଆଦିଲ୍ଲୀ, ୧।୧:** ପନ୍ଦରରୁ ଅଠର ବର୍ଷୀୟ କିଶୋରୀକିଶୋରଙ୍କୁ କୋଭିଡ୍-୧୯ ଟିକାକରଣ ଲାଗି ଶନିବାରଠାରୁ କୋୱିନ୍ ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଛି। ପରିବାରର ଯୋଗ୍ୟ କିଶୋର କିଶୋରୀମାନେ ନାମ ପଞ୍ଜୀକରଣ କରାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୩ ତାରିଖରୁ ଏହି ବର୍ଗର ପିଲାମାନଙ୍କୁ କୋଭିଡ୍ ଟିକା ଦିଆଯିବ। ଏଥିପାଇଁ କେବଳ କୋଭାକ୍ସିନ୍ ଟିକା ବ୍ୟବହାର କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା।

### ଏଲିଜାବେଥ୍‌ଙ୍କ ନାଁରେ ନାମିତ ହେବ ଦ୍ୱୀପ



**ଲଣ୍ଡନ, ୧।୧:** ଅଷ୍ଟ୍ରେଲିଆର କାନ୍‌ବେରାସ୍ଥିତ ହ୍ରଦ ବର୍ଲେ ଗ୍ରିଫିନରେ ଥିବା ଆସ୍‌ପେନ୍ ଦ୍ୱୀପକୁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାଁରେ ନାମିତ କରାଯିବ। ଏ ନେଇ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ଶନିବାର ଘୋଷଣା କରିଛନ୍ତି। ଆସନ୍ତା ଜୁନ୍‌ରେ ଏଲିଜାବେଥ୍ ଦ୍ୱିତୀୟଙ୍କ ଯୋଗଦାନର ୭୦ ତମ ବାର୍ଷିକୀ ପାଳନ କରିବା ନିମନ୍ତେ ଆୟୋଜନ ହେବାକୁ ଥିବା ସମାରୋହରେ ଏହି ଘୋଷଣା କାର୍ଯ୍ୟକାରୀ ହେବ ବୋଲି ମରିସନ୍ କହିଛନ୍ତି। ଅଷ୍ଟ୍ରେଲିଆକୁ ୭୦ ବର୍ଷ ଧରି ସେବା ଯୋଗାଇବା ବାସ୍ତବରେ ବହୁତ ବଡ଼ ଉପଲବ୍ଧି। ଏହି ଉପଲକ୍ଷେ ସମସ୍ତ କମନୱେଲଥ୍ ରାଷ୍ଟ୍ରଗୁଡ଼ିକ ଏକାଠି ସମାରୋହ ପାଳନ କରିବା ଗର୍ବର କଥା ବୋଲି ସେ ପ୍ରକାଶ କରିଛନ୍ତି।

### ଭାରତ, ପାକ୍ ମଧ୍ୟରେ ଆଣବିକ ପ୍ରତିଷ୍ଠାନ, ବନ୍ଦୀ ତାଲିକା ବିନିମୟ

**ନୂଆଦିଲ୍ଲୀ, ୧।୧:** ନୂଆବର୍ଷ ଅବସରରେ ଶନିବାର ଭାରତ ଓ ପାକିସ୍ତାନ ପରସ୍ପର ମଧ୍ୟରେ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଭଲ ନ ଥିବା ସତ୍ତ୍ୱେ ୩ ଦଶନ୍ଧି ଧରି ଏଭଳି ତାଲିକା ଆଦାନପ୍ରଦାନ ପରମ୍ପରା ଜାରି ରହିଛି। ଯୁଦ୍ଧ ହେଲେ ପ୍ରତିପକ୍ଷଙ୍କ ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ଏହି ତାଲିକା ବିନିମୟର ଉଦ୍ଦେଶ୍ୟ। ସେହିପରି ନୂଆବର୍ଷ ଅବସରରେ ଦୁଇ ଦେଶର ଜେଲ୍‌ରେ ରହିଥିବା ବନ୍ଦୀମାନଙ୍କ ତାଲିକା ମଧ୍ୟ ଆଦାନପ୍ରଦାନ କରାଯାଇଛି। ଭାରତୀୟ ବନ୍ଦୀ, ନିଖୋଜ ପ୍ରତିରକ୍ଷା କର୍ମଚାରୀ ଓ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ମୁକ୍ତ କରିଦେବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ଅନୁରୋଧ କରାଯାଇଛି। ପରସ୍ପରର ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ପାଇଁ ପୂର୍ବରୁ ହୋଇଥିବା ଚୁକ୍ତିନାମା ମୁତାବକ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦରେ ଥିବା କୂଟନୈତିକ ଚ୍ୟାନେଲ ଜରିଆରେ ଆଣବିକ ପ୍ରତିଷ୍ଠାନ ଓ ପ୍ଲାଣ୍ଟ ତାଲିକା ବିନିମୟ ହୋଇଛି।

## ହରିଦ୍ୱାର ଧର୍ମ ସଂସଦ ବିବାଦ

### ନରସିଂହାନନ୍ଦ, ସାଗର ସିନ୍ଧୁରାଜଙ୍କ ନାଁରେ ଏତଲା

ହରିଦ୍ୱାର, ୧।୧

ଉତ୍ତରାଖଣ୍ଡର ହରିଦ୍ୱାରରେ ଅନୁଷ୍ଠିତ ଧର୍ମ ସଂସଦରେ ମୁସଲମାନ ସମ୍ପ୍ରଦାୟ ବିରୋଧରେ ହିଂସାତ୍ମକ ବକ୍ତବ୍ୟ ଦେବା ଅଭିଯୋଗରେ ସ୍ଥାନୀୟ ପୋଲିସ ହିନ୍ଦୁ ନେତା ୟେତି ନରସିଂହାନନ୍ଦ ଏବଂ ସାଗର ସିନ୍ଧୁରାଜଙ୍କ ବିରୋଧରେ ଏତଲା ଦାଏର କରିଛି। ଘୃଣିତ ଭାଷଣର ଭିଡିଓ କ୍ଲିପ୍ ଆଧାରରେ ଦୁଇ ସନ୍ଥଙ୍କ ନାମ ଏତଲାରେ ସାମିଲ କରାଯିବା ସହ ଧାରା ୨୯୫ଏ ଲାଗିଛି। ପୂର୍ବରୁ ଧର୍ମ ଦାସ, ଅନ୍ନପୂର୍ଣ୍ଣା, ୱାସିମ୍ ରିଜ୍‌ଭି ଓରଫ ଜିତେନ୍ଦ୍ର ତ୍ୟାଗୀ ଏବଂ ଧର୍ମ ସଂସଦ ସହ ସମ୍ପୃକ୍ତ କେତେଜଣଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ସୂଚନାଯୋଗ୍ୟ, ୩ ଦିନିଆ ଧର୍ମ ସଂସଦରେ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ କୁହାଯାଇଥିଲା। ଏଥିପାଇଁ ଆବଶ୍ୟକ ପଡ଼ିଲେ ଅସ୍ତ୍ର ଉଠାଇବାକୁ ଓ ଭାରତରେ ଥିବା ମୁସଲମାନମାନଙ୍କୁ ନିପାତ କରିବା ଲାଗି ଖୋଲା ଆହ୍ୱାନ ଦିଆଯାଇଥିଲା।

### ଇସ୍ରାଏଲରେ ପ୍ରଥମ ଫ୍ଲୋରୋନା ସଂକ୍ରମଣ

ତେଲ୍ ଅଭିଭ୍, ୧।୧

ବିଶ୍ୱ କରୋନାରୁ ମୁକୁଳିବାକୁ ରାସ୍ତା ଖୋଜୁଥିବାବେଳେ ଇସ୍ରାଏଲର ନୂତନ କରି 'ଫ୍ଲୋରୋନା' ସଂକ୍ରମଣ ଚିହ୍ନଟ ହୋଇଛି। ଏହା କରୋନା ଏବଂ ଇନ୍‌ଫ୍ଲୁଏଞ୍ଜାର ଏକ ଦୋହରା ସଂକ୍ରମଣ। ରୋବିନ୍ ମେଡିକାଲ ସେଣ୍ଟରେ ଜଣେ ଗର୍ଭବତୀ ମହିଳା ଏଥିରେ ସଂକ୍ରମିତ ହୋଇଛନ୍ତି। ଦୁଇଟି ଭୂତାଣୁର ମିଶ୍ରଣରେ ସୃଷ୍ଟି ଫ୍ଲୋରୋନା ସଂକ୍ରମଣ ଆକ୍ରାନ୍ତଙ୍କୁ ଗୁରୁତର କରିପାରେ କି ନା ସେ ନେଇ ଅଧ୍ୟୟନ ଚାଲିଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ


ଫାରୁକ୍ ଅବଦୁଲ୍ଲା


ମେହବୁବା ମୁଫ୍‌ତି ଓମାର ଅବଦୁଲ୍ଲା

**ଶ୍ରୀନଗର, ୧।୧:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା, ଓମାର ଅବଦୁଲ୍ଲା, ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ ରଖାଯାଇଛି। ସେମାନେ ରହୁଥିବା ଶ୍ରୀନଗରର ଗୁପ୍‌କାର ରୋଡ୍ ଅଞ୍ଚଳକୁ ହାଇ ସିକ୍ୟୁରିଟି ଜୋନ୍ ମଧ୍ୟରେ ରଖାଯାଇଛି। ପିପୁଲ୍ସ ଆଲିଆନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି)ର ଏହି ନେତାମାନଙ୍କ ଘର ଆଗରେ ସୁରକ୍ଷା ଟ୍ରକ୍ ରଖାଯାଇଛି ଓ କାହାରିକୁ ଭିତରକୁ ଛଡ଼ାଯାଉନାହିଁ।

ଜମ୍ମୁ ଅଞ୍ଚଳରେ ୬ ଏବଂ କଶ୍ମୀରରେ ଗୋଟିଏ ବିଧାନସଭା ଆସନ ବଢ଼ାଇବା ଲାଗି ସୀମା ପୁନଃ ନିର୍ଦ୍ଧାରଣ କମିଶନ ପ୍ରସ୍ତାବ ଦେଇଥିଲେ। ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଗୁପ୍‌କାର ମେଣ୍ଟ ଉକ୍ତ ଚିଠା ପ୍ରସ୍ତାବ ବିରୋଧରେ ଆନ୍ଦୋଳନ ଘୋଷଣା କରିଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିଦେବା ଲାଗି ସରକାର ଯୋଜନା କରୁଥିବା ନ୍ୟାଶନାଲ କନ୍‌ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି।

## ବାଣ କାରଖାନାରେ ବିସ୍ଫୋରଣ: ୫ ମୃତ

**ଚେନ୍ନାଇ, ୧।୧:** ତାମିଲନାଡୁର ଶିବକାଶୀ ନିକଟ ପୁଡୁପଡ୍ଡିଠାରେ ଥିବା ଏକ ବାଣ କାରଖାନାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଗୁରୁତର ଆହତ ହୋଇଛନ୍ତି। ପୁଡୁପଡ୍ଡିର ସି ଭଝିଭିଡୁ ମୁରୁଗାନ୍‌ଙ୍କ ଏହି କାରଖାନାର କେମିକାଲ ବ୍ଲେଣ୍ଡିଂ ୟୁନିଟରେ ବିସ୍ଫୋରଣ ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ସହ ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ୩ ମୃତଦେହ ମିଳିଥିବାବେଳେ ହସ୍ପିଟାଲରେ ୨ ଜଣ ଆଖି ବୁଜିଛନ୍ତି। ଆହତମାନଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନାଥମପଟ୍ଟି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଭୂସ୍ଖଳନରେ ୪ ମୃତ



ଭିୱାନି, ୧।୧(ପି.ଟି.)

ହରିୟାଣାର ଭିୱାନି ଜିଲା ଅନ୍ତର୍ଗତ ଦାଦମ୍ ଖଣି ଅଞ୍ଚଳରେ ଶନିବାର ଭୂସ୍ଖଳନ ଘଟି ୪ ଜଣଙ୍କ ଜୀବନ ଯାଇଥିବାବେଳେ ଅନେକେ ମାଟିତଳେ ପୋତିହୋଇ ପଡ଼ିଛନ୍ତି। ପ୍ରଶାସନ ନେତୃତ୍ୱରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ସମେତ ଏକାଧିକ ଟିମ୍‌କୁ ନିୟୋଜିତ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି। ହିସାରରୁ ସେନାର ଏକ ୟୁନିଟ୍‌କୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାକୁ ଡକାଯାଇଥିବା ଭିଜ୍ ଟୁଇଟ୍ କରିଛନ୍ତି। ଭୂସ୍ଖଳନ ଯୋଗୁ ପ୍ରାୟ ୬ଟି ଡମ୍ପର ଟ୍ରକ୍ ଓ କେତେକ ମେଶିନ ମାଟିତଳେ ପୋତିହୋଇ ପଡ଼ିଥିବା ପୋଲିସ କହିଛି। ୪ରୁ ୫ ଜଣ ମାଟିତଳେ ରହିଯାଇଥିବା ସିୱାନି ଡିଏସ୍‌ପି ମନୋଜ କୁମାର ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ମାଟି ଅତଡ଼ା ତଳେ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଜିଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛନ୍ତି।

## ଚାଷୀଙ୍କ ଖାତାକୁ ଗଲା ୨୦,୯୦୦ କୋଟି

- ପିଏମ୍ କିଷାନ ଯୋଜନାର ୧୦ମ କିସ୍ତି

ନୂଆଦିଲ୍ଲୀ, ୧।୧


ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆବର୍ଷର ପ୍ରଥମ ଦିନରେ ଦେଶର ୧୦.୦୯ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାକୁ ପିଏମ୍-କିଷାନ ଯୋଜନାରେ ୨୦,୯୦୦ କୋଟି ଟଙ୍କା ଆର୍ଥିକ ସହାୟତା ପଠାଇଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ମୋଦି ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦଶମ କିସ୍ତି ଟଙ୍କା ପଠାଇବା ଅବସରରେ କୋଭିଡ୍-୧୯ ମହାମାରୀ ଦ୍ୱାରା ସୃଷ୍ଟ ଚ୍ୟାଲେଞ୍ଜ ନୂଆବର୍ଷରେ ଦେଶର ବିକାଶ ପ୍ରକ୍ରିୟାରେ ବାଧକ ହେବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଦେଶ ସମ୍ପୂର୍ଣ୍ଣ ସତର୍କତାର ସହ ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିଛି। ଏଥିସହିତ ଜାତୀୟ ସ୍ୱାର୍ଥ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ମହାମାରୀ ସତ୍ତ୍ୱେ ସ୍ୱାସ୍ଥ୍ୟସେବା, ପ୍ରତିରକ୍ଷା, କୃଷି, ଷ୍ଟାର୍ଟ-ଅପ୍ ଏବଂ ଭିତ୍ତିଭୂମି ସେକ୍ଟରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇପାରିଛି। ମହାମାରୀ ବିରୋଧରେ ଭାରତର ବଳିଷ୍ଠ ମୁକାବିଲା ସବୁଦିନ ପାଇଁ ମନେ ରହିବ ବୋଲି ମୋଦି କହିଥିଲେ। ବର୍ତ୍ତମାନ ସୁଦ୍ଧା ୧୪୫ କୋଟିରୁ ଅଧିକ କୋଭିଡ୍ ଟିକା ଡୋଜ୍ ଦିଆଯାଇଥିବାରୁ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ବିଗତ ବର୍ଷରେ ବିଭିନ୍ନ ସେକ୍ଟରରେ ସଂସ୍କାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ଓ ଆଧୁନିକ ଭିତ୍ତିଭୂମି ସୃଷ୍ଟି ହୋଇଛି। ବିକାଶକୁ ଆହୁରି ଦ୍ରୁତତର କରାଯିବ। କରୋନା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ମଧ୍ୟ ଏହା ବିକାଶ ପ୍ରକ୍ରିୟାକୁ ରୋକିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୩ଟି କିସ୍ତିରେ ୬ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏଥିସହିତ ପ୍ରଧାନମନ୍ତ୍ରୀ ୩୫୧ କୃଷି ଉତ୍ପାଦନ ସଂଗଠନ (ଏଫ୍‌ପିଓ)କୁ ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଇକ୍ୱିଟି ପ୍ରଦାନ କରିଛନ୍ତି। ଏହା ଦ୍ୱାରା ୧.୨୪ ଲକ୍ଷ ଚାଷୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୯ ମୁଖ୍ୟମନ୍ତ୍ରୀ ଓ ଅନେକ ମନ୍ତ୍ରୀ ଓ କୃଷି ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଧାନଗଦା ଜଳିଗଲା

ଡେଲାଙ୍ଗ,୧।୧(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅନ୍ତର୍ଗତ ହରିପୁର ଗହୀରରେ ସୁଲୋଚନା ସ୍ୱାଇଁଙ୍କ କଳେଇ ଗଦାରେ ପୋଡ଼ିଯାଇଥିବା ଅଭିଯୋଗ ହୋଇଛି। ସୁଲୋଚନା ସକାଳୁ ଧାନ କ୍ଷେତକୁ ବୁଲିବାକୁ ଯାଇଥିବା ସମୟରେ ତାଙ୍କ ଧାନଗଦା ପୋଡ଼ି ପାଉଁଶ ହୋଇଯାଇଥିବା ଦେଖିଥିଲେ। ଏହି ଅଗ୍ନିକାଣ୍ଡରେ ତାଙ୍କର ୧୦ ବସ୍ତା ଧାନ ପୋଡ଼ିଯାଇଛି। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି।

### କମେଣ୍ଟ ମାରିବା ନେଇ ଥାନାରେ ଅଭିଯୋଗ

ଡେଲାଙ୍ଗ,୧।୧(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ଅଷ୍ଟମଶ୍ରେଣୀ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହିତ ଗାଳିମନ୍ଦ କରୁଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୦୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣକ ବିଦ୍ୟାଳୟକୁ ଯିବା ସମୟରେ ବାରମ୍ବାର ଜଣେ ଯୁବକ କମେଣ୍ଟ ମାରିବା ସହ ବିଭିନ୍ନ ଅଶ୍ଳୀଳ ଇଙ୍ଗିତ କରୁଥିଲା। ଏ ନେଇ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କ ମା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ସାଇ ସଙ୍ଗଠନ ପକ୍ଷରୁ ସଫେଇ ଅଭିଯାନ

ଡେଲାଙ୍ଗ,୧।୧(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକର ରାମଚନ୍ଦ୍ରପୁର ଗ୍ରାମର ସାଇ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ନବବର୍ଷ ଅବସରରେ ସଂଗଠନର ସଭାପତି ବିରଞ୍ଚି ନାରାୟଣ ସିଂହଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାମାନେ ଡେଲାଙ୍ଗ ହାଟ ବଜାରରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ହାଟ ବଜାରସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ ଓ ଆର୍‌ଆଇ ଅଫିସ ସମ୍ମୁଖ ସ୍ଥାନଗୁଡ଼ିକୁ ସଫାସୁତରା କରିବା ସହ ସହ ଲୋକଙ୍କୁ ସ୍ୱଚ୍ଛତା ଦିଗରେ ସଚେତନ କରାଇଥିଲେ। କିଶୋର କୁମାର ସିଂହ, ରାମଚନ୍ଦ୍ର ସାହୁ, ଦୀପକ ସାହୁ, ଶକ୍ତିପ୍ରକାଶ ସିଂହ, ରୂପକ ସାମନ୍ତରାୟ, ଅଂଶୁମାନ ଚମ୍ପତିରାୟ, ବିଶ୍ୱଜିତ ପାଢ଼ୀ, ରାକେଶ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

### ପ୍ରାକୃତିକ ପରିବେଶ ପ୍ରତି ସଚେତନତା ଆବଶ୍ୟକ

ପୁରୀ ଅଫିସ,୧।୧- ଶ୍ରୀକ୍ଷେତ୍ର କଲୋନୀ ମଙ୍ଗଳା ମନ୍ଦିର ଲେନ୍ ବାସିନ୍ଦାଙ୍କ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଜଳସେଚନ ବିଭାଗ ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଟି ପ୍ରକାଶ ରାଓ ସଭାର ନେତୃତ୍ୱ ନେଇଥିଲେ। ସଭାରେ ଟି ସୁନୀତା ରାଓ, ଅଜିତ କୁମାର କର, ସୁକାନ୍ତ ମିଶ୍ର, ନିରଞ୍ଜନ ଦୀକ୍ଷିତ, ଅମ୍ବିକା ପଟ୍ଟନାୟକ, ଜିତୁ ସିଂ ସର୍ଦ୍ଦାର, ବିଦ୍ୟୁଭୂଷଣ ମହାନ୍ତି, ପ୍ରଭାକର ମହାରଣା ଏବଂ ସୁବ୍ରତ ବଳିଆରସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରାକୃତିକ ପରିବେଶ ପ୍ରତି ସଚେତନତା ଆବଶ୍ୟକ ରହିଛି ବୋଲି ସମସ୍ତେ ମତ ରଖିଥିଲେ। ଏଥିପାଇଁ ସମସ୍ତେ ନିଜ ଗୃହ ଚତୁଃପାର୍ଶ୍ୱକୁ ସଫା ରଖିବା ପାଇଁ ଆହ୍ୱାନ ଦେଇ ଚାରାରୋପଣ କରିଥିଲେ।

### ୩ ଜଣଙ୍କୁ ମେଧାବୃତ୍ତି

କଣାସ,୧।୧(ସ୍ୱ.ପ୍ର)- ପ୍ରତିଷ୍ଠିତ ସ୍ୱଚ୍ଛାସେବୀ ଅନୁଷ୍ଠାନ ସାଧୁର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକାନ୍ତ ପଟ୍ଟଯୋଷୀ ଅନୁଷ୍ଠାନର ଅଧକ୍ଷତା କରିଥିଲେ। ଉତ୍ସବରେ ଖବରଦାତା ସମୀର କେଶରୀ ବଳିୟାରସିଂହ ଏବଂ ଅନୁଷ୍ଠାନର ସମ୍ପାଦକ ପ୍ରଭାତ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ୧୭ବର୍ଷ ଧରି ଅଞ୍ଚଳର ମେଧା ଛାତ୍ରମାନଙ୍କୁ ପୁରସ୍କୃତ କରୁଥିବା ସମ୍ପର୍କରେ ସୂଚନା ଦେଇଥିଲେ। ତୃତୀୟ ଶ୍ରେଣୀର ଉତ୍କଳ ଭାରିମଲ୍ଲ, ୫ମ ଶ୍ରେଣୀ ପ୍ରୟାସ ବଳିୟାରସିଂହ, ୭ମ ବିଳପ୍ରଭା ପଟ୍ଟନାୟକଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

କାକଟପୁର,୧।୧(ଡି.ଏନ୍.ଏ.)- କାକଟପୁର ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ରାଉତ (୭୨) ଙ୍କ ବୁଧବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କାକଟପୁର ତହସିଲରେ ଦୀର୍ଘଦିନ ଧରି ଆଇନଜୀବୀ ଭାବେ କାର୍ଯ୍ୟ କରି ଆସୁଥିଲେ। କିଛିଦିନ ହେଲା ଦେହ ଅସୁସ୍ଥତା ହେତୁ ଘରେ ରହୁଥିଲେ। ତାଙ୍କ ମୃତ୍ୟୁରେ କାକଟପୁର ଆଇନଜୀବୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରିବା ସହ ତାଙ୍କର ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ନିକଟରେ ଭାଇ ହୃଷିକେଶ, ପ୍ରମୋଦ, ପୁତ୍ର ଶୁଭ୍ରାଂଶୁ, ସୁଧାଂଶୁ, ପୁତ୍ରବଧୂ ସାଗରିକା, ସୋନାଲି, ଝିଅ ସୁନନ୍ଦା, ଜ୍ୱାଇଁ ଶିକ୍ଷକ ହୃଦାନନ୍ଦ, ନାତୁଣୀ ମାସୁମ, ପୁତୁରା ଫିଲୁ, ଟୁଲୁ ବନ୍ଧୁବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ଅନ୍ତିମ ସଂସ୍କାର ଗ୍ରାମ ଶ୍ମଶାନରେ ହୋଇଥିଲା।

# ପ୍ରସ୍ତାବରେ ଅଟକିଛି ସ୍ଥାୟୀ ଶେଡ୍ ନିର୍ମାଣ

■ଅସ୍ଥାୟୀ ଶେଡ୍ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି

■କାକୁଡିଖିଆ ମନ୍ଦିରଠାରୁ ଛାଉଣି ମଠ ପର୍ଯ୍ୟନ୍ତ ଶେଡ୍ ନିର୍ମାଣ ହୋଇନି

ପୁରୀ ଅଫିସ,୧।୧:

ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ୨୦୧୯ ମସିହାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଶେଡ୍ ପାଇଁ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏହି ଶେଡ୍ ଦାୟିତ୍ୱ କାହାର ତାହା କାହାକୁ ଜଣାନାହିଁ। ଶ୍ରୀମନ୍ଦିର ପ୍ରଶାସନ ଶେଡ୍ କାର୍ଯ୍ୟ କରୁ ନ ଥିବା କହିଥିବାବେଳେ ଓବିସିସି ପ୍ରତିବର୍ଷ ରଥ ପୂର୍ବରୁ ଓ ପରେ ପକାଉଠା ଦାୟିତ୍ୱରେ ଥିବା କହିଛି। ତେବେ ପ୍ରଥମ ଥର ଶେଡ୍ ବ୍ୟବସ୍ଥା ଲାଗୁ ହେବା ବେଳେ କିଏ ଦାୟିତ୍ୱ ନେଇଥିଲେ ତାହା ସ୍ପଷ୍ଟ ଭାବେ କେହି କହିପାରୁନାହାନ୍ତି। ୨୦୨୦ ଓ ୨୦୨୧ ରଥଯାତ୍ରା ପୂର୍ବରୁ ଏହି ଅସ୍ଥାୟୀ ଶେଡ୍ ଖୋଲାଯିବାରେ ୪ ଲକ୍ଷ ୨୮ ହଜାର ଟଙ୍କା ଲେଖାଏ ଖର୍ଚ୍ଚ ହୋଇଛି। ପୁଣି ରଥଯାତ୍ରା ପରେ ଶେଡ୍ ଲଗାଇବା ପାଇଁ ଦୁଇ ବର୍ଷରେ ଯଥାକ୍ରମେ ୭ ଲକ୍ଷ ୩୪ ହଜାର ଓ ୬ ଲକ୍ଷ ୮୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ରଥଯାତ୍ରା ପାଇଁ ଅସ୍ଥାୟୀ ସେଡ୍‌କୁ ଖୋଲିବା ପାଇଁ ପ୍ରଶାସନ ଏକପ୍ରକାର ବାଧ ହୋଇଥିବାବେଳେ ସ୍ଥାୟୀ ଶେଡ୍ କାହିଁକି ନିର୍ମାଣ କରାଯାଉ ନାହିଁ ବୋଲି ଶ୍ରଦ୍ଧାଳୁମାନେ ପ୍ରଶ୍ନ କରିଛନ୍ତି। ସେହିଭଳି କାକୁଡ଼ିଖିଆ ମନ୍ଦିରଠାରୁ ଛାଉଣି ମଠ ପର୍ଯ୍ୟନ୍ତ ସ୍ଥାୟୀ ଶେଡ୍ ନିର୍ମାଣ ଲାଗି ପରିଚାଳନା କମିଟି ବିଗତ ଦିନରେ ନିଷ୍ପତ୍ତି ନେଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ବରବାଦ ହେଉଛି ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି। ଜନସାଧାରଣଙ୍କ ଅର୍ଥକୁ ପ୍ରତିବର୍ଷ ଏଭଳି ଅପଚୟ କରାଯାଉଛି ଓ ଏହାକୁ ରୋକାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଦିବ୍ୟ ଜୀବନ ସଂଘ ପକ୍ଷରୁ ଇଂରାଜୀ ନବବର୍ଷକୁ ବିଶ୍ୱ ପ୍ରାର୍ଥନା ଦିବସ ରୂପେ ପାଳନ କରି ଶାନ୍ତି ପ୍ରାର୍ଥନା କରାଯାଉଛି।

# ଜାନୁୟାରୀ ୧ ବିଶ୍ୱ ପ୍ରାର୍ଥନା ଦିବସ ରୂପେ ପାଳନ ହେଉ

ପୁରୀ ଅଫିସ,୧।୧

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତଥା କରୋନା ମହାମାରୀରୁ ବିଶ୍ୱକୁ ରକ୍ଷା କରିବା ଲକ୍ଷ୍ୟରେ ଜାନୁୟାରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରାଯାଉ। ଦିବ୍ୟ ଜୀବନ ସଂଘ ଓ ପ୍ରାର୍ଥନା ଦିବସ ପରିଚାଳନା ସମିତି ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଏହା ପାଳନ କରାଯାଇଛି। ପ୍ରାର୍ଥନା ଦିବସ ପରିଚାଳନା ସମିତିର ସଭାପତି, ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ତଥା କେନ୍ଦ୍ରାପଡା ଗରାପୁର ସ୍ଥିତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମର ସନ୍ୟାସୀ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦିବସ ଅନୁଷ୍ଠିତ ହୋଇଥିଲା। ବିଶ୍ୱରେ ସବୁ ଧର୍ମରେ ପ୍ରାର୍ଥନାର ଗୁରୁତ୍ୱ ଥିବା ସତ୍ତ୍ୱେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଉ ନାହିଁ। ତେଣୁ ପ୍ରତିବର୍ଷ ଜାନୁୟାରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରାଯାଉ ବୋଲି ପରିଚାଳନା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ମାଲ୍ୟାର୍ପଣ କରାଯିବା ପରେ ଜଗନ୍ନାଥ ଅଷ୍ଟକମ୍ ଗାନ, ୧୦୮ ଥର ମହାମନ୍ତ୍ର ପାଠ ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର, ରଘୁପତି ରାଘବ ଗାନ କରାଯାଇଥିଲା। ଏହି ଅବସରରେ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ସମେତ ସ୍ୱାମୀ ପ୍ରଜ୍ଞାନାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମ ନିଷ୍ଠାନନ୍ଦ, ସ୍ୱାମୀ ରାମ ଶରଣାନନ୍ଦ, ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ, ସ୍ୱାମୀ ବ୍ରଜବନ୍ଧୁ ଦାସ ମହାରାଜ, ଡ. କାଳୀପ୍ରସନ୍ନ ଶତପଥୀ, ପଣ୍ଡିତ ସତ୍ୟନାରାୟଣ ଦାଶ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଅସ୍ତରଙ୍ଗ,୧।୧(ଡି.ଏନ୍.ଏ.)

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ଲାଗି ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ରହିବା, ଠିକ୍ ଭାବେ ଚିକିତ୍ସା ସୁବିଧା ନ ମିଳିବା, ନିରାମୟ କେନ୍ଦ୍ରରେ ଜରୁରୀ ଔଷଧ ନ ମିଳିବା ଯୋଗୁ ଅଧିକାଂଶ ଗରିବ ରୋଗୀ ଅଯଥା ଖର୍ଚ୍ଚାନ୍ତ ହୋଇ ବାହାରକୁ ଯିବା ପାଇଁ ବାଧ ହେଉଛନ୍ତି। ଏପରିକି ଯେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀଙ୍କୁ ଖୋଜା ପଡ଼େ କେବେ ବି ଦେଖାମିଳେ ନାହିଁ। ଏଥିସହ କୋଭିଡ୍ ପରିଚାଳନା, ରୋଗୀକଲ୍ୟାଣ ସମିତି, ଟିକାକରଣ ପରି ଜନହିତକର କାର୍ଯ୍ୟ ବାହାନାରେ ବହୁ ଅର୍ଥ ହଡ଼ପ ହେଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିକଟରେ କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରା ଓ ବ୍ଲକ ଅଧ୍ୟକ୍ଷ ତଥା ରୋଗୀକଲ୍ୟାଣ ସମିତିର ଅଧ୍ୟକ୍ଷ ସାଧୀନ କୁମାର ନାୟକ ପ୍ରମୁଖ ବିଧାୟକ ପାଣ୍ଠିରୁ ୧୦୮ଜଣ ଆଶା କାର୍ମୀଙ୍କୁ କୋଭିଡ୍ କିଟ୍ ବଣ୍ଟନ କାର୍ଯ୍ୟ କରାଯାଇଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇ ନ ଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଏଭଳି ଅନେକ ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

# ଅମଲାଙ୍କ ଦରମା ସମୀକରଣ ଦାବି

ପୁରୀ ଅଫିସ, ୧।୧:

ଅମଲାଙ୍କ ଦରମା ସମୀକରଣ ନେଇ ଓଡ଼ିଶା ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଛି, ରାଜ୍ୟରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ନିୟମ ପ୍ରଚଳନ କରିବାର ୪ବର୍ଷ ପରେ ବି ସରକାର ସ୍ନାତକ ହାରରେ ଦରମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଜିଲାସ୍ତରୀୟ ଅମଲାଙ୍କ ମନରେ ଘୋର ନୈରାଶ୍ୟଭାବ ସୃଷ୍ଟି ହେଉଛି। ସ୍ନାତକ ଯୋଗ୍ୟତା ଥାଇ ରାଜ୍ୟରେ କାର୍ଯ୍ୟରତ ଅନ୍ୟ ବର୍ଗର କର୍ମଚାରୀଙ୍କୁ ଦରମା ୯, ୩୦୦ ଏବଂ ଗ୍ରେଡ୍ ପେ ୪୨୦୦ (ଲେବୁଲ ୯) ଟଙ୍କା ମିଳୁଛି। ମାତ୍ର ଜିଲାସ୍ତରୀୟ ଅମଲାଙ୍କ ପ୍ରତି ପାତରଅନ୍ତର ନୀତି ଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ସଭାପତି ନାରାୟଣ ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସରକାରଙ୍କୁ ନିବେଦନ କରିଛନ୍ତି।

# ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

ବଲଙ୍ଗା,୧।୧(ଡି.ଏନ୍.ଏ.)

ବଲଙ୍ଗା ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ବିଭାଗ ଆୟୋଜନରେ 'ବିପର୍ଯ୍ୟୟ ରୋକ' ଦିନିକିଆ ତାଲିମ ଶିବିର ଅଧ୍ୟକ୍ଷ ତପନ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବାତ୍ୟା, ବନ୍ୟା ପୂର୍ବ ପ୍ରସ୍ତୁତି, ନିଆଁ ଓ ବିଜୁଳି ଦୁର୍ଘଟଣାରୁ ବର୍ତ୍ତିବା, ଗଛ, ଛାତ ଉଚ୍ଚ ସ୍ଥାନରେ ଫସିଥିଲେ ଉଦ୍ଧାର ଆଦି ବିଭିନ୍ନ ବିପଦରୁ ବର୍ତ୍ତିବା ନିମନ୍ତେ କୌଶଳ ଆଗ୍ନିକ ବ୍ରହ୍ମାନନ୍ଦ ମଲ୍ଲିକ ଓ ସହଯୋଗୀଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ରେଡକ୍ରସ ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ନୀଳକଣ୍ଠ ମିଶ୍ର, ଭାସ୍କର ମୁଦୁଲି, ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ତାଲିମ ଗ୍ରହଣ କରିଛନ୍ତି।



ବଲଙ୍ଗା କଲେଜରେ ବିପର୍ଯ୍ୟୟ ରୋକ ନେଇ ଚାଲିଥିବା ତାଲିମ ଶିବିର ।

# ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ଶତବାର୍ଷିକୀ ମହୋତ୍ସବ



ପୁରୀ ଅଫିସ,୧।୧:

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ଉତ୍ସବ ପୁରୀ ଚକ୍ରତୀର୍ଥ ରୋଡସ୍ଥିତ ଠାକୁରବାଡ଼ିଠାରେ ପାଳିତ ହୋଇଆସୁଥିବାବେଳେ ଚଳିତବର୍ଷ ଏହାର ଶତବାର୍ଷିକୀ ମହୋତ୍ସବ। ମାତ୍ର କରୋନା କଟକଣା ଯୋଗୁ ମହୋତ୍ସବ ଲାଗି ପ୍ରାତଃଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସତ୍‌ସଙ୍ଗ ଦେଓଘରରୁ ଅନଲାଇନ୍‌ରେ ପ୍ରସାରିତ ହେବ। ଶିଷ୍ୟ, ଅନୁରାଗୀମାନେ ସତସଙ୍ଗ ଅଫିସିଆଲ ଫେସବୁକ୍ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ଉତ୍ସବ ଉପଭୋଗ କରିବାକୁ ଠାକୁରବାଡ଼ି ପକ୍ଷରୁ ସୂଚିତ କରାଯାଇଛି।

# ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ସ୍ମୃତିସଭା

ନିମାପଡ଼ା,୧।୧(ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମୀ, ସାମ୍ୟବାଦୀ ନେତା, କୃଷକ ଆନ୍ଦୋଳନର ପୁରୋଧା ତଥା ପୂର୍ବତନ ବିଧାୟକ ମୋହନ ଦାସଙ୍କ ୨୭ତମ ସ୍ମୃତି ସମାରୋହ ଶନିବାର ବ୍ଲକ କାର୍ଯ୍ୟାଳୟ



ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୋହନ ଦାସ ସ୍ମୃତି କମିଟି ସମ୍ପାଦକ ସନ୍ତୋଷ ଦାଶ, ସିପିଆଇ ନେତା ଦେବେନ୍ଦ୍ର ସାହୁ, ସାମାଜିକ କର୍ମୀ ବେଣୁଧର ସେନାପତି, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିବା ସହ ବିଭିନ୍ନ ଜନଆନ୍ଦୋଳନରେ ନିଜ ବୀରତ୍ୱର ପରକାଷ୍ଠା ଦେଖାଇଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ମୋହନ ଦାସ ସ୍ମୃତି କମିଟି ପକ୍ଷରୁ ଦୋଳବେଦି ଛକରେ ଥିବା ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ମେଡିକାଲରେ ରୋଗୀଙ୍କ ଫଳବଣ୍ଟନ କରାଯାଇଥିଲା।

# ବିଶ୍ୱସ୍ତରୀୟ ଟାଏକୋଣ୍ଡୋ, ଭାରତ ଏକାଡେମୀର ସଫଳତା

ପୁରୀ ଅଫିସ, ୧।୧

ପ୍ରଥମ ଗ୍ଲୋବାଲ୍ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଚଳିତ ମାସ ୨୨ରୁ ୨୯ ତାରିଖ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀକ୍ଷେତ୍ର ପୁରୀର ଟାଏକୋଣ୍ଡୋ ଗୁରୁ ଅଭିଳିତ ସାହୁଙ୍କ ତତ୍ତ୍ୱାବଧାନରେ ଦି ସ୍କୁଲ ଅଫ୍ ଟାଏକୋଣ୍ଡୋ ଭାରତର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀ ଆଦ୍ୟ ଆରାଧନା ମହାପାତ୍ର ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ଶୁଭାଶିଷ ସାହୁ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଅମ୍ରିତା ସାହୁ, ଦେବାଶିଷ ସାହୁ, ଧରିତ୍ରୀ ସ୍ୱାଇଁ ଏବଂ ଓମ୍ ପ୍ରସାଦ ସେନାପତି ପ୍ରମୁଖ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୩୪ଟି ଦେଶର ମୋଟ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀଙ୍କ ସଫଳତା

ସାକ୍ଷୀଗୋପାଳ,୧।୧(ଡି.ଏନ୍.ଏ.)

**୬ ସ୍ୱର୍ଣ୍ଣ, ୧୨ ରୌପ୍ୟ, ୨ ଜଣଙ୍କୁ କାଂସ୍ୟ ପଦକ**

ପ୍ରଥମ ଗ୍ଲୋବାଲ ଭର୍ଚୁଆଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସାକ୍ଷୀଗୋପାଳ 'ହାନା' ଟାଏକୋଣ୍ଡୋ ଏକାଡେମୀ ପ୍ରଶିକ୍ଷାର୍ଥୀଙ୍କୁ ବେଶ୍ ସଫଳତା ମିଳିଛି। ଓଡ଼ିଶା ଟାଏକୋଣ୍ଡୋ ସଂଘ, ପୁରୀ ଏବଂ ଭାରତ ଓ ଥାଇଲାଣ୍ଡସ୍ଥିତ ହିରୋଜ ଟାଏକୋଣ୍ଡୋ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିବା ୬ଜଣ ପ୍ରଶିକ୍ଷାର୍ଥୀ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୧୨ଜଣ ରୌପ୍ୟ ଏବଂ ୨ ଜଣ କାଂସ୍ୟ ପଦକ ହାସଲ କରିଥିବା 'ହାନା' ଟାଏକୋଣ୍ଡୋ ଏହି ସୂଚନା ଦେଇଛି।

ଆମେରିକା, ଗ୍ରୀସ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, କାଜିକସ୍ତାନ, ସ୍ଲୋଭାକିଆ, ଥାଇଲାଣ୍ଡ, ସିଂହାପୁର, ହଂକଂ, ମାଲେସିଆ, ଫିଲିପାଇନ୍ସ ଏବଂ ଭାରତ ଆଦି ୧୪ଟି ଦେଶର ୯୯୬ ଜଣ ପ୍ରତିଯୋଗୀଙ୍କୁ ନେଇ ଗତ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ହାନା' ଟାଏକୋଣ୍ଡୋ ଏକାଡେମୀର ଆୟୁଷ୍ମାନ ମିଶ୍ର, ଦେବଦତ୍ତ ମଙ୍ଗରାଜ, ରୁଦ୍ରାଦିତ୍ୟ ନାୟକ, ପ୍ରିନ୍ସ ପ୍ରସାଦ ମହାରଣା, ଶୁଭମ ଲେଙ୍କା, ଶୀତୁନ ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ସ୍ନେହାଶ୍ରୀ ମହାନ୍ତି, ତମନ୍ନା ମିଶ୍ର, ଆରାଧ୍ୟ ମିଶ୍ର, ଆୟୁଷ ଗୌଡ୍ର, ସ୍ମୃତି ନାୟକ, ଅଭୀପ୍ସା ମହାପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ରିତିକ ରଞ୍ଜନ ଦାଶ, ରାଜଦୀପ ମହାପାତ୍ର, ସୋମନାଥ ନାୟକ, ଦେବଦତ୍ତ ମଙ୍ଗରାଜ, ପ୍ରାଞ୍ଜଳ ରଥ, ରୌପ୍ୟ ଓ ବେଦବ୍ୟାସ ରଥ ଏବଂ ଆୟୁଷ୍ମାନ ମିଶ୍ର କାଂସ୍ୟ ପଦକ ପାଇଛନ୍ତି। ହାନାର ସମ୍ପାଦକ ସତ୍ୟନାରାୟଣ ମିଶ୍ର, ପ୍ରଶିକ୍ଷକ ଦୀପକ ପ୍ରଧାନଙ୍କ ସହିତ ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରଥମ ଗ୍ଲୋବାଲ ଭର୍ଚୁଆଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ କୃତିତ୍ୱ ସାକ୍ଷୀଗୋପାଳର 'ହାନା' ଟାଏକୋଣ୍ଡୋ ଏକାଡେମୀ ପ୍ରଶିକ୍ଷାର୍ଥୀମାନେ ।

# ଭୀମ ଭୋଇ ସାମର୍ଥ୍ୟ ଶିବିର

ଡେଲାଙ୍ଗ,୧।୧(ଡି.ଏନ୍.ଏ)

ଡେଲାଙ୍ଗ ବ୍ଲକ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୧୨୯ଜଣ, କର୍ଣ୍ଣ, ନାଶା ଓ ଗଳା ବିଭାଗରେ ୪୫ଜଣ, ଚକ୍ଷୁ ବିଭାଗରେ ୨୭ଜଣ, ମାନସିକ ରୋଗୀ ବିଭାଗରେ ୪୬ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡ. ଧର୍ମରାଜ ନାଗ୍, ଡ. ସନ୍ତୋଷ ସାହୁ, ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ଡ. ରଜନୀକାନ୍ତ ଶୁକ୍ଳା, ଡ.ଦେବାଶିଷ୍ ବିଶ୍ୱାଳ, ଡ. ଅପର୍ଣ୍ଣା ମହାନ୍ତି, ସସ୍ମିତା ମହାନ୍ତି, ଡ.ରବୀନ୍ଦ୍ର ଘଡେଇ, ଡ. ଚନ୍ଦନ ମହାନ୍ତି ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତପନ ଚନ୍ଦ୍ର ଦାସ, ବିଇଓ ନିରଞ୍ଜନ ପାତ୍ର, ଏବିଇଓ ଯୁଧିଷ୍ଠିର ପରିଡା, ଶିକ୍ଷୟିତ୍ରୀ ବୈଦେହୀ ପାଣୀ, ତିଳୋତ୍ତମା ସୁନ୍ଦରାୟ, ସ୍ୱପ୍ନାରାଣୀ ପାଟଯୋଶୀ, ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆପରାଧିକ କାର୍ଯ୍ୟ ଉପରେ ନଜର ରଖାଯିବ'

**ନବବର୍ଷରେ ଏସ୍‌ପିଙ୍କ ଶୁଭେଚ୍ଛା**

ପୁରୀ ଅଫିସ,୧।୧

ଇଂରାଜୀ ନୂତନବର୍ଷ ଅବସରରେ ଏସ୍‌ପି କେ. ବିଶାଲ ସିଂ ଏହି ନବବର୍ଷ ସମସ୍ତଙ୍କ ନିମନ୍ତେ ସୁଖ ସମୃଦ୍ଧିର ଏବଂ ମଙ୍ଗଳମୟ ବର୍ଷ ହେଉ ବୋଲି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସେହିପରି ସରକାର ଏବଂ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କଟକଣା ମାନି ଜିରୋନାଇଟ ସେଲିବ୍ରେଶନ କରିଥିବାରୁ ଏସ୍‌ପି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ତେବେ ପୋଲିସ ପକ୍ଷରୁ ଜାରି କରାଯାଇଥିବା କଟକଣା ଉଲ୍ଲଂଘନ କରିଥିବାରୁ ଗୋଟିଏ ହୋଟେଲଠାରୁ ୨୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ସେହିପରି କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିବା ଅଭିଯୋଗରେ ଗୋଟିଏ ମଲ୍‌କୁ ପୋଲିସ ସିଲ୍ କରିଥିଲା। ସେହିପରି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୨ରେ ପୋଲିସ ପକ୍ଷରୁ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ବିଶେଷ କରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ପୁରୀକୁ ଅପରାଧ ମୁକ୍ତ ଦିଗରେ କାର୍ଯ୍ୟ କରାଯିବ। ନିଶା କାରବାର ରୋକିବା ଦିଗରେ ପୋଲିସ କାର୍ଯ୍ୟ କରିବବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷେ ନୂଆ ବର୍ଷରେ ଭକ୍ତଙ୍କ ଜନ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ୨ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଛି। ସୋମବାର ଅର୍ଥାତ ୩ ତାରିଖ ଦିନ ଶ୍ରୀମନ୍ଦିର ଭକ୍ତମାନଙ୍କ ନିମନ୍ତେ ଖୋଲିବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ପ୍ରବଳ ଭକ୍ତଙ୍କ ଜନ ସମାଗମ ହେବାର ଆଶଙ୍କା ରହିଛି। ତେଣୁ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯେପରି ଭକ୍ତମାନେ ଶୃଙ୍ଖଳିତ ଭାବରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଶ୍ରୀମନ୍ଦିର ବାହାରେ ଏବଂ ଶ୍ରୀମନ୍ଦିର ପରିସରରେ ବ୍ୟାପକ ପୋଲିସ ମୁତୟନ ରହିବେ ବୋଲି ଏସପି ସିଂହ ସୂଚନା ଦେଇଛନ୍ତି।

# ପୁଷ୍ପ ଭଣ୍ଡାରର କଳାକୃତିରେ ଯୁବଗୋଷ୍ଠୀ ବିଭୋର

ପୁରୀ ଅଫିସ,୧।୧

ପୁରୀବାସୀ ମହାମାରୀ କରୋନା କଟକଣା ମଧ୍ୟରେ ଇଂରାଜୀ ନବବର୍ଷ ୨୦୨୨କୁ ଅତି ଉତ୍ସାହରେ ପାଳନ କରିଛନ୍ତି। ଡିସେମ୍ବର ୩୧ ତାରିଖରୁ ହିଁ ନୂତନ ବର୍ଷର ସେଲିବ୍ରେସନ ଦେଖିବାକୁ ମିଳିଥିଲା। ସରକାରଙ୍କ କଟକଣା କାରଣରୁ ଜନସାଧାରଣ ଏକାଠି ହୋଇ ନ ଥିଲେ ମଧ୍ୟ ନବବର୍ଷକୁ ବାଣ ଫୁଟାଇ ସ୍ୱାଗତ କରିଥିଲେ। ବର୍ଷର ପହିଲା ଦିନ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଭକ୍ତ ଏବଂ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବେଳାଭୂମିରେ ଉଦିତ ସୂର୍ଯ୍ୟର ମନଲୋଭା ଦୃଶ୍ୟକୁ ପର୍ଯ୍ୟଟକମାନେ ଭରପୁର ଉପଭୋଗ କରୁଥିବାର ଦେଖିବାକୁ ମିଳିଥିଲା। ଅପରପକ୍ଷେ ନୂଆବର୍ଷ ଅବସରରେ ବଡ଼ଦାଣ୍ଡରେ ଥିବା ବିଭିନ୍ନ ପୁଷ୍ପ ଦୋକାନଗୁଡ଼ିକରେ ଯୁବଗୋଷ୍ଠୀମାନଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପୁଷ୍ପ ଭଣ୍ଡାର ପକ୍ଷରୁ ବିଭିନ୍ନ ପ୍ରାକୃତିକ ଏବଂ କୃତିମ ଫୁଲରେ ଅନେକ କଳାକୃତି କରାଯାଇଥିଲା। ଉକ୍ତ କଳାକୃତି ସମ୍ମୁଖରେ ପର୍ଯ୍ୟଟକମାନେ ଫଟୋ ଉଠାଇ ଅନେକ ମଜା ନେଇଛନ୍ତି। ବିଶେଷ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ଅଧିକ ଭିଡ ପରିଲକ୍ଷିତ ହୋଇଥିଲା।

## ସଂକ୍ଷେପରେ

### ସୁଶ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଏକାମ୍ର ଗୌରବ ସମ୍ମାନ

**ପୁରୁଣା ଭୁବନେଶ୍ୱର,୧।୧(ଡି.ଏନ୍.ଏ.):** ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବର୍ଷର ପ୍ରଥମ ଦିବସକୁ ଭାଷା ସଂସ୍କୃତି ସୁରକ୍ଷା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମାତୃଭାଷାକୁ ଭଲପାଉଥିବା ସାରସ୍ୱତ ସାଧିକା ତଥା ମେଧାବୀ ଛାତ୍ରୀ ସୁଶ୍ରୀ ଅନ୍ନପୂର୍ଣ୍ଣା ଭଞ୍ଜଙ୍କୁ 'ଏକାମ୍ର ଗୌରବ ସମ୍ମାନ-୨୦୨୨' ମଞ୍ଚର ମୁଖ୍ୟ ଉପଦେଷ୍ଟା ଜଗତ୍ ଚନ୍ଦ୍ର ଦାସ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### କଟକଣା ସତ୍ତ୍ୱେ ଜମିଲା ଭୋଜି ଆସର

**ନିରାକାରପୁର,୧।୧(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମଣ ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ ବ୍ୟାପିବାରେ ଲାଗିଛି। ନୂଆବର୍ଷ ଭିଡ଼କୁ ଦୃଷ୍ଟିରେ ରଖି ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର କଟକଣାକୁ କଡ଼ାକଡ଼ି କରିଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର କେତେଜଣ ଅମାନିଆ ଶୁକ୍ରବାର ରାତି ୧୨ଟାରେ ବାଣ ଫୁଟାଇବା ସହ ନାଚଗୀତ କରି ନୂଆବର୍ଷକୁ ସ୍ୱାଗତ କରିଥିଲେ। ଶନିବାର ତଥା ନୂଆବର୍ଷରେ ନଦୀକୂଳ, ତୋଟା, ଗହୀରର ବିଭିନ୍ନ ସ୍ଥାନରେ ବଣଭୋଜିର ଆସର ଜମିଥିଲା। ଅନ୍ୟପଟେ ଲୋକଙ୍କ ଭିଡ଼ ଦେଖି ବେପାରୀମାନେ ମାଛ, ମାଂସ ଦର ବଢ଼ାଇ ଦେଇଥିବା ଦେଖିବାକୁ ମିଳିଥିଲା।

### ସାହିତ୍ୟ ସଂସଦର ନବବର୍ଷ ସାହିତ୍ୟ ଆସର

**ଖୋର୍ଦ୍ଧା ଅଫିସ,୧।୧:** ଖୋର୍ଦ୍ଧା ବୀରଙ୍କ ମାଟି। ବ୍ରିଟିଶ ବିରୋଧରେ ପାଇକ ବୀରଙ୍କ ସଂଗ୍ରାମ ଭୂମିକା ଅତୁଳନୀୟ। ପାଇକଙ୍କ ପାଇଁ ଏ ମାଟି ଜାତୀୟସ୍ତରରେ ଗୌରବ ହାସଲ କରିଛି। ଖୋର୍ଦ୍ଧା ହେଉଛି ଏକ ସ୍ପନ୍ଦନ। ଅଜସ୍ର କାଳଜୟୀ ସାରସ୍ୱତ ସାଧକଙ୍କ ଯୋଗୁ ଏ ମାଟି ଧନ୍ୟ। ସହସ୍ର ବର୍ଷର ଐତିହ୍ୟ, ସଂସ୍କୃତି ଓ ସମୃଦ୍ଧ ସାହିତ୍ୟ ଯୋଗୁ ଏ ଭୂମି ମୋର ନମସ୍ୟ ବୋଲି ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ସଂସଦର ସଭାପତି ପ୍ରାବନ୍ଧିକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ବକ୍ତାଭାବେ ପରିବେଶବିତ ଡ.ଦିଲୀପ ଶ୍ରୀଚନ୍ଦନ କହିଥିଲେ ଯେ, ଖୋର୍ଦ୍ଧା ମାଟିର ବରେଣ୍ୟ ସାହିତ୍ୟ ସାଧକ, କବି ଓଡ଼ିଶାର ଜ୍ଞାନଭଣ୍ଡାରକୁ ସମୃଦ୍ଧ କରିଛି। ସମ୍ମାନିତ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବନୋଜ ତ୍ରିପାଠୀ, ଐତିହାସିକ ପ୍ରଫେସର ନାରାୟଣ ରାଓ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟର ସାହିତ୍ୟ ଏବଂ ତାର ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାହିନୀପତି, କବୟିତ୍ରୀ ଆରତୀ ମଞ୍ଜରୀ ଦାଶ, ଗାଳ୍ପିକ ଶକ୍ତି ଶଙ୍କର ମିଶ୍ର, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସଙ୍ଗଠକ କୃଷ୍ଣ ଚନ୍ଦ୍ର ହରିଚନ୍ଦନ, ବିଘ୍ନରାଜ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂସଦର ସଙ୍ଗଠନ ସମ୍ପାଦକ କବି ବିଭୁପ୍ରସାଦ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଡ. ଧୀରେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

### ଅନୁସୂଚିତ ଜନଜାତି ପାଇଁ ସଂରକ୍ଷଣ ଦାବି

#### ହରିପୁର ପଞ୍ଚାୟତ ସରପଞ୍ଚ ପଦବୀ

**ଖୋର୍ଦ୍ଧା ଅଫିସ,୧।୧:** ଖୋର୍ଦ୍ଧା ଜିଲା ପ୍ରଶସାନ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ନିମନ୍ତେ ଚିଠା ତାଲିକା ପ୍ରକାଶ ପାଇଛି। ତେବେ ଅନେକ ବ୍ଲକରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପଦବୀ ପରିବର୍ତ୍ତନକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଜଟଣୀ ବ୍ଲକ ହରିପୁର ପଞ୍ଚାୟତର ସରପଞ୍ଚ ପଦବୀ ଅନୁସୂଚିତ ଜନଜାତି ମହିଳା ନିମନ୍ତେ ସଂରକ୍ଷିତ ରହିଥିଲା। ବର୍ତ୍ତମାନ ପ୍ରକାଶିତ ଚିଠା ଅନୁଯାୟୀ ଏହା ଅଣ ସଂରକ୍ଷିତ ମହିଳା ରହିଛି। ପଞ୍ଚାୟତରେ ଅନୁସୂଚିତ ଜନଜାତି ବର୍ଗର ଆଦିବାସୀ ବସବାସ କରୁଛନ୍ତି। ସରପଞ୍ଚ ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ପାଇଁ ବିପିନ ନାୟକ, ରସାନନ୍ଦ ନାୟକ, ତପନ ନାୟକ, ଅମର ଦେହୁରିଙ୍କ ସମେତ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ନିରାଡ଼ମ୍ବରରେ ନବବର୍ଷକୁ ସ୍ୱାଗତ

**ଖୋର୍ଦ୍ଧା ଅଫିସ,୧।୧**

■ ପର୍ଯ୍ୟଟନସ୍ଥଳ, ପୀଠ ଖାଁ ଖାଁ

■ ସୋସିଆଲ ମିଡିଆରେ ଜଣାଇଲେ ଶୁଭେଚ୍ଛା

ରାଜ୍ୟରେ କରୋନା ସଂକ୍ରମଣ ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ ବ୍ୟାପିବାରେ ଲାଗିଛି। ନୂଆବର୍ଷ ଭିଡ଼କୁ ଦୃଷ୍ଟିରେ ରଖି ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର କଟକଣାକୁ କଡ଼ାକଡ଼ି କରିଛନ୍ତି। ପର୍ଯ୍ୟଟନ ସ୍ଥଳରେ ପୋଲିସ ପଇଁତାରା ମାରୁଛି। ଫଳରେ ଖୋର୍ଦ୍ଧାରେ ନୂତନ ବର୍ଷ ନିରାଡ଼ମ୍ବରରେ ପାଳିତ ହୋଇଛି।

ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ବରୁଣେଇ ପାହାଡ଼, ମା'ଉଗ୍ରତାରା, ଗଡମାଣିତ୍ରୀ ରାମଚଣ୍ଡୀ ପୀଠ, ଅତ୍ରୀ, ମଙ୍ଗଳାଯୋଡ଼ି ଆଦି ସ୍ଥାନର ପରିବେଶ ଖାଁ ଖାଁ ରହିଥିଲା। ଅନ୍ୟପଟେ ସୋସିଆଲ ମିଡିଆରେ ଯୁବପିଢ଼ିମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଛି।



ବରୁଣେଇ ପୀଠ।

ବରୁଣେଇର ପ୍ରାକୃତିକ ସବୁଜ ବନାନୀ ପରିବେଶ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ ରହିଥିବା ବେଳେ ଜାନୁୟାରୀରେ ବଣଭୋଜିର ଆୟୋଜନ ହୋଇଥାଏ। କଟକଣା ଯୋଗୁ ବରୁଣେଇ ପୀଠ ଶୂନ୍‌ଶାନ ରହିଛି। ସେହିପରି ଗଡ଼ମାଣିତ୍ରୀ ଏବଂ ମା'ଉଗ୍ରତାରା ପୀଠରେ କଟକଣା ଯୋଗୁ ଏଠାକାର ପରିବେଶ ସମ୍ପୂର୍ଣ୍ଣ ନୀରବି ଯାଇଛି। କାଳିଜାଇ ପୀଠରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଫଳରେ ଆଗନ୍ତୁକ ପର୍ଯ୍ୟଟକ ନିରାଶ ହୋଇ ଫେରିଛନ୍ତି। ପର୍ଯ୍ୟଟକମାନେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ କାଳିଜାଇଙ୍କ ଦର୍ଶନ କରିଥାନ୍ତି। ତେବେ କଟକଣା ଯୋଗୁ ସବୁ ଫିକା ପଡିଛି। ଗୁରୁଜଙ୍ଗର ପ୍ରଭାତ ବଳିୟାରସିଂ କୁହନ୍ତି, ପ୍ରତିବର୍ଷ ନୂଆ ବର୍ଷ ଆସିଲେ ସାଙ୍ଗସାଥୀଙ୍କ ବୁଲାବୁଲି ସହ ଜିରୋନାଇଟ ସେଲିବ୍ରେଶନ ହୋଇଥାଏ। ପରଦିନ ପର୍ଯ୍ୟଟନସ୍ଥଳୀରେ ଭୋଜିର ଆୟୋଜନ ହୋଇଥାଏ। କଟକଣା ଯୋଗୁ ଚଳିତବର୍ଷ ଏହା ଫିକା ପଡିଛି। ସେହିପରି ଶୁବିନା ସିଂଦେଓ କହିଛନ୍ତି, ନୂଆବର୍ଷରେ ଆମେ ସାଙ୍ଗସାଥୀ ବୁଲାବୁଲି କରିବା ସହ ମଜା କରିଥାଉ। ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ କେକ୍ କାଟି ସେଲିବ୍ରେଶନ କରିଥାଉ। କଟକଣା ଯୋଗୁ ସବୁ ଫିକା ପଡ଼ିଛି। ଅଜିତ ଭୋଇ କୁହନ୍ତି, ନୂଆବର୍ଷରେ ବଣଭୋଜି ସହ ନାଚଗୀତର ଆସର ଜମିଥାଏ। ଓମିକ୍ରନ ଯୋଗୁ ନିରାଶ ହେବାକୁ ପଡିଛି।

## ଯୁବକଙ୍କ ପତ୍ତା ପାଉନି ପୋଲିସ

**ଖୋର୍ଦ୍ଧା ଅଫିସ,୧।୧**

■ ଅକ୍ଟୋବର ୨୪ରୁ ନିଖୋଜ ଅଛନ୍ତି

■ ଗାଈ ଚରାଇବାକୁ ଯାଇ ଫେରିନାହାନ୍ତି

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କୁମ୍ଭିଲୋ ଗ୍ରାମର ସନ୍ତୋଷ ବେହେରା ଓରଫ ରାଜା(୨୫) ଗାଈ ଚରାଇବାକୁ ଯାଇ ଗତ ଅକ୍ଟୋବର ୨୪ରୁ ନିଖୋଜ ଅଛନ୍ତି। ଘଟଣାକୁ ୨ମାସ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କ ସନ୍ଧାନ ପାଇପାରୁ ନାହିଁ। ପୋଲିସ ଚାରିଆଡେ ନିରୁଦ୍ଦିଷ୍ଟ ପୋଷ୍ଟର ମାରି ଚୁପ୍ ବସିପଡ଼ିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, କୁମ୍ଭିଲୋ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ରାଜା ଅକ୍ଟୋବର ୨୪ ପୂର୍ବାହ୍ନରେ ଗାଁ ପାଳି ଅନୁସାରେ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗାଈ ଗୋଠ ଗାଁକୁ ଫେରି ଆସିଥିଲା। କିନ୍ତୁ ରାଜା ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ସନ୍ଧ୍ୟାରେ ପତନିବର ଗ୍ରାମର କେତେଜଣ ଯୁବକ ଲକ୍ଷ୍ମୀଧରଙ୍କ ଘରକୁ ଆସି ରାଜା କାହିଁ ବୋଲି ପଚାରିଥିଲେ। ତା' ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜା ଘରକୁ ଫେରି ନ ଥିଲେ। ରାଜା ବ୍ୟବହାର କରୁଥିବା ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ଏହା ସୁଇଚ ଅଫ୍ ଆସିଥିଲା। ଏନେଇ ୨୫ତାରିଖରେ ଲକ୍ଷ୍ମୀଧରଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ନିଖୋଜ ମାମଲା(ନଂ.୪୨/୨୧) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ରାଜାଙ୍କ ସନ୍ଧାନ ମିଳିଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ରାଜାଙ୍କ ପରିବାର ସମେତ ଶତାଧିକ ଗ୍ରାମବାସୀ ୨୮ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଖୁବ୍‌ଶୀଘ୍ର ରାଜାଙ୍କ ସନ୍ଧାନ ମିଳିଯିବ ବୋଲି ଏସ୍‌ପି ରାଜକିଶୋର ଦୋରା ପ୍ରତିଶ୍ରୁତି ଦେଇଥିଲେ। ତେବେ ଘଟଣାକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ରାଜାଙ୍କ ସନ୍ଧାନ ପାଇପାରି ନାହିଁ। ଏ ସମ୍ପର୍କରେ ଲକ୍ଷ୍ମୀଧର କହିଛନ୍ତି, ଉକ୍ତ ଦିନ ସନ୍ଧ୍ୟାରେ ପତନିବରରୁ ଆସିଥିବା ଯୁବକମାନେ ହିଁ ରାଜାଙ୍କୁ ଅପହରଣ କରି ନେଇ ଲୁଚେଇ ରଖିଛନ୍ତି। ତାଙ୍କୁ ଜୀବନରେ ମାରିଦେବାକୁ ଚକ୍ରାନ୍ତ କରୁଛନ୍ତି। ପୋଲିସ ଓ ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ଏସ୍‌ପି ରାଜ କିଶୋର ଦୋରାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## 'ସଂସ୍କୃତ ଭାଷା ସୁରକ୍ଷା ଲାଗି ଏକଜୁଟ୍ ହୁଅ'



ସମାବେଶରେ ଉପସ୍ଥିତ ଅତିଥିମାନେ।

**ପୁରୁଣା ଭୁବନେଶ୍ୱର,୧।୧(ବ୍ୟୁରୋ)**

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସ୍ନେହୀ ସମାବେଶ କାର୍ଯ୍ୟକାରୀ ସଭାପତି ଡ. ଗୌତମ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ଓ ଶିକ୍ଷାର ସୁରକ୍ଷା ପାଇଁ ଏକାଠି ହୋଇ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଦୁର୍ଗାପ୍ରସାଦ ମିଶ୍ର ବେଦପାଠ, ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ କୁମାର ଚନ୍ଦ୍ର ମିଶ୍ର ସମ୍ପାଦକୀୟ ଓ ବିଷ୍ଣୁ ଚରଣ ରାଉତ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ପଣ୍ଡିତ ଅକ୍ଷୟ କୁମାର ଦାଶ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ଚକ୍ରଧର ମିଶ୍ର ମାର୍ଗଦର୍ଶନ କରିଥିଲେ। ଉତ୍ସବରେ ପୂର୍ବତନ ସାଧାରଣ ସମ୍ପାଦକ ପଣ୍ଡିତ ନରସିଂହ ଜେନାଙ୍କୁ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ, ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠିଙ୍କୁ ରାଜ୍ୟ ସଂଯୋଜକଭାବେ ଚୟନ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଲମ୍ବୋଦର ଶତପଥୀ, ରଶ୍ମିତା ଦାଶ, ହରେକୃଷ୍ଣ ମହାନ୍ତି, ପ୍ରମୋଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପଣ୍ଡିତ ଗୋଦାବରୀଶ ଦାଶ ଧନ୍ୟବାଦ ଦେଇଥିଲେ।



ଓମ୍‌ଫେଡ ଡାଏରୀ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ଆଲତିଆ ଛଟେଇ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଓମ୍‌ଫେଡ୍‌ର ଛଟେଇ ଠିକା କର୍ମଚାରୀଙ୍କ ଧାରଣା

**ବାରଙ୍ଗ,୧।୧(ଡି.ଏନ୍.ଏ.)**

**ପୁନଃ ନିଯୁକ୍ତି ଦାବି**

ବାରଙ୍ଗସ୍ଥିତ ଅରିଲୋ ଗ୍ରାମ ନିକଟରେ ଥିବା ରାଜ୍ୟର ସର୍ବବୃହତ ଅତ୍ୟାଧୁନିକ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଆଗରେ ମୁଖ୍ୟ ଫାଟକ ବନ୍ଦକରି ନୂଆବର୍ଷରେ ଛଟେଇ ଠିକା କର୍ମଚାରୀମାନେ ଧାରଣା ଦେଇଥିଲେ। ସେମାନଙ୍କୁ ପୁନଃନିଯୁକ୍ତି ଦାବିରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକାଠି ହୋଇ ଧାରଣାରେ ବସିଥିଲେ। ଫଳରେ ପ୍ଲାଣ୍ଟ ମଧ୍ୟକୁ କୌଣସି କର୍ମଚାରୀ ଯାଇପାରି ନ ଥିଲେ। ଖବରପାଇ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ନିଯୁକ୍ତିର ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ପ୍ରକାଶ ଯେ, ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଲୋକାର୍ପଣ ପରେ ସ୍ଥାନୀୟ ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏଠାରେ କାମ କରୁଥିଲେ। କିନ୍ତୁ ସେମାନଙ୍କୁ ଛଟେଇ କରାଯାଇଥିବା ଗତ ସପ୍ତାହରେ ପ୍ଲାଣ୍ଟ ପକ୍ଷରୁ ଜଣାଇ ଦିଆଯାଇଥିଲା। ଅଚାନକ ଏଭଳି ଛଟେଇକୁ ନେଇ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ଶନିବାର ସ୍ଥାନୀୟ ଗ୍ରାମର ଛଟେଇ ହୋଇଥିବା କର୍ମଚାରୀମାନେ ଏକାଠି ହୋଇ ପ୍ଲାଣ୍ଟ ସମ୍ମୁଖରେ ପହଞ୍ଚି ଫାଟକକୁ ବନ୍ଦ କରିବା ସହ ଧାରଣା ଦେଇଥିଲେ। ପ୍ଲାଣ୍ଟର ଅଧିକାରୀମାନେ ଆସି ବୁଝାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ପ୍ରାୟ ପୂର୍ବାହ୍ନ ୧୧ଟାରେ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ଆଲତିଆ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛଟେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ନାମ ତାଲିକା ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇବା ସହ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ରାଜଧାନୀ ମଞ୍ଚେଶ୍ୱର ଥାନା ପଳାଶୁଣୀ ଆଖଣ୍ଡଳମଣୀ ବସ୍ତି ନିକଟ କେନାଲରୁ ଶନିବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଉକ୍ତ କେନାଲରୁ ଏକ ସ୍କୁଟି ମଧ୍ୟ ମିଳିଛି। ମୃତକ ହେଲେ ସ୍ଥାନୀୟ ଥାନା ପଟିଆ ଷ୍ଟେଶନ ନିକଟରେ ରହୁଥିବା ଶଶୀକାନ୍ତ ସିଂ(୩୫)। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୨) ରୁଜୁ କରି ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ସ୍କୁଟିରେ ଯାଉଥିବାବେଳେ ଭାରସାମ୍ୟ ହରାଇ କେନାଲରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତଦନ୍ତ ଚାଲିଥିବା ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି। ଶଶୀକାନ୍ତ ରସୁଲଗଡ଼ ଅଞ୍ଚଳରେ ଏକ ଗ୍ୟାରେଜରେ କାମ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଜି କରିଥିଲେ। ସେଠାରୁ ସେ ଘରକୁ ଫେରିଥିବା ସାଙ୍ଗମାନେ କହିଛନ୍ତି। ହେଲେ ଶନିବାର ସକାଳେ ସେ କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ।

## ଦୁର୍ବୃତ୍ତ ପୋଡ଼ିଦେଲେ ୪ ଧାନଗଦା

**ବାଣପୁର,୧।୧(ଡି.ଏନ୍.ଏ.)**

ବାଣପୁର ବ୍ଲକ କୁମାରଙ୍ଗ ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜିଆମା ଶାସନ ଗ୍ରାମରେ କେହି ଦୁର୍ବୃତ୍ତ ୪ଟି ଧାନ ଗଦାରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଫଳରେ ଏହି ଗ୍ରାମର ଚାଷୀ ପ୍ରଫୁଲ୍ଲ ସାହୁ, ଟୁଲୁ ବାରିକ, ରାଧାନାଥ ମିଶ୍ର, ପ୍ରମୋଦ ମିଶ୍ରଙ୍କ ପ୍ରାୟ ୫ଲକ୍ଷ ଟଙ୍କାର ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଖଳାରେ ଉକ୍ତ ୪ ଚାଷୀଙ୍କ ଅମଳ ପାଇଁ ଧାନ ଗଦା କରାଯାଇଥିଲା। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଧାନ ଗଦାରେ ନିଆଁ ଲଗାଇଦେଇଥିଲେ। ଧାନଗଦାରେ ନିଆଁ ଲାଗିଥିବା ଦେଖି କେତେଜଣ ଗ୍ରାମବାସୀ ଉକ୍ତ ଚାଷୀଙ୍କ ସହ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ଧାନ ଗଦା ସମ୍ପୂର୍ଣ୍ଣ ଜଳିଯାଇଥିଲା।

### ଶିକ୍ଷକଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଉଦ୍‌ଘାଟିତ

**ବୋଲଗଡ଼,୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ସୂଚନା ଅନୁଯାୟୀ, ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ୫୯୬ ଜଣ ଗଣଶିକ୍ଷୟିତ୍ରୀ/ଶିକ୍ଷକଙ୍କ ବିଭିନ୍ନ ଅଭିଯୋଗକୁ ବିଚାରକୁ ନେଇ ସମାଧାନ ଉଦ୍ଦେଶ୍ୟରେ ପ୍ରତ୍ୟେକ ମାସର ପ୍ରଥମ ଶନିବାର ଏହି ଅଭିଯୋଗ ଶୁଣାଣି ହେବ। ସେହିପରି ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ମାସର ତୃତୀୟ ଶନିବାର ଅଭିଯୋଗ ଶୁଣାଣି କରାଯିବ। ଏହି ଅଭିଯୋଗ ଶୁଣାଣି କରି ନିଷ୍ପତ୍ତି ନେବାରେ ବ୍ଲକ ଶିକ୍ଷାଧିକାରୀଙ୍କୁ ସହ ଗୋଷ୍ଠୀ ଶିକ୍ଷାଧିକାରୀ ପଦଚରଣ ବେହେରା ସହଯୋଗ କରିବେ। ଉଦ୍‌ଘାଟନ ଦିବସ ତଥା ମାସର ପ୍ରଥମ ଶନିବାରରେ ଶିକ୍ଷକଙ୍କ ୩ଟି ଅଭିଯୋଗ ହୋଇଥିବା ବେଳେ ଏହାର ବିଚାର କରାଯାଇ ଆସନ୍ତା ୧୫ ଦିନ ମଧ୍ୟରେ ନିଷ୍ପତ୍ତି ଜଣାଯିବ। ଉଦ୍‌ଘାଟନୀ ଅବସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଅନେକ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ନିଆରା ଢଙ୍ଗରେ ନୂଆବର୍ଷ ପାଳିଲେ

**କୃଷ୍ଣପ୍ରସାଦ,୧।୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ଅଞ୍ଚଳବାସୀ ନୂଆବର୍ଷକୁ ନିଆରା ଢଙ୍ଗରେ ପାଳନ କରି ସ୍ୱାଗତ ଜଣାଇଛନ୍ତି। ସମଗ୍ର ମାନବ ସମାଜ ସୁଖଶାନ୍ତିରେ ଜୀବନ ବିତାଇବା ଉଦ୍ଦେଶ୍ୟରେ ପ୍ରତ୍ୟୁଷରୁ ଦୁଆର ମୁହଁରେ କଳସ ବସାଇ ଆମିଷକୁ ବାରଣ କରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନବବର୍ଷକୁ ପାଳନ କରିଥିଲେ। କୃଷ୍ଣପ୍ରସାଦ ଦଳବେହେରା ସାହିସ୍ଥିତ ଗାଦିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ କୃଷ୍ଣ ଚନ୍ଦ୍ର ଦଣ୍ଡସେଣାଙ୍କ ତତ୍ତ୍ୱାବଧାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଛିଣି, ସାନଅଁଳ, ଖଟିଆକୁଦି ମହିଳା ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଦଣ୍ଡନୃତ୍ୟ ମାଷ୍ଟର ଅଜୟ ଜେନା, ବିରଞ୍ଚି ପରିଡ଼ା, ସୁଷମା ପରିଡା, ମିଳନ ଦଣ୍ଡସେଣା, ଦଣ୍ଡପାଣି ଗୁରୁ, ବ୍ରଜ ଦଣ୍ଡସେଣା, ରମେଶ ଜେନା, ବାସୁଦେବ ଦଳେଇ, ଗାଦିଶ୍ୱର ଦେବଙ୍କ ମୁଖ୍ୟ ସେବକ ବିରଞ୍ଚି ନାରାୟଣ କେଶରୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଟିଛିଣି, ପଥରକଟା, ସାନଅଁଳ ଆଦି ଗ୍ରାମରେ ନାମକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

### ରୋଗୀଙ୍କୁ ଫଳ ବଣ୍ଟନ

**ବାଣପୁର,୧।୧(ଡି.ଏନ୍.ଏ.)**

ନୂତନ ବର୍ଷରେ ସାନ ହନୁଆଡ ଗ୍ରାମର କେତେଜଣ ସ୍ୱେଚ୍ଛାସେବୀ ଶନିବାର ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଉପସ୍ଥିତିରେ ରୋଗୀଙ୍କୁ ଫଳ ବଣ୍ଟନ କରିଛନ୍ତି। ଏଥିସହ ରୋଗୀଙ୍କ ଆରୋଗ୍ୟ କାମନା କରି ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ସ୍ୱେଚ୍ଛାସେବୀଙ୍କ ଏଭଳି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଇଛି।

### ସିଦ୍ଧାର୍ଥ ମିତ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି

**ଖୋର୍ଦ୍ଧା ଅଫିସ,୧।୧**

ଯୁବ ଇଞ୍ଜିନିୟର ତଥା ଯୁବ ସାମାଜିକ କର୍ମୀ ସିଦ୍ଧାର୍ଥ ମିତ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେ ଖୋର୍ଦ୍ଧା ରୋଟାରୀ କ୍ଲବର ସଭ୍ୟ ସହ ଅଞ୍ଚଳରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଅଛନ୍ତି। ସିଦ୍ଧାର୍ଥ ଚାକିରିରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ସମାଜ ସେବାରେ ନିୟୋଜିତ ଅଛନ୍ତି। ଯୁବ ସଭାପତି ଭାବେ ମନୋନୀତ ହେବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜ୍ୟ ଯୁବ ସଭାପତି ବ୍ୟୋମକେଶ ରାୟ, ଜିଲା ସଭାପତି ବିଭୂତି ବଳବନ୍ତରାୟ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ସିଦ୍ଧାର୍ଥଙ୍କୁ ରାଜ୍ୟ ଯୁବ ବିଜେଡି ସମ୍ପାଦକ ରୁଦ୍ରନାଥ ଦତ୍ତ, ଜିଲା ସଭାପତି ରାଜେଶ ପରିଡା, ନସିମ ଖାନ୍, ବିଭୁପ୍ରସାଦ ସାହୁ, ଦିଲୀପ ହୋତା, ଲଳିତ ମୋହନ ମହାପାତ୍ର, ମହମ୍ମଦ ଆରିଫ, ଦିଲୀପ ପରିଡା, ଗୀତାଞ୍ଜଳୀ ପାଟଶାଣୀ, ରୁଦ୍ରଭାନୁ ନରେନ୍ଦ୍ର ସିଂ, ବୀର ପାଟଶାଣୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସମ୍ପତ୍ତି ବିବାଦରୁ ମା'ପୁଅ ଗୃହବନ୍ଦୀ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

**୧୪୪ ଧାରା ଲାଗୁ କଲା ପୋଲିସ**

ସ୍ୱାମୀଙ୍କ ମୃତ୍ୟୁ ପରେ ସମ୍ପତ୍ତି ବିବାଦକୁ ନେଇ ପ୍ରଥମ ସ୍ତ୍ରୀ ଏବଂ ତାଙ୍କ ପୁଅଙ୍କୁ ଏକ ଘରେ ବନ୍ଦୀ କରି ରଖିଛନ୍ତି ଜଣେ ମହିଳା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାପଲ୍ଲୀ ଅଞ୍ଚଳରେ। ଘର ଭିତରେ ଗତ ୭ଦିନ ହେବ ବନ୍ଦୀ ହୋଇ ରହିଥିବା ମହିଳା ହେଉଛନ୍ତି ଅନସୂୟା ମହାନ୍ତି(୭୬)ଏବଂ ପୁଅ ମୃତ୍ୟୁଞ୍ଜୟ। ଏସମ୍ପର୍କରେ ମୃତ୍ୟୁଞ୍ଜୟ ଗଣମାଧ୍ୟମକୁ ସୂଚନା ଦେବା ପରେ ଘଟଣା ଶନିବାର ପଦାକୁ ଆସିଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନୁସ୍ୱୟା ଏବଂ ମୃତ୍ୟୁଞ୍ଜୟଙ୍କୁ ଘରୁ ବାହାରିବାକୁ କହିଥିଲେ ସୁଦ୍ଧା ସେମାନେ ଏହାକୁ ଶୁଣି ନ ଥିଲେ। ଜୋନ୍ ଏସିପି ସଞ୍ଜୀବ ଶତପଥି କହିଛନ୍ତି, ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ରହିଥିବାରୁ ପୋଲିସ କିଛି ବି କରି ପାରିବନି। ଏହା ସମ୍ପତ୍ତି ସଂକ୍ରାନ୍ତୀୟ ଏବଂ ମାମଲା ବିଚାରାଧୀନ ଥିବାରୁ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ଆଶଙ୍କା କରି ସେଠାରେ ୧୪୪ ଧାରା ଲାଗୁ କରାଯାଇଥିବା ଶତପଥୀ କହିଛନ୍ତି।

ସୂଚନା ଅନୁଯାୟୀ, ସ୍ୱର୍ଗତ କୈଳାସ ମହାନ୍ତିଙ୍କ ପ୍ରଥମ ସ୍ତ୍ରୀ ଅନୁସ୍ୱୟା ଏକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। କୈଳାସଙ୍କ ଦେହାନ୍ତ ପରେ ସନ୍ଧ୍ୟାରାଣୀ ସାହୁ ନାମକ ଜଣେ ମହିଳା ତାଙ୍କର ଦ୍ୱିତୀୟ ସ୍ତ୍ରୀ ଭାବେ ଦାବି କରି ସମ୍ପତ୍ତିରୁ ଭାଗ ନେବାକୁ ଚାହିଁଥିଲେ। ଅନୁସ୍ୱୟା ଏବଂ ତାଙ୍କ ପୁଅ ଏହାକୁ ବିରୋଧ କରି ୨୦୧୦ରେ ଭୁବନେଶ୍ୱର ଫ୍ୟାମିଲି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୈଳାସଙ୍କ ସବୁ ସମ୍ପତ୍ତିରେ ତାଙ୍କ ଅନ୍ତେ ଅନୁସ୍ୱୟା ଏବଂ ତାଙ୍କ ପୁଅ ମୃତ୍ୟୁଞ୍ଜୟଙ୍କ ଭାଗ ରହିଛି ବୋଲି ଫ୍ୟାମିଲି କୋର୍ଟ ରାୟ ଦେଇଥିଲେ। ହେଲେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସନ୍ଧ୍ୟାରାଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ସ୍ଥିତାବସ୍ଥା ଜାରି କରିବା ସହ ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଉକ୍ତ ଘରେ କେହି ରହି ପାରିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୧୦କୁ ଧାର୍ଯ୍ୟ ରହିଛି। ହେଲେ କୋର୍ଟଙ୍କ ନିର୍ଦ୍ଦେଶକୁ ଅନୁସ୍ୱୟା ଓ ମୃତ୍ୟୁଞ୍ଜୟ ନ ମାନି ଘର ତାଲା ଭାଙ୍ଗି ସେଠାରେ ଯାଇ ରହିଥିଲେ। ଯାହାକୁ ବିରୋଧ କରି ସନ୍ଧ୍ୟାରାଣୀ ଗତ ୭ଦିନ ହେବ ଏକ ଚାବି ଆଣି ଘରର ଗେଟରେ ପକାଇ ଦେଇଛନ୍ତି। ଫଳରେ ସେବେଠାରୁ ମା' ପୁଅ ଘର ଭିତରେ ବନ୍ଦୀ ଅବସ୍ଥାରେ ରହିଛନ୍ତି।

## ସେଲୁନ୍, ପାର୍ଲର ସଂଘ ବୈଠକ

ବାଙ୍କୀ,(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ଗ୍ରାମସ୍ଥିତ ମା'ବ୍ରାହ୍ମଣୀଦେବୀ ପୀଠ ପରିସରରେ ବାଙ୍କୀ ସେଲୁନ ଓ ପାର୍ଲର ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୋମନାଥ ବାରିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷର ନୂତନ ସଭାପତି ଭାବେ ଶ୍ରୀନିବାସ ବେହେରା ଓ ସମ୍ପାଦକ ଭାବେ ବିଦ୍ୟାଧର ବାରିକଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ବାରିକ, ରବି ବାରିକ, ବସନ୍ତ ବାରିକ, ପ୍ରତାପ ବାରିକ ଓ ପ୍ରଭାତ ବାରିକ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ୩ରୁ ଟିକାକରଣ

କଟକ ଅଫିସ,୧।୧: କଟକ ସହରରେ ଆସନ୍ତା ୩ ତାରିଖରୁ ୧୫ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ଟିକାକରଣ ଆରମ୍ଭ ହେବ। ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବାକୁ ହେବ। ୨୦୦୭ କିମ୍ବା ଏହାପରେ ଜନ୍ମଗ୍ରହଣ କରିଥିବା ପିଲାମାନେ କୋୱିନ୍ ଆପ୍‌ରେ ପଞ୍ଜୀକରଣ କରି ଟିକା ନେଇପାରିବେ ବୋଲି ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଗଣ୍ଡଗୋଳ: ୨ ଆହତ

କଣ୍ଠାପଡା,୧।୧(ଡି.ଏନ୍.ଏ.): ଗୋବିନ୍ଦପୁର ଥାନା ଅଧୀନ ପୋସ୍ତଳ ପଞ୍ଚାୟତର ଅଣ୍ଟେଇସାହିରେ ଶନିବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସହ ମାରପିଟ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା(ନଂ.୧,୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଣ୍ଟେଇସାହିରେ ଏକ ଗୋଷ୍ଠୀ ଭୋଜି କରୁଥିବାବେଳେ ସେହି ବାଟଦେଇ ଦିଲୁ ବେହେରା(୩୫) ବାଇକ୍‌ରେ ଯାଉଥିଲେ। ତେବେ ଭୋଜି କରୁଥିବା ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବାରୁ ସେ ବାଇକ୍‌ରୁ ଓହ୍ଲାଇ ପଡିଥିଲେ। ପରେ ସେମାନେ ତାଙ୍କୁ ମାଡ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିଯୋଗୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅପରପକ୍ଷେ ଦିଲୁଙ୍କ ସହଯୋଗୀମାନେ ସେହିରାତିରେ ଭୋଜି କରୁଥିବା ଗୋଷ୍ଠୀର ପ୍ରଭଞ୍ଜନ ଭୋଇଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଭାଗବତ କଥାମୃତ କାର୍ଯ୍ୟକ୍ରମ

ଚୌଦ୍ୱାର,୧।୧(ଡି.ଏନ୍.ଏ.): ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରାସ୍ଥିତ ସୁବର୍ଣ୍ଣ ବରାହୀ ପୀଠରେ ଭାଗବତ କଥାମୃତ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ନାୟକ, ନାରାୟଣ ପଣ୍ଡା, ପାଲାକାର ବିଶ୍ୱନାଥ ଶତପଥୀ, କାଳନ୍ଦୀ ମହାରଣା, ତୋଫାନୀ ବାବା, ବାମନ ବାବା, କେଶବ ଚନ୍ଦ୍ର ଷଡଙ୍ଗୀ, ମନୋରମା ଷଡଙ୍ଗୀ, ସୁବାସ ମହାରଣା ପ୍ରମୁଖ ଯୋଗଦେଇ ଭାଗବତ ମହନୀୟତା ଉପରେ ଆଲୋଚନା କରିଥିଲେ। କ୍ଷିତୀନ୍ଦ୍ରନାଥ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

### ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

କଟକ ଅଫିସ,୧।୧: ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସାଲେପୁର ବ୍ଲକସ୍ଥିତ ସତ୍ୟଭାମାପୁରରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୦ତମ ବାର୍ଷିକ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ବିଭିନ୍ନ ଆଇନ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମହାନ୍ତି, ବିଧାୟକ ସୌଭିକ୍ ବିଶ୍ୱାଳ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମୁଖ୍ୟ ସମ୍ପାଦକ ଲେନିନ ମହାନ୍ତି, ସଂଘର ରାଜ୍ୟ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବରାଳ ଯୋଗଦେଇ ସମାଜରେ ମଧୁବାବୁଙ୍କ ଆଦର୍ଶର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର ୪୦ଜଣ ଆଇନଜୀବୀ ଓ ୪୫ ସାମାଜିକ କର୍ମୀ, ଡାକ୍ତର, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବନ୍ଧୁମିଳନ କାର୍ଯ୍ୟକ୍ରମ

କଟକ ଅଫିସ, ୧।୧- ନୂଆବର୍ଷ ଅବସରରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସହରବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ବିଶ୍ୱଜିତ ଦାସ, ବିଜୟ ସାହୁ, ରାମ ଗୋଚ୍ଛାୟତ, ଅମୂଲ୍ୟ ବେହେରା, ପ୍ରଫୁଲ୍ଲ ସାହୁ, ଅଶ୍ୱିନୀ ମହାରଣା, ସୂର୍ଯ୍ୟକାନ୍ତ ରାଉତ, ଅନିଲ ବେଉରା, ଡ. ସନ୍ତୋଷ ବଳ, ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ନିର୍ମାଣ ଶେଷ ପରେ ବି ମିଳୁନି ଟଙ୍କା

କଟକ ଅଫିସ,୧।୧

## ସିଏମ୍‌ସିରେ ପିଏମ୍‌ଏୱାଇ ଦୁର୍ନୀତି




■ ଜୀବିତଙ୍କୁ ମୃତ ଦର୍ଶାଇ ଅନ୍ୟ ନାମରେ କରାଯାଉଛି ଘର

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ୨୦୨୨ ଶେଷ ସୁଦ୍ଧା ସହରାଞ୍ଚଳରେ ସମସ୍ତ ବାସହୀନଙ୍କୁ ଘର ଯୋଗାଇବା ପାଇଁ କେନ୍ଦ୍ର ସରକାର ପରିକଳ୍ପନା କରିଥିଲେ। ଏହି ଯୋଜନା ଅନ୍ତର୍ଗତ ସିଏମ୍‌ସିର ମୋଟ ୫୯ ୱାର୍ଡରେ ୨,୭୫୪ ହିତାଧିକାରୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ମାତ୍ର ଆବାସ ବଣ୍ଟନରେ ବ୍ୟାପକ ହେରଫେର ହେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି।

ମିଳିଥିବା ତଥ୍ୟ ଅନୁଯାୟୀ ୫୭ନଂ ୱାର୍ଡ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ସାବିତ୍ରୀ ସାହୁ ରହି ଆସୁଛନ୍ତି। ପିଏମ୍‌ଏୱାଇରେ ତାଙ୍କୁ ଘର କରିବା ପାଇଁ କାର୍ଯ୍ୟାଦେଶ (ନମ୍ବର. ୨୦୯୬/୧୦।୮।୨୦୨୧) ମିଳିଥିଲା। ସେହି ଅନୁସାରେ ସେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଘର ନିର୍ମାଣ ଶେଷ ହୋଇଥିଲେ ସୁଦ୍ଧା ଏଯାବତ୍ ତାଙ୍କୁ ଟଙ୍କାଟିଏ ମିଳି ନ ଥିବା ଅଭିଯୋଗ କରିଛନ୍ତି। ନିଜ ହାତରୁ ସମସ୍ତ ଅର୍ଥ ଖର୍ଚ୍ଚ କରି ଏହି ଘର କରିଛନ୍ତି। ପ୍ରଥମେ ଆବାସ ନିୟମାନୁଯାୟୀ ଅଧା ଅଧା କରି ଘର କଲେ । ବିଭାଗୀୟ ଅଧିକାରୀ ଆସି ଦେଖିଲେ, ପରେ ପଇସା ଦେବେ ବୋଲି କହି ଆଉ ଦେଲେ ନାହିଁ। ନିୟମାନୁଯାୟୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ମୋଟ ଦୁଇ ଲକ୍ଷ ଟଙ୍କା ମିଳିଥାଏ। ଖନନ ସମୟରେ ୪୦ ହଜାର, ଭିତ୍ତିମୂଳ ସମୟରେ ୬୦ ହଜାର, ଛାତ ପକାଇବା ସମୟରେ ୬୦ହଜାର ଓ କାର୍ଯ୍ୟ ସମ୍ପନ୍ନ ପରେ ୪୦ ହଜାର ଦିଆଯାଇଥାଏ। ସେହିପରି ୫୭ନଂ ୱାର୍ଡର ଆଉ ଜଣେ ହିତାଧିକାରୀ କାଳନ୍ଦୀ ସାମଲ କହିଛନ୍ତି, ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ଖଣ୍ଡେ ଘର ଏପର୍ଯ୍ୟନ୍ତ ମିଳିପାରି ନାହିଁ। ନିୟମ ଅନୁସାରେ ଫର୍ମ ପୂରଣ କରି ଦେଇଥିଲେ ସୁଦ୍ଧା ତାଙ୍କୁ ବାରମ୍ବାର ସିଏମ୍‌ସି ଅଫିସ ଦୌଡ଼ାଇବା ସାର ହୋଇଛି। ୫୬ନଂ ୱାର୍ଡ ଅନ୍ତର୍ଗତ କାଜିପାଟଣା ଗ୍ରାମର ମଥୁରୀ ସାମଲ ସିଏମ୍‌ସିରୁ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ମାତ୍ର ସିଏମ୍‌ସିର କେତେଜଣ ଅସାଧୁ କର୍ମଚାରୀଙ୍କ ସହାୟତାରେ ମଥୁରୀଙ୍କୁ ମୃତ ଦର୍ଶାଇ ତାଙ୍କ ଜାଗା ଉପରେ ଅନ୍ୟ ଜଣେ ବ୍ୟକ୍ତି ଆବାସ ଯୋଜନାରେ ଘର ତିଆରି କରୁଛନ୍ତି। ଏହାକୁ ନେଇ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ସିଏମ୍‌ସି ପ୍ରଶାସନିକ ଅଧିକାରୀ ଅନୀଲ କୁମାର ସାମଲଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ପତ୍ର ନଂ. ୧୨୧୬/୯।୯।୨୦୨୧ରେ ନଗର ଉନ୍ନୟନ ଉପସଚିବ ସିଏମ୍‌ସି କମିଶନରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ଲେଖିଥିଲେ। ଏପରି କି ସିଏମ୍‌ସି କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପିଆର୍ ନଂ. ୮୨୭୭/୨୨।୯।୨୦୨୧ରେ ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ୧ନଂ ୱାର୍ଡର ପୂର୍ବତନ କର୍ପୋରେଟର ଚିତ୍ତ ଦାସଙ୍କ ନେତୃତ୍ୱରେ ଏକ ଦଳ ଗତ ୨୮ତାରିଖରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଭେଟି ଆଲୋଚନା କରିଥିଲେ ଓ କମିଶନର ଏହାର ସମାଧାନ ଏକ ସପ୍ତାହ ମଧ୍ୟରେ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଚିତ୍ତ ଦାସ କହିଛନ୍ତି। ଅପରପକ୍ଷରେ ଘଟଣାର ଯଥାଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି।



ଛଟେଇ କର୍ମଚାରୀମାନେ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ପୁନଃ ନିଯୁକ୍ତି ଦାବିରେ କର୍ମଚାରୀଙ୍କ ଧାରଣା

ବାରଙ୍ଗ,୧।୧(ଡି.ଏନ୍.ଏ.)

ବାରଙ୍ଗସ୍ଥିତ ଅରିଲୋ ଗ୍ରାମ ନିକଟରେ ଥିବା ରାଜ୍ୟର ସର୍ବବୃହତ ଅତ୍ୟାଧୁନିକ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଆଗରେ ମୁଖ୍ୟ ଫାଟକ ବନ୍ଦକରି ନୂଆବର୍ଷରେ ଛଟେଇ ଠିକା କର୍ମଚାରୀମାନେ ଧାରଣା ଦେଇଥିଲେ। ସେମାନଙ୍କୁ ପୁନଃନିଯୁକ୍ତି ଦାବିରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକାଠି ହୋଇ ଧାରଣାରେ ବସିଥିଲେ। ଫଳରେ ପ୍ଲାଣ୍ଟ ମଧ୍ୟକୁ କୌଣସି କର୍ମଚାରୀ ଯାଇପାରି ନ ଥିଲେ। ଖବରପାଇ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ନିଯୁକ୍ତିର ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ପ୍ରକାଶ ଯେ, ଓମ୍‌ଫେଡ ଡାଏରୀ ପ୍ଲାଣ୍ଟ ଲୋକାର୍ପଣ ପରେ ସ୍ଥାନୀୟ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏଠାରେ କାମ କରୁଥିଲେ। କିନ୍ତୁ ସେମାନଙ୍କୁ ଛଟେଇ କରାଯାଇଥିବା ଗତ ସପ୍ତାହରେ ପ୍ଲାଣ୍ଟ ପକ୍ଷରୁ ଜଣାଇ ଦିଆଯାଇଥିଲା। ଅଚାନକ ଏଭଳି ଛଟେଇକୁ ନେଇ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ଶନିବାର ସ୍ଥାନୀୟ ଗ୍ରାମର ଛଟେଇ ହୋଇଥିବା କର୍ମଚାରୀମାନେ ଏକାଠି ହୋଇ ପ୍ଲାଣ୍ଟ ସମ୍ମୁଖରେ ପହଞ୍ଚି ଫାଟକକୁ ବନ୍ଦ କରିବା ସହ ଧାରଣା ଦେଇଥିଲେ। ପ୍ଲାଣ୍ଟର ଅଧିକାରୀମାନେ ଆସି ବୁଝାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ପ୍ରାୟ ପୂର୍ବାହ୍ନ ୧୧ଟାରେ ଓମ୍‌ଫେଡ ଡାଏରୀ ପ୍ଲାଣ୍ଟର ଡେପୁଟି ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ଆଲଟିଆ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛଟେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ନାମ ତାଲିକା ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇବା ସହ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ।

## ଶେଖର ଘୋଷଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

କଟକ ଅଫିସ, ୧।୧

### ଡ୍ରିମ୍‌ସରେ ସ୍ୱାଗତ କାର୍ଯ୍ୟକ୍ରମ

ଡ୍ରିମ୍‌ସ ମ୍ୟୁଜିକ୍ କ୍ଲବ ପକ୍ଷରୁ ନୂତନ ବର୍ଷ ସ୍ୱାଗତ କାର୍ଯ୍ୟକ୍ରମ ସମ୍ଭାବନା–୨୦୨୨ କ୍ୟାମ୍ପସ ପରିସରସ୍ଥିତ ଜୟଶ୍ରୀ ଅଡିଟୋରିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବବର୍ଷ ଅଭିନନ୍ଦନ ଜଣାଇବା ସହିତ ଅନୁଷ୍ଠାନର ଅଭିବୃଦ୍ଧି କାମନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡ୍ରିମ୍‌ସ ପରିବାର ପକ୍ଷରୁ ଅଧ୍ୟକ୍ଷ ରଥ ଓ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ ସମ୍ମାନିତ କରାଯିବା ସହ ନୂତନ ବର୍ଷର ଡାଏରୀ ଉନ୍ମୋଚିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. ପ୍ରଦୀପ ରଞ୍ଜନ ମହାନ୍ତି, ଅଶୋକ ମିଶ୍ର, ନବକିଶୋର ମିଶ୍ର, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଡ. ସ୍ନିଗ୍ଧମଧୁସୂଦନ ଦାସ, ପି. କଙ୍ଗନେଶ୍ୱରୀ, ଇଂ. ତପସ୍ୱିନୀ ସାହୁ, ଆଶିଷ ସ୍ୱାଇଁ, ଦିଲ୍ଲୀପ ମଲ୍ଲିକ, ଇଂ. ପ୍ରଶାନ୍ତ ନାୟକ. ଡ. ବିଶ୍ୱଜିତ୍ କାନୁନ୍‌ଗୋ, ସରୋଜ ମଲ୍ଲିକ, ଆଶୁତୋଷ ଦ୍ୱିବେଦୀ, ଅଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଛାୟା ମା'ଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୧।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକରେ ଦୀର୍ଘବର୍ଷ ହେବ ଭିକ୍ଷାବୃତ୍ତି କରି ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା କରିଥିବା ଛାୟା ଦେବୀ ଓରଫ ଛାୟା ମା'ଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଛାୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଛାୟା ମା' ଭିକ୍ଷାବୃତ୍ତି କରିବା ସହ ନିଶ୍ଚିନ୍ତକୋଇଲି ଶ୍ୱେତବଟସ୍ଥିତ ଶନିଶ୍ଚର ଦେବ ପୀଠରେ ରହି ଠାକୁରଙ୍କ ସେବା କରୁଥିଲେ। ପରେ ବେଲେଶ୍ୱରୀଙ୍କ ପାଖରେ ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ। ତେବେ ବାର୍ଦ୍ଧକ୍ୟଜନିତ କାରଣରୁ ଭିକ୍ଷାବୃତ୍ତି ବନ୍ଦ କରିଦେଇଥିଲେ। ମାତ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ଟଙ୍କାକୁ ଶନିଦେବଙ୍କ ପାଖରେ ଅର୍ପଣ କରି ଦେଉଥିଲେ। କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ବିଜୁ ମାର୍କେଟ କମ୍ପ୍ଲେକ୍ସ ଗୃହରେ ରଖି ସେବା କରୁଥିଲେ। ମୃତ୍ୟୁ ପରେ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ସଭାପତି ମନୋଜ ମଲ୍ଲିକଙ୍କ ନେତୃତ୍ୱରେ ସାମାଜିକ କର୍ମୀ ବାପୁ ଦାସ, ସତ୍ୟଜିତ ମହାପାତ୍ର, ଶୁଭାଶିଷ ବସନ୍ତରାୟ, ନବୀନ୍ଦ୍ର ବେହେରା, ପ୍ରମୋଦ ନାୟକ, ସୁଲଭ ପଲେଇ, ମକର ପରିଡା ଓ ବଳରାମ ପତି ପ୍ରମୁଖ ଛାୟା ମା'ଙ୍କ ମୃତଦେହକୁ ଶୋଭାଯାତ୍ରାରେ ନେଇ ଚିତ୍ରୋତ୍ପଳା ନଦୀଶଯ୍ୟାସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ମିଟୁ ଦାସ ମୁଖାଗ୍ନି ଦେଇଥିଲେ। ମଞ୍ଚ ପକ୍ଷରୁ ଛାୟା ମା'ଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ କରାଯିବ ବୋଲି ସଭାପତି ମଲ୍ଲିକ ପ୍ରକାଶ କରିଛନ୍ତି।

### ଭିକ୍ଷାବୃତ୍ତି କରି ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ



## ହସ୍ତଶିଳ୍ପ ପ୍ରସାର ପାଇଁ ସଚେତନତା

ବାଙ୍କୀ,୧।୧(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ବିଲିପଡା ଗ୍ରାମରେ କଟକସ୍ଥିତ ହସ୍ତଶିଳ୍ପ ବିଭାଗ ତରଫରୁ ପ୍ରସାର ପାଇଁ ଏକ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, କଟକ ପ୍ରଭାତ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ତାପସ ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଓ ସାଗରିକା ଦାଶ ପ୍ରମୁଖ ଯୋଗଦେଇଥିଲେ। ବେତ ଓ ବାଉଁଶ ଶିଳ୍ପୀ ଏକାଦଶୀ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ତଶିଳ୍ପରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂରକ୍ଷଣ ତାଲିକାକୁ ନେଇ ୭ ଅଭିଯୋଗ

କଟକ ସଦର,୧।୧(ଡି.ଏନ.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସଂରକ୍ଷଣ ଚିଠା ତାଲିକା ବ୍ଲକ କାର୍ଯ୍ୟାଳୟରେ ପ୍ରକାଶ ପାଇଛି। ଏହି ତାଲିକା ଉପରେ କାହାରି ଆପତ୍ତି ଅଭିଯୋଗ ଥିଲେ ଦରଖାସ୍ତ ମାଧ୍ୟମରେ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଛି। ଏହାପରେ ସରପଞ୍ଚ ପଦବୀରେ ସଂରକ୍ଷଣ ତାଲିକା ଭୁଲ୍ ଥିବା ଦର୍ଶାଇ ୭ଟି ଅଭିଯୋଗ ହୋଇଛି। ଏଥିରେ ବିଭିନ୍ନ କାରଣ ଦର୍ଶାଇ ସାଧାରଣ ବର୍ଗଙ୍କୁ ଉପେକ୍ଷା କରାଯାଇଛି ବୋଲି ଦର୍ଶାଯାଇଛି। ସଦ୍ୟ ପ୍ରକାଶିତ ସଂରକ୍ଷଣ ତାଲିକାରେ ତଫସିଲଭୁକ୍ତ ଜାତି ପାଇଁ ମୋଟ୍ ୨୩ଟି ପଞ୍ଚାୟତରୁ ୧୦ଟିକୁ ସଂରକ୍ଷିତ କରାଯାଇଛି। ହେଲେ ଡିସେମ୍ବର ପ୍ରଥମ ସପ୍ତାହରେ ପ୍ରକାଶିତ ସଂରକ୍ଷଣ ତାଲିକାରେ ୮ଟି ପଞ୍ଚାୟତର ସରପଞ୍ଚ ପଦବୀ ତଫସିଲଭୁକ୍ତ ଜାତି ଓ ୪ଟି ପଞ୍ଚାୟତ ପଛୁଆବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା। ପଛୁଆବର୍ଗ ସଂରକ୍ଷଣ ତାଲିକା ହାଇକୋର୍ଟରେ କାଟ୍ ଖାଇବା ପରେ ସାଧାରଣ ବର୍ଗ ସଂରକ୍ଷଣ ତାଲିକା ବୃଦ୍ଧି ପାଇବ ବୋଲି ଅନେକ ଆଶା ରଖିଥିଲେ। ମାତ୍ର ତାହା ହେଲାନାହିଁ। ବିଶେଷକରି କଳପଡ଼ା ଓ କୁଲସରିଚୁଆଁ ପଞ୍ଚାୟତ ସରପଞ୍ଚ ପଦବୀ ଅସଂରକ୍ଷିତ ଥିଲା। ଏବେ ଉଭୟ ପଞ୍ଚାୟତର ଆସନ ସଂରକ୍ଷିତ ହୋଇଯାଇଛି।

## ଚଳଚ୍ଚିତ୍ର 'ରୁଦ୍ରାଭିଷେକ'ର ମହୁରତ



ଚଳଚ୍ଚିତ୍ର ଶୁଭ ମହୁରତ୍‌ରେ ନିର୍ଦ୍ଦେଶକ ଓ କଳାକାରଙ୍କ ସହ ଅନ୍ୟମାନେ।

ଫୁଲନଖରା,୧।୧(ଡି.ଏନ.ଏ.)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ଧାକୁଲେଇଙ୍କ ପୀଠରେ ଶନିବାର ଓଡ଼ିଆ ଚଳଚ୍ଚିତ୍ର 'ରୁଦ୍ରାଭିଷେକ'ର ଶୁଭମହୁରତ ହୋଇଛି। ନିର୍ଦ୍ଦେଶକ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏହି ଚଳଚ୍ଚିତ୍ରର ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ଜୁମ୍ ମହାପାତ୍ର। ବିଭିନ୍ନ ଭୂମିକାରେ ପୁନମ ମିଶ୍ର, ରିଙ୍କି, ସାନ୍ତୁ, ରେଖା, ଗୁଡ୍ଡୁ, ପିଣ୍ଟୁ ନନ୍ଦ, ବବି ମିଶ୍ର, ପପୁ ସନ୍ତୁକା, ପୃଥ୍ୱୀରାଜ ପଟ୍ଟନାୟକ ଓ ଶିଶୁ କଳାକାର ହଂସିନୀ ପ୍ରଧାନ ଅଛନ୍ତି। ଗୀତିକାର ବିଷ୍ଣୁ ମୋହନ କବି ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସାମାଜିକ କଥାବସ୍ତୁକୁ ନେଇ ଏହି ଚଳଚ୍ଚିତ୍ର ନିର୍ମାଣ ହେବ।

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କଟକ ଅଫିସ,୧।୧

ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବ ପ୍ରତିବାଦରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ଚାଲିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ପରେ ସେମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ଡାକ୍ତରୀ ଛାତ୍ର ସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଡିଏମ୍‌ଇଟି ରମାରମଣ ମହାନ୍ତିଙ୍କୁ ସାକ୍ଷାତକରି ନିଟ୍ ପିଜି କାଉନ୍‌ସେଲିଂ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପତ୍ର ଲେଖିବା, ରାଜ୍ୟ ସରକାର ତୁରନ୍ତ କାଉନସେଲିଂ ଆରମ୍ଭ କରିବା, ଆନ୍ଦୋଳନରେ ସାମିଲ ହୋଇଥିବା ପିଜି ଡାକ୍ତରୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଦାବି କରିଥିଲେ। ଏହି ଦାବିଗୁଡିକ ଆସନ୍ତା ୧୪ ଦିନ ମଧ୍ୟରେ ପୂରଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଓ ଡିଏମ୍‌ଇଟି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହେଲା ବୋଲି ପିଜି ଡାକ୍ତରୀ ଛାତ୍ରୀଛାତ୍ରମାନେ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ପୋଲିସ ଗାଡ଼ିକୁ ବୋମାମାଡ଼ ଘଟଣାରେ ମାମଲା ରୁଜୁ

ଟିଗିରିଆ,୧।୧(ଡି.ଏନ୍.ଏ.)

ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଈପୁର ପଞ୍ଚାୟତର ମଙ୍ଗଳା ବଜାରଠାରେ ପୋଲିସ ପାଟ୍ରୋଲିଂ ଗାଡ଼ି ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଶନିବାର ପୋଲିସ ପକ୍ଷରୁ ମାମଲା (ନଂ. ୧/୨୨) ରୁଜୁ କରାଯାଇଛି। ଆଇଆଇସି ସୁଚିତ୍ରା ଜେନାଙ୍କ କହିବା ଅନୁଯାୟୀ, ଏହି ମାମଲାରେ ୮ ଜଣଙ୍କୁ ମୁଖ୍ୟ ଅଭିଯୁକ୍ତ କରାଯାଇଥିବା ବେଳେ ଅନ୍ୟ ୫୦ ଜଣଙ୍କୁ ଅଭିଯୁକ୍ତ କରାଯାଇ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମଙ୍ଗଳାବଜାରରେ ସନ୍ଧ୍ୟାରେ କେତେଜଣ ଯୁବକ ନୂତନ ବର୍ଷକୁ ଆଗମନ କରିବାକୁ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୋଲିସ ପାଟ୍ରୋଲି କରୁଥିବାବେଳେ ସେଠାରେ ଜନଗହଳି ଦେଖି କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲା। ପରେ ପୋଲିସ ପାଟ୍ରୋଲିଂ କରି ଫେରୁଥିବାବେଳେ ସେମାନଙ୍କ ଗାଡ଼ି ଉପରକୁ ୨ଟି ବୋମାମାଡ଼ ହୋଇଥିଲା।

## ମନୋଜ ମହାପାତ୍ରଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ

ବାଙ୍କୀ,୧।୧(ସ୍ୱ.ପ୍ର.)

ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ମନୋଜ ମହାପାତ୍ରଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ବାଆଁରାସ୍ଥିତ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦ ଓ ଗୋଡିସାହିସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାଆଁରା ନିକଟ ଧୂଳିଆ ଷଣ୍ଢ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ.ଫଣୀନ୍ଦ୍ର ଭୂଷଣ ନନ୍ଦ, ସମ୍ପାଦକ ଗୌରାଙ୍ଗ ଚରଣ ରାଉତ ଓ ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



କଟକ ସିଲଭରସିଟି ବୋଟ୍ କ୍ଲବ ପରିସରରେ ମହିଳାମାନେ ଫଟୋ ଉଠାଉଛନ୍ତି।



ମହାନଦୀ ଗଡ଼ଗଡ଼ିଆ ଘାଟରେ ଲୋକମାନେ ସମୟ ଅତିକ୍ରାନ୍ତ କରୁଛନ୍ତି ।

## କଟକଣା: ଫିକା ପଡ଼ିଲା ନୂଆବର୍ଷ ପାଳନ

କଟକ ଅଫିସ,୧।୧

ନୂଆ ଆଶା, ଉତ୍ସାହ ଓ ଉଦ୍ଦୀପନା ନେଇ ଲୋକମାନେ ନୂଆବର୍ଷକୁ ସ୍ୱାଗତ କରିଥାନ୍ତି। ଠାକୁରଙ୍କୁ ପୂଜାର୍ଚ୍ଚନା କରି ପରିବାରର ମଙ୍ଗଳ କାମନା କରିଥାନ୍ତି। ସେହିପରି ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ପିକ୍‌ନିକ୍ ସ୍ପଟ୍‌ରେ ଭୋଜି କରି ଦିନଟିକୁ ଆନନ୍ଦରେ କଟାଇଥାନ୍ତି। ହେଲେ କରୋନା ସଂକ୍ରମଣ ଯୋଗୁ ଚଳିତବର୍ଷ କଟକଣା ଜାରି କରାଯାଇଥିବାରୁ ନୂଆବର୍ଷ ପାଳନ ଫିକା ପଡିଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ସହରର ସମସ୍ତ ପାର୍କ, ଧର୍ମାନୁଷ୍ଠାନ, ସଂଗ୍ରହାଳୟ ଖାଁ ଖାଁ ଦେଖିବାକୁ ମିଳିଥିଲା। ସିଏମ୍‌ସି ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା। ସହରବାସୀ ସ୍ୱତଃପ୍ରବୃତ୍ତ ଭାବେ କଟକଣା ମାନିଥିବା ଏନ୍‌ଫୋର୍ସମେଣ୍ଟ ଅଫିସର ପରେଶ କୁମାର ନାୟକ କହିଛନ୍ତି। ଅପରପକ୍ଷେ ମହାନଦୀର ଗଡଗଡିଆ ଘାଟ, ସିଲଭରସିଟି ବୋଟିଂ କ୍ଲବ, ସହରର ବିଭିନ୍ନ ସେଲ୍‌ଫି ପଏଣ୍ଟରେ କିଛିମାତ୍ରାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସିଲଭରସିଟି ବୋଟିଂ କ୍ଲବରେ ମହାନଦୀର ଜଳରାଶିରେ ଲୋକମାନେ ବୋଟିଂର ମଜା ନେଇଥିଲେ। ଅନ୍ୟପକ୍ଷରେ ୧୪୪ ଧାରା ଜାରି ହୋଇଥିବାରୁ ଟାଙ୍ଗୀ–ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ବେରେଣା–କୋଚିଲା ନୂଆଗାଁ ନିକଟସ୍ଥ ଡମଡମଣୀ ପୀଠ ଜନଶୂନ୍ୟ ହୋଇପଡିଥିଲା।